ପୃଷ୍ଠା–୮+୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୫/୨୦୨୧ (୮+୪=୧୨ ପୃଷ୍ଠା) | Bhubaneswar, Monday, October 25/2021 | ★★★★★★

୪୭ଶ ଭାଗ ୩୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଏକଲବ୍ୟ ପୁରସ୍କାର ପାଇଁ ରତପର୍ଣ୍ଣା ମନୋନୀତ**

ଓଡ଼ିଶାର ପ୍ରତିଭା ସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ଖେଳାଳି ରତପର୍ଣ୍ଣା ପଣ୍ଡା ଚଳିତ ବର୍ଷର ଏକଲବ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ୦୪

୦୭ **ଜୀବନ ସାଥୀ ଖୋଜୁଛନ୍ତି କ୍ରୀତି**

ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ ତାଙ୍କ ପାଇଁ ଜଣେ ସଚ୍ଚୋଟ ଏବଂ ବିଶ୍ୱସ୍ତ ଜୀବନ ସାଥୀ ଖୋଜୁଛନ୍ତି ବୋଲି ଏକ ସାକ୍ଷାତକାରରେ କହିଛନ୍ତି।



# ଭାରତର ପରାଜୟ



ମ୍ୟାଚ ବିଜୟୀ ଇନିଂସ ଅବସରରେ ଅଧିନାୟକ ବାବର ଆଜମ ଓ ମହମ୍ମଦ ରିଜୱାନ।

**ଟି୨୦ ବିଶ୍ୱକପ**

## ଭାରତ ବିପକ୍ଷ ବିଶ୍ୱକପ ମ୍ୟାଚରେ ପାକିସ୍ତାନର ପ୍ରଥମ ବିଜୟ

**ଦୁବାଇ, ୨୪।୧୦**

ଚଳିତ ଟି୨୦ ବିଶ୍ୱକପର ଆରମ୍ଭରୁ ଝୁଣ୍ଟିଛି ଟିମ୍ ଇଣ୍ଡିଆ। ରବିବାର ଅନୁଷ୍ଠିତ ମ୍ୟାଚରେ ଭାରତୀୟ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନଠାରୁ ଶୋଚନୀୟ ପରାଜୟ ବରଣ କରିଛି। ଅନ୍ୟପକ୍ଷରେ ଶାହିନ ଶାହ ଆଫ୍ରିଦୀଙ୍କ ଘାତକ ବୋଲିଂ ଓ ପରେ ଅଧିନାୟକ ବାବର ଆଜମ ଓ ମହମ୍ମଦ ରିଜୱାନଙ୍କ ଧୂଆଁଧାର ବ୍ୟାଟିଂ ସହାୟତାରେ ପାକିସ୍ତାନ ୧୦ ଉଇକେଟରେ ଭାରତକୁ ହରାଇ ଅଭିଯାନ ଆରମ୍ଭ କରିଛି। ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୧ ରନ କରିଥିବାବେଳେ ପାକିସ୍ତାନ ୧୭.୫ ଓଭରରେ କୌଣସି ଉଇକେଟ ନ ହରାଇ ୧୫୨ ରନ ସଂଗ୍ରହ କରି ନେଇଥିଲା। ମହମ୍ମଦ ରିଜୱାନ ୭୯ ଓ ଅଧିନାୟକ ବାବର ଆଜମ ୬୮ ରନରେ ଅପରାଜିତ ରହି ପାକିସ୍ତାନକୁ ସହଜ ବିଜୟ ପ୍ରଦାନ କରିଥିଲେ। ୧୯୯୨ରେ ସିଡ୍‌ନୀରେ ପ୍ରଥମ ଭେଟ ପରଠାରୁ ବିଶ୍ୱକପରେ ଉଭୟ ଦେଶ ମଧ୍ୟରେ ଅନୁଷ୍ଠିତ ୧୩ ମୁକାବିଲାରେ ପାକିସ୍ତାନର ଏହା ପ୍ରଥମ ବିଜୟ। ପୂର୍ବରୁ ୭ଟି ଦିନିକିଆ ଓ ୫ଟି ଟି୨୦ ବିଶ୍ୱକପ ମ୍ୟାଚରେ ଭାରତ ବିଜୟୀ ହୋଇଥିଲା। ତେଣୁ ବାବରଙ୍କ ନେତୃତ୍ୱରେ ପାକିସ୍ତାନ ଦୀର୍ଘ ୨୯ ବର୍ଷର ପରାଜୟ ଧାରା ଭାଙ୍ଗିଛି। ଭାରତ ପୂର୍ବରୁ କୌଣସି ଟି୨୦ ଅନ୍ତର୍ଜାତୀୟରେ ୧୦ ଉଇକେଟରେ ପରାଜିତ ହୋଇ ନ ଥିଲା କିମ୍ବା ପାକିସ୍ତାନ ଏତେବଡ଼ ବ୍ୟବଧାନରେ ବିଜୟୀ ହୋଇ ନ ଥିଲା।

ଟସ୍ ଜିତି ପାକିସ୍ତାନ ଅଧିନାୟକ ବାବର ଆଜମ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଦଳର ଫାଷ୍ଟ ବୋଲର ଶାହିନ ଶାହ ଆଫ୍ରିଦୀ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ଭାରତକୁ ପ୍ରଥମ ଝଟକା ଦେଇଥିଲେ। କେବଳ ସେତିକି ନୁହେଁ ସେ ନିଜ ଦ୍ୱିତୀୟ ଓଭର ଏବଂ ଇନିଂସର ତୃତୀୟ ଓଭର ପ୍ରଥମ ବଲ୍‌ରେ ଫର୍ମରେ ଥିବା ଲୋକେଶ ରାହୁଲଙ୍କୁ କ୍ଲିନ୍ ବୋଲ୍ଡ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ରୋହିତ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିବାବେଳେ ରାହୁଲ ୩ ରନ କରିବାକୁ ସକ୍ଷମ ହୋଇଥିଲେ। ମାତ୍ର ୬ ରନରେ ଭାରତ ୨ଟି ଉଇକେଟ ହରାଇ ବିପଦରେ ☞ପୃଷ୍ଠା–୪

**ସୂଚନା: ଅନିବାର୍ଯ୍ୟ କାରଣବଶତଃ 'ସ୍ୱାସ୍ଥ୍ୟ ବିଜ୍ଞାନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।**

**ଆଜିର ସମ୍ପାଦକୀୟ**

**ଷଡ଼ଯନ୍ତ୍ର ତତ୍ତ୍ୱ**

# ଗୋବିନ୍ଦଙ୍କ ପାଇଁ ସବୁ ଜଳାଞ୍ଜଳି

*ଗୋବିନ୍ଦଙ୍କ ପାଇଁ ସବୁ ଲକ୍ଷ୍ମଣରେଖାକୁ ଡେଇଁଥିଲେ ସରକାରୀ ବାବୁମାନେ। କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଙ୍କ ଆପତ୍ତି ସତ୍ତ୍ୱେ ଗୋବିନ୍ଦଙ୍କ ଶିକ୍ଷାନୁଷ୍ଠାନକୁ ଅଜାଡ଼ି ଚାଲିଥିଲେ ସରକାରୀ ଟଙ୍କା। ତାଙ୍କ ଶିକ୍ଷାନୁଷ୍ଠାନକୁ ମନ୍ତ୍ରୀ, ନେତା ବାରମ୍ବାର ଧାଉଁଥିଲେ। ନେତା, ଅଫିସରଙ୍କୁ ଖୁସି କରିବାରେ ଗୋବିନ୍ଦ କେଉଁ ସୁଖ ଯୋଗାଇଥିଲେ ତାହା ଏବେ ସବୁଠୁ ଅଧିକ ଚର୍ଚ୍ଚାରେ। ହେଲେ ତାହା ଟଙ୍କାର ନୁହେଁ, ବରଂ ଯୌନ ସୁଖ ବୋଲି ଯାହା ଚର୍ଚ୍ଚା ହେଉଛି ସେନେଇ ତଦନ୍ତର ଆବଶ୍ୟକତା ରହିଥିବା ସାଧାରଣରେ ମତ ପ୍ରକାଶ ପାଇଛି।*



ମମିତା ହତ୍ୟାକାଣ୍ଡର ଅଭିଯୁକ୍ତ ଗୋବିନ୍ଦ ସାହୁ ଏବଂ ତାଙ୍କ ଶିକ୍ଷାନୁଷ୍ଠାନ ।

**ଭବାନୀପାଟଣା,୨୪।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କେଶିଙ୍ଗା ଥାନା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହେବା ପରେ ଏବେ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି ଜୋର ଧରିବାରେ ଲାଗିଛି। ଏହାସାଙ୍ଗକୁ ଦିନକୁ ଦିନ ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସୁଛି। ଗୋବିନ୍ଦ ନିଜର ରାଜନୈତିକ ପତିଆରା ଓ ସରକାରୀ ଦଳ ସହ ସଲାସୁତୁରା କରି ନିଜ ସ୍କୁଲ ଓ କଲେଜ ପାଇ ମଧ୍ୟ ସରକାରୀ ଅନୁଦାନ ହାତେଇବାରେ ସକ୍ଷମ ହୋଇଛନ୍ତି। ୨୦୧୧-୧୨ରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଏହି ଅନୁଦାନ ବେଆଇନ ପ୍ରକଳ୍ପ ପାଇଁ ଆବଣ୍ଟନ ହୋଇଥିବା ଦର୍ଶାଇ ସରକାରଙ୍କୁ ତାଗିଦ୍ କରିଥିଲେ। କିନ୍ତୁ ତାହା ଗୋବିନ୍ଦଙ୍କ ଅନୁଷ୍ଠାନ ନିମନ୍ତେ ପ୍ରଭାବହୀନ ଥିଲା। ଗୋବିନ୍ଦଙ୍କ କଲେଜକୁ ନିୟମିତ ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି), ବିଧାୟକ ଓ ଏମ୍‌ପି ଲ୍ୟାଡ ପାଣ୍ଠି ସହ ଅନ୍ୟାନ୍ୟ ସରକାରୀ ଅନୁଦାନ ମିଳିବାରେ କୌଣସି ସମସ୍ୟା ହୋଇ ନ ଥିଲା।

ମିଳିଥିବା ସୂଚନା ଅନୁସାରେ, ୨୦୧୪ରେ ସିଏଜି ଦ୍ୱାରା ପ୍ରକାଶିତ ଅଡିଟ୍ ରିପୋର୍ଟରେ ଗୋବିନ୍ଦଙ୍କ ଦ୍ୱାରା ସ୍ଥାପିତ ଘରୋଇ ଶିକ୍ଷାନୁଷ୍ଠାନକୁ ଦିଆଯାଇଥିବା ☞ପୃଷ୍ଠା–୪

## ସରକାରୀ ଅନୁଦାନର ବର୍ଷା

**ଭବାନୀପାଟଣା,୨୪।୧୦(ସ୍ୱ.ପ୍ର.)**



ପ୍ରକଳ୍ପ ନିର୍ମାଣ ଲାଗି ହୋଇଥିବା ସୂଚନା ଫଳକ ।

ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ବିଧାୟକ, ଏମ୍‌ପି ଓ ମନ୍ତ୍ରୀମାନଙ୍କୁ ପ୍ରଭାବିତ କରି ବିପୁଳ ସରକାରୀ ଅର୍ଥ ନିଜ ସ୍କୁଲ ଓ କଲେଜ ପାଇଁ ନେଇଥିବା ଜଣାପଡ଼ିଛି। ସ୍ଥାନୀୟ ବିଧାୟକଙ୍କ ବିନା ସୁପାରିସରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ଅନୁଦାନ ମିଳିବା ସମ୍ଭବ ନୁହଁ। ୨୦୧୦-୧୧ରୁ ୨୦୧୪-୧୫ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୫ଟି ପ୍ରକଳ୍ପ ପାଇଁ ୧୬ ଲକ୍ଷ ୨୩ ହଜାର ଟଙ୍କା ଅନୁଦାନ ଦିଆଯାଇଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୪୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ଜଣାପଡ଼ିଛି। କେବଳ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି ନୁହେଁ, ସ୍ଥାନୀୟ ବିଧାୟକ ତଥା ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ନିଜ ବିଧାୟକ ପାଣ୍ଠିରୁ ୨୦୧୪ରୁ ୨୦୧୯ ମଧ୍ୟରେ ପ୍ରାୟ ୪୦ ଲକ୍ଷ ଟଙ୍କା ☞ପୃଷ୍ଠା–୪

## ଫେରାର ପଛରେ ଅନେକ ରହସ୍ୟ

**ବଲାଙ୍ଗୀର ଅଫିସ, ୨୪।୧୦**

ଟିଟିଲାଗଡ ପୋଲିସ ବାରାକ୍‌ରୁ ଫେରାର ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗତ ୧୯ ତାରିଖ ଅପରାହ୍ନରେ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗାଁ ନିକଟ ଏକ ଆଖୁ କିଆରିରୁ ଗିରଫ କରାଯାଇଥିଲା। ଗୋବିନ୍ଦଙ୍କ ମୋବାଇଲ ଫୋନ୍‌କୁ ଟ୍ରାକିଂ କରି ପୋଲିସ ତାଙ୍କ ପାଖରେ ପହଞ୍ଚି ଥିବା ଜଣାପଡିଛି। ଏହା ଜଣାପଡିବା ପରେ ଏହି ହତ୍ୟା ଘଟଣାରେ ପୋଲିସର ଭୂମିକାକୁ ନେଇ ଅନେକ ପ୍ରଶ୍ନ ଉଠିଛି।

ଗତ ୧୨ ତାରିଖରେ ମମିତାଙ୍କ ପରିବାର ତରଫରୁ ସିନ୍ଧେକେଲା ଥାନାରେ ଅପହରଣ ନେଇ ଅଭିଯୋଗ କରାଯାଇଥିଲା। ୧୪ ତାରିଖ ସିନ୍ଧେକେଲା ପୋଲିସ ଗୋବିନ୍ଦ ସାହୁଙ୍କୁ ମହାଲିଙ୍ଗ ଗାଁରୁ ଉଠାଇ ଆଣିଥିଲା। ସିନ୍ଧେକେଲା ଥାନାରେ ତିନିଦିନ ରଖିବା ପରେ ଗତ ୧୭ ତାରିଖରେ ପଚରାଉଚରା କରିବା ପାଇଁ ଟିଟିଲାଗଡ ଥାନା ପଛପଟ ବାରାକ୍‌କୁ ଗୋବିନ୍ଦଙ୍କୁ ଅଣାଯାଇଥିଲା। ସେଦିନ ରାତି ପ୍ରାୟ ୯ଟାରେ ଗୋବିନ୍ଦ ନାଟକୀୟ ଘଟଣାକ୍ରମରେ ବାରାକ୍‌ରୁ ଖସିଯାଇଥିଲେ। ବାରାକ୍‌ରେ ଥିବାବେଳେ ଗୋବିନ୍ଦ ତାଙ୍କ ମୋବାଇଲ ଫୋନ୍ ଧରିଥିଲେ କି ନା ତାହା ସ୍ପଷ୍ଟ ହୋଇନାହିଁ। ରାତି ପ୍ରାୟ ୯ଟାରେ ଟିଟିଲାଗଡ ମଧ୍ୟସ୍ଥଳରେ ଥିବା ଥାନାପଛ ପଟ ☞ପୃଷ୍ଠା–୪

# ୫ମ ଦିନ ପାଇଁ ପେଟ୍ରୋଲ, ଡିଜେଲ ଲଗାତର ବୃଦ୍ଧି

**ମାସକରେ ପେଟ୍ରୋଲ ୬.୫୧ଟଙ୍କା, ଡିଜେଲ ୮.୪୬ ଟଙ୍କା ବଢ଼ିଲାଣି**

**ଭୁବନେଶ୍ୱର/ନୂଆଦିଲ୍ଲୀ,୨୪।୧୦**

ଗତ ସେପ୍ଟେମ୍ବର ୨୪ରୁ କ୍ରମାଗତ ଭାବେ ପେଟ୍ରୋଲ ଓ ଡିଜେଲ ଦର ବଢ଼ି ଚାଲିଛି। ଗତ ମାସକ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୬.୫୧ ଟଙ୍କା ଏବଂ ଡିଜେଲ ୮.୪୬ ଟଙ୍କା ବୃଦ୍ଧି ପାଇଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ.. ଡିଜେଲ ୩୯ ପଇସା ଏବଂ ପେଟ୍ରୋଲ ୩୬ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୫.୦୭ ଟଙ୍କା ଏବଂ ପେଟ୍ରୋଲ ୧୦୮.୫୫ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୫.୪୧ ଟଙ୍କା ଓ ପେଟ୍ରୋଲ ୧୦୮.୯୦ ଟଙ୍କାରେ ପହଞ୍ଚିଛି। ☞ପୃଷ୍ଠା–୪

# ବୁଝାମଣା ଚେଷ୍ଟା କରିଥିଲେ ମନ୍ତ୍ରୀ: ବିଜୟ

**ମମିତା ହତ୍ୟା ପ୍ରସଙ୍ଗ**



ମମିତା ମେହେର

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ)**

ମମିତା ମେହେର ହତ୍ୟା ଘଟଣାରେ ରାଜନୈତିକ ଆନ୍ଦୋଳନ, ପ୍ରତିବାଦ ଏବଂ ବିକ୍ଷୋଭ ବନ୍ଦ ହେବାର ନାଁ ନେଉ ନାହିଁ। ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରି ଭାଜପା ଓ କଂଗ୍ରେସ ବିରୋଧ ପ୍ରଦର୍ଶନ ଜାରି ରଖିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସ୍ତକ୍ଷେପ କରନ୍ତୁ ବୋଲି ଦାବି କରିଛନ୍ତି। ଅନ୍ୟପଟେ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଏହି ପ୍ରସଙ୍ଗରେ ରବିବାର ସଙ୍ଗିନ ଅଭିଯୋଗ ଆଣିଛନ୍ତି। ମମିତା ଏବଂ ଗୋବିନ୍ଦ ସାହୁଙ୍କ ମଧ୍ୟରେ ବୁଝାମଣା କରାଇବା ଲାଗି ମନ୍ତ୍ରୀ ମିଶ୍ର ତାଙ୍କ ଛତିଶଗଡ଼ ରାୟପୁରସ୍ଥିତ ବାସଭବନରେ ଚେଷ୍ଟା କରିଥିଲେ ବୋଲି ବିଜୟ ଗଣମାଧ୍ୟମକୁ କହିଛନ୍ତି। ବିଜୟ କହିଛନ୍ତି ଯେ, ମମିତାଙ୍କ ମୋବାଇଲ ପୋଡ଼ିଯାଇଥିବା କଥା କୁହାଯାଉଛି। ମୋବାଇଲ ପୋଡ଼ିଯାଇଥାଉ କି ହଜିଯାଉ, ସେଥିରେ କିଛି ଫରକ ପଡ଼ିବନି। ମନ୍ତ୍ରୀ ମିଶ୍ରଙ୍କ କଲ୍ ରେକର୍ଡ ଯାଞ୍ଚ କଲେ ସବୁ ସ୍ପଷ୍ଟ ହୋଇଯିବ। ତାଙ୍କ ପାଖରେ ଯାହା ସୂଚନା ରହିଛି, ମନ୍ତ୍ରୀ ମିଶ୍ରଙ୍କର କିଛି କଲ୍ ରେକର୍ଡକୁ ପୋଲିସ ଯାଞ୍ଚ କରିଛି। ଆଉ ତଦନ୍ତ ରିପୋର୍ଟ ସିଲ୍ କରି ୩ୟ ମହଲାକୁ ନେଇଛି। ମନ୍ତ୍ରୀଙ୍କ ସବୁ କଲ୍ ରେକର୍ଡକୁ ପୋଲିସ ଯାଞ୍ଚ କରିବା ଦରକାର। ଗୋବିନ୍ଦଙ୍କ କଲେଜକୁ କେବଳ କିଛି ମନ୍ତ୍ରୀ ଯାଉ ନ ଥିଲେ। କିଛି ବଡ଼ ବଡ଼ ସରକାରୀ ଅଫିସର ବି ଯାଉଥିଲେ। ପୋଲିସ ଏହି ମାମଲାକୁ ଦୁର୍ବଳ କରିବାକୁ ଚାହିଁବା ସହ ଗୋବିନ୍ଦଙ୍କୁ ଖସାଇବାକୁ ପ୍ରୟାସ କରୁଛି। ପୋଲିସ୍‌ର ତଦନ୍ତ ପ୍ରକ୍ରିୟା ଦେଖିଲେ ନାଟକ ଭଳି ମନେହେଉଛି। ଡିଆଇଜି ଓ ଏସ୍‌ପି କୌଣସି ଅପରାଧର ତଦନ୍ତ କରୁଥିବା ଭଳି ଲାଗୁ ନାହିଁ। ଲାଗୁଛି ଯେପରି ସେମାନେ ବଲାଙ୍ଗୀର ଓ କଳାହାଣ୍ଡିରେ ଫିଲ୍ମ ଶୁଟିଂ କରୁଛନ୍ତି। ତଦନ୍ତ ବେଳର ରେକର୍ଡିଂ କରି ସମସ୍ତଙ୍କ ନିକଟକୁ ପଠାଉଛନ୍ତି। ଠିକ୍ ଭାବେ ତଦନ୍ତ ନ କରି ଅନାବଶ୍ୟକ କଥାରେ ପୋଲିସ୍ ଲିପ୍ତ ରହୁଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହେଲାଣି। ଗୋବିନ୍ଦ ପୋଲିସ ଆଗରେ ଦୋଷ ସ୍ୱୀକାର କରିଥିବା କୁହାଯାଉଛି। ତେବେ ୨୪ ଘଣ୍ଟା ମଧ୍ୟରେ କାହିଁକି ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ତାଙ୍କର ☞ପୃଷ୍ଠା–୪

# ଆର୍ଯ୍ୟନ୍‌ଙ୍କ ପାଇଁ ୨୫ କୋଟି ରାନ୍‌ସମ୍

## ସାକ୍ଷୀଙ୍କ ସଙ୍ଗିନ ଅଭିଯୋଗ

- ୧୮ କୋଟିରେ ହୋଇଥିଲା ଡିଲ୍
- ଏନ୍‌ସିବିକୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର: ୱାଙ୍ଖେଡେ



ପ୍ରଭାକର ରଘୁଜୀ ସେଲ୍

**ମୁମ୍ବାଇ, ୨୪।୧୦**

ମୁମ୍ବାଇ କ୍ରୁଜ୍ ଜାହାଜରେ ଡ୍ରଗ୍ସ ପାର୍ଟିରୁ ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ଗିରଫ ମାମଲା ନୂଆ ମୋଡ଼ ନେଇଛି। ଆର୍ଯ୍ୟନଙ୍କୁ ଛାଡ଼ିବା ପାଇଁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖେଡେ ଶାହରୁଖଙ୍କୁ ୨୫ କୋଟି ଟଙ୍କା ରାନ୍‌ସମ୍ (ମୁକ୍ତି ଅର୍ଥ) ଦାବି କରିଥିବା ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏନ୍‌ସିବିର ଜଣେ ସ୍ୱାଧୀନ ସାକ୍ଷୀ ପ୍ରଭାକର ରଘୁଜୀ ସେଲ୍ ଏହି ଅଭିଯୋଗ ଆଣିଛନ୍ତି। ୱାଙ୍ଖେଡେ ଏବଂ ଅନ୍ୟମାନେ ଶାହରୁଖଙ୍କୁ ଟଙ୍କା ମାଗିଥିବା ନେଇ ପ୍ରଭାକର ଏକ ଭିଡିଓ ମେସେଜ୍‌ରେ କହିଛନ୍ତି। ଶେଷରେ ୧୮ କୋଟି ଟଙ୍କାରେ ଏହି ଡିଲ୍ ହୋଇଥିଲା, ଯେଉଁଥିରୁ ୱାଙ୍ଖେଡେଙ୍କ ଭାଗରେ ୮ କୋଟି ପଡ଼ିବ ବୋଲି ସ୍ଥିର ହୋଇଥିଲା। ତେବେ ଏଭଳି ଅଭିଯୋଗକୁ ୱାଙ୍ଖେଡେ ଖଣ୍ଡନ କରିଛନ୍ତି।

ପ୍ରଭାକରଙ୍କ କହିବା ଅନୁଯାୟୀ, ଲୋୟର ପାରେଲରୁ କେ. ପି. ଗୋସାଭି ଏବଂ ସାମ୍ ଡିସୋଜା ଶାହରୁଖଙ୍କ ମ୍ୟାନେଜରଙ୍କୁ ୱାଙ୍ଖେଡେଙ୍କ ତରଫରୁ ମଧ୍ୟସ୍ଥ ଭାବେ ଫୋନ୍ କରିଥିଲେ। ଗୋସାଭିଙ୍କ ବ୍ୟକ୍ତିଗତ ବଡିଗାର୍ଡ ଥିବା ପ୍ରଭାକର ଫୋନ୍‌କଲ କଥାବାର୍ତ୍ତା ଶୁଣିଥିଲେ। ଏଥିରେ ମାମଲା ରଫାଦଫା କରି ଆର୍ଯ୍ୟନଙ୍କୁ ମୁକୁଳାଇବା ପାଇଁ ୨୫ କୋଟି ଟଙ୍କା ଶାହରୁଖଙ୍କୁ ମଗାଯାଇଥିଲା। ଶେଷରେ ୧୮ କୋଟିରେ କଥା ଛିଣ୍ଡିଥିଲା। ସେଥିମଧ୍ୟରୁ ୮ କୋଟି ୱାଙ୍ଖେଡେ ନେବେ ବୋଲି ସ୍ଥିର ହୋଇଥିଲା। ଲୋୟର ପାରେଲ୍‌କୁ ଶାହରୁଖଙ୍କ ମ୍ୟାନେଜର ଏକ ବ୍ଲୁ ମର୍ସିଡିସ୍‌ରେ ସେମାନଙ୍କୁ ଭେଟିବାକୁ ଆସିଥିଲେ। ହେଲେ ମ୍ୟାନେଜରଙ୍କ ପକ୍ଷରୁ କୌଣସି ପଜିଟିଭ୍ ପ୍ରତିକ୍ରିୟା ଆସି ନ ଥିଲା ବୋଲି ପ୍ରଭାକର ଦାଖଲ କରିଥିବା ଏକ ସତ୍ୟପାଠରେ ଦର୍ଶାଇଛନ୍ତି। ଏପରି କି ତାଙ୍କୁ ଏହି ମାମଲାରେ ସାକ୍ଷୀ କରିବା ପାଇଁ ପ୍ରଭାକରଙ୍କଠାରୁ ☞ପୃଷ୍ଠା–୪

## ୱାଙ୍ଖେଡେ ମାଗିଲେ ପୋଲିସ ସୁରକ୍ଷା



ସମୀର ୱାଙ୍ଖେଡେ

**ମୁମ୍ବାଇ, ୨୪।୧୦**

ଆର୍ଯ୍ୟନ ଖାନ୍‌ଙ୍କୁ ଡ୍ରଗ୍ସ ମାମଲାରେ ଗିରଫ କରିଥିବା ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ମୁମ୍ବାଇ ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖେଡେ ଏବେ ବିବାଦରେ ଫସିଛନ୍ତି। ଏହି ବହୁଚର୍ଚ୍ଚିତ ମାମଲାକୁ ରଫାଦଫା କରିବା ପାଇଁ ୱାଙ୍ଖେଡେ ୨୫ କୋଟି ଟଙ୍କା ରାନ୍‌ସମ ମାଗିଥିବା ବିଷୟ ସାମ୍ନାକୁ ଆସିବା ପରେ ତାଙ୍କ ମୁଣ୍ଡ ଉପରେ ଖଣ୍ଡା ଝୁଲୁଛି। ଗୁପ୍ତ ଉଦ୍ଦେଶ୍ୟ ରଖି ତାଙ୍କୁ ଫସାଯାଉଥିବା ଦର୍ଶାଇ ୱାଙ୍ଖେଡେ ରବିବାର ମୁମ୍ବାଇ ପୋଲିସ କମିଶନର ହେମନ୍ତ ନାଗ୍ରାଲେଙ୍କୁ ଚିଠି ଲେଖି ସୁରକ୍ଷା ମାଗିଛନ୍ତି। ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏଡ଼ାଇବା ପାଇଁ ସେ ପୋଲିସକୁ ସୁରକ୍ଷା ମାଗିଥିବା ☞ପୃଷ୍ଠା–୪

# ଆଜିଠୁ ଖୋଲିବ ଅଷ୍ଟମ ଶ୍ରେଣୀ

**୨୭ରୁ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ସ୍ତର ଆକଳନ**

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**

ରାଜ୍ୟରେ ଥିବା ସମସ୍ତ ସରକାରୀ, ବେସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଓଡ଼ିଆ ଓ ଇଂଲିଶ ମିଡିୟମ ସ୍କୁଲର ଅଷ୍ଟମ ଶ୍ରେଣୀ ସୋମବାରଠାରୁ ଖୋଲିବ। ଦୀର୍ଘ ୧୮ମାସ ପରେ ଶ୍ରେଣୀଗୃହରେ ବସି ପାଠ ପଢ଼ିବେ ଛାତ୍ରୀଛାତ୍ର। ସକାଳ ୯ଟାରୁ ଅପରାହ୍ନ ୧୨ଟା ୩୦ପର୍ଯ୍ୟନ୍ତ କ୍ଲାସ୍ ହେବ। ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁସାରେ, ପିଲାମାନଙ୍କର ଆବେଗିକ ଓ ମାନସିକ ଅବସ୍ଥାକୁ ଦୃଷ୍ଟିରେ ରଖି ସ୍କୁଲ ଖୋଲିବାର ପ୍ରଥମ ଦୁଇଦିନ କୌଣସି ପାଠପଢ଼ା ହେବ ନାହିଁ। ଏହି ଦୁଇଦିନରେ ପିଲାଙ୍କ ମଧ୍ୟରେ ଆଲୋଚନା, ତର୍କ ପ୍ରତିଯୋଗିତା, ସଙ୍ଗୀତ ଗାନ, ଚିତ୍ରାଙ୍କନ, ମାଟିକାମ ଭଳି କାର୍ଯ୍ୟକ୍ରମ କରାଯିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଦୀର୍ଘ ମାସ ଧରି ପିଲାମାନେ ପାଠପଢ଼ାରୁ ଦୂରେଇ ରହିଥିବାରୁ ସେମାନଙ୍କର ଶିକ୍ଷଣସ୍ତର ବହୁତ କମିଯାଇଥିବା ଆଶଙ୍କା ରହିଛି। ବର୍ତ୍ତମାନ ଅଷ୍ଟମ ଶ୍ରେଣୀରେ ପଢୁଥିବା ପିଲାମାନେ ସପ୍ତମ ଶ୍ରେଣୀରେ କିଛି ପଢ଼ି ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ସବୁ ପିଲାଙ୍କର ଶିକ୍ଷଣ ସ୍ତରର ଏକ ଆକଳନ କରାଯିବ। ୨୭ରେ ଓଡ଼ିଆ, ୨୮ରେ ଗଣିତ ଓ ୨୯ରେ ଇଂଲିଶ ବିଷୟରେ ଛାତ୍ରୀଛାତ୍ର ଏହି ଆକଳନରେ ଅଂଶଗ୍ରହଣ କରିବେ। ଯେଉଁ ପିଲାମାନେ ସ୍କୁଲ ଆସୁ ନ ଥିବେ ପ୍ରଧାନଶିକ୍ଷକ/ଶିକ୍ଷକମାନେ ସେମାନଙ୍କ ଘରକୁ ବା ଗାଁକୁ ପ୍ରଶ୍ନପତ୍ର ପଠାଇ ଏହି ଆକଳନ ☞ପୃଷ୍ଠା–୪

## ସଂକ୍ଷେପରେ

### ୨୬ରେ ନବୀନ ନିବାସ ଘେରାଉ

**ଛାତ୍ର କଂଗ୍ରେସର ଚେତାବନୀ**

ଭୁବନେଶ୍ୱର,୨୪।୧୦(ବ୍ୟୁରୋ) ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ କରାଯାଉ। ନଚେତ୍ ଆସନ୍ତା ୨୬ ତାରିଖରେ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବ। ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମମିତାଙ୍କ ପରିବାରକୁ ସରକାର କୋଟିଏ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରନ୍ତୁ। ୨୬ ସୁଦ୍ଧା ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ନଚେତ୍ ଛାତ୍ର କଂଗ୍ରେସ ସାରା ରାଜ୍ୟରେ ଆନ୍ଦୋଳନ ଜାରି ରଖିବ ବୋଲି ରାଜ୍ୟ ସଭାପତି ୟାସିର ନୱାଜ କହିଛନ୍ତି। କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୟାସିର କହିଛନ୍ତି, ମୁଖ୍ୟମନ୍ତ୍ରୀ ଆସନ୍ତା ୨୬ ତାରିଖ ସୁଦ୍ଧା ମନ୍ତ୍ରୀ ମିଶ୍ରଙ୍କୁ ବହିଷ୍କାର କରନ୍ତୁ। ଗୋବିନ୍ଦ ସାହୁ ଯେଉଁ ଭିଡିଓ ପାଇଁ ମମିତାଙ୍କୁ ହତ୍ୟା କଲେ ସେଥିରେ ମନ୍ତ୍ରୀ ମିଶ୍ରଙ୍କ ଆପତ୍ତିଜନକ ଅବସ୍ଥାର ଦୃଶ୍ୟ ରହିଥିଲା। ସେଥିଲାଗି ମନ୍ତ୍ରୀ ମିଶ୍ରଙ୍କ ନିର୍ଦ୍ଦେଶରେ ଗୋବିନ୍ଦ ମମିତାଙ୍କୁ ହତ୍ୟା କରିଥିବା ସେ ଅଭିଯୋଗ କରିଛନ୍ତି। ସେହିପରି କଳାହାଣ୍ଡି ଜିଲାରେ ଅନେକ ସରକାରୀ ସ୍କୁଲ/କଲେଜ ରହିଛି। ହେଲେ ମହାଲିଙ୍ଗ ଆଞ୍ଚଳିକ ମହାବିଦ୍ୟାଳୟକୁ କାହିଁକି ଏଭଳି ସରକାରୀ ଅନୁଦାନ ଦିଆଯାଇଛି ବୋଲି ୨୦୧୪ରେ ସିଏଜି ପ୍ରଶ୍ନ କରିଥିଲେ ବି ଏହାକୁ ପ୍ରଶାସନିକ କଳ ଏଡାଇ ଦେଇଛି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ଜାଣିଶୁଣି ଦୃଷ୍ଟି ଦେଇନାହାନ୍ତି ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି।

### ଅମାନତ ହରାଇବ କଂଗ୍ରେସ: ଲାଲୁ

**ପାଟନା, ୨୪।୧୦:** ବିହାରର ଦୁଇଟି ଆସନରେ ଉପନିର୍ବାଚନ ହେବାକୁ ଯାଉଥିବାବେଳେ କଂଗ୍ରେସ ସହ ମେଣ୍ଟ ପ୍ରସ୍ତାବକୁ ନେଇ ଆର୍‌ଜେଡି ଅଧକ୍ଷ ଲାଲୁ ପ୍ରସାଦ ଯାଦବ ତାଚ୍ଛଲ୍ୟ କରିଛନ୍ତି।



ମେଣ୍ଟରେ କଂଗ୍ରେସର ଆବଶ୍ୟକତାକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। ଉପନିର୍ବାଚନରେ ଜାତୀୟ ଦଳକୁ ଗୋଟିଏ ଆସନ ଛାଡ଼ିଲେ ଏହା ଅମାନତ ହରାଇବ ବୋଲି ଲାଲୁ କହିଥିଲେ। କଂଗ୍ରେସଠାରୁ ଦୂରେଇ ଯାଇ ଆର୍‌ଜେଡି ଭାଜପାକୁ ସହାୟତା କରୁଛି ବୋଲି ବିହାର କଂଗ୍ରେସ ପ୍ରଭାରୀ ଭକ୍ତଚରଣ ଦାସ କହିଥିବା ସମ୍ପର୍କରେ ଲାଲୁଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତି ଅଶ୍ଳୀଳ ଶବ୍ଦରେ ମନ୍ତବ୍ୟ ଦେଇଥିଲେ। ଏଥିରୁ ଲାଲୁ ଓ ତାଙ୍କ ଦଳର ଦଳିତ ବିରୋଧୀ ମନୋଭାବ ଜଣାପଡୁଛି ବୋଲି ବିଭିନ୍ନ ନେତା କହିଛନ୍ତି।

# ଶଙ୍ଖ ଧରିବେ ପ୍ରଦୀପ

**ବିଜେଡିରେ ମିଶିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା**

ନବରଙ୍ଗପୁର,୨୪।୧୦(ବି.ପ୍ର.)

ହାତଚିହ୍ନ ଛାଡ଼ି ଶଙ୍ଖ ଧରିବେ ପ୍ରଦୀପ। ୩୦ ତାରିଖ ସୁଦ୍ଧା ବିଜେଡିରେ ମିଶିବେ ବୋଲି ଶୁକ୍ରବାର କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି କହିଛନ୍ତି। ରବିବାର ଏକ ଖବରଦାତା ସମ୍ମିଳନୀରେ ସେ ଏହି ଘୋଷଣା କରିଛନ୍ତି। ଉକ୍ତ ସମ୍ମିଳନୀରେ ବହୁ ସଂଖ୍ୟାରେ ତାଙ୍କ ସମର୍ଥକ ଯୋଗ ଦେଇଥିଲେ।

ଓଡ଼ିଶାରେ ବିଜେଡି ସ୍ଥିର। ନିର୍ବାଚନରେ ବିଜେଡି ସଂଖ୍ୟା ବଢୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବିଭକ୍ତ କୋରାପୁଟ ଜିଲାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ସେହି ସ୍ରୋତରେ ସାମିଲ ହେବାରେ କୌଣସି ଅସୁବିଧା ନାହିଁ। ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ହେବ ବୋଲି ନବରଙ୍ଗପୁରସ୍ଥିତ ଶ୍ରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ ମାଝି କହିଛନ୍ତି। କଂଗ୍ରେସରେ ରହି ଅଞ୍ଚଳର ବିକାଶ କରିବା ସମ୍ଭବ ନୁହେଁ। ଦଳ ଛାଡ଼ିବା କଥାକୁ ଏଡାଉଥିବା ପ୍ରଶ୍ନରେ ପ୍ରଦୀପ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା କରିଥିଲି। ଓଡ଼ିଶାରେ କଂଗ୍ରେସ ଦୁର୍ବଳ ରହିଛି, ଦିଲ୍ଲୀ ଆସି ଅଖିଳ ଭାରତ କଂଗ୍ରେସ କମିଟି ଦାୟିତ୍ୱ ନେଇ ସାରା ଭାରତରେ ସଙ୍ଗଠନ କଥା ଚିନ୍ତା କରିବାକୁ ସେ ପରାମର୍ଶ ଦେଇଥିଲେ। ରାହୁଲ ଗାନ୍ଧୀ ମୋତେ ଗଢ଼ିଛନ୍ତି। ଓଡ଼ିଶାରେ କଂଗ୍ରେସ ଜଟିଳ ପରିସ୍ଥିତିରେ ଗତି କରୁଛି। ଦଳ ଆଗକୁ ବଢ଼ିପାରିବ ନାହିଁ। ଗରିବ ଅସହାୟଙ୍କ ଲମ୍ବା ତାଲିକା ରହିଛି। ବିଜେଡି ସହାୟତାରେ ସେଗୁଡ଼ିକ ସମାଧାନ କରି ହେବ। ୨୦୧୪ ଓ ୨୦୧୯ ନିର୍ବାଚନକୁ ଦେଖିଲେ କଂଗ୍ରେସ ନିଜର ବିଶ୍ୱସନୀୟତା ହରାଇଲାଣି ଓ ବହୁ ପଦପଦବୀ ନେଇ ସାରିଲାଣି। ବହୁ ବରିଷ୍ଠ ନେତାଙ୍କ ସହ ଆଲୋଚନା କରି ଏହି ନିଷ୍ପତ୍ତି ନେଇଛି ବୋଲି ପ୍ରଦୀପ କହିଛନ୍ତି। କଂଗ୍ରେସ ଓ ବିଜେଡିର ବିଚାରଧାରା ମଧ୍ୟରେ ଅନେକ ଫରକ ରହିଛି। ବିଜେଡି ସମସ୍ତ ବର୍ଗର ଲୋକଙ୍କୁ ଗୋଟିଏ ମାଳାରେ ଯୋଡ଼ି ଦଳକୁ ଆଗକୁ ନେଉଛି। କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ଦଳର ଅଧଃପତନ ପାଇଁ ୩୦% ସେ ଦାୟୀ ବୋଲି କହିଛନ୍ତି। କଂଗ୍ରେସ ୨୦ ବର୍ଷ ମଧ୍ୟରେ ସରକାରକୁ ଆସିଲା ଭଳି ପରିସ୍ଥିତି ଗଠନ କରିପାରିଲା ନାହିଁ। ଅତି ଦୁଃଖର ସହିତ ବିଜେଡିରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। କୋଟପାଡ଼ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ଲକ୍ଷ୍ମୀପ୍ରିୟା ନାୟକ, କୋରାପୁଟ ଜିଲା ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ କୁଲେସିକା, ଉମରକୋଟର ଯତୀନ୍ଦ୍ର ଗଣ୍ଡ ପ୍ରମୁଖ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେହିଭଳି ଅନେକ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ କଂଗ୍ରେସ ଛାଡ଼ି ମୋ’ ସହ ବିଜେଡିରେ ଯୋଗଦେବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ସରକାରୀ ଦଳରେ ରହିଲେ ଅସହାୟ ଓ ଗରିବ ଲୋକଙ୍କୁ ସୁରକ୍ଷା ଦେଇପାରିବେ। ଲୋକଙ୍କ ମୌଳିକ ଅଧିକାର ତଥା ଜନସେବାରେ କୌଣସି ପରିବର୍ତ୍ତନ ଆସିବ ନାହିଁ।

ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଭଗବାନ୍ ମାଝି, ତପନ ଦେବନାଥ, କୈଳାସ କୁଲେସିକା, ଲକ୍ଷ୍ମୀପ୍ରିୟା ନାୟକ, ପଦ୍ମନାଭ ପାଣ୍ଡେ, ଉତ୍ତମ ତ୍ରିପାଠୀ, ସରୋଜ ପାତ୍ର, କୁନା ପାଢ଼ୀ, ନେତ୍ରା କଲାର, ସଞ୍ଜୟ ନାୟକ, ଅଖିଳ ଭତରାଙ୍କ ସମେତ ମାଲକାନଗିରି, କୋଟପାଡ, ଚିତ୍ରକୋଣ୍ଡା, କୋରାପୁଟ ଓ ନବରଙ୍ଗପୁର ଜିଲା କଂଗ୍ରେସ ଛାଡିଥିବା ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ଥିଲେ।



ନବରଙ୍ଗପୁରରେ ରବିବାର ପ୍ରଦୀପ ମାଝିଙ୍କ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

# ତେଲ ଦର ବୃଦ୍ଧି ଟିକସ ଡକାୟତି

**କେନ୍ଦ୍ରକୁ କଂଗ୍ରେସର ଟାର୍ଗେଟ**

ନୂଆଦିଲ୍ଲୀ,୨୪।୧୦

ତେଲ ଦର ପ୍ରତିଦିନ ନୂଆ ରେକର୍ଡ ଭାଙ୍ଗୁଛି। ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ଯୋଗୁ ପରିବହନଜନିତ ଖର୍ଚ୍ଚ ବଢୁଥିବାରୁ ଜରୁରୀ ସାମଗ୍ରୀଗୁଡ଼ିକର ଦରଦାମ ମଧ୍ୟ ଆକାଶଛୁଆଁ ହୋଇଛି। କଂଗ୍ରେସ ଏହାକୁ କେନ୍ଦ୍ର ସରକାରଙ୍କ ଟିକସ ଡକାୟତି ବୋଲି ଆଖ୍ୟା ଦେଇଛି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ତେଲ ଦର ବୃଦ୍ଧିକୁ ନେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ କହିଛନ୍ତି, କେନ୍ଦ୍ରର ଟିକସ ଡକାୟତି ଯୋଗୁ ପେଟ୍ରୋଲ ମୂଲ୍ୟରେ ବୃଦ୍ଧି ଘଟୁଛି। ନିର୍ବାଚନ ଆସିଲେ ଲୋକଙ୍କୁ ଆଶ୍ୱସ୍ତି ମିଳିପାରେ ବୋଲି ସେ କହିଛନ୍ତି। ସେହିପରି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟୁଇଟରରେ ଏକ ମିଡିଆ ରିପୋର୍ଟକୁ ଟ୍ୟାଗ୍ କରି କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ଚଳିତ ବର୍ଷ ପେଟ୍ରୋଲ ଲିଟର ପିଛା ୨୩ ଟଙ୍କା ୫୩ ପଇସା ବୃଦ୍ଧି ପାଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଏନେଇ ପ୍ରିୟଙ୍କା କହିଛନ୍ତି, ମୋଦି ସରକାର ଅମଳରେ ସର୍ବାଧିକ ବେକାରି ସମସ୍ୟା ସୃଷ୍ଟି ହୋଇଛି। ମୋଦିଙ୍କ ଶାସନରେ ସବୁଠୁ ବେଶି ସରକାରୀ ସମ୍ପତ୍ତି ବିକ୍ରି କରାଯାଇଛି। ମୋଦି ସରକାର ଲୋକଙ୍କୁ ଅସୁବିଧାରେ ପକାଇବାର ରେକର୍ଡ ସୃଷ୍ଟି କରିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସୂର୍ଯ୍ୟେୱାଲା ମଧ୍ୟ ପ୍ରିୟଙ୍କାଙ୍କ ମିଡିଆ ରିପୋର୍ଟକୁ ଟ୍ୟାଗ୍ କରି ‘ଅଚ୍ଛେ ଦିନ’ବୋଲି ଟୁଇଟ୍ କରିଛନ୍ତି।



ରାହୁଲ ଗାନ୍ଧୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ୍‌ର ଦର ବୃଦ୍ଧି କରି ଦୁର୍ଦ୍ଦିନରେ ଥିବା ଲୋକଙ୍କୁ ଉପହାସ କରୁଛନ୍ତି। ହସହସ ମୁହଁ ଥିବା ତାଙ୍କ ଫଟୋକୁ ପେଟ୍ରୋଲ ପମ୍ପରୁ ହଟାଯାଉ।

- ଗିରୀଶ ଚୋଦନକର, ଗୋଆ କଂଗ୍ରେସ ସଭାପତି



ଗୋଆ ବିଧାନସଭା ନିର୍ବାଚନରେ ଏଏପି ଏବଂ ଟିଏମ୍‌ସି ଛୋଟ ଭୂମିକା ନେବେ। ଭାଜପାକୁ ହରାଇବା ପାଇଁ କଂଗ୍ରେସ ହିଁ ଉପଯୁକ୍ତ ପଦକ୍ଷେପ ନେଉଛି।

- ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା

# ନିଜ ଆଡୁ ହସ୍ତକ୍ଷେପ କରନ୍ତୁ ହାଇକୋର୍ଟ

**ମମିତା ହତ୍ୟାକାଣ୍ଡ ଘଟଣା**

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣା ପ୍ରାୟୋଜିତ ଥିଲା। ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ପ୍ରାଇଭେଟ ସେକ୍ରେଟାରୀ(ପିଏସ୍) ଏବଂ ନିକଟତମ ଲୋକଙ୍କ ମୋବାଇଲ ଫୋନ୍ ଯାଞ୍ଚ ହେଉ। ଏହାସହ ମନ୍ତ୍ରୀଙ୍କ କଲ୍ ରେକର୍ଡକୁ ଯାଞ୍ଚ କଲେ ବହୁ ଲୁକ୍କାୟିତ ତଥ୍ୟ ପଦାକୁ ଆସିବ ବୋଲି କଂଗ୍ରେସ ମୁଖପାତ୍ର ଦେବାଶିଷ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହାସହ ହାଇକୋର୍ଟ ଏହି ଘଟଣାରେ ନିଜ ଆଡୁ ହସ୍ତକ୍ଷେପ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

କଂଗ୍ରେସ ଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବାଶିଷ କହିଛନ୍ତି, ମନ୍ତ୍ରୀ ଦିବ୍ୟଶଙ୍କର ପୋଲିସ୍ କଷ୍ଟୋଡିରେ ଲାଇନ୍ କାଟିବା ଏବଂ ତାଙ୍କର ଘନିଷ୍ଠ ବନ୍ଧୁ ଗୋବିନ୍ଦ ସାହୁଙ୍କୁ ଖସାଇବା କାର୍ଯ୍ୟ ଅତି କୌଶଳର ସହ କରିପାରିଥିଲେ। ବର୍ଷ ବର୍ଷ ଧରି ଏଠାରେ ଅନୈତିକ କାର୍ଯ୍ୟ ଚାଲୁଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିଲା। କାରଣ ଏହି ଅନୈତିକ କାର୍ଯ୍ୟରେ ନିଜେ ମନ୍ତ୍ରୀ ଦିବ୍ୟଶଙ୍କର ବିଶିଷ୍ଟ ଅତିଥି। କେବଳ ସେତିକି ନୁହେଁ, ଗୋବିନ୍ଦଙ୍କର ଚେର ନବୀନ ନିବାସ ପର୍ଯ୍ୟନ୍ତ ମାଡ଼ିଛି। କଳାହାଣ୍ଡି ଜିଲାରେ ଅନେକ ମହାବିଦ୍ୟାଳୟ ଥିଲେ ମଧ୍ୟ ସନ୍‌ସାଇନ୍ କଲେଜକୁ ମନ୍ତ୍ରୀମାନେ କାହିଁକି ବାରମ୍ବାର ଆସୁଥିଲେ ଓ ରାତ୍ରି ଯାପନ କରୁଥିଲେ ବୋଲି ଦେବାଶିଷ ପ୍ରଶ୍ନ କରିଛନ୍ତି। ଗୋବିନ୍ଦ ହତ୍ୟା କରିବା ପରେ ଯେଉଁ ଲୋକ ସହ ୨ ମିନିଟ୍ କଥା ହୋଇଛନ୍ତି ସେ କିଏ ବୋଲି ଦେବାଶିଷ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ। ସୁପ୍ରିମକୋର୍ଟ ଯେପରି ଲକ୍ଷୀମପୁର ଖେରି ଘଟଣାରେ ନିଜ ଆଡୁ ହସ୍ତକ୍ଷେପ କରିଥିଲେ, ସେହିପରି ହାଇକୋର୍ଟ ଏହି ସ୍ପର୍ଶକାତର ଘଟଣାର ବିଚାରକୁ ନିଜ ଆଡୁ ଆରମ୍ଭ କରି କୋର୍ଟ ପରିଚାଳିତ ତଦନ୍ତ ପାଇଁ ଦେବାଶିଷ ନିବେଦନ କରିଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ।

# ତୁରନ୍ତ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ହଟାଅ: ନୀତା ଡିସୁଜା

**ପୀଡ଼ିତାଙ୍କ ପରିବାରକୁ ଭେଟିଲେ ଜାତୀୟ କଂଗ୍ରେସ ମହିଳା ସଭାନେତ୍ରୀ**

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୪।୧୦ (ଡି.ଏନ୍.ଏ.)

ମମିତା ମେହେର ହତ୍ୟା ଘଟଣା ଏବେ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ହେଲାଣି। ରବିବାର ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ନୀତା ଡିସୁଜା ମମିତାଙ୍କ ତୁରେକେଲା ବ୍ଲକ ଝରଣୀ ଗାଁରେ ପହଞ୍ଚି ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଏହି ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି କଥା ଉଠିଛି। ଯଦି ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଏମିତି ହେବେ ତେବେ ରାଜ୍ୟବାସୀ କେମିତି ସୁରକ୍ଷିତ ରହିବେ ବୋଲି ସେ ଗଣମାଧ୍ୟମ ସମ୍ମୁଖରେ ପ୍ରଶ୍ନ କରିଥିଲେ। ଯେଉଁ ଶିକ୍ଷାନୁଷ୍ଠାନରେ ମମିତା ପାଠ ପଢାଉଥିଲେ ସେଠାରେ ଚାଲିଥିବା ଖରାପ କାମକୁ ବିରୋଧ କରିବାରୁ ତାଙ୍କୁ ହତ୍ୟା କରାଯାଇଛି। ପୂର୍ବରୁ ମଧ୍ୟ ଏଠାରେ ଜଣେ ଝିଅଙ୍କୁ ବଳାତ୍କାର କରାଗଲା ଏବଂ ଟ୍ରାକ୍ଟର ଚପାଇ ମାରି ଦିଆ ଯାଇଥିବା ଖବର ମିଳୁଛି। ସେତେବେଳେ ପୋଲିସକୁ ଅଭିଯୋଗ କରିବାକୁ ଯାଇଥିବା ଲୋକଙ୍କୁ ଥାନାରେ ବନ୍ଦ କରିଦିଆଯାଇଥିଲା। ଓଡ଼ିଶାରେ ଏହା କିଭଳି ଶାସନ ଚାଲିଛି, ଆମେ କ’ଣ ଜଙ୍ଗଲରାଜରେ ବଞ୍ଚୁଛୁ କି ବୋଲି ସେ ପ୍ରଶ୍ନ କରିଥିଲେ। ମମିତା ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ହେଲେ ସର୍ବପ୍ରଥମେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର କରାଯାଉ ଏବଂ ଗିରଫ କରାଯାଉ ବୋଲି ସଭାନେତ୍ରୀ ଡିସୁଜା ଦାବି କରିଥିଲେ।



ସର୍ବଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ନୀତା ଡିସୁଜା ଓ ଅନ୍ୟମାନେ ଝରଣୀ ଗାଁରେ ଶୋଭାଯାତ୍ରାରେ ପୀଡିତାଙ୍କ ପରିବାରବର୍ଗଙ୍କୁ ଭେଟିବାକୁ ଯାଉଛନ୍ତି।

# ମମିତାଙ୍କୁ ପୋତିଥିବା ସ୍ଥାନ ଦେଖିଲେ ଡିସୁଜା

**ଅଖିଳ ଭାରତୀୟ ମହିଳା କଂଗ୍ରେସ ଦଳର ମହାଲିଙ୍ଗ ଗସ୍ତ**

ଗୋଲାମୁଣ୍ଡା,୨୪।୧୦(ଡି.ଏନ.ଏ.)

ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ରବିବାର ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ନିତା ଡିସୁଜାଙ୍କ ଅଧକ୍ଷତାରେ ଏକ କଂଗ୍ରେସ ଟିମ୍ ମହାଲିଙ୍ଗ ଷ୍ଟାଡିୟମକୁ ଗସ୍ତ କରିଥିଲେ। ଅପରାହ୍ନ ୪. ୪୦ ମିନିଟରେ ପହଞ୍ଚି ଷ୍ଟାଡିୟମ ପରିସରରେ ପ୍ରାୟ ୨୦ ମିନିଟ ରହି ମମିତାଙ୍କୁ ଯେଉଁଠାରେ ପୋତା ଯାଇଥିଲା ତାର ଅନୁଧ୍ୟାନ କରିଥିଲେ। କଂଗ୍ରେସ ସଭାନେତ୍ରୀ ନିତା ଡିସୁଜା ରାଜ୍ୟ ପୋଲିସ ତଦନ୍ତ ପକ୍ରିୟାରେ ସନ୍ତୁଷ୍ଟ ନ ଥିବା କହିଥିବା ବେଳେ ସିବିଆଇ ଯାଞ୍ଚ ହେଲେ ଏହା ପ୍ରକୃତ ଘଟଣା ଜଣାପଡିବ ଓ ଏହାର ପଛରେ ଥିବା ବଡ ବଡ ଲୋକେ ଧରା ପଡିବେ ବୋଲି କହିଥିଲେ।

# ଆଜି ସରିବ ରିମାଣ୍ଡ, କୋର୍ଟରେ ହାଜର ହେବେ ଗୋବିନ୍ଦ

ବଲାଙ୍ଗୀର ଅଫିସ, ୨୪।୧୦

ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ବଲାଙ୍ଗୀର ପୋଲିସ ୫ ଦିନିଆ ରିମାଣ୍ଡରେ ଆଣିଥିଲା। ସୋମବାର ତାଙ୍କ ରିମାଣ୍ଡ ଅବଧି ଶେଷ ହେବ। ଏହା ପରେ ତାଙ୍କୁ ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯିବ ବୋଲି ଜଣାପଡିଛି। ଇତି ମଧ୍ୟରେ ପୋଲିସ ଗୋବିନ୍ଦଙ୍କଠାରୁ ତାଙ୍କ ଆପରାଧିକ କଳା କାରନାମାର ସମସ୍ତ ଚିଠା ଆଦାୟ କରିବାକୁ ଚେଷ୍ଟା କରିଛି। ତାଙ୍କୁ ଘଟଣାସ୍ଥଳକୁ ନେଇ ହତ୍ୟାକାଣ୍ଡର ସିନ୍ ରିକ୍ରିଏଟ୍ ପାଇଁ ଡେମୋ ଦେଖାଇବାକୁ କହିଥିଲା ପୋଲିସ। ଆଉ ଏସବୁର ସମସ୍ତ ବିବରଣୀକୁ ରେକର୍ଡିଂ କରାଯାଇଥିଲା। ଏହାପରେ ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡିକୁ ଗିରଫ କରାଯାଇଥିଲା। ମମିତାଙ୍କୁ ହତ୍ୟା କରିବା ପରେ ମହାଲିଙ୍ଗ ଷ୍ଟାଡିୟମରେ କିଭଳି ପୋଡି ପୋତିଥିଲେ, ଏଥିରେ ରାଧେଶ୍ୟାମ କିଭଳି ସହାୟତା କରିଥିଲେ ଓ କିଭଳି ଉଭୟେ ମିଶି ସମସ୍ତ ପ୍ରମାଣ ନଷ୍ଟ କରିଥିଲେ ସେନେଇ ପୋଲିସକୁ ଗୋଟି ଗୋଟି କରି ଗୋବିନ୍ଦ ସୂଚନା ଦେଇଥିଲେ। ରିମାଣ୍ଡ ଅବଧି ଭିତରେ ପୋଲିସକୁ ଅନେକ ଠୋସ୍ ପ୍ରମାଣ ମିଳିଥିବା କୁହାଯାଇଛି। ଆବଶ୍ୟକ ପଡିଲେ ଗୋବିନ୍ଦ ଓ ସହଯୋଗୀ ରାଧେଶ୍ୟାମଙ୍କୁ ମଧ୍ୟ ରିମାଣ୍ଡରେ ଅଣାଯିବ ବୋଲି ଡିଆଇଜି ଦୀପକ କୁମାର କହିଛନ୍ତି।



ଗୋବିନ୍ଦ ସାହୁ

# ସେକ୍ସ ର୍ୟାକେଟ୍ ଚର୍ଚ୍ଚା: ପିପୁଲ୍‌ସ କମିଟିର ତଦନ୍ତ ଦାବି

ଭବାନୀପାଟଣା,୨୪।୧୦(ସ୍ୱ.ପ୍ର.)

ମହାଲିଙ୍ଗ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ମାମଲାକୁ ନେଇ ରବିବାର ସନ୍ଧ୍ୟାରେ କଳାହାଣ୍ଡି ପିପୁଲସ କମିଟି ପକ୍ଷରୁ ଭବାନୀପାଟଣାଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୀଡ଼ିତାକୁ ନ୍ୟାୟ ପ୍ରଦାନ ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରାଯାଇଛି। ସେହିପରି ମହାଲିଙ୍ଗ କଲେଜ ଓ ସ୍କୁଲରେ ସେକ୍ସ ର୍ୟାକେଟ୍ ଚାଲିଥିବା ନେଇ ଚର୍ଚ୍ଚାର ନିରପେକ୍ଷ ତଦନ୍ତ ହେଉ। ଓ ଗଣମାଧ୍ୟମ ଖବର ପ୍ରସାରଣରେ ଯତ୍ନବାନ ହେଉ। କାରଣ ଗୋଟିଏ ଶିକ୍ଷାନୁଷ୍ଠାନରେ ସେକ୍ସ ର୍ୟାକେଟ୍‌ର ଖବର ପ୍ରସାରଣ ହଜାର ହଜାର ଛାତ୍ରୀଛାତ୍ରଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଛି ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ବୁଦ୍ଧିଜୀବୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ମମିତାଙ୍କ ପରିବାରକୁ ପୋଲିସ ଦେଲା ଅସ୍ଥି କଳସ

ବଲାଙ୍ଗୀର ଅଫିସ, ୨୪।୧୦

ବୀଭତ୍ସ ହତ୍ୟାକାଣ୍ଡର ଶିକାର ହୋଇଥିବା ମମିତା ମେହେରଙ୍କ ପରିବାରକୁ ବଲାଙ୍ଗୀର ପୋଲିସ ପକ୍ଷରୁ ମମିତାଙ୍କ ଅସ୍ଥି କଳସ ପ୍ରଦାନ କରାଯାଇଛି। ବଲାଙ୍ଗୀର ରିର୍ଜଭ ପୋଲିସ ବାରାକ୍‌ରେ ଶନିବାର ଅପରାହ୍ନରେ ମମିତାଙ୍କ ମାତାପିତା, ଭାଇ ଓ ବଡବାପା ଡିଆଇଜି ଡା. ଦୀପକ କୁମାର ଓ ଏସ୍‌ପି ନୀତିନ କୁଶଲକରଙ୍କୁ ଭେଟିଥିଲେ। ସେଠାରେ କଳାହାଣ୍ଡି ଜିଲା ମହାଲିଙ୍ଗ ଷ୍ଟାଡିୟମ ଗାତରୁ ଉଦ୍ଧାର କରାଯାଇଥିବା ଏକ ସୁନାଚେନ୍ ଏବଂ ଏକ ପାଉଁଜି ମମିତାଙ୍କର ବୋଲି ତାଙ୍କ ମା’ ଚିହ୍ନିଥିଲେ। ଏହାପରେ ପରିବାର ଲୋକେ ମହାଲିଙ୍ଗ ଷ୍ଟାଡିୟମ ଗାତରୁ ଉଦ୍ଧାର ମମିତାଙ୍କ ଅସ୍ଥିକୁ ପୋଲିସକୁ ମାଗିଥିଲେ। ଅସ୍ଥି ମିଳିଲା ପରେ ହିନ୍ଦୁ ରୀତିନୀତି ଆଧାରରେ ଗଙ୍ଗାନଦୀରେ ବିସର୍ଜନ କରିବେ ବୋଲି କହିଥିଲେ। ପୀଡତାଙ୍କ ପରିବାର ପକ୍ଷରୁ ଏଭଳି ଅନୁରୋଧ କରାଯିବା ପରେ ପୋଲିସ ପକ୍ଷରୁ ଏକ ମାଟି କଳସରେ ଅସ୍ଥି ରଖାଯାଇ ସେମାନଙ୍କୁ ପ୍ରଦାନ କରାଯାଇଥିବା ମମିତାଙ୍କ ପିତା ସୁଚନ୍ଦ୍ର ମେହେର ରବିବାର ଗଣମାଧ୍ୟମକୁ କହିଥିଲେ। ଏହି ଅବସରରେ ମମିତାଙ୍କ ବଡବାପା କୌଶିକ ମେହେର ଗଣମାଧ୍ୟମକୁ ସୂଚନା ଦେଇ ଶନିବାର ସନ୍ଧ୍ୟାରେ ଜିଲାପାଳ, ଡିଆଇଜି ଓ ଏସପିଙ୍କୁ ପରିବାର ସଦସ୍ୟମାନେ ଭେଟିଥିବା କହିଥିଲେ। ମମିତାଙ୍କ ମାତା ପୋଲିସ ଉଦ୍ଧାର କରିଥିବା ସୁନାଚେନ୍, ପାଉଁଜି ଚିହ୍ନଟ କରିବା ସହ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହଯୋଗୀ ରାଧେଶ୍ୟାମଙ୍କ ଘରୁ ମିଳିଥିବା ତିନିଯୋଡା ଝିଅପିଲାଙ୍କ ନୂଆଡ୍ରେସ୍, ମୋବାଇଲ ମମିତାଙ୍କ ନୁହେଁ ବୋଲି ଚିହ୍ନଟ କରିଥିବା ସୂଚନା ଦେଇଥିଲେ। ତେବେ ମମିତାଙ୍କ ବଡବାପା ଏକ ବ୍ୟାଗକୁ ଚିହ୍ନଟ କରାଯାଇଥିବା ସୂଚନା ଦେଇଥିଲେ। ଫାଷ୍ଟଟ୍ରାକ୍ କୋର୍ଟରେ ମମିତା ହତ୍ୟାକାଣ୍ଡର ବିଚାର ହେଉ ବୋଲି ପରିବାର ପକ୍ଷରୁ ଦାବି କରାଯାଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଡିଜିପିଙ୍କୁ ଦାବିପତ୍ର ଦେଇଥିବା ସେ ସୂଚନା ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ତଦନ୍ତରେ ଖୁସି ଅଛୁ ବୋଲି ବଡବାପା କୌଶିକ କହିଥିଲେ।



ମମିତାଙ୍କ ଅସ୍ଥି କଳସ ଧରିଛନ୍ତି ପିତା ସୁଚନ୍ଦ୍ର।

# ମନ୍ତ୍ରୀଙ୍କ ବାସଭବନ ଆଗରେ ପୋଲିସ-ଭାଜପା କର୍ମୀ ଧସ୍ତାଧସ୍ତି

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣାରେ ବିରୋଧୀ ଗ୍ରୁପ୍ ରହିବାର ନାଁ ନେଉନାହାନ୍ତି। ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ହଟାଇବା ଲାଗି ସବୁଦିନ ଭାଜପା ମହିଳା କର୍ମୀମାନେ ଆନ୍ଦୋଳନ ଓ ବିରୋଧ ପର୍ବ ଜାରି ରଖିଛନ୍ତି। ଶନିବାର ନବୀନ ନିବାସ ସମ୍ମୁଖରେ ମହିଳା ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯାଇଥିବା ବେଳେ ରବିବାର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବାସଭବନ ଭିତରକୁ ଧଶେଇ ପଶିବାକୁ ଉଦ୍ୟମ କରିଛନ୍ତି। ରାଜ୍ୟ ମହିଳା ମୋର୍ଚ୍ଚା ନେତୃତ୍ୱରେ ୧୨ ଜଣ ମହିଳା ମୋର୍ଚ୍ଚା କର୍ମୀ ଭାଜପା କାର୍ଯ୍ୟାଳୟଠାରୁ ଆସି ମନ୍ତ୍ରୀ ମିଶ୍ରଙ୍କ ବାସଭବନଠାରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଅଟକାଇ ଥିଲା। ମହିଳା ମୋର୍ଚ୍ଚା କର୍ମୀମାନେ ପୋଲିସକୁ ଠେଲି ମନ୍ତ୍ରୀଙ୍କ ବାସଭବନ ଭିତରକୁ ପଶିବାକୁ ଉଦ୍ୟମ କରିଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ହୋଇଥିଲା।



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବାସଭବନ ଆଗରେ ବିକ୍ଷୋଭ କରୁଥିବା ଭାଜପା ମହିଳା ମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୪୩,୫୪,୪୨୮ | ୪୯,୬୨,୮୬୦ | ୨୨,୧୩,୭୨,୫୬୨ |
| ଭାରତ | ୩,୪୧,୮୮,୨୨୯ | ୪,୫୪,୭୨୮ | ୩,୩୫,୫୭,୪୩୪ |
| ଓଡ଼ିଶା | ୧୦,୩୮,୪୧୧ | ୮୩୦୯(+୫୩) | ୧୦,୨୫,୯୧୭ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଡୁକୁମରେ ଆନ୍ଥ୍ରାକ୍ସ ଆତଙ୍କ: ଜଣେ ମୃତ

## ଗ୍ରାମରେ ଡାକ୍ତରୀ ଦଳ

କୋରାପୁଟ/ଲମତାପୁଟ, ୨୪।୧୦(ସ୍ୱ.ପ୍ର/ଡି.ଏନ.ଏ.)

କୋରାପୁଟ ଜିଲାର ଲମତାପୁଟ ବ୍ଲକ ଅଞ୍ଚଳରେ ଆନ୍ଥ୍ରାକ୍ସ ଆତଙ୍କ ଦେଖାଦେଇଛି। ଏଥିରେ ଜଳାହଞ୍ଜୀର ପଞ୍ଚାୟତର ଡୁକୁମ ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଅନ୍ୟ ଜଣେ ଗୁରୁତର ଅଛନ୍ତି।

ଗତ ୧୭ରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଏକ ଗାଈର ମୃତ୍ୟୁ ହୋଇଥିଲା। ପରେ ମୃତ ଗାଈର ମାଂସକୁ କେତେଜଣ ଗ୍ରାମବାସୀ ଖାଇଥିଲେ। କିଛି ଦିନ ପରେ ଗ୍ରାମର ଡମ୍ବରୁ କିର୍ସାନୀ, ମଦନ କିର୍ସାନୀ, ଧନପତି ପାଙ୍ଗିଙ୍କ ସହ କେତେକ ଗ୍ରାମବାସୀଙ୍କୁ ଜ୍ୱର ହୋଇ ସେମାନଙ୍କ ହାତ ଓ ପାପୁଲିରେ ଘା’ହେବା ସହ ଆନ୍ଥ୍ରାକ୍ସ ଲକ୍ଷଣ ଦେଖାଯାଇଥିଲା। ଶନିବାର ଗୁରୁତର ଅବସ୍ଥାରେ ଡମ୍ବରୁ କିର୍ସାନୀ ଲମତାପୁଟର


ଗ୍ରାମରେ ପହଞ୍ଚିଥିବା ଡାକ୍ତରୀ ଟିମ୍।

ଆଶାକିରଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ରବିବାର ସକାଳେ ମୃତ୍ୟୁ ହୋଇଯାଇଥିଲା। ଏହି ମୃତ୍ୟୁ ଆନ୍ଥ୍ରାକ୍ସଜନିତ ହୋଇଥିବା ସନ୍ଦେହ କରି ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁଜିତ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଡୁକୁମ ଗ୍ରାମକୁ ଯାଇଥିଲେ। ଗୁରୁତର ମଦନ କିର୍ସାନୀ(୪୨) ଓ ଧନପତି ପାଙ୍ଗି (୫୫)ଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଏମାନଙ୍କ ଚିକିତ୍ସା କରୁଛନ୍ତି। ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କ ରକ୍ତନମୁନା ସଂଗ୍ରହ କରାଯାଇଛି। ଗ୍ରାମବାସୀଙ୍କୁ ଆନ୍ଥ୍ରାକ୍ସର ଭୟାବହତା ସମ୍ପର୍କରେ ସଚେତନ କରାଯାଇଛି। ମୃତ ଡମ୍ବରୁଙ୍କ ସମେତ ଗୁରୁତର ମଦନ ଓ ଧନପତିଙ୍କ ରକ୍ତନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ଏହା ଆନ୍ଥ୍ରାକ୍ସ କି ନୁହେଁ ତାହା ସ୍ପଷ୍ଟ ହେବ ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି। ଧନପତିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବାରୁ ତାଙ୍କୁ ଘରକୁ ଛଡାଯାଇଛି। ମଦନ ଚିକିତ୍ସିତ ହେଉଛନ୍ତି। ଗ୍ରାମରେ ୧୦ରୁ ୧୨ ଜଣଙ୍କୁ ଜ୍ୱର ହେଉଥିବାରୁ ସେମାନଙ୍କ ସ୍ୱାବ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିବା ଡାକ୍ତର ମିଶ୍ର ସୂଚନା ଦେଇଛନ୍ତି।

# ଖାଇବା ତେଲ ଷ୍ଟକ୍ ନେଇ ଆଜି ସବୁ ରାଜ୍ୟ ସହ ବୈଠକ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ପେଟ୍ରୋଲ, ଡିଜେଲ ଦର ମହଙ୍ଗା ହେଉଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ଆକାଶ ଛୁଆଁ ହୋଇଛି। ଖାଇବା ତେଲ ଦର ନିୟନ୍ତ୍ରଣ ବାହାରେ। ଏହାର ଦର କମାଇବା ନେଇ କେନ୍ଦ୍ର ସରକାର ରବିବାର ରାଜ୍ୟଗୁଡ଼ିକୁ ପୁଣିଥରେ ଚିଠି ଲେଖିଛନ୍ତି। ଏହାଛଡ଼ା କ୍ଷମତା ଅନୁଯାୟୀ ୨ ମାସରୁ ଅଧିକ ଗଚ୍ଛିତ ନ ରଖିବାକୁ ପରାମର୍ଶ ଦିଆଯାଇଛି। ପୂଜା ଋତୁକୁ ଦୃଷ୍ଟିରେ ରଖି ଖାଇବା ତେଲ ଦର ହ୍ରାସ ନିମନ୍ତେ କେନ୍ଦ୍ର ସରକାର କଠୋର ପଦକ୍ଷେପ ନେଉଥିବା କୁହାଯାଇଛି। ସୋମବାର କେନ୍ଦ୍ର ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ (ଡିଏଫ୍‌ପିଡି) ଖାଇବା ତେଲ ଷ୍ଟକ୍ ସୀମା ଉପରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ବୈଠକ କରିବେ। ଏନେଇ ଡିଏଫ୍‌ପିଡି ସଚିବ ସୁଧାଂଶୁ ପାଣ୍ଡେଙ୍କ ପକ୍ଷରୁ ସବୁ ରାଜ୍ୟକୁ ପତ୍ର ଲେଖାଯାଇଛି। ଖାଉଟିଙ୍କୁ ଆଶ୍ୱସ୍ତି ପ୍ରଦାନ ଲାଗି ଖାଇବା ତେଲ ଦର ସୁଲଭ କରିବାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଛି। ଖାଇବା ତେଲ ଦର ସଂକ୍ରାନ୍ତରେ ଗତ ବଜେଟ ଅଧିବେଶନରେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, କେନ୍ଦ୍ର ଖାଇବା ତେଲ ଉପରୁ ଅଧିକ ଟିକସ ଆଦାୟ କରୁଛି। କେନ୍ଦ୍ର ସରକାର ଏହା ଉପରେ ୨୧% ଆମଦାନୀ ଶୁଳ୍କ ନେଉଥିବା ବେଳେ ୫% ଜିଏସ୍‌ଟି ଆଦାୟ କରୁଛି। ଏଣୁ ବର୍ଷସାରା ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ହୁଏ ଏବଂ ସେଠାକାର ଦର ଆମର ଏଠାରେ ଅନୁଭୂତ ହୋଇଥାଏ। ରାଜ୍ୟ ସରକାର ବଜାର ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତେଲର ଚାହିଦା କମିଛି, ହେଲେ ଦାମ୍ ବଢୁଛି। ତେଲ ଦର ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ଦାୟିତ୍ୱ। ଏଥିରେ ରାଜ୍ୟର କୌଣସି କର୍ତ୍ତୃତ୍ୱ ନାହିଁ ବୋଲି ରଣେନ୍ଦ୍ର କହିଥିଲେ।

## କେନ୍ଦ୍ର ସଚିବ ତାଲିକାରେ ଓଡ଼ିଶାର ଆଇଏଏସ୍ ଅଫିସର ଦମ୍ପତି



**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ):** ଓଡ଼ିଶା କ୍ୟାଡରର ଆଇଏଏସ୍ ଦମ୍ପତ୍ତି ଆରତୀ ଆହୁଜା ଓ ମନୋଜ ଆହୁଜାଙ୍କୁ କେନ୍ଦ୍ରରେ ସଚିବ ବା ସଚିବ ସମତୁଲ୍ୟ ର୍‍ୟାଙ୍କ୍ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। କେନ୍ଦ୍ରରେ ମୋଟ ୨୭ଜଣଙ୍କୁ ଏହି ର୍‍ୟାଙ୍କ୍‌ରେ ସାମିଲ କରାଯାଇଥିବା ବେଳେ ଓଡ଼ିଶାରୁ ଏହି ଦୁଇଜଣ ଥିବା ଜଣାପଡ଼ିଛି। ୧୯୯୦ ବ୍ୟାଚ୍‌ର ଏହି ଦୁଇ ଅଫିସର ଏବେ ସେଣ୍ଟ୍ରାଲ ଡେପୁଟେସନରେ ଅଛନ୍ତି। ଆରତୀ ଆହୁଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଥିବା ବେଳେ ମନୋଜ ଆହୁଜା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଚେୟାରମ୍ୟାନ ଅଛନ୍ତି।

## ୪ ମୃତକଙ୍କ ମଧ୍ୟରେ ୧୮ବର୍ଷୀୟ ଯୁବକ

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

ରାଜ୍ୟରେ ଜଣେ ୧୮ବର୍ଷୀୟ ଯୁବକଙ୍କ କରୋନାରେ ମୃତ୍ୟୁ ଘଟିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ ୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ କେନ୍ଦୁଝରରୁ ୨ଜଣ ଏବଂ କଳାହାଣ୍ଡି ଓ ଭୁବନେଶ୍ୱରରୁ ଜଣେ ଲେଖାଏ ରହିଛନ୍ତି। ତେବେ କେନ୍ଦୁଝରରୁ ମୃତ ଦୁଇ ମୃତକଙ୍କ ମଧ୍ୟରେ ଉକ୍ତ ଯୁବକ ରହିଛନ୍ତି। ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ନୂଆ ମୃତକଙ୍କୁ ମିଶାଇ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ୮,୩୦୯କୁ ବୃଦ୍ଧି ପାଇଛି। ସେହିପରି ୬୯୧୬୧ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୬ ଜିଲାରୁ ୪୪୭ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର

### କରୋନାରେ ଆଉ ୪୪୭ ଆକ୍ରାନ୍ତ

୦.୬୫% ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୭୮ଜଣ ୦ରୁ ୧୮ବର୍ଷ ବୟସର ଶିଶୁ ଓ କିଶୋର ରହିଛନ୍ତି। ଖୋର୍ଦ୍ଧା ଜିଲାରେ ସଂକ୍ରମଣ କମୁଥିବା ଜଣାପଡିଛି। ଗତ କିଛିଦିନ ହେବ ଦୈନିକ ପାଖାପାଖି ୨୫୦ ଆକ୍ରାନ୍ତ ହେଉଥିଲେ। କିନ୍ତୁ ଶେଷ ଦିନକରେ ଏହି ଜିଲାରେ ୧୮୦ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଫଳରେ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୩୮,୪୧୧କୁ ବୃଦ୍ଧି ପାଇଛି। ସେହିଭଳି ରବିବାର ୪୧୦ଜଣ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୧୦,୨୫,୯୧୭ରେ ପହଞ୍ଚିଛି।

## ବୁଡ଼ିଯିବାବେଳେ ସମୁଦ୍ରରୁ ୨ ପର୍ଯ୍ୟଟକ ଉଦ୍ଧାର

**ପୁରୀ ଅଫିସ, ୨୪।୧୦:** ସମୁଦ୍ରରେ ଗାଧୋଉଥିବା ସମୟରେ ଭାସି ଯାଉଥିବା ୨ଜଣ ପର୍ଯ୍ୟଟକଙ୍କୁ ରବିବାର ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ପର୍ଯ୍ୟଟକ ଦ୍ୱୟ ହେଲେ ଭଦ୍ରକ ଜିଲାର ଅଭିଷେକ ସାହୁ (୨୩) ଓ ପ୍ରକାଶ ନାଥ ସାହୁ (୨୫)। ସୂଚନା ଅନୁଯାୟୀ, ସେମାନେ ଅପରାହ୍ନ ପ୍ରାୟ ୨ଟାରେ ସେକ୍ଟର -୧ ତଥା ଦିଗବାରେଣୀ ଖୁଣ୍ଟି ନିକଟ ସମୁଦ୍ରରେ ଗାଧୋଉଥିଲେ। ପ୍ରାୟ ୨ଟା ୨୫ରେ ଲହଡ଼ି ମାଡରେ ଦୁହେଁ ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ଲାଇଫ ଗାର୍ଡ ତୁରନ୍ତ ସମୁଦ୍ର ମଧ୍ୟକୁ ଯାଇ ଉଭୟଙ୍କୁ ଉଦ୍ଧାର କରିଥିଲେ। ଦୁହେଁ ସୁସ୍ଥ ଥିବା ଜଣାପଡ଼ିଛି। ସେହିପରି

### ଅଚେତ ଅବସ୍ଥାରେ ଉଦ୍ଧାର ବ୍ୟକ୍ତିଙ୍କ ମୃତ୍ୟୁ

ସକାଳେ ଲାଇଫ ଗାର୍ଡ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଜଣେ ଅପରିଚିତ ବ୍ୟକ୍ତିଙ୍କୁ ବେଳାଭୂମିରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେକ୍ଟର ୫ ଗୋଲ୍ଡେନ ଟ୍ରି ସମ୍ମୁଖ ବେଳାଭୂମିରେ ଉକ୍ତ ବ୍ୟକ୍ତି ଜଣକ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ପାଟିରୁ ଫେଣ ବାହାରୁଥିଲା। ବ୍ୟକ୍ତି ଜଣକ ବିଷପାନ କରିଥିବା ସନ୍ଦେହ କରି ଅଗ୍ନିଶମ ବିଭାଗ ଏବଂ ଲାଇଫ ଗାର୍ଡମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



ଅସ୍ୱୀକରଣ : *ସବୁ ଲୋନ୍ସ ସମ୍ପୂର୍ଣ୍ଣ ରୂପେ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର ବିଚାରଧୀନ ଅଟେ । ନିୟମ ଓ ସର୍ତ୍ତାବଳୀର ବିବରଣୀ ପାଇଁ ଭିଜିଟ୍ କରନ୍ତୁ www.hdfc.com CIN: L70100MH1977PLC019916. HDFC2211-21 Odi



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଡୁଗୁ
ପରିବାରବର୍ଗ


ରିଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଇକ ହୋଇ ଚରଣ ଫାଟୁଆ,**
**ବଳଦ ହୋଇ ଚାଲଇ ମଠୁଆ,**
**ଗାୟକ ହୋଇ ତା କଣ୍ଠ ମୋଟୁଆ;**
**କହେ ଦନାଇ ଏ ହଟହଟୁଆ।**

ପଦାତିକ ତଥା ପିଆଦା ଶ୍ରେଣୀର ବ୍ୟକ୍ତିଙ୍କ କ୍ଷେତ୍ରରେ ପାଦ ଫାଟିବା ତାଙ୍କ ବୃତ୍ତି ପକ୍ଷେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ବଳଦ ମଠୁଆ ହେଲେ ଚାଷକାମ ଭଲ ବା ଠିକ ସେ ହୋଇପାରି ନ ଥାଏ। ସେହିପରି ଯିଏ ଗୀତ ଗାଏ ତାର କଣ୍ଠ ବା ଗଳା ମୋଟା ହୋଇଥିଲେ ତାଙ୍କ ଗୀତ ଶ୍ରୁତିମଧୁର ଲାଗି ନ ଥାଏ। ଏପରି ଅବସ୍ଥା ନିଜ ନିଜର ବୃତ୍ତିକୁ ଠିକ୍ ଢଙ୍ଗରେ ତୁଲାଇବା ଦିଗରେ ଅନ୍ତରାୟ ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପେଟ ପୋଷ**
**ନାହିଁ ଦୋଷ।**

ପେଟର କ୍ଷୁଧା ସହ୍ୟ କରିବା ଅତ୍ୟନ୍ତ କଷ୍ଟକର। ପେଟର ଭୋକ ଅନେକଙ୍କୁ ଭିନ୍ନ ଭିନ୍ନ ପନ୍ଥା ଆପଣେଇନେବାକୁ ବାଧ କରେ। ହାତ ଚଳୁଥିଲେ ଭାତ ମିଳିବାରେ ଅସୁବିଧା ରହି ନ ଥାଏ। ଅବାଟରେ ନ ଯାଇ ପେଟ ପୋଷିବା ପାଇଁ ଯେକୌଣସି ପ୍ରକାରର ବୃତ୍ତି ଗ୍ରହଣୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଆଜିର ମନ୍ତବ୍ୟ

"ଜମ୍ମୁ-କଶ୍ମୀରରେ ପ୍ରଥମେ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଓ ନିର୍ବାଚନ ପରେ ରାଜ୍ୟ ମାନ୍ୟତା ପ୍ରଦାନ ନିଷ୍ପତ୍ତି ଠିକ୍ ନୁହେଁ।

-ଗୁଲାମ ନବୀ ଆଜାଦ, କଂଗ୍ରେସ ନେତା



## classifieds Everyday 0674-2580101, 2549302







### SALE

**Duplex, book now just 1.7K.M. from NH-16 Puri Canal, Hanspal. Contact: 8763499150.** D-22026

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9776974912. D-21938

ମାସିକ ମାତ୍ର **7431/- ଟଙ୍କା** କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 7978998868. D-71711

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312.** D-71717

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71188

**Gharabari Patta, boundary plot sale at Jagannathdham, Puri immediately construction. 7008067338, 9090746445.** D-71725

Private plot sale Patrapada near DN Regalia Mall & Infocity-II, Bhubaneswar 999/- sqft., 9437335686, 7008487006. D-22040

Hi-Tech ପାଖରୁ 1.5 k.m. ମଞ୍ଚେଶ୍ୱର ନିକଟରେ sqft. 1800/-ରେ well developed ଘରବାରି ଜମି ବିକ୍ରି ହେଉଛି। Contact: 6371861161. D-22049

Ashirvaad Saloon and SPA get good massage for your health tha best therapy. 7077181074. D-71801

Newly open full body massage ladies and gents. 8327740003. D-71805

Newly open SPA positively health benefit with Expert. Contact: 7749976301. D-71187

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Refreshing your mind, your body with tha best therapy at Lotus SPA. 8018891951. D-71802

Refresh with relaxing massage by experienced Male/Female therapist. 7008773793. D-71428

### AFFIDAVIT

I, Pragyan Paramita Dash, R/o-Sadasivpur, Dhenkanal, Odisha have changed my minor child's name from Aneesha Rath to Aadriti Rath. D-22053



### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରତପର୍ଣ୍ଣାଙ୍କୁ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୨୪।୧୦ (କ୍ରୀଡ଼ା ପ୍ରତିନିଧି)


ରତପର୍ଣ୍ଣା ପଣ୍ଡା


ପ୍ୟାରୀ ଖାଖା


ସ୍ୱସ୍ତି ସିଂ

ଓଡ଼ିଶାର ପ୍ରତିଭାସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ଖେଳାଳି ରତପର୍ଣ୍ଣା ପଣ୍ଡା ଚଳିତ ବର୍ଷର ଏକଲବ୍ୟ ପୁରସ୍କାର ପାଇବେ। ରବିବାର ଅନୁଷ୍ଠିତ ଜୁରି କମିଟି ବୈଠକରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ରତପର୍ଣ୍ଣାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ଚୟନ କରାଯାଇଛି। ଫେରୋ ଆଲଏଜ୍ କମ୍ପାନୀ ଇମ୍ପା ଦ୍ୱାରା ପରିଚାଳିତ ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ଦ୍ୱାରା ୧୯୯୩ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଓ ଫୁଟବଲ ତାରକା ପ୍ୟାରୀ ଖାଖାଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି।

ରତପର୍ଣ୍ଣା ୨୦୧୯ରୁ ୨୦୨୧ ମଧ୍ୟରେ ବହୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦେଶର ପ୍ରତିନିଧିତ୍ୱ କରି ସୁନାମ ଅର୍ଜନ କରିଛନ୍ତି। ତେଣୁ ନିର୍ଦ୍ୱିଦ୍ୱରେ ତାଙ୍କୁ ଏକଲବ୍ୟ ପୁରସ୍କାର ପାଇଁ ମନୋନୟନ କରାଯାଇଥିଲା। କୋଭିଡ୍ କଟକଣା ନିୟମ ପାଳନ ସହ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ୫ ଲକ୍ଷ ଟଙ୍କା ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯିବ। ସ୍ୱସ୍ତି ଓ ପ୍ୟାରୀଙ୍କୁ ୫୦ ହଜାର ଲେଖାଏ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। କ୍ରୀଡ଼ା କ୍ଷେତ୍ରରେ ଗତ ୨ ବର୍ଷର ଉଲ୍ଲେଖନୀୟ ପ୍ରଦର୍ଶନକୁ ଦୃଷ୍ଟିରେ ରଖାଯାଇ ଇମ୍ପାକ୍ଟ ପକ୍ଷରୁ ପୁରସ୍କାର ବିଜେତାଙ୍କୁ ଚୟନ କରାଯାଇ ଆସୁଛି। "ଏହି ପୁରସ୍କାର ମାଧ୍ୟମରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍‌ମାନଙ୍କୁ

### ସ୍ୱସ୍ତି ସିଂ, ପ୍ୟାରୀ ଖାଖା ସମ୍ବର୍ଦ୍ଧିତ ହେବେ

ଉତ୍ସାହିତ କରିବା ହେଉଛି ଆମର ମୂଳ ଲକ୍ଷ୍ୟ। ଫଳରେ ସେମାନେ ଉନ୍ନତ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶ ପାଇଁ ସୁନାମ ଅର୍ଜନ କରିପାରିବେ। କ୍ରୀଡ଼ା ବ୍ୟତୀତ ସାହିତ୍ୟ, କଳା, ସ୍ଥାପତ୍ୟ ଓ ସ୍ୱାସ୍ଥ୍ୟସେବା ଆଦିକୁ ମଧ୍ୟ ପ୍ରୋତ୍ସାହନ କରାଯାଇ ଆସୁଛି" ବୋଲି ପୁରସ୍କାର ବିଜେତାଙ୍କ ନାମ ଘୋଷଣା ଅବସରରେ ଇମ୍ପାକ୍ଟର ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟି ଅଧକ୍ଷ ବୈଜୟନ୍ତ ପଣ୍ଡା ପ୍ରକାଶ କରିଛନ୍ତି।

## ଆଜିଠୁ ଖୋଲିବ...

କରାଇବେ। ସମସ୍ତ ଛାତ୍ରୀଛାତ୍ରଙ୍କ ଫଳାଫଳକୁ ଲିପିବଦ୍ଧ କରାଯିବ ଏବଂ ପରେ ଏହାର ବିଶ୍ଳେଷଣ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ସେହିଭଳି ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପ୍ରଥମେ ଉଭୟ ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଥିବା ସହଜ ବିଷୟବସ୍ତୁ ପଢ଼ାଯିବ। ପ୍ରତିଦିନ ପ୍ରଧାନଶିକ୍ଷକ ସ୍କୁଲ ପାଠପଢ଼ା ସରିବା ପରେ ଶିକ୍ଷକଙ୍କୁ ନେଇ ୩୦ମିନିଟ୍‌ର ଏକ ବୈଠକ କରି ପାଠପଢ଼ାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବେ। ତେବେ ସ୍କୁଲ ଆସିବା ପାଇଁ କାହାକୁ ବାଧ୍ୟତାମୂଳକ କରାଯିବ ନାହିଁ। ଅଭିଭାବକଙ୍କ ଅନୁମତିରେ ପିଲାମାନେ ସ୍କୁଲ ଆସିବେ, ନଚେତ୍ ଅନ୍‌ଲାଇନ୍ ପଢ଼ିବେ।

## ଗୋବିନ୍ଦଙ୍କ ପାଇଁ ...

ପ୍ରକଳ୍ପ ସମ୍ପର୍କରେ ଆପତ୍ତି ଉଠାଇଥିଲେ। ୨୦୧୨-୧୩ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୯ ଲକ୍ଷ ଟଙ୍କାରେ ଗୋବିନ୍ଦଙ୍କ ଘରୋଇ କଲେଜ ପାଇଁ ଛାତ୍ରୀ ନିବାସର ଲନ୍, ସାଇଡ୍ ୱାଲ, କରିଡର ଓ ଯୁକ୍ତ ୨ କଲେଜ ଲନ୍ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ସେହିପରି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨୦୧୧-୧୨ରେ ମଧ୍ୟ ଡିଭୋଲ୍ୟୁଶନ ପାଣ୍ଠିରୁ ଗୋବିନ୍ଦଙ୍କ କଲେଜକୁ ୪ ଲକ୍ଷ ଟଙ୍କାର ରାସ୍ତା ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ଏହି ୩ଟି ପ୍ରକଳ୍ପ ଉପରେ ସିଏଜି ଆପତ୍ତି ଉଠାଇ ଏହା କିଭଳି ସମ୍ଭବପର ବୋଲି ସରକାରଙ୍କୁ ପ୍ରଶ୍ନ କରିଥିଲେ। ମାତ୍ର ସିଏଜିଙ୍କ ଏହି ତାଗିଦ୍ ଫଳପ୍ରଦ ହୋଇ ନ ଥିଲା। ଗୋବିନ୍ଦ ସେବେଠୁ ପ୍ରତିବର୍ଷ ପ୍ରାୟ ବିଭିନ୍ନ ସରକାରୀ ଯୋଜନାରେ ନିଜର ଶିକ୍ଷାନୁଷ୍ଠାନ ପାଇଁ ବ୍ୟାପକ ଅର୍ଥ ହାତେଇଛନ୍ତି। କଲେଜ ଛାତ୍ରୀ ନିବାସକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ୨୦୧୯-୨୦ରେ ସୋଲାର ପମ୍ପ ସଂଯୁକ୍ତ ପ୍ରକଳ୍ପ ନିମନ୍ତେ ୫.୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ୨୦୧୬-୧୭ରେ ଯୁକ୍ତ ୨ କଲେଜର ଅତିରିକ୍ତ କ୍ଲାସ ରୁମ୍ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କାର ଅନୁଦାନ ଆବଣ୍ଟନ ହୋଇଥିଲା। ୨୦୨୧-୨୨ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ଗୋବିନ୍ଦଙ୍କ ଶିକ୍ଷାନୁଷ୍ଠାନକୁ ଦିଆଯାଇଛି। ସିଏଜିଙ୍କ ଆପତ୍ତି ସତ୍ତ୍ୱେ ଏକ ଘରୋଇ କଲେଜ ଛାତ୍ରୀ ନିବାସକୁ କିଭଳି ଏତେ ପରିମାଣର ଅନୁଦାନ ଦିଆଯାଉଥିଲା ତାହାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠୁ ବଡ଼କଥା ହେଲା ଗୋବିନ୍ଦ ଯେଉଁ ପ୍ରାୟ ୧୫ ଏକର ଜମିରେ ସ୍କୁଲ ଓ କଲେଜ ସ୍ଥାପନ କରିଛନ୍ତି, ତାହା (କୋଠା ଓ ଅନ୍ୟାନ୍ୟ) ସବୁ ସରକାରୀ ଅନୁଦାନରେ ହୋଇଛି।

### ଯୁକ୍ତ ୨ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାର ଫଳ ଶୂନ୍

ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୧୩ ଯୁକ୍ତ ୨ ପରୀକ୍ଷାରେ ଏହି କଲେଜରେ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ଏହି ତଦନ୍ତର ଫଳାଫଳ କ'ଣ ହେଲା ତାହା କେହି ଜାଣିଲେ ନାହିଁ। ଓଲଟା ଏହି କଲେଜ ପାଇଁ ସରକାର ଅତ୍ୟନ୍ତ ଦୟାବାନ ହୋଇ ସେଠାରେ ସବୁ ପ୍ରକାରର ଆନୁଷଙ୍ଗିକ ସୁବିଧା କରିଛନ୍ତି, ଯାହାକି କୌଣସି ସରକାରୀ କଲେଜରେ ବି କ୍ୱଚିତ୍ ଦେଖିବାକୁ ମିଳିଥାଏ। ଅନ୍ୟପକ୍ଷରେ ଗୋବିନ୍ଦଙ୍କ ସହ ମନ୍ତ୍ରୀ ମିଶ୍ରଙ୍କ ଘନିଷ୍ଠତାକୁ ନେଇ ନାନା ଆଲୋଚନା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। କିଛିଦିନ ହେଲା ମନ୍ତ୍ରୀ ମିଶ୍ରଙ୍କୁ ବରଖାସ୍ତ ଦାବିରେ ଉଭୟ ଭାଜପା ଓ କଂଗ୍ରେସ ଜୋରଦାର ଆନ୍ଦୋଳନ କରୁଥିବାବେଳେ ତାହା ନିଷ୍ଫଳ ରହିଛି।

## ସରକାରୀ ଅନୁଦାନର ...

ମଞ୍ଜୁର କରିଥିବା ଜଣାପଡ଼ିଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ତତ୍କାଳୀନ କଳାହାଣ୍ଡି ଏମ୍‌ପି ଭକ୍ତ ଚରଣ ଦାସ ୨୦୧୦-୧୧ରୁ ୨୦୧୨-୧୩ ପର୍ଯ୍ୟନ୍ତ ଏମ୍‌ପି ଲ୍ୟାଡ୍ କଲେଜର ୭ଟି ପ୍ରକଳ୍ପ ପାଇଁ ୩୬ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ସେହିପରି ୨୦୧୭-୧୮ରେ ତତ୍କାଳୀନ କଳାହାଣ୍ଡି ଏମ୍‌ପି ଅର୍କକେଶରୀ ଦେଓ ସାଂସଦ ପାଣ୍ଠିରୁ କଲେଜର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଦେଇଥିବା ସୂଚନା ଫଳକରୁ ଦେଖିବାକୁ ମିଳେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଏମ୍‌ପି, ବିଧାୟକ ଓ ସ୍ପେଶାଲ ଡେଭଲପମେଣ୍ଟ ପାଣ୍ଠିକୁ

ପ୍ରଥମ ପୃଷ୍ଠାରୁ...

ମିଶାଇ ପ୍ରାୟ ଦେଢ଼ରୁ ୨ କୋଟି ଟଙ୍କାର ସରକାରୀ ଅନୁଦାନ ପାଇବାରେ ଗୋବିନ୍ଦ ସକ୍ଷମ ହୋଇଥିବା ଜଣାପଡ଼ିଛି।

## ବୁଝାମଣା ଚେଷ୍ଟା ...

ଜୁଡିସିଆଲ କନ୍‌ଫେସନ୍ ପୋଲିସ କରାଇ ନାହିଁ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ପୋଲିସ ଏ ପର୍ଯ୍ୟନ୍ତ ତାହା କରିନାହିଁ। ପୋଲିସ ଆଗରେ ଗୋବିନ୍ଦ ଦୋଷ ସ୍ୱୀକାର କରିଥିବା ଯାହା କୁହାଯାଉଛି, ତା'ର ମୂଲ୍ୟ କିଛି ନାହିଁ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନିଜେ ସମସ୍ତ ତଥ୍ୟର ତର୍ଜମା କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜୟ କହିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ମନ୍ତ୍ରୀ ମିଶ୍ରଙ୍କୁ ବହିଷ୍କାର କରିବା ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ। ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନା ନାହିଁ, ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯିବ କି ନାହିଁ ମୁଖ୍ୟମନ୍ତ୍ରୀ ସେକଥା ସ୍ପଷ୍ଟ କରନ୍ତୁ। ଘରୋଇ ଅନୁଷ୍ଠାନକୁ ସରକାରୀ ଅନୁଦାନ, ପଶ୍ଚିମ ଓଡ଼ିଶା ବିକାଶ ପାଣ୍ଠିରୁ ଅର୍ଥ କେମିତି ଦିଆଗଲା ତା'ର ଉତ୍ତର ଦିଅନ୍ତୁ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିକୁ ଉକ୍ତ କଲେଜରେ ଖର୍ଚ୍ଚ ହୋଇଥିବା ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି। ମନ୍ତ୍ରୀଙ୍କ ନାଁରେ ମମିତାଙ୍କ ପରିବାରବର୍ଗ ମଧ୍ୟ ଅଭିଯୋଗ କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ କିଛି ନ ଜାଣିବା ଭଳି ନୀରବ ରହୁଛନ୍ତି। ମାହାଙ୍ଗା ଡବଲ ମର୍ଡର, ପରୀ ଓ ମମିତା ହତ୍ୟା ପ୍ରସଙ୍ଗରେ ମନ୍ତ୍ରୀମାନଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆସିବା ସତ୍ତ୍ୱେ ପୋଲିସ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଆଗାମୀ ଦିନରେ ଏହି ପ୍ରତିବାଦକୁ ଆହୁରି ଶାଣିତ କରାଯିବ ବୋଲି ସମୀର କହିଛନ୍ତି। ବିଜୟଙ୍କ ନାଁ ନ ନେଇ ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ବରିଷ୍ଠ ଭାଜପା ନେତା ଯେଉଁ ପ୍ରସଙ୍ଗ ଉଠାଇଛନ୍ତି ତାହା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଭିତ୍ତିହୀନ। ପୋଲିସ୍ ତଦନ୍ତରେ କୌଣସି ହେଳା କରୁନାହିଁ। ଏହି ଘଟଣାର ତଦନ୍ତ ଜଣେ ବରିଷ୍ଠ ପୋଲିସ୍ ଅଧିକାରୀ ଚଳାଇଛନ୍ତି। କେନ୍ଦ୍ରରେ ଏନ୍‌ଆଇଏରେ କାର୍ଯ୍ୟ କରିବାର ତାଙ୍କର ମଧ୍ୟ ଅଭିଜ୍ଞତା ରହିଛି। ଉଭୟ ଦଳର ନେତା ଏବେ ମହାଲିଙ୍ଗ କଲେଜ ପ୍ରସଙ୍ଗରୁ ରାଜନୈତିକ ଫାଇଦା ନେବାକୁ ବିଭିନ୍ନ ପ୍ରକାର ମନଗଢ଼ା କଥା କହୁଥିବାରୁ ଏହା କେବଳ ତଦନ୍ତକୁ ବାଟବଣା କରୁନାହିଁ, ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ର ଓ ବରିଷ୍ଠ ଅଧ୍ୟାପକଙ୍କୁ ମଧ୍ୟ ବଦ୍‌ନାମ କରୁଛି। ରାଜ୍ୟବାସୀ ଏହି ଘଟଣା ଉପରେ ନଜର ରଖିଥିବାରୁ ଗଣମାଧ୍ୟମରେ ନିଜ ନିଜର ସ୍ଥିତି ଜାହିର ପାଇଁ ଏଭଳି ଉଦ୍ଭଟ ମନ୍ତବ୍ୟ ନ ଦେବାକୁ ଲେନିନ୍ ଅନୁରୋଧ କରିଛନ୍ତି।

## ଫେରାର ପଛରେ ...

ପୋଲିସ ବାରାକ୍‌ରୁ ସେ ଫେରାର ହେବା ଘଟଣାକୁ ଏଯାଏ ଲୋକେ ବିଶ୍ୱାସ କରୁନାହାନ୍ତି। ସେଠାରୁ ପ୍ରାୟ ୩୦ କିଲୋମିଟର ଦୂର ବୁଢ଼ୀପଦର ସ୍ଥିତ ତାଙ୍କ ଜଣେ ଭଉଣୀ ଘରେ ଗୋବିନ୍ଦ ପହଞ୍ଚି ଏକ ଆଖୁ କିଆରିରେ ଦୁଇ ରାତି ରହିଥିଲେ। ମୋବାଇଲ ଟ୍ରାକିଂରୁ ଗତ ୧୯ ତାରିଖ ଅପରାହ୍ନରେ ଗୋବିନ୍ଦଙ୍କୁ ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ଧରାଗଲା ବୋଲି ଜଣାପଡିବା ପରେ ପୋଲିସର ବିଶ୍ୱସନୀୟତା ପ୍ରତି ପ୍ରଶ୍ନ ଉଠିଥିଲା। ମୋବାଇଲ ଟ୍ରାକିଂରୁ ଧରାପଡିବା ଜଣାପଡିବା ପରେ ଗୋବିନ୍ଦଙ୍କୁ କିଏ ମୋବାଇଲ ଦେଇଥିଲା ତାହା ଏବେ ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି। ପୂର୍ବରୁ ପୋଲିସ କହିଥିଲା ଯେ ଗୋବିନ୍ଦଙ୍କ ମୋବାଇଲକୁ ଜବତ କରିଥିଲା। ଜବତ ସତ୍ତ୍ୱେ ଗୋବିନ୍ଦଙ୍କୁ କିଏ ମୋବାଇଲ ଦେଲା ଓ ସେ ଉକ୍ତ ମୋବାଇଲରେ କାହା ସହ କଥା ହୋଇଥିଲେ ସେ ସମ୍ପର୍କରେ ପୋଲିସ କିଛି ବି ସୂଚନା ଦେଉନାହିଁ। ଯଦି ପୋଲିସ କର୍ମଚାରୀମାନେ ତାଙ୍କୁ ଫେରାର କରିବାରେ ସହାୟତା କରିଥିଲେ ତେବେ ଫେରାର ଅବଧିରେ ସେ କ'ଣ କରିଛନ୍ତି ତାହାର ତଦନ୍ତ ହୋଇଛି କି ନା ଜଣାପଡିନାହିଁ। ଏଦିଗକୁ ଅଧିକ ତଦନ୍ତ କରାଗଲେ ଅନେକ ଘଟଣା ଉପରୁ ପର୍ଦ୍ଦା ହଟିବ ବୋଲି ଆଲୋଚନା ହେଉଛି।

## ୫ମ ଦିନ ପାଇଁ ପେଟ୍ରୋଲ, ...

ଅପରପକ୍ଷରେ ରାଜ୍ୟରେ ସର୍ବାଧିକ ତୈଳ ଦର ମାଲକାନଗିରିରେ ପେଟ୍ରୋଲ ୧୧୪.୧୩ ଟଙ୍କା ଥିବାବେଳେ ଡିଜେଲ ୧୧୦.୪୭ ଟଙ୍କାରେ କାରବାର ହେଉଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସାରାଦେଶରେ ଲଗାତର ୫ମ ଦିନ ପାଇଁ ତୈଳ ଦର ବୃଦ୍ଧି ଘଟିଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୩୫ ପଇସା ବୃଦ୍ଧି ଘଟିଥିବା ତୈଳ ନିଗମ ପକ୍ଷରୁ ସୂଚନା ମିଳିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୬.୩୨ ଟଙ୍କା ଏବଂ ପେଟ୍ରୋଲ ୧୦୭.୫୯ ଟଙ୍କାରେ ପହଞ୍ଚିଛି। ଗତ ୫ସପ୍ତାହ ମଧ୍ୟରେ ଦିଲ୍ଲୀରେ ପେଟ୍ରୋଲ ୬.୪୦ ଟଙ୍କା ଏବଂ ଡିଜେଲ ୭.୭୦ ଟଙ୍କା ବଢ଼ିଥିବା ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୩୪ରୁ ୩୮ ପଇସା ବଢ଼ି ଯଥାକ୍ରମ ୧୦୦.୫୯ ଟଙ୍କା, ୯୯.୪୩ ଟଙ୍କା ଏବଂ ୧୦୪.୩୮ ଟଙ୍କାରେ ରହିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୩୦ରୁ ୩୪ ପଇସା ବଢ଼ି ଯଥାକ୍ରମେ ୧୦୪.୫୨ ଟଙ୍କା, ୧୦୮.୧୧ଟଙ୍କା ଏବଂ ୧୧୩.୪୬ ଟଙ୍କାରେ ରହିଛି। ସାରା ଦେଶରେ ସର୍ବାଧିକ ତୈଳ ଦର ରାଜସ୍ଥାନରେ ପେଟ୍ରୋଲ ଲିଟର ପିଛା ୧୧୯.୭୯ ଟଙ୍କା ଥିବାବେଳେ ଡିଜେଲ ୧୧୦.୬୩ଟଙ୍କାରେ କାରବାର ହେଉଛି ବୋଲି ସୂଚନା ମିଳିଛି। ଗତ କିଛିଦିନ ହେବ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆଶାତୀତ ଭାବେ ବୃଦ୍ଧି ପାଉଛି; ଯାହାର ପ୍ରଭାବ ଭାରତ ବଜାର ଉପରେ ପଡୁଛି ବୋଲି ତୈଳ କମ୍ପାନୀ ଓ କେନ୍ଦ୍ର ସରକାର ମତ ଦେଇଆସୁଛନ୍ତି। ହେଲେ ଯେତେବେଳେ ଅଶୋଧିତ ତେଲର ମୂଲ୍ୟ ହ୍ରାସ ପାଉଥିଲା ସେ ସମୟରେ ସରକାର କିଭଳି ଭାବେ ଦର ସ୍ଥିର ରଖିଥିଲେ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ଜିଏସ୍‌ଟି ମଧ୍ୟକୁ ତୈଳ ଦର କିପରି ଆସିବ ସେ ବିଷୟରେ ସରକାର ପୂର୍ବରୁ ଚିନ୍ତା କରିଥିଲେ ଦର ଆଜି ଏଭଳି ସ୍ଥିତିରେ ନ ଥାନ୍ତା ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ପେଟ୍ରୋଲ ଦରକୁ ଲୋକେ ଦେଶର ହିତ ପାଇଁ ସହ୍ୟ କରିପାରିବେ ହେଲେ ଡିଜେଲ ଦର ଅହେତୁକ ଭାବେ ବୃଦ୍ଧି ପାଇବା ଯୋଗୁ ତା'ର ପ୍ରଭାବ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ସାଙ୍ଗକୁ ପରିବହନ ସେବା ଉପରେ ପଡୁଛି। ଫଳରେ ସବୁବର୍ଗର ଲୋକ କରୋନା ମାନ୍ଦାବସ୍ଥା ସମୟରେ ଅତିରିକ୍ତ ଆର୍ଥିକ ବୋଝ ବହନ କରୁଛନ୍ତି ବୋଲି ଖାଉଟି ଅଭିଯୋଗ କରିଛନ୍ତି।

## ଭାରତର...

ପଡ଼ିଥିଲା। ଅଧିନାୟକ ବିରାଟ କୋହଲି ଓ ସୂର୍ଯ୍ୟକୁମାର ଯାଦବ ଇନିଂସ ସଜାଡ଼ିବାରେ ମନୋନିବେଶ କରିଥିଲେ। ତେବେ ତୃତୀୟ ଉଇକେଟରେ ୨୧ ବଲ୍‌ରୁ ୨୫ ରନ ଯୋଗ ହେବାପରେ ହାସନ ଅଲୀଙ୍କ ଅଫ୍‌ଷ୍ଟମ୍ପ ବାହାର ବଲ୍‌କୁ ମାରିବାକୁ ଯାଇ ଉଇକେଟକିପର ମହମ୍ମଦ ରିଜୱାନଙ୍କୁ କ୍ୟାଚ ଦେଇଥିଲେ ସୂର୍ଯ୍ୟକୁମାର। ୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସୂର୍ଯ୍ୟକୁମାର ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ୩୧ ରନରେ ଭାରତର ୩ୟ ଉଇକେଟ ପତନ ଘଟିଥିଲା। ବିରାଟଙ୍କ ସହ ରିଷଭ ପନ୍ତ କ୍ରିଜ୍‌ରେ ଯୋଗଦେବା ପରେ ରନହାର ବୃଦ୍ଧି ପାଇଥିଲା। ଗୋଟିଏ ପଟରେ କୋହଲି ଷ୍ଟାଣ୍ଡ ଦେଇଥିବାବେଳେ ଅନ୍ୟପଟରେ ରିଷଭ ଷ୍ଟ୍ରୋକ୍‌ମାନ ଖେଳି ଭାରତକୁ ସମ୍ମାନଜନକ ସ୍କୋର ଦିଗରେ ଆଗେଇ ନେଇଥିଲେ। ୪ର୍ଥ ଉଇକେଟରେ ୪୦ ବଲ୍‌ରୁ ୫୩ ରନ ଯୋଗ ହେବା ପରେ ଭୁଲ କରିବସିଥିଲେ ରିଷଭ। ଲେଗ ସ୍ପିନର ଶାଦବ ଖାଁଙ୍କ ଗୁଗ୍‌ଲି ବଲ୍‌କୁ ସୁଇପ୍ ଶଟ୍ ଖେଳିବାକୁ ଯାଇଥିଲେ। ମାତ୍ର ବଲ୍‌ଟି ବ୍ୟାଟ୍‌ରେ ବାଜିବା ପରେ ଉପରକୁ ଉଠି ଯାଇଥିଲା। ଶାଦବ ନିଜେ କ୍ୟାଚ ଧରି ରିଷଭଙ୍କୁ ପ୍ୟାଭିଲିୟନ ବାଟ ଦେଖାଇଥିଲେ। ୩୦ଟି ବଲ୍ ଖେଳିଥିବା ରିଷଭ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୩୯ ରନ କରିଥିଲେ। ୧୫ତମ ଓଭରରେ ଭାରତ ୧୦୦ ରନ ପୂରଣ କରିଥିଲା। ଶେଷ ୫ ଓଭରରେ ଭାରତ ଆଶାନୁରୂପ ରନ ସଂଗ୍ରହ କରିପାରି ନ ଥିଲା। ରବୀନ୍ଦ୍ର ଜାଡେଜା ୧୩ ବଲ୍‌ରୁ ୧୩ ରନ କରିବାକୁ ସକ୍ଷମ ହୋଇଥିବାବେଳେ ୧୯ତମ ଓଭରର ୪ର୍ଥ ବଲ୍‌ରେ ଉଇକେଟ କିପର ରିଜୱାନଙ୍କ ହାତରେ କ୍ୟାଚ କରାଇ କୋହଲିଙ୍କ ଇନିଂସର ପରିସମାପ୍ତି ଘଟାଇଥିଲେ ଶାହିନ। ୪୯ଟି ବଲ୍ ଖେଳିଥିବା କୋହଲି ୫ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୫୭ ରନ କରିଥିଲେ। ଶେଷ ଓଭରରେ ହାରିସ ରୌଫଙ୍କ ଅଫ୍‌ଷ୍ଟମ୍ପ ବାହାରର ଏକ ସ୍ଲୋ ବଲ୍‌କୁ ବଡ଼ ଶଟ୍ ମାରିବାକୁ ଯାଇ ହାର୍ଦ୍ଦିକ ପାଣ୍ଡ୍ୟା ଏକ୍‌ସ୍ଟ୍ରା କଭର ଅଞ୍ଚଳରେ ବାବର ଆଜମଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେ ୮ ବଲ୍‌ରୁ ୧୧(୨ ଚୌକା) ରନ କରିଥିଲେ। ଶେଷ ଓଭରରୁ ମାତ୍ର ୭ ରନ ହେବାରୁ ଭାରତୀୟ ଇନିଂସ ୨୦ ଓଭରରେ ୧୫୧/୭ରେ ସୀମିତ ରହି ଯାଇଥିଲା। ପାକିସ୍ତାନ ବୋଲରଙ୍କ ମଧ୍ୟରେ ଶାହିନ ଶାହ ଆଫ୍ରିଦୀ ୩୧ ରନରେ ସର୍ବାଧିକ ୩ଟି, ହାସନ ଅଲୀ ୨ଟି ଏବଂ ଶାଦବ ଖାଁ ଓ ହାରିସ ରୌଫ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଆର୍ଯ୍ୟନ୍‌ଙ୍କ ପାଇଁ ୨୫ ...

ୱାଙ୍ଖେଡେ ୮ରୁ ୧୦ ପୃଷ୍ଠା ସାଦା କାଗଜରେ ଦସ୍ତଖତ ନେବା ସହ ତାଙ୍କ ଆଧାରକାର୍ଡ ନେଇଥିବା ସେ ଅଭିଯୋଗ କରିଛନ୍ତି। ଗୋସାଭି ମଧ୍ୟ ଏହି ମାମଲାରେ ଜଣେ ସାକ୍ଷୀ ଥିଲେ। କ୍ରୁଜ୍ ପାର୍ଟିରେ ଚଢ଼ାଉ ପୂର୍ବରୁ ଗୋସାଭି ଅହମଦାବାଦ୍ ଯାଇଥିଲେ। ଏହା ପରଦିନ ରାତିରେ ଏନ୍‌ସିବି ଗୋସାଭିଙ୍କୁ ଅପରେଶନ ପାଇଁ ଡାକିଥିଲା ବୋଲି ପ୍ରଭାକର କହିଛନ୍ତି। ଏବେ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ଯଦି ତାଙ୍କର କିଛି ହୋଇଯାଏ ତେବେ ଏଥିପାଇଁ ଏନ୍‌ସିବି ଅଧିକାରୀ ଓ ଅନ୍ୟମାନେ ଦାୟୀ ରହିବେ ବୋଲି ସେ କହିଛନ୍ତି। ଏ ନେଇ ଏନ୍‌ସିବି ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି, ସୋସିଆଲ ମିଡିଆରେ ପ୍ରଭାକର ଭିଡିଓ ପୋଷ୍ଟ କରିଥିବା ଏନ୍‌ସିବିର ଦୃଷ୍ଟିକୁ ଆସିଛି। ଏଥିସହ ପ୍ରଭାକର ଏକ ଆଫିଡାଭିଟ୍‌ରେ ଗତ ୨ ତାରିଖରେ ତାଙ୍କ କାର୍ଯ୍ୟକଳାପ ବାବଦରେ ପ୍ରକାଶ କରିଛନ୍ତି। ସେ ଜଣେ ସାକ୍ଷୀ ଏବଂ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ସୋସିଆଲ ମିଡିଆ ବଦଳରେ ଅଦାଲତରେ ତାଙ୍କ କଥା ରଖିପାରିଥାନ୍ତେ ବୋଲି ବିବୃତିରେ ଉଲ୍ଲେଖ ରହିଛି।

## ୱାଙ୍ଖେଡେ ମାଗିଲେ ...

ଚର୍ଚ୍ଚା ହେଉଛି। ଡ୍ରଗ୍ସ ପାର୍ଟି ମାମଲାର ସାକ୍ଷୀ ପ୍ରଭାକର ସେଲ ଚକିତ କଲା ଭଳି ଅଭିଯୋଗ ଆଣିବା ପରେ ଏନ୍‌ସିବି ପାଇଁ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲ୍ଲିକ ଘଟଣାର ଏସ୍‌ଆଇଟି ତଦନ୍ତ ଦାବି କରିଛନ୍ତି। ୱାଙ୍ଖେଡେଙ୍କ ବିରୋଧରେ ଯାଞ୍ଚ ନିମନ୍ତେ ସେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନିକଟରେ ଦାବି ଉଠାଇବେ ବୋଲି କହିଛନ୍ତି। ମୁମ୍ବାଇରେ ବର୍ଷକରେ ଏଭଳି ଦୁଇଟି ମାମଲା ସାମ୍ନା ଆସିଥିଲେ ବି ଜଣେ ହେଲେ ଏ ଯାଏ ଗିରଫ ହୋଇନାହାନ୍ତି। ଲୋକଙ୍କୁ ଡାକି ସେମାନଙ୍କଠାରୁ ଟଙ୍କା ସଂଗ୍ରହ କରାଯାଇଛି। ମିଛ ମାମଲା ରୁଜୁ କରାଯାଇଛି। ଯଦି ଏସବୁର ତଦନ୍ତ କରାଯାଏ ତେବେ ଅନେକ କିଛି କଥା ସାମ୍ନାକୁ ଆସିବ ବୋଲି ନୱାବ କହିଛନ୍ତି। ଅନ୍ୟପକ୍ଷରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ ରବିବାର ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ଏନ୍‌ସିବି ଅଫିସ୍‌ରେ ଆର୍ଯ୍ୟନ ଖାନ୍‌ଙ୍କ ସହ କେ. ପି. ଗୋସାଭି ବସିଥିବା ଏବଂ ଗୋସାଭିଙ୍କ ଫୋନ୍‌ରେ ସେ କିଛି କହୁଥିବାର ମଧ୍ୟ ଦେଖିବାକୁ ମିଳିଛି। ମହାରାଷ୍ଟ୍ରକୁ ବଦନାମ କରିବାକୁ ଏପରି ମାମଲା କରାଯାଇଛି ଏବଂ ଏବେ ତାହା ସତ ପ୍ରମାଣ ହେବାକୁ ଯାଉଛି ବୋଲି ଠାକ୍‌ରେ କହିଥିବା ସଞ୍ଜୟ ଟୁଇଟ୍ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସଭା ସମିତି, ରାଜନୀତି, ସଙ୍ଗଠନ ତଥା ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ। ସନ୍ତାନହେତୁକ ଚିନ୍ତା ଦୂର ହେବ। କର୍ମକ୍ଷେତ୍ରରେ ବହୁ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟାଜନିତ ଟେନସନ୍ ଅପରାହ୍ନରେ ଦୂର ହେବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ କିମ୍ବା ବାଇଦା ପଡ଼ିବାରେ ସାମୟିକ ଆନମନା ରହିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଫେରିବା ରାସ୍ତାରେ ଜଣେ ଅପରିଚିତଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ମିଥୁନ** ପରିସ୍ଥିତିର ବଶବର୍ତ୍ତୀ ହୋଇ ଆପଣ କିଛି ମିଥ୍ୟା ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ସମସ୍ତ ପ୍ରକାରର ସୁବିଧା ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିପାର୍ଶ୍ୱିକ ପରିବେଶରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ଶାରୀରିକ ଅସୁସ୍ଥତା କେତେକାଂଶରେ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ଅଭାବ ଅସୁବିଧା ନ ଥିଲେ ମଧ୍ୟ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ଟିକିଏ ବିଳମ୍ବରେ ପାଇବେ। କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବା ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧ ହେବେ।

**ସିଂହ** ସକାଳୁ ସକାଳୁ କୌଣସି ଖବର ମନକୁ ବିଚଳିତ କରିପାରେ। ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି ହୃଦୟଙ୍ଗମ କରି କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ ହେବେ। ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ।

**କନ୍ୟା** ଆପଣଙ୍କ ଚିନ୍ତାଧାରା ଅନୁଯାୟୀ କାମଗୁଡ଼ିକ ତଦନୁରୂପ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ଅର୍ଥ ସଂକଟ ହେତୁ କାମଗୁଡ଼ିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହେବ।

**ତୁଳା** ଆପଣଙ୍କ ସୁଦୂରପ୍ରସାରୀ ଆଶା ଓ କାମନା ଚରିତାର୍ଥ ହେବାର ଅନୁକୂଳ ଅବସର ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାମଗୁଡ଼ିକୁ ହାସଲ କରିବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ଆତ୍ମୀୟ ସ୍ୱଜନଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କିମାରିବ। କୌଣସି ଶୁଭ ଖବର ଶୁଣି ଆନନ୍ଦିତ ହେବେ।

**ଧନୁ** ନିଜ ଲୋକଙ୍କ ସ୍ନେହ, ସୌଜନ୍ୟରୁ କାର୍ଯ୍ୟସିଦ୍ଧି ଘଟିବ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଥିଲେ ମଧ ବିଶେଷ ଗୁରୁତର ହେବ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିବେ, କିନ୍ତୁ ସାମୟିକ ସମୟାନ୍ତରରେ ତାହାର ସରଳ ସମାଧାନ ହୋଇପାରିବ। ବହୁ ପୁରାତନ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ମକର** ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ସମସ୍ୟା ଲାଗି ରହୁଥିବାରୁ ମନରେ ଦୁଶ୍ଚିନ୍ତା ଦେଖାଦେଇପାରେ। ହଠାତ୍ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବ। ଅର୍ଥ ପାଇବା ଆଶାରେ ବିନୟପୂର୍ଣ୍ଣ କଥା କହିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଶେଷ ସମୟରେ ବିଚାର ବଦଳି ଯାଇପାରେ। ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ କାମ ହାସଲ ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇ ଉଠିବ। ରାଜନୀତି କିମ୍ବା ସାଙ୍ଗଠନିକ କ୍ଷେତ୍ରରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅଭାବ ଅସୁବିଧା ସମ୍ପର୍କରେ ଉପରିସ୍ଥଙ୍କୁ କହିବାରେ ପଛେଇଯିବେ। ପ୍ରତ୍ୟେକ କ୍ଷେତ୍ରରେ ବିବାଦ ଜଟିଳ ହେବ ଓ ଶେଷ ସମୟରେ ସଫଳତା ହାସଲ କରିବେ।

**ମୀନ** ପାରିବାରିକ ସ୍ଥିତିରେ ସୁଧାର ଅସିଲେ ମଧ୍ୟ କର୍ମକ୍ଷେତ୍ରର ସମସ୍ୟା ସୁଖ, ସନ୍ତୋଷ ଦେଇ ପାରିବ ନାହିଁ। ଶୁଣା କଥାକୁ ବିଶ୍ୱାସ କରି କାମ କଲେ ଅସୁବିଧା ଭୋଗିବେ। ଦୂରଭିସନ୍ଧି ରଖି ପଡୋଶୀଙ୍କ ସହ ମିଷ୍ଟାଳାପରେ ମାତିପାରନ୍ତି। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ଘରେ ବାହାରେ ବିରୋଧୀ ହୋଇପାରନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ଅକ୍ଟୋବର, ୨୦୨୧

**ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ସ ବେପାରୀ ଗିରଫ**

କଲମ୍ବିଆ ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ଥିବା ଡ୍ରଗ୍ସ ବେପାରୀ ଡାଇରୋ ଆଣ୍ଟୋନିଓଙ୍କୁ ଗିରଫ କରାଯାଇଛି। ଦେଶର ସବୁଠାରୁ ବଡ଼ ଡ୍ରଗ୍ସ ର୍‌ୟାକେଟ୍ ଚଳାଉଥିବା ଗ୍ୟାଙ୍ଗ୍ ଗଲ୍ଫ କାନ୍‌ର ସେ ଲିଡର ଥିଲେ। ପାନାମା ସୀମା ନିକଟରୁ ସେ ଧରା ପଡ଼ିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଓଟୋନିଏଲ୍ ଭାବେ ଜଣାଶୁଣା ଏହ କୁଖ୍ୟାତ ଅପରାଧୀଙ୍କ ନାଁରେ ଜଣେ ପୋଲିସ, ସୈନିକ ସାମାଜିକକର୍ମୀଙ୍କ ହତ୍ୟା ମାଲା ରହିଛି। ଏଥିସହ ସେ ନାବାଳକମାନଙ୍କୁ ମଧ ଡ୍ରଗ୍ସ ବେପାରରେ ଲଗାଉଥିଲେ ବୋଲି ଅଭିଯୋଗ ରହଛି।



## ସଂକ୍ଷେପରେ

### ବର୍ଦ୍ଧମାନ ମେଡିକାଲରେ ୧,୨୦୦ ଶିଶୁ ଭର୍ତ୍ତି, ୯ ମୃତ

**କୋଲକାତା, ୨୪।୧୦(ଆଇଏଏନ୍‌ଏସ୍):** ଦୁର୍ଗାପୂଜା ପରେ ପଶ୍ଚିମବଙ୍ଗରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି। ମାସକ ମଧ୍ୟରେ ବର୍ଦ୍ଧମାନ ମେଡିକାଲ କଲେଜରେ ୧,୨୦୦ରୁ ଊର୍ଦ୍ଧ୍ୱ ପିଲା ଭର୍ତ୍ତି ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ପିଲାଙ୍କଠାରେ ଜ୍ୱର, କାଶ ସହ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଉଛି। ଏହା କୋଭିଡ୍ ନୁହେଁ ରେସ୍ପିରେଟୋରୀ ସିନ୍‌ସିଟିଆଲ ଭାଇରସ୍ (ଆର୍‌ଏସ୍‌ଭି) ବୋଲି ଡାକ୍ତର କହୁଥିବାବେଳେ ଏତେ ସଂଖ୍ୟାରେ ପିଲା ସଂକ୍ରମିତ ହେଉଥିବାରୁ ଜିଲା ସ୍ୱାସ୍ଥ୍ୟ ପ୍ରଶାସନର ଚିନ୍ତା ବଢ଼ିଯାଇଛି।

**ଆତଙ୍କବାଦ ନିରୋଧୀ ଅଭିଯାନ**

### ଗିରଫ ପାକ୍ ଆତଙ୍କବାଦୀ ନିହତ

**ଜମ୍ମୁ, ୨୪।୧୦:** ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ଘଞ୍ଚ ଜଙ୍ଗଲ ମଧ୍ୟରେ ପୋଲିସ ଓ ସେନାର ମିଳିତ ତଲାସି ଅଭିଯାନ ଚାଲିଥିବାବେଳେ ରବିବାର ଆତଙ୍କବାଦୀ ଗୁଳି ଚଳାଇବାରୁ ୩ ଯବାନ ଆହତ ହୋଇଛନ୍ତି। ଏଥିସହିତ ଗିରଫ ହୋଇଥିବା ଜଣେ ପାକ୍ ଆତଙ୍କବାଦୀ ନିହତ ହୋଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମେନ୍ଧରର ଭଟ୍ଟ ଦୁରିଆନ୍ ଜଙ୍ଗଲ ମଧ୍ୟରେ ଜୋର୍‌ଦାର ଗୁଳି ବିନିମୟ ହୋଇଥିଲା। ସୁରକ୍ଷା ବଳ ପକ୍ଷରୁ ୧୪ ଦିନ ହେଲା ପୁଞ୍ଚ୍ ଜଙ୍ଗଲ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ଗତ ୧୧ ତାରିଖରେ ସୁରନକୋଟ୍ ଏବଂ ମେନ୍ଧରରେ ଆତଙ୍କବାଦୀଙ୍କ ଆକ୍ରମଣରେ ୯ ଯବାନ ଶହୀଦ ହୋଇଥିଲେ। ପୋଲିସ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ ରବିବାର ସକାଳେ ଭଟ୍ଟ ଦୁରିଆନ ଜଙ୍ଗଲରେ ଆତଙ୍କବାଦୀଙ୍କ ଗୁଳିରେ ୨ ପୋଲିସ, ଜଣେ ସେନା ଯବାନ ଏବଂ ଗିରଫ ଲଶ୍କର ଆତଙ୍କବାଦୀ ଜିଆ ମୁସ୍ତାଫା ଆହତ ହୋଇଥିଲେ। ପରେ ମୁସ୍ତାଫାଙ୍କର ମୃତ୍ୟୁ ଘଟିଥିଲା। ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ଚିହ୍ନଟ ପାଇଁ ଗିରଫ ମୁସ୍ତାଫାଙ୍କୁ ଜଙ୍ଗଲ ମଧ୍ୟକୁ ନିଆଯାଇଥିଲା। ଟିମ୍ ଆଡ୍ଡାସ୍ଥଳ ନିକଟତର ହେବା କ୍ଷଣି ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ମୁସ୍ତାଫା ଘର ପାକ୍ ଅଧିକୃତ କଶ୍ମୀର ଅନ୍ତର୍ଗତ ରାୱଲକୋଟ୍‌ରେ। ସେ ୧୪ ବର୍ଷ ହେଲା କୋଟ ଭଲୱାଲ ଜେଲ୍‌ରେ ରହିଥିଲେ। ତଦନ୍ତରେ ସହାୟତା ପାଇଁ ପୋଲିସ ତାଙ୍କୁ ମେନ୍ଧରକୁ ରିମାଣ୍ଡରେ ନେଇଥିଲା। ଶୋପିଆନ୍ ଜିଲାରେ ରବିବାର ଅନ୍ୟ ଏକ ଗୁଳିମାଡ଼ ଘଟଣାରେ ଜଣେ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ତାଙ୍କ ନାଁ ଶାହିଦ ଅହମଦ। ଶୋପିଆନ୍‌ର ବାବାପୋରାଠାରେ ଥିବା ୧୭୮ ସିଆର୍‌ପିଏଫ୍ ବାଟାଲିୟନର ନାକା ପାର୍ଟି ଉପରେ ଅଜଣା ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଆତଙ୍କବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଶାହିଦ ନିହତ ହୋଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

### ଆଶିଷ ମିଶ୍ରାଙ୍କୁ ଡେଙ୍ଗୁ

**ଲକ୍ଷ୍ମୀମପୁର ଖେରି, ୨୪।୧୦:** ଲକ୍ଷ୍ମୀମପୁର ଖେରି ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଡେଙ୍ଗୁ ଓ ମଧୁମେହରେ ପୀଡ଼ିତ ଥିବା ଜଣାପଡ଼ିଛି। ତାଙ୍କୁ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆଶିଷଙ୍କ ସ୍ୱାସ୍ଥ୍ୟାବସ୍ଥାରେ



ଅବନତି ଦେଖାଦେବାରୁ ତାଙ୍କୁ ପ୍ରଥମେ ଜେଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅକ୍ଟୋବର ୩ରେ ଲକ୍ଷ୍ମୀମପୁର ଖେରିରେ ବିକ୍ଷୋଭବେଳେ ଗାଡ଼ି ମଡ଼ାଇ ୪ ଜଣ ଚାଷୀଙ୍କୁ ହତ୍ୟା କରିବା ଅଭିଯୋଗରେ ଆଶିଷଙ୍କ ନାମରେ ଏତଲା ଦାଏର ହୋଇଥିଲା।

# ଭାରତରେ ବଢ଼ୁଛି ଘୃଣା ମନ୍ତବ୍ୟ

**ନ୍ୟୁୟର୍କ,୨୪।୧୦**

ଭାରତ ହେଉଛି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ ପାଇଁ ବିଶ୍ୱର ସବୁଠୁ ବଡ଼ ବଜାର। ତେବେ ଦେଶରେ ବିଭ୍ରାନ୍ତିକର ତଥ୍ୟ, ଘୃଣା ମନ୍ତବ୍ୟ ଓ ମୁସଲମାନ ବିରୋଧୀ କଣ୍ଟେଣ୍ଟଗୁଡ଼ିକର ବନ୍ୟା ଛୁଟିବାରେ ଲାଗିଛି। ଏହାର ମୁକାବିଲା ପାଇଁ ଫେସ୍‌ବୁକ୍‌କୁ କଡ଼ା ସଂଘର୍ଷର ସାମ୍ନା କରିବାକୁ ପଡ଼ିଛି ବୋଲି ଶନିବାର ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇଛି।

ସାମାଜିକ ଗଣମାଧ୍ୟମ ଗବେଷକମାନେ କହିଛନ୍ତି ଯେ, ବିଭ୍ରାନ୍ତି ସୃଷ୍ଟିକାରୀ, ଉତ୍ତେଜକ ଓ ମୁସଲିମ ବିରୋଧୀ କଣ୍ଟେଣ୍ଟରେ ଭରି ରହିଥିବା ଗ୍ରୁପ୍ ଏବଂ ପେଜ୍ ସଂଖ୍ୟା ବଢ଼ିବାରେ ଲାଗିଛି। ଗବେଷକମାନେ ୨୦୧୯ ଫେବୃୟାରୀରେ କେତେକ ନୂଆ ୟୁଜର୍ସ କଣ୍ଟେଣ୍ଟ ତିଆରି କରିଥିଲେ, ଯାହା ସାହାଯ୍ୟରେ ସେମାନେ କେରଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ପାଇଁ ସୋସିଆଲ ମିଡିଆ ୱେବ୍‌ସାଇଟ୍ କିପରି





ଦେଖାଯାଉଛି ତାହା ଜାଣିପାରିବେ। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହାର ୩ ସପ୍ତାହ ପର୍ଯ୍ୟନ୍ତ ଉକ୍ତ ଆକାଉଣ୍ଟଗୁଡ଼ିକୁ ସାଧାରଣ ନିୟମ ଅନୁସାରେ ପରିଚାଳିତ କରାଯାଇଥିଲା। ଗ୍ରୁପ୍‌ଗୁଡ଼ିକ ସହ ଯୋଡ଼ିହେବା, ଭିଡିଓ ଓ ସାଇଟ୍‌ର ନୂଆ ପେଜ୍‌କୁ ଦେଖିବା ପାଇଁ ଫେସ୍‌ବୁକ୍‌ର ଆଲଗୋରିଥିମ୍ (ଆକଳନ ବିଧି) ଦ୍ୱାରା ନିର୍ଦ୍ଧାରିତ ସମସ୍ତ ନିୟମର ଅନୁପାଳନ କରାଯାଇଥିଲା। ଏହାର ପରିଣାମ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା। ୟୁଜର୍ସଙ୍କ ଆଗରେ

**ନ୍ୟୁୟର୍କ ଟାଇମ୍ସ ହାତରେ ଫେସ୍‌ବୁକର ଭିତିରି ରିପୋର୍ଟ**

ଘୃଣାପୂର୍ଣ୍ଣ ଭାଷଣ, ବିଭ୍ରାନ୍ତିକର ତଥ୍ୟ ଓ ହିଂସାକୁ ନେଇ ଉତ୍ସବ ପାଳନର ବନ୍ୟା ଦେଖାଯାଇଥିଲା। ଫେସ୍‌ବୁକ୍ ନିଜର ଆଭ୍ୟନ୍ତରୀଣ ରିପୋର୍ଟରେ ଏହାର ଡକ୍ୟୁମେଣ୍ଟେଶନ କରିଛି। ଉକ୍ତ ସଙ୍କଳନ ସେହି ମାସର ଶେଷ ଆଡ଼କୁ ପ୍ରକାଶ କରିଥିବା ନ୍ୟୁୟର୍କ ଟାଇମ୍ସରେ କୁହାଯାଇଛି।

ନ୍ୟୁୟର୍କ ଟାଇମ୍ସ ଏବଂ ଆସୋସିଏଟେଡ୍ ପ୍ରେସ୍ ସହିତ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ହାତରେ ଲାଗିଥିବା ଏହି ରିପୋର୍ଟ ମୁତାବକ କମ୍ପାନୀ ନିଜର ସବୁଠୁ ବଡ଼ ବଜାରରେ ୟୁଜର୍ସଙ୍କ ବ୍ୟବହାରକୁ ନେଇ ସଂଘର୍ଷ କରୁଥିବା ଆଭ୍ୟନ୍ତରୀଣ ରିପୋର୍ଟରୁ ଜଣାପଡ଼ିଛି। ଭାରତରେ ସ୍ୱୀକୃତିପ୍ରାପ୍ତ ୨୨ ଭାଷା ମଧ୍ୟରୁ କେବଳ ୫ଟି ଭାଷାରେ ହିଁ କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଆଧାରରେ କଣ୍ଟେଣ୍ଟଗୁଡ଼ିକର ବିଶ୍ଳେଷଣ କରିବା ସୁବିଧା ଉପଲବ୍ଧ ରହିଛି। ତେବେ ସେଥିରେ ହିନ୍ଦୀ ଓ ବଙ୍ଗଳା ଭାଷାକୁ ଅଦ୍ୟାବଧି ସାମିଲ କରାଯାଇ ନାହିଁ। ଏଥିଯୋଗୁ ଉଭୟ ଶାସକ ଓ ବିରୋଧୀ ନେତାମାନେ ସାଧାରଣ ନିର୍ବାଚନ ବେଳେ ଏହାର ଦୁରୁପଯୋଗ କରିବାରେ ସଫଳ ହୋଇଥିଲେ। ସେହିପରି ଦକ୍ଷିଣପନ୍ଥୀ ସଙ୍ଗଠନ ବଜରଙ୍ଗ ଦଳ ମୁସଲମାନ ବିରୋଧୀ ଅଭିଯାନ ପାଇଁ ଏହି ସୋସିଆଲ ମିଡିଆ ସାଇଟ୍‌କୁ ବ୍ୟବହାର କରିଛି। ଧର୍ମୀୟ ହିଂସା ବା ସାମ୍ପ୍ରଦାୟିକ ଦଙ୍ଗାକୁ ଉସୁକାଉଥିବା ଏଭଳି ସଙ୍ଗଠନଗୁଡ଼ିକୁ ଫେସ୍‌ବୁକ୍ 'ବିପଜ୍ଜନକ' ଆଖ୍ୟା ଦେବା ପାଇଁ ବିଚାର କରୁଥିବା ନେଇ ମଧ୍ୟ ରିପୋର୍ଟରେ ଦର୍ଶାଯାଇଛି। ବିଶ୍ୱରେ ଫେସ୍‌ବୁକ୍‌ରେ ପ୍ରସାରିତ ଘୃଣା ମନ୍ତବ୍ୟକୁ ଚଳିତ ବର୍ଷ ୫୦% ପର୍ଯ୍ୟନ୍ତ ହ୍ରାସ କରାଯାଇଥିବା ଏହାର ମୁଖପାତ୍ର ଆଣ୍ଡି ଷ୍ଟୋନ୍ ସୂଚନା ଦେଇଛନ୍ତି।

### 'ଦଲାଇ ଲାମା ଚୟନ ଅଧିକାର ଚାଇନାର ନାହିଁ'

**ତାୱାଙ୍ଗ, ୨୪।୧୦(ପି.ଟି.)**

ପରବର୍ତ୍ତୀ ଦଲାଇ ଲାମା ଚୟନରେ ସାମିଲ ହେବାର କୌଣସି ଅଧିକାର ଚାଇନାର ନାହିଁ। ଉତ୍ତରାଧିକାରୀ ବାଛିବା ତିବ୍ବତୀୟଙ୍କ ପାଇଁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ବିଷୟ ବୋଲି ଅରୁଣାଚଳପ୍ରଦେଶର ତାୱାଙ୍ଗ ମଠର ମୁଖ୍ୟ ଗ୍ୟାଙ୍ଗବୁଙ୍ଗ ରିନ୍‌ପୋଚେ କହିଛନ୍ତି। ତିବ୍ବତୀୟ ଧର୍ମଗୁରୁଙ୍କ ଉତ୍ତରାଧିକାରୀ ଚୟନ କରିବା ବର୍ତ୍ତମାନର ଦଲାଇ ଲାମା ଏବଂ ତିବ୍ବତୀୟଙ୍କ ଅଧିକାର, ଏଥିରେ ଚାଇନାର କୌଣସି ଭୂମିକା ନାହିଁ ବୋଲି ବିଶ୍ୱର ଦ୍ୱିତୀୟ ସର୍ବବୃହତ ମଠର ମୁଖ୍ୟ କହିଛନ୍ତି। ଧର୍ମ ଉପରେ ବିଶ୍ୱାସ କରୁ ନ ଥିବା ଏକ ସରକାର କିପରି ପରବର୍ତ୍ତୀ ଦଲାଇ ଲାମାଙ୍କ ସମ୍ପର୍କରେ ନିଷ୍ପତ୍ତି ନେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହିତ ବେଜିଂର ବିସ୍ତାରବାଦୀ ନୀତିକୁ ପ୍ରତିହତ କରାଯିବା ଜରୁରୀ ବୋଲି ଗ୍ୟାଙ୍ଗବୁଙ୍ଗ କହିଛନ୍ତି।

### ୨୯ରୁ ମୋଦିଙ୍କ ଇଟାଲି, ବ୍ରିଟେନ ଗସ୍ତ

**ନୂଆଦିଲ୍ଲୀ, ୨୪।୧୦(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ରୁ ୫ ଦିନିଆ ଗସ୍ତରେ ଇଟାଲି ଓ ବ୍ରିଟେନ ଯିବେ। ଏହି ଅବସରରେ ସେ ରୋମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଦୁଇଦିନିଆ ୧୬ତମ ଜି-୨୦ ସମିଟ୍ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ବିଶ୍ୱ ନେତାମାନଙ୍କ ସମ୍ମିଳନୀରେ ଯୋଗଦେବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୩୦-୩୧ରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ସମ୍ମିଳନୀରେ କରୋନା ମହାମାରୀ ସ୍ଥିତି, ଜଳବାୟୁ ପରିବର୍ତ୍ତନ, ଦାରିଦ୍ର୍ୟ ମୁକ୍ତି ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହିଥିବା ଅସମାନତା ଦୂର ଲାଗି ଆଲୋଚନା କରାଯିବ। ଏହା ବ୍ୟତୀତ ଆଫଗାନିସ୍ତାନ ସ୍ଥିତି ମଧ୍ୟ ଆଲୋଚନାରେ ସ୍ଥାନ ପାଇବ ବୋଲି ଜଣାପଡ଼ିଛି। ଉକ୍ତ ସମ୍ମିଳନୀରେ ଯୋଗଦେବା ପାଇଁ ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି ମୋଦିଙ୍କୁ ଆମନ୍ତ୍ରଣ କରିଥିଲେ। ଏହା ବ୍ୟତୀତ ମୋଦି ଇଟାଲି ସମେତ ବିଭିନ୍ନ ଦେଶର ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ୨୦୨୩ରେ ଭାରତ ପ୍ରଥମ ଥର ପାଇଁ ଜି-୨୦ ସମ୍ମିଳନୀ ଆୟୋଜନ କରିବା କାର୍ଯ୍ୟକ୍ରମ ରହିଛି। ରୋମ୍‌ରୁ ପ୍ରଧାନମନ୍ତ୍ରୀ ଗ୍ଲାସ୍‌ଗୋ ଯାଇ ୨୬ତମ ଜଳବାୟୁ ସମ୍ମିଳନୀରେ ଯୋଗଦେବେ। ବ୍ରିଟେନ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅକ୍ଟୋବର ୩୧ରୁ ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲିବ। ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ସିଓପି-୨୬ର ଉଚ୍ଚସ୍ତରୀୟ ବିଶ୍ୱ ନେତା ସମିଟ୍ ନଭେମ୍ବର ୧ ଓ ୨ରେ ଅନୁଷ୍ଠିତ ହେବ।

## କଶ୍ମୀରର ଶାନ୍ତି ଓ ବିକାଶରେ ପ୍ରତିବନ୍ଧକ ହେବାକୁ ଦିଆଯିବ ନାହିଁ: ଶାହା

**ଜମ୍ମୁ, ୨୪।୧୦(ପି.ଟି.)**

ଜମ୍ମୁ-କଶ୍ମୀରରୁ ଆତଙ୍କବାଦକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ସହ ସାଧାରଣ ନାଗରିକଙ୍କୁ ହତ୍ୟା ବନ୍ଦ କରିବା ସରକାରଙ୍କ ଲକ୍ଷ୍ୟ। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ଶାନ୍ତି ଓ ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବାକୁ କାହାକୁ ସୁଯୋଗ ଦିଆଯିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଜମ୍ମୁ-କଶ୍ମୀରରେ ୧୨,୦୦୦ କୋଟି ଟଙ୍କା ନିବେଶ ହେଲାଣି। ୨୦୨୨ ଶେଷ ସୁଦ୍ଧା ମୋଟ ୫୧,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ ଲକ୍ଷ୍ୟ ରଖାଯାଇଛି। ଏହା ଦ୍ୱାରା ୫ ଲକ୍ଷ ସ୍ଥାନୀୟ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ୩ ଦିନିଆ ଜମ୍ମୁ-କଶ୍ମୀର ଗସ୍ତରେ ଥିବା ଶାହା କହିଛନ୍ତି।

ଭଗୱତୀ ନଗରଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ



ଦେଇ ଶାହା କହିଥିଲେ, ୭ ଦଶନ୍ଧି ହେଲା ଜମ୍ମୁ-କଶ୍ମୀରର ବିକାଶ ହୋଇପାରିନାହିଁ। ଏଥିପାଇଁ ତିନୋଟି ପରିବାର ଉତ୍ତରଦାୟୀ ବୋଲି ସେ କୌଣସି ଦଳର ନାଁ ନ ନେଇ କହିଥିଲେ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକାଶର ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଥିବାବେଳେ କେତେକ ବିରୋଧୀ ତତ୍ତ୍ୱ ଏଥିରେ ପ୍ରତିବନ୍ଧକ ସୃଷ୍ଟି ଲାଗି ଉଦ୍ୟମ କରୁଛନ୍ତି। ଚଳିତ ମାସରେ ଟାର୍ଗେଟ ଆକ୍ରମଣ କରାଯାଇ ୧୧ ସଂଖ୍ୟାଲଘୁ ଓ ପ୍ରବାସୀ ଶ୍ରମିକଙ୍କୁ ହତ୍ୟା କରାଗଲାଣି। କେନ୍ଦ୍ରଶାସିତ ଅଞ୍ଚଳର ସୁରକ୍ଷା ସ୍ଥିତିକୁ ନେଇ କେତେଜଣ ପ୍ରଶ୍ନ ଉଠାଇଛନ୍ତି। ୨୦୦୪ରୁ ୨୦୧୪ ମଧ୍ୟରେ ୨,୦୮୧ ସାଧାରଣ ନାଗରିକ ନିହତ ହୋଇଥିଲେ। ୨୦୧୪ରୁ ୨୦୨୧ ସେପ୍ଟେମ୍ବର ମଧ୍ୟରେ ୨୩୯ ଜଣ ପ୍ରାଣ ହରାଇଥିବା ଶାହା କହିଛନ୍ତି। ଆତଙ୍କବାଦରେ ଯେପରି ଜଣେ ଲୋକର ଜୀବନ ନ ଯାଏ, ସେଭଳି ବାତାବରଣ ସୃଷ୍ଟି କରିବା ଲାଗି ସରକାର ଚାହୁଁଛନ୍ତି। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଜମ୍ମୁ-କଶ୍ମୀର ପାଇଁ ୫୫,୦୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ମଞ୍ଜୁର କରିଥିଲେ। ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ସେଥିରୁ ୩୩,୦୦୦ କୋଟି ଟଙ୍କା ବ୍ୟୟ ହୋଇଛି। ରବିବାର ଶାହା ୧୫,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।



ଗୁଜରାଟର ସୁରଟଠାରେ ମହିଳାମାନେ ରବିବାର କରୱାଚୌଥ ପାଳନ କରୁଛନ୍ତି।

## ନିର୍ବାଚନ ପୂର୍ବରୁ ରାଜ୍ୟ ମାନ୍ୟତା ଫେରାଅ: ଗୁଲାମ ନବୀ

**ନୂଆଦିଲ୍ଲୀ, ୨୪।୧୦**

ନିର୍ବାଚନ ପୂର୍ବରୁ ଜମ୍ମୁ-କଶ୍ମୀରକୁ ପ୍ରଥମେ ରାଜ୍ୟ ମାନ୍ୟତା ପ୍ରଦାନ କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ରବିବାର କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଥମେ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଓ ନିର୍ବାଚନ ପରେ ରାଜ୍ୟ ମାନ୍ୟତା ପ୍ରଦାନ ଠିକ୍ ନୁହେଁ ବୋଲି ସେ କହିଛନ୍ତି। ପୂର୍ବରୁ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଶ୍ମୀରର ରାଜନେତାମାନଙ୍କୁ ତାଙ୍କ ବାସଭବନକୁ ଡାକି ଆଲୋଚନା କରିଥିଲେ, ସେତେବେଳେ ପ୍ରଥମେ ରାଜ୍ୟ ମାନ୍ୟତା ଓ ପରେ ନିର୍ବାଚନ କରିବାକୁ ସେ ଦାବି କରିଥିଲେ ବୋଲି ଗୁଲାମ ନବୀ କହିଛନ୍ତି। ଅନ୍ୟ ଦଳଗୁଡ଼ିକ



ମଧ୍ୟ ଅନୁରୂପ ଦାବି ଜଣାଇଥିଲେ। ତେବେ କଶ୍ମୀର ଗସ୍ତରେ ଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରଥମେ ସୀମା ପୁନଃନିର୍ଦ୍ଧାରଣ ପରେ ନିର୍ବାଚନ ଓ ଏହା ପରେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରଦାନ କରାଯିବ ବୋଲି ଶନିବାର କହିବା ପରେ କଂଗ୍ରେସ ନେତା ଏହାର ପ୍ରତିବାଦ କରିଛନ୍ତି।

## ହିନ୍ଦୁ ହେବେ ସୁକର୍ଣ୍ଣୋଙ୍କ ଝିଅ

**ଜାକର୍ତ୍ତା, ୨୪।୧୦**

ମୁସଲମାନ ବହୁଳ ଦେଶ ଇଣ୍ଡୋନେସିଆର ପୂର୍ବତନ ରାଷ୍ଟ୍ରପତି ସୁକର୍ଣ୍ଣୋଙ୍କ ଝିଅ ସୁକମାବତୀ ସୁକର୍ଣ୍ଣୋପୁତ୍ରୀ ଇସ୍‌ଲାମ ଧର୍ମ ପରିତ୍ୟାଗ କରି ହିନ୍ଦୁ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୬ ତାରିଖରେ ସେ ପୂଜା ଆୟୋଜନ କରି ସେଥିରେ ଯଥାରୀତି ହିନ୍ଦୁ ଧର୍ମ ଗ୍ରହଣ କରିବେ। ବାଲି ସ୍ଥିତ ସୁକର୍ଣ୍ଣୋ ହେରିଟେଜ୍ ଏରିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୭୦ ବର୍ଷୀୟା ସୁକୁମାବତୀ ହେଉଛନ୍ତି ସୁକର୍ଣ୍ଣୋଙ୍କର ତୃତୀୟ କନ୍ୟା ଏବଂ ଇଣ୍ଡୋନେସିଆ ପୂର୍ବତନ ରାଷ୍ଟ୍ରପତି ମେଗାୱତୀ ସୁକର୍ଣ୍ଣୋପୁତ୍ରୀଙ୍କ ସାନ ଭଉଣୀ।

୨୦୧୮ରେ ସୁକମାବତୀଙ୍କ ଏକ କବିତା ଇସ୍‌ଲାମକୁ ଅପମାନିତ କରୁଥିବା ନେଇ ମୌଲବାଦୀମାନେ ତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏହି ଘଟଣା ପରେ ସୁକମାବତୀ କ୍ଷମା ମଧ୍ୟ ମାଗିଥିଲେ। ଏହା ପରେ ବି ବିବାଦ ଥମି ନ ଥିଲା ଏବଂ ତାଙ୍କୁ କ୍ରମାଗତ



ସୁକମାବତୀ ସୁକର୍ଣ୍ଣୋପୁତ୍ରୀ

ଭାବେ ସମାଲୋଚନା କରାଯାଉଥିଲା। ସୁକମାବତୀଙ୍କ ଜେଜେମା'ଙ୍କ ଧର୍ମ ଯୋଗୁ ସେ ହିନ୍ଦୁ ଧର୍ମ ପ୍ରତି ଆକର୍ଷିତ ହୋଇଛନ୍ତି। ହିନ୍ଦୁ ଧର୍ମଶାସ୍ତ୍ରକୁ ସେ ଭଲ ଭାବେ ଅଧ୍ୟୟନ କରିଥିବା ସୁକମାବତୀଙ୍କ ଓକିଲ କହିଛନ୍ତି। ସୂଚନାଯୋଗ୍ୟ, ୧୯୪୭ରେ ଡଚ୍ ଉପନିବେଶବାଦୀ ଇଣ୍ଡୋନେସିଆକୁ ଅକ୍ତିଆରକୁ ନେବାକୁ ଚେଷ୍ଟା କରୁଥିବାବେଳେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସାହସିକତାର ସହ ସୁକର୍ଣ୍ଣୋଙ୍କୁ ବିମାନ ଯୋଗେ ଉଦ୍ଧାର କରିଥିଲେ।

### ଭିନ୍ନ ଧର୍ମରେ ପ୍ରେମ ସମ୍ପର୍କରୁ ହତ୍ୟା

**ବେଙ୍ଗାଲୁରୁ, ୨୪।୧୦**

କର୍ନାଟକର ସିନ୍ଦଗି ତାଲୁକ୍ ଅନ୍ତର୍ଗତ ବାଲାଗନୁର ଗ୍ରାମରେ ଭିନ୍ନ ଧର୍ମର ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ଜଣେ ୩୪ ବର୍ଷୀୟ ବ୍ୟକ୍ତିଙ୍କୁ ମହିଳାଙ୍କ ପରିବାର ଲୋକେ ଅପହରଣ କରିନେଇ ହତ୍ୟା କରିଛନ୍ତି। ଶୁକ୍ରବାର ସକାଳେ ମହିଳା ଜଣକ ପୋଲିସ କନ୍‌ଷ୍ଟେବଲ ରୁମ୍‌ଙ୍କୁ ଫୋନ୍ କରି ତାଙ୍କ ପୁରୁଷ ବନ୍ଧୁ ରବିଙ୍କ ଜୀବନ ପ୍ରତି ବିପଦ ଥିବା କଥା ଜଣାଇଥିଲେ। ଏହା ସତ୍ତ୍ୱେ ପୋଲିସ ତାଙ୍କୁ ବଞ୍ଚାଇ ପାରିନାହିଁ। ଗାଁ ପୋଖରୀରୁ ରବିଙ୍କ ମୃତଦେହ ମିଳିଛି। ପୋଲିସ ମହିଳାଙ୍କ ମାମୁ ଓ ଭାଇଙ୍କୁ ଗିରଫ କରିଛି। ସେମାନେ ରବିଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ମହିଳାଙ୍କ ବାପା ଓ ବଡ଼ଭାଇ ଫେରାର ହୋଇଯାଇଛନ୍ତି।

## ଟିକାକରଣ ସଫଳତା ଭାରତର ସାମର୍ଥ୍ୟ ପ୍ରଦର୍ଶିତ କରିଛି

**ନୂଆଦିଲ୍ଲୀ, ୨୪।୧୦(ପି.ଟି.)**

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

ଭାରତର କୋଭିଡ୍ ଟିକାକରଣ ଅଭିଯାନର ସଫଳତା ଦେଶର ସାମର୍ଥ୍ୟ ପ୍ରଦର୍ଶିତ କରିଛି। 'ସବ୍‌କା ପ୍ରୟାସ' ମନ୍ତ୍ର ଯୋଗୁ ୯ ମାସ ମଧ୍ୟରେ ଭାରତରେ ଟିକାଦାନ ୧୦୦ କୋଟି ଅତିକ୍ରମ କରିପାରିଛି। ଦେଶ ନୂଆ ଉତ୍ସାହର ସହ ଆଗେଇ ଚାଲିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ଉତ୍ତରାଖଣ୍ଡ ଏବଂ ହିମାଚଳପ୍ରଦେଶ ୧୦୦ ପ୍ରତିଶତ ହିତାଧିକାରୀଙ୍କୁ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଦେଇଥିବାରୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଦେଶ ସ୍ୱାଧୀନତାର ୭୫ ବର୍ଷରେ 'ଅମୃତ ମହୋତ୍ସବ' ପାଳନ ଅବସରରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଛି। ନୂଆ ଭାରତ ଚିନ୍ତାଧାରା ପ୍ରତିଫଳିତ କରୁଥିବା ଏବଂ ବର୍ତ୍ତମାନର ସଫଳତା ଦ୍ୱାରା ଅନୁପ୍ରାଣିତ କବିତା ଲେଖିବା ପାଇଁ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି। ବର୍ତ୍ତମାନ ଓ ଭବିଷ୍ୟତର ସମ୍ଭାବନାକୁ ଦୃଷ୍ଟିରେ ରଖି ସରକାର ଆଣିଥିବା ନୂଆ ଡ୍ରୋନ୍ ନୀତି ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ।

## 'ହାର୍ଡଶିପ୍ ଅଫ୍ ଲାଇଫ୍'ରେ ଯନ୍ତ୍ରଣାର ହସ

**ନୂଆଦିଲ୍ଲୀ, ୨୪।୧୦**

ବୋମା ବିସ୍ଫୋରଣରେ ଗୋଡ଼ ହରାଇଛନ୍ତି ବାପା। ବିଷାକ୍ତ ଗ୍ୟାସ ଯୋଗୁ ବିରଳ ଜେନେଟିକ୍ ରୋଗର ଶିକାର ହୋଇଥିବା ପୁଅଙ୍କ ଜନ୍ମରୁ ନାହିଁ ଗୋଡ଼ କି ହାତ। ତଥାପି ଦୁହିଁଙ୍କ ଓଠରେ ହସ। ଆଉ ଏଭଳି କଷ୍ଟକର ସମୟକୁ ପରାସ୍ତ କରି ବଞ୍ଚିବାର ଦୁର୍ବାର ପ୍ରୟାସ। ବାପା ନିଜ ପୁଅକୁ ଶୂନ୍ୟରେ ଉଠାଇ ପିତୃତ୍ୱ ବତ୍ସଳତାର ପ୍ରମାଣ ଦେଉଥିବାବେଳେ ଏହାକୁ କ୍ୟାମେରାରେ କଏଦ କରିଛନ୍ତି ତୁର୍କୀର ଲବ୍ଧ ପ୍ରତିଷ୍ଠିତ ଫଟୋଗ୍ରାଫର ମେହମତ ଆସଲନ୍। ସିରିଆ ଶରଣାର୍ଥୀଙ୍କ ଜୀବନ ଯନ୍ତ୍ରଣାର ସଂଘର୍ଷ ବଖାଣିବାକୁ ଏହି ଫଟୋ ଯଥେଷ୍ଟ ମନେ ହେଉଥିବାବେଳେ ସିଏନା ଇଣ୍ଟରନ୍ୟାଶନାଲ ଫଟୋ ଆୱାର୍ଡ-୨୦୨୧ରେ ଏହା ହାତେଇଛି 'ଫଟୋ ଅଫ୍ ଦି ଇୟର' ପୁରସ୍କାର।

ଜୀବନକୁ ନେଇ ପୁଳା ପୁଳା ଅଭିଯୋଗ। ସ୍ୱପ୍ନ ପୂରଣ ନ ହେଲେ ବିଷାଦରେ ଭରିଯାଏ ମନ। ହେଲେ ଆସଲନ୍‌ଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିବା ଫଟୋ 'ହାର୍ଡଶିପ୍ ଅଫ୍ ଲାଇଫ୍'କୁ ଦେଖିଲେ ଅନେକଙ୍କ ମନରେ ଜୀବନକୁ ନେଇ ରହିଥିବା ଅଭିଯୋଗ ଦୂର ହୋଇଯିବ। ଏହି ଫଟୋ ପଛର କାହାଣୀ ଯେତିକି ଯନ୍ତ୍ରଣାଦାୟକ, ସେତିକି ପ୍ରେରଣାଦାୟୀ ମଧ୍ୟ। ଫଟୋରେ ଥିବା ବାପାପୁଅ ହେଲେ ମୁନ୍‌ଜିର୍ ଏବଂ ମୁସ୍ତାଫା। ସିରିଆ ବଜାରରେ ହୋଇଥିବା ଏକ ବୋମା ବିସ୍ଫୋରଣରେ ଡାହାଣ ଗୋଡ଼ ହରାଇଛନ୍ତି ମୁନ୍‌ଜିର। ଯୁଦ୍ଧଗ୍ରସ୍ତ ସିରିଆ ଉପରେ ଛଡ଼ାଯାଇଥିବା ବିଷାକ୍ତ ଗ୍ୟାସ୍ ପ୍ରଭାବରେ ମୁନ୍‌ଜିରଙ୍କ ସ୍ତ୍ରୀ ଜେନେପ୍ ରୋଗଗ୍ରସ୍ତ ହୋଇପଡ଼ିଥିଲେ। ରୋଗରୁ ମୁକୁଳିବାକୁ ସେ ଯେଉଁ ଔଷଧ ସେବନ କଲେ ତାହାର ପ୍ରଭାବ ପଡ଼ିଲା ଗର୍ଭସ୍ଥ ମୁସ୍ତାଫାଙ୍କ ଉପରେ। ଜଟିଳ ଜେନେଟିକ୍ ରୋଗର ଶିକାର ହୋଇଥିବା ମୁସ୍ତାଫା ଜନ୍ମ ହୋଇଥିଲେ ବିନା ଗୋଡ଼ହାତରେ। ସିରିଆ ସୀମାନ୍ତ ଦକ୍ଷିଣ ତୁର୍କୀର ଏକ ଛୋଟ ଦୋକାନରେ ମୁଣ୍ଡ ଗୁଞ୍ଜିଥିବା ବେଳେ ଆସଲନଙ୍କ ନଜରକୁ ଆସିଥିଲେ ଏହି ଶରଣାର୍ଥୀ ପରିବାର। ଅନୁସନ୍ଧାନମୂଳକ ଖବର ପରିବେଷଣ କରୁଥିବା ଫଟୋଗ୍ରାଫର ତଥା ରିପୋର୍ଟର ଲିଜିଂ ବିଲିଂ ଉକ୍ତ ଫଟୋ ଏବଂ ଏହା ପଛର କାହାଣୀକୁ ଟୁଇଟରରେ ଶେୟାର କରିଛନ୍ତି, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଗୋଟିଏ ଫଟୋ ଶିରିଆ ଶରଣାର୍ଥୀଙ୍କ ଜୀବନ ଯନ୍ତ୍ରଣା ବଖାଣିବାକୁ ଯଥେଷ୍ଟ ବୋଲି ମତପ୍ରକାଶ ପାଇଛି।



ଫଟୋଗ୍ରାଫର ମେହମତ ଆସଲନ୍‌ଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିବା ଫଟୋଚିତ୍ର।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୫ ଅକ୍ଟୋବର, ୨୦୨୧

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି- ସେଗୁଡିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। – ଶ୍ରୀମା



# ଷଡ଼ଯନ୍ତ୍ର ତତ୍ତ୍ୱ

ଗତ ୫ ଦିନ ହେବ ପେଟ୍ରୋଲ ଓ ଡିଜେଲ ଦର ବଢ଼ି ଚାଲିଛି। ଦେଢ଼ବର୍ଷରେ ପେଟ୍ରୋଲ ୩୬ ଟଙ୍କା ଓ ଡିଜେଲ ୨୭ ଟଙ୍କା ବଢ଼ିଛି। ଓଡ଼ିଶାର ମାଲକାନଗିରିରେ ୨୪ ଅକ୍ଟୋବରରେ ପେଟ୍ରୋଲ ଲିଟର ପିଛା ୧୧୪ ଟଙ୍କା ୧୩ ପଇସା ଥିବା ବେଳେ ଡିଜେଲ ଲିଟର ପିଛା ରହିଛି ୧୧୦ ଟଙ୍କା ୪୭ ପଇସା। ରାଜଧାନୀରେ ଏହା ଯଥାକ୍ରମେ ୧୦୮ ଟଙ୍କା ୫୫ ପଇସା ଓ ୧୦୫ ଟଙ୍କା ୭ ପଇସା ହୋଇଯାଇଛି। ଏହା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଇନ୍ଧନ ଦର ବୃଦ୍ଧି ଅତ୍ୟାବଶ୍ୟକ ସାମଗ୍ରୀ ଦରକୁ ବଢ଼ାଇ ଚାଲିଛି। କରୋନା ମହାମାରୀ ଯୋଗୁ ଦବି ଯାଇଥିବା ଭାରତୀୟ ଅର୍ଥନୀତି ଏହା ଦ୍ୱାରା ଆହୁରି ତଳକୁ ତଳକୁ ଗଲାଣି। ଜନସାଧାରଣ ତେଲ ଦର ବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଥିଲେ ମଧ୍ୟ ସେଭଳି କୌଣସି ଜୋରଦାର ପ୍ରତିବାଦ ଦେଖିବାକୁ ମିଳୁନାହିଁ। ଅନ୍ୟପଟେ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଉପରେ ବସାଯାଉଥିବା ଟିକସକୁ କମାଯାଇପାରିବ ନାହିଁ। କାରଣ ତାହା ଦ୍ୱାରା ବହୁ ଜନହିତକର କାର୍ଯ୍ୟ ହେଉଛି। ୧୦୦ କୋଟି ଲୋକଙ୍କୁ କୋଭିଡ୍ ଟିକା ଦିଆଯିବା, ୯୦ କୋଟି ଲୋକଙ୍କୁ ମହାମାରୀ ସମୟରେ ଖାଦ୍ୟ ଦେବା, ୮ କୋଟି ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣା ରନ୍ଧନ ଗ୍ୟାସ ଯୋଗାଇ ଦେବା କେବଳ ଇନ୍ଧନ ଉପରେ ବସା ଯାଉଥିବା ଲିଟର ପିଛା ୩୨ ଟଙ୍କା ଟିକସରୁ ଭରଣା କରିବା ସମ୍ଭବପର ହୋଇଛି। କୋଠାବାଡ଼ି ଓ ରାସ୍ତାଘାଟ ତିଆରି, ଗରିବଙ୍କ ପାଇଁ ଗୃହ ନିର୍ମାଣ ସହ ଅନ୍ୟାନ୍ୟ ଜନମଙ୍ଗଳ କାର୍ଯ୍ୟରେ ଏହି ଟିକସ ରାଶି ବ୍ୟବହାର କରାଯାଉଛି ବୋଲି ପୁରୀ ଯେଭଳି କହିଛନ୍ତି, ତାହା ଦ୍ୱାରା ତେଲ ଦର ବୃଦ୍ଧିରେ ସେ ବିବ୍ରତ ନାହାନ୍ତି ବୋଲି ବୁଝି ହେଉଛି।

କେତେକ ସମର୍ଥକ ପୁରୀଙ୍କ ଏହି ଯୁକ୍ତିକୁ ସ୍ୱୀକାର କରିପାରନ୍ତି। ତେବେ ପ୍ରଶ୍ନ ଉଠିପାରେ ଯେ, ସରକାର ଅନ୍ୟସବୁ କ୍ଷେତ୍ରରୁ ସଂଗ୍ରହ କରୁଥିବା ବିପୁଳ ପରିମାଣର ଟିକସ ଯାଉଛି କୁଆଡ଼େ। ଉଦାହରଣ ସ୍ୱରୂପ ଗଣମାଧ୍ୟମରୁ ବାରମ୍ବାର ଜାଣିବାକୁ ମିଳୁଛି ଯେ, ସରକାରୀ ବିବୃତି ଅନୁଯାୟୀ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ପୂର୍ବଠାରୁ ଅଧିକ ବୃଦ୍ଧି ପାଇଛି। ସେହିଭଳି ବିଦ୍ୟୁତ୍ ଶକ୍ତି ଉପରେ ସେସ୍, ରାସ୍ତା ଟିକସ ସହ ଟୋଲ୍ ଆଦାୟ, ଶିକ୍ଷା ଏବଂ ସ୍ୱଚ୍ଛ ଭାରତ ଭଳି ଅନେକ ଲୁକ୍କାୟିତ ସେସ୍ ସହିତ ଜଳକର ଓ ଆୟକର ଭଳି ଦୃଶ୍ୟମାନ କର ମଧ୍ୟ ରହିଛି। ଏକ ଅଣାନୁଷ୍ଠାନିକ ଆକଳନ ଅନୁଯାୟୀ ପ୍ରତ୍ୟେକ ଜୀବିତ ଭାରତୀୟ ମୁଣ୍ଡପିଛା ୬୨ ପ୍ରତିଶତରୁ ଅଧିକ ଆୟ ଟିକସ ବାବଦରେ ଦେଉଛନ୍ତି। ଏହାଛଡ଼ା ୨୦୨୧-୨୨ ବଜେଟରେ ୩୫ ହଜାର କୋଟି ଟଙ୍କା କୋଭିଡ୍ ଟିକା ପାଇଁ ବ୍ୟୟବରାଦ କରାଯିବା ସହ ସବୁ ଘରୋଇ ଓ ସରକାରୀ କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିକୁ ପିଏମ୍ କେୟାର୍ସ ପାଣ୍ଠିରେ ଶୋଷି ନିଆଯାଇ ଟିକା ପାଇଁ ଖର୍ଚ୍ଚ କରାଯାଇଥିବା କୁହାଯାଇଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଲଗାଇ ପ୍ରଚାର କରାଯାଇଛି ଯେ, ମାଗଣାରେ ଲୋକଙ୍କୁ ଟିକା ଦିଆଗଲା। ଏହି ଦୁଇଟି କଥାକୁ ଦେଖିଲେ ବିରୋଧାଭାସ ମନେହେଉଛି। ତେଣୁ ସରକାର ଦେଶକୁ ଜଣାନ୍ତୁ ଯେ ଅନ୍ୟସବୁ ସାମଗ୍ରୀ ଓ କ୍ଷେତ୍ର ଉପରେ କେଉଁ ପରିମାଣର ଏକ୍ସାଇଜ ଓ ଟିକସ ବୃଦ୍ଧି କରୁଛନ୍ତି। କାରଣ ସେଗୁଡ଼ିକ ଦିଗ୍‌ବଳୟ ତଳେ ରହିଯାଇଥିବା ହେତୁ ହୁଏତ ଆଖିଦୃଶିଆ ହେଉନାହିଁ। ଏଠାରେ କୁହାଯାଇପାରେ ଯେ, ଅଧିକାଂଶ ଅନ୍ୟ ସାମଗ୍ରୀ ଜିଏସ୍‌ଟି ପରିସରଭୁକ୍ତ ହୋଇଥିବାରୁ ତାହାର ଟିକସ ପ୍ରତିଶତ ସ୍ପଷ୍ଟ ଓ ଜଣାଶୁଣା। କେବଳ ଇନ୍ଧନକୁ ଜିଏସ୍‌ଟି ପରିସରକୁ ନିଆଯାଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ସରକାର ଅନେକ ସାମଗ୍ରୀର ଜିଏସ୍‌ଟି ପ୍ରତିଶତ ବିଭିନ୍ନ ସମୟରେ ବଦଳାଉଥିବାରୁ ଉପଭୋକ୍ତାଙ୍କ ପାଖରେ ସ୍ପଷ୍ଟ ଖବର ପହଞ୍ଚିପାରୁ ନାହିଁ।

ଶେଷରେ କୁହାଯାଇପାରେ ଯେ, ସମ୍ଭବତଃ ଏହା ଏକ ବିରାଟକାୟ ସ୍କାମ୍ ବା ଦୁର୍ନୀତିର ଦେଖାଯାଉଥିବା ମୁଣ୍ଡି ମାତ୍ର। କରୋନା ଓ ପରବର୍ତ୍ତୀ ସମୟରେ ଭାରତରେ ସବୁ ଗାଡ଼ି ବିକ୍ରିର ପରିମାଣ ହ୍ରାସ ପାଉଛି ବୋଲି ବିଭିନ୍ନ ରିପୋର୍ଟରୁ ଖବର ମିଳୁଛି। ଗାଡ଼ି ଲବି ଅତ୍ୟନ୍ତ ଧନୀ ଏବଂ ପ୍ରଭାବଶାଳୀ। ପ୍ରଥମେ ଏହି ଲବି ଚାପ ପକାଇ ୧୫ ବର୍ଷ ଆୟୁଷରେ ନୂଆଗାଡ଼ିକୁ ପକାଇଲେ। ଗତ ପ୍ରାୟ ଦୁଇବର୍ଷ ଧରି ଅନେକ ଗାଡ଼ି ଘରୁ ବାହାରି ନ ଥିବା ସତ୍ତ୍ୱେ ତାହାର ଜୀବନକାଳ ବୃଦ୍ଧି ପାଇଲା ନାହିଁ। ଅନ୍ୟପକ୍ଷରେ ନୂଆଗାଡ଼ି ବିକ୍ରିରେ ବୃଦ୍ଧି ପାଉ ନ ଥିବାରୁ ସେହି ପୂର୍ବ କୌଶଳ ଯଥେଷ୍ଟ ବୋଲି ମନେ ହେଲାନାହିଁ। ତେଲଦର ଆକାଶଛୁଆଁ କରିଦେଇ ପାରିଲେ ସାଧାରଣ ଗାଡ଼ି ମାଲିକ ବାଧ୍ୟ ହୋଇ ଇଲେକ୍‌ଟ୍ରିକ୍ ଭେହିକିଲ୍ (ଇଭି) କିଣିବାରେ ଚିନ୍ତା କରିବ। ସେହି ସମୟରେ ଟାଟାଠାରୁ ଆରମ୍ଭ କରି ହ୍ୟୁଣ୍ଡାଇ ପର୍ଯ୍ୟନ୍ତ ସବୁ ଜାତୀୟ ଓ ଅନ୍ତର୍ଜାତୀୟ ଗାଡ଼ି ନିର୍ମାତା ଭାରତରେ ସେମାନଙ୍କ ଇଭି ବିକ୍ରି କରିବାକୁ ଆଗଭର ହେଲେଣି। ୨୦୨୪ ନିର୍ବାଚନରେ ପାଣ୍ଠି ଉଠିଯିବା ସହ ଗାଡ଼ି ନିର୍ମାତାମାନେ ଆହୁରି ଧନୀ ହୋଇଯିବେ। ଏହା କୌତୂହଳ କିମ୍ବା 'କନ୍ସିପିରେନ୍ସି ଥିଓରି' ବା ଷଡ଼ଯନ୍ତ୍ର ତତ୍ତ୍ୱ ଭାବେ ଏବେ ମନେ ହୋଇପାରେ। ପରବର୍ତ୍ତୀ ସମୟରେ ସତ୍ୟାସତ୍ୟ ଜଣାପଡ଼ିବ।

## ଚିରନ୍ତନୀ

ରୂପେ ରୂପେ ଆଜି ଫୁଟି ଉଠୁ ତବ ବାଣୀ
ଭୁବନ ବିରାଟ ଭାଷାର ସିନ୍ଧୁ ଛାଣି
ବାଣୀରେ ତୁମର ଫୁଟୁ ଅଭିନବ ରୂପ
ଜାଗ ଯୌବନ ଜାଳି ଜୀବନର ଧୂପ।
ଜାଳି ଦେଇ ଜରା ଜଡ଼ତା ତମସା ରାଜି
ରୂପର ଆଲୋକେ ଜାଗ ଯୌବନ ଆଜି!
ମରଣ ଯନ୍ତ୍ରେ ଦିଅ ହେ ଆଘାତ ହାଣି
ଛନ୍ଦେ ତାହାର ବାଜି ଉଠୁ ତବ ବାଣୀ। –(ରୂପ ଓ ବାଣୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | | | 4 |
| 6 | 3 | | | | 9 | | | |
| 9 | | | | 1 | 2 | | | |
| | | 5 | | | | | 8 | |
| | | | 1 | | | | | 7 |
| | | | | 2 | 4 | 9 | | |
| 2 | 1 | | 6 | | | 4 | | 5 |
| | 8 | | | 7 | | | | 2 |
| | 4 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 5 | 9 | 7 | 2 | 4 | 6 | 1 |
| 1 | 2 | 9 | 5 | 4 | 6 | 7 | 8 | 3 |
| 7 | 4 | 6 | 1 | 3 | 8 | 5 | 2 | 9 |
| 5 | 7 | 1 | 8 | 6 | 9 | 3 | 4 | 2 |
| 4 | 8 | 3 | 7 | 2 | 1 | 6 | 9 | 5 |
| 6 | 9 | 2 | 4 | 5 | 3 | 1 | 7 | 8 |
| 2 | 1 | 4 | 3 | 9 | 7 | 8 | 5 | 6 |
| 3 | 6 | 7 | 2 | 8 | 5 | 9 | 1 | 4 |
| 9 | 5 | 8 | 6 | 1 | 4 | 2 | 3 | 7 |

ଗତକାଲିର ଉତ୍ତର

# ଲେଖକ ସୃଷ୍ଟି ପାଇଁ ସାହିତ୍ୟ କର୍ମଶାଳା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

କିଛିଦିନ ତଳେ ଖବରକାଗଜରେ ପ୍ରକାଶିତ ଏକ ଖବର 'ବିଦ୍ୟାଳୟରୁ ସୃଷ୍ଟି ହେବେ ଲେଖକ' ମୋତେ ବିସ୍ମିତ କରିଥିଲା। ଖବର ଅନୁସାରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ 'ମୁଁ ବି ଲେଖକ ହେବି' ନାମରେ ଏକ କାର୍ଯ୍ୟକ୍ରମ ଆୟୋଜନ ହେବ। ଗଳ୍ପ, କବିତା, ଉପନ୍ୟାସ ଇତ୍ୟାଦି କିପରି ଲେଖାହେବ, ସେ ସମ୍ପର୍କରେ ତାଲିମ ଦେବା ପାଇଁ କର୍ମଶାଳା ଅନୁଷ୍ଠିତ ହେବ। ପୁରସ୍କାରପ୍ରାପ୍ତ ଲେଖକମାନେ ଏହି କର୍ମଶାଳାରେ ପ୍ରଶିକ୍ଷଣ ଦେବେ। ଏହି ଖବରଟି ମୋତେ ମନେପକାଇ ଦେଇଥିଲା ବିଶିଷ୍ଟ ସ୍ତମ୍ଭକାର ମନୋରଞ୍ଜନ ମହାନ୍ତିଙ୍କ ପ୍ରବନ୍ଧ ''ସାହିତ୍ୟରେ କର୍ମଶାଳା''। ସେ ସ୍ପଷ୍ଟ ଭାବରେ କହିଥିଲେ, ଜୀବନକୁ ଅନ୍ତରଙ୍ଗ ଭାବରେ ଅନୁଶୀଳନ କରି ନ ଥିଲେ ଓ ନିଜର ଅନ୍ତର୍ଦୃଷ୍ଟି ନ ଥିଲେ ଚାପ ପକାଇ ବା ତାଲିମ ଦେଇ କବି ବା ଲେଖକ ସୃଷ୍ଟି କରିବା ସମ୍ଭବ ନୁହେଁ। ଲେଖକ ହେବାପାଇଁ ସ୍ୱତଃସ୍ଫୂର୍ତ୍ତତା ଓ ଅଭିବ୍ୟକ୍ତି ପାଇଁ ଆବେଗ ଥିବା ଦରକାର। ଅଭିମନ୍ୟୁ ସାମନ୍ତସିଂହାର ପିଲାଥିଲାବେଳେ ଗୋଟିଏ କରମଙ୍ଗା ଗଛତଳେ ବସି ଲେଖିଥିଲେ 'କରମଙ୍ଗା ଗଛର ଛାଇ ଗୋ, କରମ ଯାହାର ସଫଳ ହୋଇବ, କୃଷ୍ଣଙ୍କୁ ପାଇବ ସେହି ଗୋ'। ଏହି ଆବେଗ ପରବର୍ତ୍ତୀ ସମୟରେ ତାଙ୍କ ଲେଖନୀ ମୁନରୁ ସୃଷ୍ଟି କଲା 'ବିଦଗ୍ଧ ଚିନ୍ତାମଣି' ଓ 'ପ୍ରେମ ଚିନ୍ତାମଣି' ଭଳି ଦୁଇଟି ରସମୟ କାବ୍ୟ। ଇଂରେଜ କବି ଆଲେକ୍‌ଜାଣ୍ଡାର ପୋପ୍ ପିଲାଦିନେ କବିତା ଲେଖୁଥିଲେ ବୋଲି ତାଙ୍କ ବାପା ତାଙ୍କୁ ମାଡ଼ ମାରିଥିଲେ। ସେ ମାଡ଼ ଖାଇବାବେଳେ କହିଥିଲେ, ''ପାପା ପାପା ପିଟି ଟେକ୍, ଭର୍ସେସ ସାଲ୍ ଆଇ ନେଭର ମେକ୍''। ତାଙ୍କର ଏହି ଉତ୍ତର ବାହାରି ଆସିଥିଲା କବିତା ଭାବରେ। ପରବର୍ତ୍ତୀ ସମୟରେ ସେ ହେଲେ ଅଷ୍ଟାଦଶ ଶତାବ୍ଦୀର ପ୍ରଭାବଶାଳୀ କବି। ଏମାନେ କେହି କେବେ କୌଣସି କର୍ମଶାଳାରେ ଲେଖିବା କଳା ସମ୍ପର୍କରେ ପ୍ରଶିକ୍ଷଣ ନେଇନଥିଲେ। ସେକ୍ସପିଅର, ମିଲ୍‌ଟନ୍, ୱାର୍ଡ୍‌ସୱର୍ଥ, କାଳିଦାସ, ଭବଭୂତି, ଫକୀର ମୋହନ ସେନାପତି, ରାଧାନାଥ, ଗଙ୍ଗାଧର ପ୍ରମୁଖ ପ୍ରତିଷ୍ଠିତ କବି ଓ ଲେଖକ କେହି ଲେଖିବା କଳା ଶିଖିବା ପାଇଁ ତାଲିମ ନେଇ ନ ଥିଲେ। ଲେଖକ ହେବା ପାଇଁ ଆବଶ୍ୟକ ଜୀବନର ଅନୁଶୀଳନ ଓ ଅଭିବ୍ୟକ୍ତି ପାଇଁ ଆବେଗ। ତା' ସାଙ୍ଗକୁ ଅନ୍ୟମାନଙ୍କ ପ୍ରେରଣା ଓ ପୃଷ୍ଠପୋଷକତା ଲେଖକ ସୃଷ୍ଟି କରିବାରେ ସାହାଯ୍ୟ କରିପାରେ। ବିଶିଷ୍ଟ ବଙ୍ଗଳା ଲେଖକ ମନୋରଞ୍ଜନ ବ୍ୟାପାରୀଙ୍କ ସାହିତ୍ୟିକ ଜୀବନ ଏହି ପ୍ରସଙ୍ଗରେ ଏକ ଦୃଷ୍ଟାନ୍ତ।

ମନୋରଞ୍ଜନ ବ୍ୟାପାରୀ କେବେ ସ୍କୁଲରେ ପାଦ ଦେଇନାହାନ୍ତି। ମାତ୍ର ତାଙ୍କର ଉପନ୍ୟାସ ଓ ଗଳ୍ପ ସଂକଳନ ଏତେ ପ୍ରଭାବଶାଳୀ ଯେ, ତାହା ଇଂଲିଶ୍ ଭାଷା ସହିତ ବିଭିନ୍ନ ଭାରତୀୟ ଭାଷାରେ ଅନୂଦିତ ହୋଇ ବହୁ ଲୋକପ୍ରିୟତା ହାସଲ କରିଛି। ସେ ଥିଲେ ଜଣେ ସାଧାରଣ ରିକ୍ସାଚାଳକ। ଭାରତ ସ୍ୱାଧୀନ ହେଲା, ମାତ୍ର ବିଭାଜିତ ହେଲା। ପୂର୍ବବଙ୍ଗରୁ ଶହ ଶହ ପରିବାର ନିଜ ମାତୃଭୂମି ମୋହ ଛାଡ଼ି ଆଶ୍ରୟ ନେଲେ ଭାରତର ଶରଣାର୍ଥୀ ଶିବିରଗୁଡ଼ିକରେ। ସେତେବେଳେ ମନୋରଞ୍ଜନ ବ୍ୟାପାରୀଙ୍କୁ ମାତ୍ର ତିନି ବର୍ଷ। ତାଙ୍କୁ ପାଞ୍ଚବର୍ଷ ହେଲାବେଳକୁ କ୍ଷୁଧା ମେଣ୍ଟାଇବା ପାଇଁ ସେ ଜଣେ ଭଦ୍ରଲୋକଙ୍କ ଗୋରୁ ଚରାଇବା କାର୍ଯ୍ୟରେ ନିଯୁକ୍ତ ହେଲେ। ପରବର୍ତ୍ତୀ ସମୟରେ ସେ ହୋଟେଲରେ କପ୍‌ପ୍ଲେଟ ଧୋଇଲେ ଓ ଜଣେ କନଷ୍ଟେବଲଙ୍କ ଘରେ ରୋଷେଇଆ କାମ କଲେ। କେବଳ ସେତିକି ନୁହେଁ, ସେ ପେଟ ପୋଷିବା ପାଇଁ ଟ୍ରକରେ ଖଲାସି କାମ ଓ ଯାଦବପୁର ଷ୍ଟେଶନରେ କୁଲି କାମ ବି କଲେ। ପରେ ନକ୍ସଲ ଆନ୍ଦୋଳନରେ ଯୋଗ ଦେଇ ଗିରଫ ହେଲେ। ଜେଲ ଭିତରେ ଥିବାବେଳେ ଜଣେ ଉଚ୍ଚଶିକ୍ଷିତ ବନ୍ଦୀଙ୍କ ସଂସ୍ପର୍ଶରେ ଆସି ତାଙ୍କଠାରୁ ଲେଖିବା ଓ ପଢ଼ିବା ଶିଖିଲେ। ଜେଲରୁ ମୁକ୍ତ ହେବାପରେ ସେ ରିକ୍ସା ଚଳାଇ ଜୀବିକା ନିର୍ବାହ କଲେ। ଏହାରି ମଧ୍ୟରେ ସେ ପାଲଟି ଯାଇଥିଲେ ଜଣେ ପଠନପ୍ରିୟ ବ୍ୟକ୍ତି।

ଦିନେ ସେ ଜ୍ୟୋତିଷ ରାୟ କଲେଜ ବାହାରେ ଅପେକ୍ଷାରେ ଥାଆନ୍ତି। ସମୟ କାଟିବା ପାଇଁ ପଢୁଥାନ୍ତି ଗୋଟିଏ ବହି। ସେହି ବହିଟି ଥିଲା 'ଅଗ୍ନିଗର୍ଭ'। ଏହି ସମୟରେ ଜଣେ ଭଦ୍ର ମହିଳା ତାଙ୍କ ରିକ୍ସାରେ ଆସନ୍ତି ବସ୍‌ଷ୍ଟେଶନ ପର୍ଯ୍ୟନ୍ତ। ରାସ୍ତାରେ ଯିବାବେଳେ ସେ ଭଦ୍ର ମହିଳାଙ୍କୁ ପଚାରିଲେ, 'ଦିଦି! ଆପଣଙ୍କ ପାଖରୁ ମୁଁ ଗୋଟିଏ କଥା ଜାଣିବାକୁ ଚାହୁଁଛି। ଜିଜୀବିଷାର ଅର୍ଥ କ'ଣ?' ଭଦ୍ରମହିଳା କହିଲେ, 'ବଞ୍ଚିବାର ଇଚ୍ଛା। ମାତ୍ର ତୁମେ ଏହି ଶବ୍ଦଟି ପାଇଲ କେଉଁଠୁ?' ମନୋରଞ୍ଜନ କହିଲେ, 'ବହିରୁ'। ତୁମେ କେତେ ପାଠ ପଢ଼ିଛ ପ୍ରଶ୍ନର ଉତ୍ତରରେ ସେ ପୁଣି କହିଲେ, 'ମୁଁ ସ୍କୁଲ ଯାଇନାହିଁ। ମାତ୍ର ଜେଲରେ ଥିବାବେଳେ ଜଣେ ଶିକ୍ଷିତ ବନ୍ଦୀଙ୍କଠାରୁ ଲେଖିବା ପଢ଼ିବା ଶିଖିଛି।' ଭଦ୍ରମହିଳା ପଚାରିଲେ, 'ତୁମେ କ'ଣ ସବୁ ବହି ପଢ଼ିଛ?' ମନୋରଞ୍ଜନ ପ୍ରାୟ କୋଡ଼ିଏ ଖଣ୍ଡ ବହିର ନାମ କହି ଦିଅନ୍ତେ ସେହି ଭଦ୍ରମହିଳା ବିସ୍ମିତ ହେଲେ। ସେ ଥିଲେ 'ଅଗ୍ନିଗର୍ଭ' ଉପନ୍ୟାସର ଲେଖିକା ମହାଶ୍ୱେତା ଦେବୀ। ସେ ସେହି ରିକ୍ସାଚାଳକ ମନୋରଞ୍ଜନକୁ ନିଜର ଠିକଣା ଦେଇ ତାଙ୍କ ଘରକୁ ଆମନ୍ତ୍ରଣ କଲେ। ମହାଶ୍ୱେତା ଦେବୀ କହିଲେ, 'ତୁମେ ତୁମର ଜୀବନ କାହାଣୀକୁ ନିଜ ଭାଷାରେ ଲେଖି ମୋତେ ଦିଅ।' ସେ ଲେଖିଲେ ଓ ତାହା ନିୟମିତ ଭାବରେ ମହାଶ୍ୱେତା ଦେବୀଙ୍କ ଦ୍ୱାରା ସଂପାଦିତ 'ବର୍ତ୍ତିକା' ପତ୍ରିକାରେ ପ୍ରକାଶ ପାଇଲା। ପରବର୍ତ୍ତୀ ସମୟରେ ତାଙ୍କର ଆତ୍ମଜୀବନୀ 'ଇତିବୃତ୍ତେ ଚଣ୍ଡାଳ ଜୀବନ' ସାହିତ୍ୟ ଏକାଡେମୀ ପୁରସ୍କାର ଲାଭକଲା। ସେ ଏବେ ଅନ୍ୟୂନ କୋଡ଼ିଏ ଖଣ୍ଡ ବହିର ଜନାଦୃତ ଲେଖକ। ପଶ୍ଚିମବଙ୍ଗ ସରକାର ତାଙ୍କୁ ଦଳିତ ସାହିତ୍ୟ ଏକାଡେମୀର ସଭାପତି ଭାବରେ ନିଯୁକ୍ତ କରି ସମ୍ବର୍ଦ୍ଧିତ କରିଛନ୍ତି। ପୁନଶ୍ଚ ସେ ଏବେ ବିଧାୟକ ଭାବରେ ନିର୍ବାଚିତ ହୋଇଛନ୍ତି। ଏହି ବିଶିଷ୍ଟ ଲେଖକ ମନୋରଞ୍ଜନ ବ୍ୟାପାରୀ କୌଣସି ପ୍ରତିଷ୍ଠିତ ଲେଖକଙ୍କ ପାଖରୁ ସାହିତ୍ୟ ସୃଷ୍ଟି କରିବାର କଳା ଶିକ୍ଷା କରିବାର ତାଲିମ ନେଇନାହାନ୍ତି। ମାତ୍ର ସେ ଆଜି ଜଣେ ପ୍ରତିଷ୍ଠିତ ପ୍ରଭାବଶାଳୀ ଲେଖକ। ତାଙ୍କର ଥିଲା ଜୀବନକୁ ଅନୁଶୀଳନ କରିବାରେ ଜିଜ୍ଞାସା ଓ ଅଭିବ୍ୟକ୍ତି ପାଇଁ ଆବେଗ, ଯାହାକୁ ପ୍ରେରିତ କରିଥିଲେ ବିଶିଷ୍ଟ ଲେଖିକା ମହାଶ୍ୱେତା ଦେବୀ। ସେଥିପାଇଁ ଲୋଡ଼ା ନ ଥିଲା କୌଣସି କର୍ମଶାଳା ବା ତାଲିମ କେନ୍ଦ୍ର।

ସାହିତ୍ୟ କର୍ମଶାଳା ଆୟୋଜନ କରି ତାଲିମ ଦେଇ ଲେଖକ ସୃଷ୍ଟି କରିବା ଏକ ବ୍ୟର୍ଥାଭିମୁଖୀ ପ୍ରୟାସ ଭଳି ମନେହୁଏ। କୌଣସି ଜଣେ ଲେଖକକୁ ଅନୁକରଣ କରି କେହି କେବେ ସଫଳ ଲେଖକ ହେବା ସମ୍ଭବ ନୁହେଁ। ଥିଲେ ଜଣେ ନିଃସନ୍ତାନ ମହିଳା। ସନ୍ତାନ କାମନା କରି ସେ ପହଞ୍ଚିଲେ ଜଣେ ମହାପୁରୁଷଙ୍କ ପାଖରେ। ଲୋଡ଼ିଲେ ତାଙ୍କର ଆଶୀର୍ବାଦ। ମହାପୁରୁଷ କହିଲେ, ''ମୋ ମାଆ ବି ଦିନେ ନିଃସନ୍ତାନ ଥିଲେ। ସେ ଏକ ସନ୍ତାନ ଆଶାରେ ତାଙ୍କ ଗୁରୁଙ୍କ ଆଶୀର୍ବାଦ ଲୋଡ଼ିଲେ। ଗୁରୁ କହିଲେ, 'ତୁମେ ଏକ ରୁପାମୁଦ୍ରା ଧରି ଆସ ଓ ମୋତେ ଦେଖାକର। ମୋ ମାଆ ଗରିବ ଥିବାରୁ ରୁପାମୁଦ୍ରାଟିଏ ଯୋଗାଡ଼ କରିବାକୁ ତାଙ୍କୁ ଅନେକ ଦିନ ଲାଗିଗଲା। ତା'ରି ଭିତରେ ଗୁରୁ ଶହେ କୋଶ ଦୂରବର୍ତ୍ତୀ ଏକ ସ୍ଥାନକୁ ଚାଲିଯାଇଥିଲେ। ମୋ ମାଆ ଚାଲି ଚାଲି ସେ ସ୍ଥାନରେ ପହଞ୍ଚିବା ବେଳକୁ ଗୁରୁ ସେହି ସ୍ଥାନ ପରିତ୍ୟାଗ କରି ଆହୁରି ପଚାଶ କୋଶ ଦୂରରେ ତାଙ୍କ ତମ୍ବୁ ପକାଇଥିଲେ। ମୋ ମାଆ ସନ୍ତାନ ପ୍ରାପ୍ତି ପାଇଁ ଏତେ ବିକଳ ଥିଲେ ଯେ ସେ ପୁଣି ପଚାଶ କୋଶ ପାଦରେ ଅତିକ୍ରମ କରି ସେହି ସ୍ଥାନରେ ପହଞ୍ଚିଗଲେ। ଗୁରୁଙ୍କୁ ରୌପ୍ୟମୁଦ୍ରାଟି ଦେଇ ସେ ତାଙ୍କ ଆଶୀର୍ବାଦ ଭିକ୍ଷା କଲେ। ଗୁରୁ ପ୍ରୀତ ହେଲେ ଓ ଆଶୀର୍ବାଦ ଦେଲେ। ଯଥା ସମୟରେ ମୁଁ ଜନ୍ମ ହେଲି।' ଏହା ଶୁଣି ପୂର୍ବୋକ୍ତ ସନ୍ତାନକାମୀ ମହିଳା କହିଲେ, 'ମହାଭାଗ! ମୁଁ ବି ଆପଣଙ୍କ ମା' ପରି ଗୋଟିଏ ରୁପାମୁଦ୍ରା ସଂଗ୍ରହ କରି ଆଣିବି। ଆପଣ ଯେତେ ଦୂରକୁ ଚାଲିଯାଇଥିଲେ ବି ମୁଁ ସେଠାରେ ପହଞ୍ଚିବି ଓ ଆପଣଙ୍କୁ ରୁପାମୁଦ୍ରାଟିଏ ଦେବି। ଆପଣ ମୋତେ ଆଶୀର୍ବାଦ ଦେବେ।' ସେହି ମହାପୁରୁଷ କହିଲେ, 'ଦେଖ! ମୋ ମାଆ ପାଖରେ କୌଣସି ଦୃଷ୍ଟାନ୍ତ ନଥିଲା। ସେ ଥିଲେ ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ଚାଳିତ ମାତ୍ର ତୁମେ ଦୃଷ୍ଟାନ୍ତ ଚାଳିତ। ଅନତିକ୍ରମ୍ୟ ଏ ପାର୍ଥକ୍ୟ।' ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଦ୍ୱାରା କଥିତ ଏହି କାହାଣୀର ତାତ୍ପର୍ଯ୍ୟ ହେଲା, ପ୍ରେରଣା ଚାଳିତ ସାହିତ୍ୟରେ ଯେଉଁ ମୌଳିକତା ଥାଏ, ଅନୁକୃତ ସାହିତ୍ୟରେ ତାହା ନ ଥାଏ। ଏଣୁ ଲେଖକକୁ ଅନ୍ତଃପ୍ରେରଣା ଚାଳିତ ହେବାକୁ ଦିଆଯାଉ ଓ ସେହି ଅନ୍ତଃପ୍ରେରଣାରୁ ସୃଷ୍ଟି ହେଉ ସାହିତ୍ୟ। ସରକାର ବା ସାହିତ୍ୟ ଏକାଡେମୀ ଲେଖକ ସୃଷ୍ଟି କରିବା ପାଇଁ ତାଲିମ ଦେବା ଲାଗି କର୍ମଶାଳା ଆୟୋଜନ ନ କରି ସେହି ପ୍ରେରଣା ଚାଳିତ ସାହିତ୍ୟିକମାନଙ୍କୁ ଖୋଜି ତାଙ୍କର ପୃଷ୍ଠପୋଷକତା କଲେ ସେମାନେ ଉତ୍ସାହିତ ହୋଇ ଲେଖନୀ ଚାଳନା କରିବେ ଓ ସାହିତ୍ୟଜଗତ ସେମାନଙ୍କ କୃତିରେ ସମୃଦ୍ଧ ହେବ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ: ୯୪୩୭୩୨୯୨୬୩

# ଫେସ୍‌ବୁକ ଯୋଗ୍ୟତା



ହରେକୃଷ୍ଣ ଦାସ

ମୋର ଗୋଟିଏ ଭିଡିଓ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରି ଫେସ୍‌ବୁକରେ ତା'ର ଲିଙ୍କ୍‌ଟି ମୋର ବନ୍ଧୁ ଶେୟାର କରିଛନ୍ତି ବୋଲି ଜାଣିବା ପରେ ସେଇଟିକୁ ମତେ ଦେଖେଇବାକୁ ପତ୍ନୀଙ୍କୁ କହିଲି ଓ ପ୍ରଥମେ ଉତ୍ତର ମିଳିଲା 'ହେଃ, ତମେ ଗୋଟେ... ଫେସ୍‌ବୁକ୍ ପାଇଁ ପୂରା ଅଯୋଗ୍ୟ।' ପରେ ପରେ ଭିଡିଓଟି ଅବଶ୍ୟ ଦେଖିଲି, କିନ୍ତୁ ମୋର ଫେସ୍‌ବୁକ୍ ଯୋଗ୍ୟତା ମୂଲ୍ୟାୟନ କରିବାଟା ଖୁବ୍ ଜରୁରୀ ମନେକଲି।

ମୁଁ ଏକଥା ଭଲ ଭାବେ ଜାଣେ ଯେ, ବର୍ତ୍ତମାନ ସମୟରେ ଏକ ବିଶାଳ ସମ୍ପର୍କର କ୍ଷେତ୍ର ଭାବେ ଫେସ୍‌ବୁକ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତା' ସହିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପରିଚୟ ସୃଷ୍ଟି କରେଇବାରେ ଏକ ଉତ୍କୃଷ୍ଟ ମାଧ୍ୟମ ମଧ୍ୟ ପାଲଟି ପାରିଛି। ଜାତି, ଧର୍ମ, ବର୍ଣ୍ଣ, ବୟସ ଏପରିକି ସାମାଜିକ ସମ୍ପର୍କକୁ ଖାତିର ନ କରି ଏକମାତ୍ର 'ଗଣ ପରିଚୟ' ପାଲଟିଛି 'ଫ୍ରେଣ୍ଡ୍'। ସାମାଜିକ ସମ୍ପର୍କର ଦ୍ୱାହି ଦେଇ କେବେ ବି ସାମ୍ନାସାମ୍ନି କଥା ହେଉ ନ ଥିବା ଦେଢ଼ଶୁର-ଭାଇବୋହୂ, ମଳାଶୁର-ଭଣଜା ବୋହୂ ମଧ୍ୟ ଏଠି 'ଫ୍ରେଣ୍ଡ୍' ବନିବାରେ କୌଣସି ସଂକୋଚ ନ ଥାଏ। ହଜାର ହଜାର ଅଜଣା-ଅଦେଖା ଲୋକଙ୍କୁ କେବଳ 'ପ୍ରୋଫାଇଲ୍' ଦେଖି 'ଫ୍ରେଣ୍ଡ୍' ଭାବେ ଗ୍ରହଣ କରାଯାଏ, ତେବେ ଫେସ୍‌ବୁକରେ ତିଷ୍ଠି ରହିବା ପାଇଁ କେତେଗୁଡ଼ିଏ ସର୍ତ୍ତ ପାଳନ କରିବା ଯେ ନିହାତି ଜରୁରୀ ସେ କଥା ମୋ ମଗଜରେ ନ ଥିଲା।

ମୋ ନିଜର ତଥା ଅନ୍ୟମାନଙ୍କର ଫେସବୁକ୍ କାର୍ଯ୍ୟକଳାପକୁ ମନେପକେଇ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆବିଷ୍କାର କଲି ବୋଲି ମନେହେଲା। ଯେମିତିକି, ସବୁଦିନ ସକାଳୁ ଉଠି ଫେସ୍‌ବୁକ୍ ଖୋଲି ପ୍ରଥମେ 'ନୋଟିଫିକେସନ' ଦେଖିବା ଜରୁରୀ, ସଂଖ୍ୟାଧିକ ପୋଷ୍ଟିଂ ଉପରେ ଅକ୍ଷରଟିଏ ନ ପଢ଼ି ବି 'ୱାଃ', 'ଚମତ୍କାର', ଏ ପ୍ରକାର ଲେଖା ପଢ଼ି ମୁଁ ସ୍ତମ୍ଭୀଭୂତ, 'ତମେ ହିଁ ଆମର ଉଜ୍ଜ୍ୱଳ ଭବିଷ୍ୟତ', 'କଂଗ୍ରାଚୁଲେସନ', 'ଥ୍ୟାଙ୍କ ୟୁ' ଇତ୍ୟାଦି କମେଣ୍ଟ ଦେବାକୁ ହେବ। ଏମିତିକି କେତେକ ପୋଷ୍ଟିଂ ଉପରେ ଅନ୍ୟମାନଙ୍କର କମେଣ୍ଟ ପଢ଼ି ତଦନୁସାରେ କିଛି ବି କମେଣ୍ଟ ଲେଖିଲେ ବି ଚଳିବ। ଆହୁରି ଅନେକ ପୋଷ୍ଟିଂକୁ ସମୟ ବଞ୍ଚେଇବାକୁ ଯାଇ କେବଳ 'ଲାଇକ୍' କରାହେବ। ମେସେଞ୍ଜରରେ ଆସିଥିବା 'ଗୁଡ୍ ମର୍ନିଂ' ଗୁଡ଼ିକର ଉତ୍ତର ଦିଆଯିବ। ନିଜ 'ଟାଇମ୍‌ଲାଇନ'ରେ ବିଭିନ୍ନ ପ୍ରକାର ଧାରକରା, ଦାର୍ଶନିକତାରେ ଭରା କୋଟେସନ, ଏମିତିକି ସ୍ୱରଚିତ ତତ୍କାଳ କବିତା ପୋଷ୍ଟ କରାଯାଇ ତା' ଉପରେ ଆସୁଥିବା 'ଲାଇକ୍' ଓ 'କମେଣ୍ଟ' ସବୁକୁ ନିୟମିତ ବ୍ୟବଧାନରେ ଅନୁଧ୍ୟାନ କରାଯିବ ଏବଂ ତଦନୁସାରେ ନିଜ 'ଫ୍ରେଣ୍ଡ୍' ସଂଖ୍ୟାରେ ବୃଦ୍ଧି ବା ହ୍ରାସ କରାଯିବ। କାରଣ କେବଳ 'ଗୁଡ୍ ମର୍ନିଂ ମାଇଁ ଫ୍ରେଣ୍ଡ୍' ଓ 'ଗୁଡ୍ ନାଇଟ୍ ମାଇଁ ଫ୍ରେଣ୍ଡ୍' ଲେଖି ପଠାଉଥିବା ବନ୍ଧୁଙ୍କ ମେସେଜର ନିୟମିତ ଉତ୍ତର ନ ଦେଲେ ଆପଣ ତାଙ୍କ ପାଇଁ ମଧ୍ୟ ଅଯୋଗ୍ୟ ସାବ୍ୟସ୍ତ ହେବେ। ପୁଣି, ଆପଣ କୋଉମାନଙ୍କ ପୋଷ୍ଟିଂ ଉପରେ 'ଲାଇକ୍' ବା 'କମେଣ୍ଟ' ଦେଉଛନ୍ତି ସେ ମାନଦଣ୍ଡ ଆଧାରରେ ମଧ୍ୟ ଆପଣ 'ଅମୁକ' ଗୋଷ୍ଠୀର ବୋଲି ବିବେଚିତ ହୋଇ ଆପେ ଆପେ କେତେଜଣଙ୍କର 'ଫ୍ରେଣ୍ଡ୍' ଲିଷ୍ଟରୁ ବାଦ୍ ପଡ଼ିଯିବାର ସମ୍ଭାବନା ରହିଛି। ସୁତରାଂ ସତର୍କ ରହିବା ଜରୁରୀ।

ଫେସ୍‌ବୁକରେ ତିଷ୍ଠି ରହିବାଟା ଗୋଟେ ସଂଘର୍ଷଠାରୁ କିଛି କମ୍ ନୁହେଁ। ଉପରୋକ୍ତ କାର୍ଯ୍ୟକଳାପ ବ୍ୟତିରେକେ ନିଜକୁ ଚର୍ଚ୍ଚିତ କରେଇବା ପାଇଁ ମଧ୍ୟ ବିଭିନ୍ନ କୌଶଳ ଆପଣାଇବା ଉଚିତ। ଯେମିତିକି, ନିଜକୁ ଜଣେ ବହୁତ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି, ଯାହାର ମୂଲ୍ୟ ଅନ୍ୟମାନେ ଠିକ ଭାବେ ବୁଝିପାରୁନାହାନ୍ତି ବୋଲି ବିଭିନ୍ନ ପ୍ରକାର ଲେଖା ପୋଷ୍ଟ କରିବା ମାଧ୍ୟମରେ ଜଣେଇ ଅନ୍ୟମାନଙ୍କର ଆଲୋଚନାର ପାତ୍ର ହେବାକୁ ଚେଷ୍ଟା କରାଯିବ। ଅନ୍ୟମାନଙ୍କର ପୋଷ୍ଟିଂ ଉପରେ ନକାରାତ୍ମକ ମନ୍ତବ୍ୟ ଦେଇ, ସେମାନଙ୍କୁ ନୀଚ ଦେଖେଇଲା ଭଳି ଲେଖା 'କମେଣ୍ଟ' ଦେଇ, ସେମାନଙ୍କ କାର୍ଯ୍ୟକଳାପକୁ ମୂଲ୍ୟହୀନ ବୋଲି ସମାଲୋଚନା କରି ନିଜେ ଉପହସିତ ହେଲେ ମଧ୍ୟ ଚର୍ଚ୍ଚାରେ ରହିବାକୁ ଚେଷ୍ଟା କରାଯିବ। ନିଜ ଆଡ଼କୁ ଧ୍ୟାନ ଆକର୍ଷିତ କରିବା ପାଇଁ ସମୟେ ସମୟେ ବିଭିନ୍ନ ପ୍ରକାର ଫଟୋ ପୋଷ୍ଟ କରି ଉତ୍ସୁକତା ସୃଷ୍ଟି କଲା ଭଳି କ୍ୟାପ୍‌ସନ ଲେଖାଯିବା ଉଚିତ। ଯେମିତି, ନିଜର ବିଭିନ୍ନ ବୟସର ତଥା ବିଭିନ୍ନ ଭଙ୍ଗୀରେ ଉଠାଯାଇଥିବା ଫଟୋ ପୋଷ୍ଟ କରି ଲେଖାଯିବ- 'ଏ ଫଟୋମାନଙ୍କ ଭିତରେ କ'ଣ ପାର୍ଥକ୍ୟ ଅଛି କିଏ ଖୋଜି ପାଇପାରିବ ଦେଖିବା...' କିମ୍ବା ନିଜ ବାଡ଼ିରେ ଫଳିଥିବା ପିଜୁଳିର ଫଟୋ ଉଠାଇ ଆମ ବାଡ଼ି ପିଜୁଳିର ସ୍ୱାଦ କିଛି ନିଆରା...' ଇତ୍ୟାଦି କ୍ୟାପ୍‌ସନ ସହ ପୋଷ୍ଟ କରି 'ଲାଇକ୍' ଓ 'କମେଣ୍ଟ୍'କୁ ଅପେକ୍ଷା କରାଯିବ।

ନିଜ ଭିତରେ ଲେଖକପଣିଆ ଉଙ୍କି ମାରୁଥିଲେ କଥାଟା ଆହୁରି ରୋଚକ ତଥା ସଙ୍ଗିନ୍ ବୋଲି ବୁଝିବାକୁ ହେବ। କାରଣ, କେବଳ ଫେସ୍‌ବୁକ ସକାଶେ ସୃଷ୍ଟି ହୋଇ ଚାଲିଥିବା ହଜାର ହଜାର ଲେଖକଙ୍କ ପୋଷ୍ଟିଂ ପ୍ରତି ସଜାଗ ରହିବାକୁ ହେବ। ଆକର୍ଷଣୀୟ ଉଚ୍ଚାରଣ ଶୈଳୀ ତଥା ବେଶ ପୋଷାକରେ ନିଜ ଲେଖାର ଭିଡିଓ ପୋଷ୍ଟ କରୁଥିବା ଲେଖକମାନଙ୍କ ସହ ଯୋଗାଯୋଗ ରକ୍ଷା କରି ସେମାନଙ୍କୁ ଅନ୍ତତଃ 'କଂଗ୍ରାଚୁଲେସନ' ଜଣେଇବା ଜରୁରୀ। ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥିବା 'ଫ୍ରେଣ୍ଡ୍'ମାନଙ୍କୁ ସମୟେ ସମୟେ ଫୋନ କରି ମେସେଜ ଦେଇ ସେମାନଙ୍କ ପୋଷ୍ଟିଂ ଦ୍ୱାରା ଆମେ ଗଭୀର ଭାବେ ଅନୁପ୍ରାଣିତ ବୋଲି ଜଣେଇ, ତାଙ୍କ ଆଶୀର୍ବାଦ ଭିକ୍ଷା କରିବାକୁ ହେବ। ଏମିତିକି, ସେମାନଙ୍କର କିଛି କିଛି ପୋଷ୍ଟିଂକୁ 'ମତେ ଭଲ ଲାଗିଥିବା ମୋର ପ୍ରିୟ ଲେଖକଙ୍କର ଗୋଟିଏ ପୋଷ୍ଟିଂ' ବୋଲି ଲେଖି ଶେୟାର କରାଯିବା ମଧ୍ୟ ଜରୁରୀ।

ଉପରୋକ୍ତ କାର୍ଯ୍ୟକଳାପଗୁଡ଼ିକ ଭିତରୁ କିଛି କିଛି ଊଣାଅଧିକେ କରୁ ନ ଥିଲେ କାଳେ ଜଣଙ୍କର ଫେସ୍‌ବୁକରେ ତିଷ୍ଠି ରହିବାର ନୈତିକ ଅଧିକାର ନ ଥାଏ। ଏତେ କଥାର ଗଭୀର ତର୍ଜମା କରିସାରିବା ପରେ ପତ୍ନୀଙ୍କର ମୋ ପ୍ରତି ତାଚ୍ଛଲ୍ୟର ମର୍ମ ମୁଁ ବୁଝିପାରିଲି। ଏତିକିବେଳେ ଏକ ଅଜଣା ନମ୍ବରରୁ ଫୋନ୍ କଲ ଆସିଲା। ଭଦ୍ର ବ୍ୟକ୍ତି ଜଣକ ସେ ପଟୁ କହିଲେ- ସାର, ଆପଣଙ୍କୁ ଫେସ୍‌ବୁକରେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇବାର ପ୍ରାୟ ମାସେ ପରେ ବି ଆପଣ ତାକୁ ଗ୍ରହଣ କରି ନ ଥିବାରୁ ମତେ ବନ୍ଧୁ ଭାବେ ଗ୍ରହଣ କରିବାକୁ ଅନୁରୋଧ କରି ହ୍ୱାଟ୍‌ସ ଆପ୍‌ରେ ମେସେଜ ଦେଇଥିଲି। ସପ୍ତାହେ ପରେ ମଧ୍ୟ ଆପଣ ସେ ମେସେଜଟି ଦେଖି ନ ଥିବାରୁ ଆଜି ବାଧ୍ୟ ହେଇ ଫୋନ୍ କଲି, ମୋ ଫ୍ରେଣ୍ଡ୍ ରିକ୍ୱେଷ୍ଟଟି ଗ୍ରହଣ କରିବାକୁ ଅନୁରୋଧ। ତାଙ୍କୁ ମିଛସତ କହି ପ୍ରସଙ୍ଗଟି ଟାଳି ଦେଲାବେଳକୁ ଏସବୁ ଅନୁଧ୍ୟାନ କରୁଥିବା ମୋ ଝିଅ କହିଲା- 'ପାପା, କେବଳ ଫେସ୍‌ବୁକ ନୁହଁ, ସବୁ ପ୍ରକାର ସୋସିଆଲ ମିଡିଆ ପାଇଁ ତମେ ଅଯୋଗ୍ୟ।'

-ଅଧ୍ୟାପକ ଇଂଲିଶ୍ ବିଭାଗ, ନିଆଳି କଲେଜ, ନିଆଳି, କଟକ

## ଏଇ ଭାରତରେ

ଭାରତୀୟ ସେନାରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଥିଲେ କିନ୍ତୁ ବ୍ୟକ୍ତିଗତ କାରଣ ଯୋଗୁ ସଫଳ ହୋଇପାରି ନ ଥିଲେ ହର୍ଷ ଗଲୱାଲି। ଏଥିପାଇଁ ସେ ଭାଙ୍ଗି ନ ପଡ଼ି ପ୍ରାକୃତିକ ବିପର୍ଯ୍ୟୟରେ ଲୋକଙ୍କୁ ଉଦ୍ଧାର କରିବାରେ ଲାଗିଛନ୍ତି। ଏବେସୁଦ୍ଧା ସେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭୟଙ୍କର ବିପର୍ଯ୍ୟୟ ମୁହଁରୁ ଉଦ୍ଧାର କରିସାରିଲେଣି। ହର୍ଷଙ୍କ ବୟସ ୨୫। ସେ ଜଣେ ଆଇଟି ପ୍ରଫେସନାଲ। ଚାକିରି କରିବା ସହ ସେ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ଏଥିପାଇଁ ହର୍ଷ ପ୍ରଶିକ୍ଷଣ ନେଇଛନ୍ତି ଓ ଏବେ ମହାରାଷ୍ଟ୍ର ସିଭିଲ ଫୋର୍ସର ଜଣେ କ୍ୟାଡେଟ୍ ଭାବେ ରହିଛନ୍ତି। ମହାରାଷ୍ଟ୍ରର ୨୦୧୯ ପ୍ରଳୟଙ୍କରୀ ବନ୍ୟା ସମୟରେ ସେ ତାଙ୍କ ପ୍ରଥମ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଏନ୍‌ଡିଆର୍‌ଏଫ୍ ସହ। ତା'ପରଠାରୁ ଯେକୌଣସି ବିପର୍ଯ୍ୟୟ ଆସିଛି ସେ ଏନ୍‌ଡିଆର୍‌ଏଫ୍ ଡକରା ପାଇ ଉଦ୍ଧାର କାର୍ଯ୍ୟରେ ସାମିଲ ହେଉଛନ୍ତି। ଏପରିକି ଅଫିସ୍ ସମୟ ମଧ୍ୟରେ ଖବର ପାଇବା କ୍ଷଣି ଉଦ୍ଧାରକାରୀ ଦଳ ସହ ସାମିଲ ହୋଇ ବିପର୍ଯ୍ୟୟ କ୍ଷେତ୍ରକୁ ବାହାରିଯାଆନ୍ତି। ଅତ୍ୟନ୍ତ କଷ୍ଟକର ପରିସ୍ଥିତିରେ ଏପରିକି ବନ୍ୟା ସମୟରେ କୁମ୍ଭୀର ପାଖରେ ରହିଯାଇଥିବା ଲୋକଙ୍କୁ ଉଦ୍ଧାର କରି ସାହସିକତାର ପରିଚୟ ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଥିବା ସମୟରେ ସେ ବହୁବାର ଆହତ ହୋଇଛନ୍ତି ସତ କିନ୍ତୁ ଆଇଟି ବୃତ୍ତିର ଶୀତତାପ ନିୟନ୍ତ୍ରିତ କୋଠରି ତାଙ୍କୁ ସେତିକି ଖୁସି ଦେଇପାରି ନାହିଁ ଯାହା ଲୋକଙ୍କୁ ଉଦ୍ଧାର କରିପାରିବାରେ ପାଉଛନ୍ତି ହର୍ଷ। ପୁଣେର କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ତାଙ୍କ ପିଲାଦିନ କଟିଥିଲା। ସେଠାରେ ସେ ବୁଲା କୁକୁର, ଗୋରୁ ଓ ଅନ୍ୟ ପ୍ରାଣୀମାନଙ୍କୁ ବିପଦରୁ ଉଦ୍ଧାର କରିବା ଆରମ୍ଭ କରିଥିଲେ, ଯାହା ତାଙ୍କୁ ଏବେ ଉଦ୍ଧାର କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲା ବୋଲି କହନ୍ତି ହର୍ଷ। ୨୦୨୧ ମହାରାଷ୍ଟ୍ର ବନ୍ୟାରେ ତାଙ୍କ ଉଦ୍ଧାର କାର୍ଯ୍ୟ ମଧ୍ୟ ବେଶ୍ ପ୍ରଶଂସନୀୟ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଅକ୍ଟୋବର ୧୯୯୬

- ଉଗ୍ରବାଦୀ ତାଲିବାନ ଗୋଷ୍ଠୀର ବୋମାବର୍ଷୀ ବିମାନ କାବୁଲସ୍ଥିତ କାଲକାନ ଗ୍ରାମ ଉପରେ ଆକ୍ରମଣ କରିବା ଫଳରେ ୧୪ ନିହତ।
- ସମାଜବାଦୀ ପାର୍ଟି ସଭାପତି ମୁଲାୟମ ସିଂ ଯାଦବ ରାଜ୍ୟ ବିଧାନସଭାରୁ ଇସ୍ତଫା ଦେଇଛନ୍ତି।
- ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ପଦ ପରିବର୍ତ୍ତେ କେନ୍ଦ୍ରରେ ମନ୍ତ୍ରୀ ହେବା ନେଇ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ଦେଇଥିବା ପ୍ରସ୍ତାବକୁ ବିଏସ୍‌ପି ନେତ୍ରୀ ମାୟାବତୀଙ୍କ ଅଗ୍ରାହ୍ୟ।
- କର୍ଣ୍ଣାଟକର ଚିତ୍ର ଦୁର୍ଗ ଜିଲା ସାନ୍ତେହୋଣ୍ଡାଠାରେ ଏକ ଯାତ୍ରୀବାହୀ ବସ୍ ପାଣିଟାଙ୍କି ଭିତରକୁ ଖସିପଡ଼ିବା ଫଳରେ ୫୨ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଅମୃତ ମହୋତ୍ସବ ବିଷ ହୋଇଗଲା

ମହାଶୟ,

ଦେଶ ସ୍ୱାଧୀନତା ଲାଭର ପଞ୍ଚସ୍ତରି ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ଭାବରେ ପାଳନ କରିବାକୁ ଘୋଷଣା କରିଛନ୍ତି। ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ହିଷ୍ଟୋରିକାଲ ରିସର୍ଚ୍ଚ ପକ୍ଷରୁ ଯେଉଁ ଡିଜିଟାଲ ପୋଷ୍ଟର ଉନ୍ମୋଚିତ କରାଯାଇ ସ୍ୱାଧୀନତା ସଂଗ୍ରାମର ବରିଷ୍ଠ ଆଠଜଣ ସଂଗ୍ରାମୀଙ୍କୁ ଚୟନ କରିଛନ୍ତି ସେମାନଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଣୀ ନେତୃତ୍ୱ ଏବଂ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ବାଦ୍ ପଡିଛନ୍ତି। ଏ ପ୍ରକାର ବିଭ୍ରାନ୍ତିକର ବ୍ୟତିକ୍ରମ ଚୟନମଣ୍ଡଳୀର ଅଜ୍ଞତା ନା ମୋଦି ସରକାରଙ୍କର ଚକ୍ରାନ୍ତ। ଏହା ଅମୃତ ମହୋତ୍ସବକୁ ବିଷମୟ କରିଦେଲା କାହିଁକି? ଦେଶର ବୁଦ୍ଧିଜୀବୀମାନଙ୍କ ମନରେ ପ୍ରଶ୍ନ ଆସୁଛି। ସ୍ୱାଧୀନତା ଲାଭ ପରେ ଦେଶର ଶାସନଭାର ଅନେକ ଜ୍ଞାନୀ ଗୁଣୀ ଲୋକ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ଯୋଗୁ ପଣ୍ଡିତ ନେହେରୁ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇ ଭାରତ ଇତିହାସରେ ଅମର ହୋଇଛନ୍ତି। ମୋଦି ସରକାର ଯେଉଁ ଚକ୍ରାନ୍ତ କରିଛନ୍ତି ତାକୁ ଦେଶବାସୀ ଗ୍ରହଣ କରି ନ ପାରି ହୁଏତ ଅମୃତ ମହୋତ୍ସବଠାରୁ ଦୂରେଇ ଯାଇପାରନ୍ତି।

-ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅଗଷ୍ଟରେ ୧୫ ଲକ୍ଷ ସଦସ୍ୟଙ୍କ ଯୋଗଦାନ

**ନୂଆଦିଲ୍ଲୀ,୨୪।୧୦:** ଚଳିତବର୍ଷ ଅଗଷ୍ଟରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ)ରେ ପ୍ରାୟ ୧୫ ଲକ୍ଷ ନୂଆ ସଦସ୍ୟ ଯୋଗଦାନ କରିଛନ୍ତି। ଗତ ଜୁଲାଇ ତୁଳନାରେ ଅଗଷ୍ଟରେ ୧୨.୬୧% ଅଧିକ ବୋଲି ଇପିଏଫ୍ଓ ପକ୍ଷରୁ କୁହାଯାଇଛି। ଅଗଷ୍ଟରେ ଇପିଏଫ୍ଓରେ ସାମିଲ ହୋଇଥିବା ୧୪.୮୧ ଲକ୍ଷ ସଦସ୍ୟଙ୍କ ମଧ୍ୟରୁ ୯.୧୯ ଲକ୍ଷ ପ୍ରଥମ ଥର ଲାଗି ଯୋଡ଼ି ହୋଇଥିବା କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ସୂଚନା ଦେଇଛି। ସେହିଭଳି ପ୍ରାୟ ୫.୬୨ ଲକ୍ଷ ସଦସ୍ୟ ଏଥିରୁ ଓହରିଯିବା ପରେ ପୁଣି ନିଜ ଚାକିରି ପରିବର୍ତ୍ତନ କରି ଇପିଏଫ୍ଓରେ ଯୋଗଦେଇଛନ୍ତି। ବୟସ ଭିତ୍ତିରେ ଅଗଷ୍ଟ ମାସରେ ୨୨ରୁ ୨୫ ବର୍ଷ ବୟସର ସର୍ବାଧିକ ୪.୦୩ ଲକ୍ଷ ସଦସ୍ୟ ଇପିଏଫ୍ଓରେ ଯୋଗଦେଇଛନ୍ତି। ୧୮ରୁ ୨୧ ବର୍ଷ ବୟସର ୩.୨୫ ଲକ୍ଷ ସଦସ୍ୟ ସାମିଲ ଅଛନ୍ତି। ଏହି କ୍ରମରେ ମହାରାଷ୍ଟ୍ର, ହରିୟାଣା, ଗୁଜରାଟ, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ରାଜ୍ୟର ଉପଭୋକ୍ତା ଆଗରେ ରହିଛନ୍ତି। ଏହି ସବୁ ରାଜ୍ୟଗୁଡ଼ିକ ପ୍ରାୟ ୮.୯୫ ଲକ୍ଷ ନୂଆ ସଦସ୍ୟ ଯୋଡ଼ିଛନ୍ତି ବୋଲି ଶ୍ରମ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ମତବ୍ୟକ୍ତ କରିଛନ୍ତି।

### ସେପ୍ଟେମ୍ବରରେ ୧୬,୫୦୦ କମ୍ପାନୀ ପଞ୍ଜୀକୃତ

**ନୂଆଦିଲ୍ଲୀ,୨୪।୧୦:** ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଦେଶ ମଧ୍ୟରେ ୧୬,୫୦୦ କମ୍ପାନୀ ପଞ୍ଜୀକରଣ କରିଛନ୍ତି। ଏହା ଦ୍ୱାରା ବର୍ତ୍ତମାନ ସକ୍ରିୟ ଥିବା କମ୍ପାନୀ ସଂଖ୍ୟା ୧୪.୧୪ ଲକ୍ଷ ଛୁଇଁଛି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ସୂଚନା ମୁତାବକ, ସେପ୍ଟେମ୍ବର ୩୦ ସୁଦ୍ଧା ୨୨.୩୨ ଲକ୍ଷ କମ୍ପାନୀ ପଞ୍ଜୀକୃତ ଅଛନ୍ତି। ଏହା ମଧ୍ୟରୁ ୭.୭୨ ଲକ୍ଷ କମ୍ପାନୀ ବନ୍ଦ ହୋଇଥିବା ବେଳେ ୨,୨୮୯ ନିଷ୍କ୍ରିୟ ଅବସ୍ଥାରେ ଅଛନ୍ତି। ୬,୯୪୪ କମ୍ପାନୀର ଲିକ୍ୟୁଡେଶନ ପ୍ରକ୍ରିୟା ଜାରି ରହିଛି। ସେହିଭଳି ୩୬,୧୧୧ କମ୍ପାନୀ ସ୍ଥାଣୁ ଅବସ୍ଥାରେ ଥିବା ଜଣାପଡ଼ିଛି। ଗତ ବର୍ଷ ଏପ୍ରିଲରେ ମାତ୍ର ୩,୨୦୯ କମ୍ପାନୀ ପଞ୍ଜୀକରଣ କରିଥିଲେ। ଏହି ହାରକୁ ଦେଖିଲେ ବର୍ତ୍ତମାନ ପଞ୍ଜୀକରଣ ଢେର ବଢ଼ିଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଗତ ବର୍ଷ ସେପ୍ଟେମ୍ବରରେ ୧୬,୬୪୧ କମ୍ପାନୀ ପଞ୍ଜୀକରଣ କରିଥିଲେ। ଗତ ମାସରେ ୪,୫୪୫ ଏଲ୍ଏଲ୍ପି ବର୍ଗରେ ପଞ୍ଜୀକରଣ କରିଛନ୍ତି।

# ଆର୍ଥିକ କ୍ଷେତ୍ରରେ ୨ ବିଲ୍ ଆସିପାରେ

**ନୂଆଦିଲ୍ଲୀ,୨୪।୧୦**

ଶୀତ ଅଧିବେଶନରେ କେନ୍ଦ୍ର ସରକାର ଆର୍ଥିକ କ୍ଷେତ୍ରର ୨ ପ୍ରମୁଖ ବିଲ୍ ଆଣିପାରନ୍ତି। ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ ସମ୍ପର୍କିତ ପଦକ୍ଷେପ ମଧ୍ୟ ଏହା ମଧ୍ୟରେ ସାମିଲ ରହିଛି। ପେନ୍ସନ ପାଣ୍ଠି ନିୟାମକ ଏବଂ ଉନ୍ନତୀକରଣ କର୍ତ୍ତୃପକ୍ଷ (ପିଏଫ୍ଆର୍ଡିଏ) ଆଇନ ୨୦୧୩ ସଂଶୋଧନ ନେଇ ମଧ୍ୟ ବିଲ୍ ଆସିପାରେ ବୋଲି କୁହାଯାଉଛି। ଏହା ଦ୍ୱାରା ପିଏଫ୍ଆର୍ଡିଏ ପରିସରରୁ ନ୍ୟାଶନାଲ ପେନ୍ସନ ସିଷ୍ଟମ(ଏନ୍ପିଏସ୍)କୁ ଅଲଗା କରାଯିବାର କାର୍ଯ୍ୟକ୍ରମ ରହିଛି। ଏଭଳି ଏକ ବ୍ୟବସ୍ଥା ଦ୍ୱାରା ସରକାର ସାର୍ବଜନୀନ ପେନ୍ସନ ସୁବିଧା ସୁନିଶ୍ଚିତ କରାଇବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି କୁହାଯାଉଛି।

ଶୀତ ଅଧିବେଶନରେ ବ୍ୟାଙ୍କିଙ୍ଗ୍ ରେଗୁଲେଶନ ଆକ୍ଟ ୧୯୪୯ ସଂଶୋଧନ ନେଇ ସରକାର ଏକ ବିଲ୍ ଉପସ୍ଥାପନ କରିବା ନେଇ ପ୍ରକ୍ରିୟା ଜଡ଼ିତ ଜଣେ ଅଧିକାରୀ କହିଛନ୍ତି। ସେହିଭଳି ବ୍ୟାଙ୍କିଙ୍ଗ କମ୍ପାନିଜ୍ (ଆକ୍ୱିଜେଶନ ଆଣ୍ଡ ଟ୍ରାନ୍ସଫର ଅଫ୍ ଅଣ୍ଡରଟେକିଂ) ଆକ୍ଟ ୧୯୭୦, ବ୍ୟାଙ୍କିଙ୍ଗ୍ କମ୍ପାନିଜ (ଆକ୍ୱିଜେଶନ ଆଣ୍ଡ ଟ୍ରାନ୍ସଫର ଅଫ୍ ଅଣ୍ଡରଟେକିଂ) ଆକ୍ଟ ୧୯୮୦ ସଂଶୋଧନ ମଧ୍ୟ ଏହା ସହ ଉପସ୍ଥାପିତ ହେବ। ଏହି ବିଲ୍ଗୁଡ଼ିକ ବିଶେଷ ଭାବେ ବ୍ୟାଙ୍କ ଘରୋଇକରଣ ଦିଗରେ ଉଦ୍ଦିଷ୍ଟ ବୋଲି ଅଧିକାରୀ କହିଛନ୍ତି। ୨ଟି ପର୍ଯ୍ୟାୟରେ ବ୍ୟାଙ୍କ ଜାତୀୟକରଣ ଲାଗି ଏହି ବିଲ୍ଗୁଡ଼ିକୁ ସରକାର ଆଣିଥିଲେ।

ଆସନ୍ତା ମାସରେ ଶୀତ ଅଧିବେଶନ ଆରମ୍ଭ ହେବ ବୋଲି କୁହାଯାଉଛି। ଫାଇନାନ୍ସ ବିଲ୍ ବାଦ୍ ଦ୍ୱିତୀୟ ପର୍ଯ୍ୟାୟ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ମଧ୍ୟ ଏହି ସମୟରେ ଆସିପାରେ। ୨୦୨୧-୨୨ ଆର୍ଥିକ ବର୍ଷ ବଜେଟ ଘୋଷଣା ସମୟରେ ସୀତାରାମନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଘରୋଇକରଣ ସମ୍ପର୍କରେ ଘୋଷଣା କରିଥିଲେ। କେନ୍ଦ୍ର ସରକାରଙ୍କ ୧.୭୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ହାସଲ ଦିଗରେ ଏଭଳି ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ସାଧାରଣ ବୀମା କମ୍ପାନୀଗୁଡ଼ିକର ଘରୋଇକରଣ ଲାଗି ସରକାର ସଂସଦର ମଞ୍ଜୁରୀ ଲାଭ କରିଛନ୍ତି। ପିଏଫ୍ଆର୍ଡିଏ ଆଇନ ସଂଶୋଧନ ଦ୍ୱାରା ଏନ୍ପିଏସ୍ ଟ୍ରଷ୍ଟର କାର୍ଯ୍ୟକ୍ଷମତା ପିଏଫ୍ଆର୍ଡିଏ ଅଧୀନରୁ ବାହାରି ଏକ ଚାରିଟେବୁଲ ଟ୍ରଷ୍ଟ କିମ୍ବା କମ୍ପାନୀ ଆଇନ ପରିସରଭୁକ୍ତ ହେବ।

# ଏସ୍ବିଆଇ ପକ୍ଷରୁ ସିଏସ୍ଆର୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୪।୧୦**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍ବିଆଇ)ର ପ୍ରଧାନ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ମାଧ୍ୟମରେ ପରିଚୟ ଫାଉଣ୍ଡେଶନକୁ ୧୦ଲକ୍ଷ ଟଙ୍କା ଏବଂ ଅଗ୍ରିବେଦିକ ସଂସ୍ଥାକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ଏସ୍ବିଆଇର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କୃଷ୍ଣାନ, ମହାପ୍ରବନ୍ଧକ ବିଜୋୟ କୁମାର କୁଜୁର ଓ ବ୍ୟାଙ୍କର ଏମ୍ଡି ସି.ଏସ୍. ସେଠୀ ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ସଂସ୍ଥାଗୁଡ଼ିକୁ ଚେକ୍ ପ୍ରଦାନ କରିଥିଲେ। ଏସ୍ବିଆଇ ସବୁ ସମୟରେ ସମାଜର ମଙ୍ଗଳ ପାଇଁ ସଦାସର୍ବଦା ଚେଷ୍ଟିତ ଏବଂ ଏଥିପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥାଏ ବୋଲି ସେଠୀ ତାଙ୍କ ଅଭିଭାଷଣରେ କହିଥିଲେ। ସେହିଭଳି ପରିଚୟ ଫାଉଣ୍ଡେଶନର ରୋଜାଲିନ ପାଟଶାଣୀ ମିଶ୍ର ଏସ୍ବିଆଇକୁ ଧନ୍ୟବାଦ ଅର୍ପଣ କରି କହିଥିଲେ ଯେ, ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ଅର୍ଥକୁ ସେ ମହିଳା ତଥା ଛାତ୍ରୀମାନଙ୍କ ଶିକ୍ଷାର ବିକାଶରେ ବିନିଯୋଗ କରିବେ। ଏହି ଅର୍ଥରାଶିରେ କିଣା ଯାଇଥିବା ସୋଲାର ଲ୍ୟାମ୍ପ ପିଲାମାନଙ୍କ ଶିକ୍ଷାରେ ଉନ୍ନତି ହେବ ବୋଲି ରୋଜାଲିନ ଦୃଢୋକ୍ତି ପ୍ରକାଶ କରିଥିଲେ। ବ୍ୟାଙ୍କ ପକ୍ଷରୁ ମିଳିଥିବା ଧନରାଶିରେ ସୋଲାର ଷ୍ଟ୍ରୀଟ ଲାଇଟ ସ୍ଥାନୀୟ ଖୋର୍ଦ୍ଧା ଜିଲାର ବିଭିନ୍ନ ଗ୍ରାମପଞ୍ଚାୟତର ଗ୍ରାମଗୁଡ଼ିକରେ ଥିବା ମନ୍ଦିର, କୋଠାଘର ତଥା ପୋଖରୀମାନଙ୍କରେ ଲଗାଯିବ ଏବଂ ଏହାଦ୍ୱାରା ଗ୍ରାମ ଓ ଗ୍ରାମ୍ୟ ଜୀବନର ଉନ୍ନତି ପରିଲକ୍ଷିତ ହେବ ବୋଲି ଡି. ସତ୍ୟନାରାୟଣ ମତବ୍ୟକ୍ତ କରିଛନ୍ତି।

# ଅଧିକ ଷ୍ଟୋର ଖୋଲିବ କ୍ରକୋଡାଇଲ

**ଭୁବନେଶ୍ୱର,୨୪।୧୦**

ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ କ୍ରକୋଡାଇଲ ପକ୍ଷରୁ ପାର୍ବଣ ଉପଲକ୍ଷେ ଗ୍ରାହକଙ୍କୁ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ଷ୍ଟୋରରୁ ୬ ହଜାର ଟଙ୍କାର କ୍ରୟ ଉପରେ ଗ୍ରାହକ ୧ ହଜାର ଟଙ୍କାର ତ୍ୱରିତ୍ କ୍ୟାଶବ୍ୟାକ ପାଇପାରିବେ। ସେହିଭଳି ୧୦ ହଜାର ଟଙ୍କା କ୍ରୟରେ ୨ ହଜାର, ୧୫ ହଜାର ଟଙ୍କା କ୍ରୟରେ ୩,୫୦୦ ଟଙ୍କା ଏବଂ ୨୦ ହଜାର ଟଙ୍କାର କିଣାକିଣି କଲେ ୫ ହଜାର ଟଙ୍କାର ତ୍ୱରିତ ରିହାତି ଗ୍ରାହକ ପାଇବେ। ଓଡ଼ିଶାରେ କମ୍ପାନୀ ୭ ଷ୍ଟୋର ଦ୍ୱାରା ସେବା ଯୋଗାଉଛି। ଏହି ଷ୍ଟୋରଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ୩, କଟକ, ଅନୁଗୋଳ, ଯାଜପୁର ଟାଉନ ଏବଂ ବାଲେଶ୍ୱର ଭଳି ସ୍ଥାନଗୁଡିକରେ ରହିଛି। ସେହି ଭଳି ସାରା ଦେଶରେ କମ୍ପାନୀ ୫୮ ବ୍ରାଣ୍ଡ ଷ୍ଟୋର ଦ୍ୱାରା ସେବା ଯୋଗାଉଛି। ଏହାବାଦ ମଲ୍ଟି ବ୍ରାଣ୍ଡ ଷ୍ଟୋର ଏବଂ ଲାର୍ଜ ଫର୍ମାଟ ଷ୍ଟୋରଗୁଡିକରେ କମ୍ପାନୀ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଛି।

କ୍ରକୋଡାଇଲ ଟି-ଶାର୍ଟଗୁଡ଼ିକ ୪୨୯ ଟଙ୍କାରୁ ଆରମ୍ଭ ହୋଇ ୧୬୯୯ ଟଙ୍କା ଯାଏ ରହିଛି। ସେହିଭଳି ଶାର୍ଟ ଏବଂ ଟ୍ରାଉଜର ମୂଲ୍ୟ ୧୫୯୯ ଟଙ୍କାରୁ ୨୩୯୯ ଟଙ୍କା ଯାଏ ରହିଛି। ଜିନ୍ସଗୁଡ଼ିକ ୧୭୯୯ ଟଙ୍କାରୁ ଆରମ୍ଭ ହୋଇ ୨୩୯୯ ଟଙ୍କାରେ ଉପଲବ୍ଧ ହେଉଛି। ଅଣ୍ଡର ଗାର୍ମେଣ୍ଟ ଏବଂ





ସ୍ପୋର୍ଟସ୍ୱେର ୨୦୦ ଟଙ୍କାରୁ ଆରମ୍ଭ ହୋଇ ୧ ହଜାର ଟଙ୍କାରେ ଗ୍ରାହକ କିଣିପାରିବେ। ଏହା ବାଦ୍ ବିଭିନ୍ନ ଆସେସୋରିଜ ମଧ୍ୟ ଗ୍ରାହକଙ୍କ ଲାଗି ଉପଲବ୍ଧ। ଗ୍ରାହକଙ୍କ ଲାଗି ବଛା ବଛା ପ୍ରଡକ୍ଟ ଉପରେ ଫ୍ଲାଟ ୪୦% ରିହାତି ମିଳୁଛି। ଅଫରର ସୀମା ନିର୍ଦ୍ଦିଷ୍ଟ ସମୟ ଲାଗି ରହିଛି। ଷ୍ଟୋର ପରିଦର୍ଶନ କରି ଅଫରର ଲାଭ ଉଠାଇବାକୁ କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ନିବେଦନ କରାଯାଇଛି। ଡେନିମ, ଶାର୍ଟ, ଟି ଶାର୍ଟ ଭଳି ପ୍ରାୟ ୧୦ ବର୍ଗରୁ ଗ୍ରାହକ ସେମାନଙ୍କ ମନ ପସନ୍ଦର ପ୍ରଡକ୍ଟ ଚୟନ କରିପାରିବେ। ବିଭିନ୍ନ ଡିଜାଇନ ଏବଂ ଷ୍ଟାଇଲର ପ୍ରଡକ୍ଟ ପାର୍ବଣ ଉପଲକ୍ଷେ କମ୍ପାନୀ ଯୋଡିଛି।

କମ୍ପାନୀ ଓଡ଼ିଶାରେ ସମ୍ପ୍ରସାରଣ ଧାରା ଜାରି ରଖିଛି। ଏବେ ୭ ଷ୍ଟୋର ଖୋଲିଥିବା

### ପାର୍ବଣରେ ଦେଉଛି ଆକର୍ଷଣୀୟ ରିହାତି

ବେଳେ ଆଗକୁ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାରେ ନୂଆ ଷ୍ଟୋର ଦ୍ୱାରା ସେବା ଯୋଗାଣ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ବିଶେଷ ଭାବେ ଯୁବବର୍ଗଙ୍କ ପ୍ରଡକ୍ଟକୁ ଧ୍ୟାନରେ ରଖିଛି। ୧୯୫୨ରେ ସିଙ୍ଗାପୁରରେ ସ୍ଥାପିତ ଏହି କମ୍ପାନୀ ପୁରୁଷଙ୍କ ଟି-ଶାର୍ଟ ଯୋଗାଣ କ୍ଷେତ୍ରରେ ବେଶ୍ ଲୋକପ୍ରିୟ ହୋଇପାରିଛି। ଏହାର ଶାର୍ଟ,ଟି-ଶାର୍ଟ ଏବଂ ଡେନିମକୁ ମଧ୍ୟ ଗ୍ରାହକ ବେଶ୍ ଭଲ ପାଇବା ଦେଉଥିବା ବେଳେ ଗ୍ରାହକଙ୍କ ନିକଟତର ହେବାକୁ ସକ୍ଷମ ହୋଇଥିବା କମ୍ପାନୀ କହିଛି। ଯୁବବର୍ଗଙ୍କୁ ସର୍ବଦା ଅଗ୍ରାଧିକାର ଦେଉଥିବା ଏହି ବ୍ରାଣ୍ଡର ପ୍ରଡକ୍ଟଗୁଡ଼ିକ ୧୦୦% କଟନ। ଏହା ଶତ ପ୍ରତିଶତ ଆରାମ ଏବଂ ଫିଟିଂ ପ୍ରଦାନ କରିବ ବୋଲି କମ୍ପାନୀ କହିଛି। କମ୍ପାନୀର ପୂର୍ବାଞ୍ଚଳ ଆଞ୍ଚଳିକ ମୁଖ୍ୟ ଶୋଭନ ମିଶ୍ର କହିଛନ୍ତି, କୋଭିଡ୍ ସତ୍ତ୍ୱେ ମଧ୍ୟ ଓଡ଼ିଶାରେ କାରବାର ଉନ୍ନତ ରହିଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଟ୍ୱିନ୍ ସିଟିରେ ଆଉ ୨ ଷ୍ଟୋର ଖୋଲିବାକୁ ଯୋଜନା ରଖାଯାଇଛି। ଷ୍ଟୋର ପରିଦର୍ଶନ କରି ଗ୍ରାହକ ବିଭିନ୍ନ ପ୍ରଡକ୍ଟ ଚୟନ ସହ ଆକର୍ଷଣୀୟ ରିହାତିର ଲାଭ ଉଠାଇପାରିବେ।

# ପେଟିଏମ୍ ସିଇଓଙ୍କ ଡ୍ୟାନ୍ସ ଭିଡିଓ ଟୁଇଟରରେ ଟ୍ରେଣ୍ଡ୍



ବିଜୟ ଶେଖର ଶର୍ମା

**ନୂଆଦିଲ୍ଲୀ,୨୪।୧୦**

ପେଟିଏମ୍ ସିଇଓ ବିଜୟ ଶେଖର ଶର୍ମାଙ୍କ ଏକ ଡ୍ୟାନ୍ସ ଭିଡିଓ ସମ୍ପର୍କିତ ଟୁଇଟ୍ ରବିବାର ଟୁଇଟରରେ ଟ୍ରେଣ୍ଡ୍ କରୁଥିବା ଦେଖାଯାଇଛି। ଏହାକୁ ଶିଳ୍ପପତି ହର୍ଷ ଗୋଏଙ୍କା ନିଜ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ଏହି ଭିଡିଓର କ୍ୟାପ୍ସନରେ ହର୍ଷ ଗୋଏଙ୍କା ଲେଖିଛନ୍ତି, ଭାରତର ସବୁଠାରୁ ବଡ ଆଇପିଓ ମଧ୍ୟରୁ ଗୋଟିଏକୁ ସେବି ମଞ୍ଜୁରୀ ପ୍ରଦାନ କରିବା ପରେ ପେଟିଏମ୍ ଅଫିସରେ ଖୁସିର ଲହରି। ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମା ହିନ୍ଦୀ ସିନେମା ଲାବାରିସର ଏକ ଗୀତ 'ଅପନି ତୋ ଜୈସି-ତୈସି କଟ୍ ଯାଏଗି'ରେ ନିଜ କର୍ମଚାରୀଙ୍କ ସହ ଧୁମ୍ ନାଚୁଥିବା ଦେଖାଯାଇଛି। ସେବି ପେଟିଏମ୍ର ୧୬,୫୦୦ କୋଟି ଟଙ୍କା ଆଇପିଓକୁ ମଞ୍ଜୁରୀ ପରେ ଏହା ଖୁସିର ଝଲକ ଶର୍ମାଙ୍କ ମୁହଁରେ ଦେଖାଯାଉଥିବା କୁହାଯାଇଛି।

# ବର୍ଦ୍ଧିତ ତେଲ ଦର: ପାର୍ବଣରେ ଖର୍ଚ୍ଚ କମାଇଲେ ଖାଉଟି

**ନୂଆଦିଲ୍ଲୀ,୨୪।୧୦**

ଦେଶ ମଧ୍ୟରେ ତେଲ ଦର ଥମିବାର ନାଁ ନେଉନାହିଁ। ଗତ ବର୍ଷ ମାର୍ଚ୍ଚ ପରଠାରୁ ପେଟ୍ରୋଲ ଏବଂ ଡିଜେଲ ଦର ଊର୍ଦ୍ଧ୍ୱଗାମୀ ହୋଇଚାଲିଛି। ଏହି ଅବଧିରେ ପେଟ୍ରୋଲ ଏବଂ ଡିଜେଲ ଯଥାକ୍ରମେ ୨୮.୫୦ ଏବଂ ୨୬ ଟଙ୍କା ବଢ଼ିଛି। ବର୍ଦ୍ଧିତ ତେଲ ଦର ଏବେ ଖାଉଟିଙ୍କୁ ବୋଝ ହୋଇଛି। ଦେଶର ୧୦ ପ୍ରମୁଖ ସହରରେ କରାଯାଇଥିବା ଏକ ସର୍ଭେରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଏହି ସହରଗୁଡ଼ିକର ପ୍ରାୟ ୬୦% ପରିବାର ପାର୍ବଣରେ ଖର୍ଚ୍ଚ କମାଇଛନ୍ତି। ତେଲ ଦର ବଢ଼ିବା ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିଛି। ଏହା ପରିବାରଗୁଡ଼ିକର ବଜେଟକୁ ପ୍ରଭାବିତ କରିଛି। ଲୋକମାନେ ଖର୍ଚ୍ଚ ସମୟରେ ବିଭିନ୍ନ ଦିଗକୁ ବିଚାର କରୁଥିବା ଅନ୍ଲାଇନ ପ୍ଲାଟଫର୍ମ ଲୋକାଲ ସର୍କଲ ପକ୍ଷରୁ ହୋଇଥିବା ସର୍ଭେରୁ ଏହା ସାମ୍ନାକୁ ଆସିଛି।

ଏହି ସଂସ୍ଥା ପକ୍ଷରୁ ହୋଇଥିବା 'ମୁଡ୍ ଅଫ୍ କଞ୍ଜ୍ୟୁମର' ଜାତୀୟ ସର୍ଭେରେ କୁହାଯାଇଛି ଚଳିତବର୍ଷ ମେ ମାସ ତୁଳନାରେ ସେପ୍ଟେମ୍ବରରେ ଅଧିକ ଲୋକ ଖର୍ଚ୍ଚ ପାଇଁ ଯୋଜନା ରଖିଥିଲେ। କୋଭିଡ୍ ସ୍ଥିତି ସୁଧାର ଆସିବାରୁ ଲୋକଙ୍କ ମନୋଭାବ କିଛିଟା ବଦଳିଛି। ଦେଶର ୧୦ ପ୍ରମୁଖ ସହରରେ ଗତ ଗୋଟିଏ ମାସ ହେବ କ୍ରୟ ସମୟରେ ପରିବାରଗୁଡ଼ିକ ବିଭିନ୍ନ ଦିଗ ଉପରେ ବିଚାର କରୁଛନ୍ତି। ତେଲ ଦର ବଢ଼ିବା ଯୋଗୁ ଏହାର ପ୍ରଭାବ ଦରଦାମ ଉପରେ ପଡିଥିବା ଲୋକାଲ ସର୍କଲର ପ୍ରତିଷ୍ଠାତା ସଚିନ ଟାପାରିଆ କହିଛନ୍ତି।

ଫୁର୍ସତ୍

# ଆଇସିୟୁରେ ପ୍ରେମିକାଙ୍କୁ ବିବାହ



**ଲଣ୍ଡନ:** ୧୮ ମାସ ପୂର୍ବରୁ ସାକ୍ଷାତ ହୋଇଥିଲା। ପରେ ପରସ୍ପରକୁ ମନ ଦେଇଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ଏକାଠି ରହିବା ପାଇଁ ପ୍ରେମିକା ୨୮ ବର୍ଷୀୟା ଏନା ଲେଗରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବ୍ରିଟେନର ୩୪ ବର୍ଷୀୟ ଗ୍ରେସ୍ ପିଟର୍ସ। ଉଭୟ ପରିବାର ଲୋକେ ଏଥିରେ ରାଜି ବି ହୋଇଥିଲେ। ହେଲେ ଗୋଟିଏ ଦୁର୍ଘଟଣା ସବୁକିଛି ବଦଳାଇ ଦେଲା। ଏକ କାର୍ ଦୁର୍ଘଟଣାରେ ଏନା ଗୁରୁତର ହୋଇପଡ଼ିଥିଲେ। ଫଳରେ ତାଙ୍କୁ ହସ୍ପିଟାଲ ଆଇସିୟୁରେ ରହିବାକୁ ପଡ଼ିଥିଲା। ଏନା ଆଉ ବେଶି ସମୟ ବଞ୍ଚିବେନି ବୋଲି ଡାକ୍ତର କହିବା ପରେ ଗ୍ରେସ୍ଙ୍କ ପାଦତଳୁ ମାଟି ଖସିଯାଇଥିଲା। ଏନାଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଡାକ୍ତରଙ୍କ ଅନୁମତି ପରେ ସେହି ଆଇସିୟୁରେ ଗ୍ରେସ୍ ଏନାଙ୍କୁ ବିବାହ କରିବା ପରେ ଏନାଙ୍କ ମୃତ୍ୟୁ ଘଟିଥିଲା। ଏଭଳି ଦୁଃଖଦ ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

# ଅଶ୍ଳୀଳ ୱେବ୍ସାଇଟ୍ରେ ଗଣିତ ଶିକ୍ଷା

**ତାଇପେଇ ସିଟି:** କରୋନା ମହାମାରୀ ଯୋଗୁ ଅନ୍ଲାଇନରେ ପିଲାଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଏଥିସହ ପୂର୍ବ ରେକର୍ଡ ବା ପ୍ରିରେକର୍ଡେଡ ଭିଡିଓ ଉପରେ ମଧ୍ୟ ଛାତ୍ରୀଛାତ୍ର ନିର୍ଭରଶୀଳ। ଏପରି ସମୟରେ ତାଇୱାନର ଜଣେ ଶିକ୍ଷକ ଭିନ୍ନ ଏକ ପନ୍ଥା ଅବଲମ୍ବନ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି। ତାଇୱାନର ଗଣିତ ଶିକ୍ଷକ ଚାଙ୍ଗସୁ ଏକ ନିର୍ଦ୍ଦିଷ୍ଟ ଅଶ୍ଳୀଳ ଭିଡିଓ ୱେବ୍ସାଇଟ୍ରେ



୨୦୦ରୁ ଅଧିକ ଗଣିତ ଶିକ୍ଷାର ଭିଡିଓ ଅପଲୋଡ୍ କରିଛନ୍ତି। ପ୍ରଥମେ ଛାଙ୍ଗ୍ସୁ କେବଳ ୟୁଟ୍ୟୁବ୍ରେ ଭିଡିଓଗୁଡ଼ିକ ଅପଲୋଡ୍ କରୁଥିଲେ। ହେଲେ ୨୦୨୦ରେ ସେ ଅଶ୍ଳୀଳ ଭିଡିଓ ପ୍ଲାଟଫର୍ମରେ ନିଜ ଗଣିତ ଶିକ୍ଷା ଭିଡିଓଗୁଡ଼ିକ ଅପଲୋଡ୍ କଲେ। ଗଣିତରେ ମାଷ୍ଟର ଡିଗ୍ରୀ ହାସଲ କରିଥିବା ଚାଙ୍ଗସୁ ଦୀର୍ଘ ୧୫ ବର୍ଷ ଧରି ସ୍କୁଲରେ ପଢ଼ାଇ ଆସୁଛନ୍ତି । ଅଶ୍ଳୀଳ ୱେବ୍ସାଇଟଗୁଡ଼ିକରେ ତାଙ୍କ ଗଣିତ ଭିଡିଓଗୁଡ଼ିକୁ ମଧ୍ୟ ଲୋକେ ପସନ୍ଦ କରୁଛନ୍ତି। ୩୪ ବର୍ଷୀୟ ଚାଙ୍ଗସୁ କୁହନ୍ତି, ଆଡଲ୍ଟ ଓ୍ୱେବ୍ସାଇଟ୍ର ବାସ୍ତବତା ବିଷୟରେ ସେ ଅବଗତ ଅଛନ୍ତି। ସେ ବିଶ୍ୱାସ କରନ୍ତି ଯେ, ତାଙ୍କର ପ୍ରାୟ ୬୦% ଦର୍ଶକ ତାଙ୍କ ଭିଡିଓକୁ ଉପହାସ କରନ୍ତି। ଏହା ସତ୍ତ୍ୱେ ତାଙ୍କର ଅନେକ ଗଣିତ ଶିକ୍ଷଣ ଭିଡିଓ ୧.୬ ମିଲିୟନ ଭ୍ୟୁ ଅତିକ୍ରମ କରିଛି। ଲୋକଙ୍କ ନିକଟରେ ଗ୍ରହଣୀୟ ହୋଇପାରିଥିବାରୁ ସେ ଏହାକୁ ଜାରି ରଖିବେ ବୋଲି କହିଛନ୍ତି।


## 4th Birthday



**Shaira Kuanar (Rishu)**
Father's Name: Ranjan Kuanar
Mother's Name: Sonali Sabnam
With Best Compliments of
Aja, Aee, Meemee, Jeja, Jejemaa, Baba, Mama, Badababa, Badamama, Dada, Khudi & Kunudidi
D-22054

## ଜନ୍ମବାର୍ଷିକ ଶୁଭେଚ୍ଛା



**ପରମଜିତ୍ ଯତ୍‌ରାଜ୍ ବିହାରି (ଢୁଗୁ)**
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଳାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:- ବାପା, ମାଆ, ଜେଜେବାପା, ଜେଜେମାଆ, ଦାଦା, ଖୁଡ଼ୀ,
ଧ-୨୨୦୧୭

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## କେମିତି ମଦ ଛାଡ଼ିବେ

ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି। ସମୟ ଦିବା ୧୦ଟାରୁ ୨ଟା।

**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ ... ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏଫ୍.ମାର୍ଗ। **ରାଉରକେଲା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ୍, ରେଲୱେଷ୍ଟେସନ ପାଖ। **ପାରାଦୀପ:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲଡେନ ପ୍ୟାଲେସ୍, ବସ୍ଷ୍ଟାଣ୍ଡ ପାଖ। **କେନ୍ଦୁଝର:** ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍ଷ୍ଟାଣ୍ଡ ପାଖ। **ଝାରସୁଗୁଡ଼ା:** ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ୍। **ଅନୁଗୁଳ:** ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍ଷ୍ଟାଣ୍ଡ ପାଖ। **ବ୍ରହ୍ମପୁର:** ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍ଷ୍ଟାଣ୍ଡ ପାଖ। **ଭବାନୀପାଟଣା:** ୧୩ ଏବଂ ୨୭ ତାରିଖ, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଏବଂ ୨୮ ତାରିଖ, ହୋଟେଲ ଶାଗଲା, ପ୍ରାଇଭେଟ୍ ବସ୍ଷ୍ଟାଣ୍ଡ ପାଖ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

## ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ

2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ସୁଲତାନ ମିର୍ଜା**
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

## VISWAJANANI FINANCE

ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573


# ଜୀବନସାଥୀ ଖୋଜୁଛନ୍ତି କ୍ରୀତି



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନଙ୍କ ଫିଲ୍ମ 'ହମ ଦୋ ହମାରେ ଦୋ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ୍ମରେ ସେ ରାଜକୁମାର ରାଓଙ୍କ ସହ ନଜର ଆସିବେ। ଏହି ଦୁଇ ଷ୍ଟାର ଆଜିକାଲି ସେମାନଙ୍କର ଫିଲ୍ମକୁ ନେଇ ଜୋରଦାର ପ୍ରଚାର କରୁଛନ୍ତି। ଏହି ସମୟରେ କ୍ରୀତି ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ବି ଅନେକ କଥା କହିଛନ୍ତି। ସେ କିପରି ଜୀବନ ସାଥୀ ଖୋଜୁଛନ୍ତି ସେ ସମ୍ପର୍କରେ ପ୍ରକାଶ କରିଛନ୍ତି। କ୍ରୀତି କହିଛନ୍ତି, ମୁଁ ପ୍ରକୃତରେ ଏମିତି ଜଣେ ବ୍ୟକ୍ତିଙ୍କ ପ୍ରେମରେ ପଡ଼ିବି, ଯିଏ କି ତାଙ୍କ ପରିବାରକୁ ମଧ୍ୟ ଗୁରୁତ୍ୱ ଦେଉଥିବେ। ମୁଁ ଜଣେ ସ୍ନେହୀ, ସଚ୍ଚୋଟ, ବିଶ୍ୱସ୍ତ ଜୀବନସାଥୀ ଚାହୁଁଛି। ଯାହାଙ୍କ ସହିତ ମୋର ସମ୍ପର୍କ ସବୁଦିନ ରହିପାରିବ। କ୍ରୀତିଙ୍କ ଏହି ବିବୃତି ପରେ ଅନେକ ଚର୍ଚ୍ଚା ହେଉଛି। ଆଜିକାଲି କ୍ରୀତି ତାଙ୍କର ଆଗାମୀ ଫିଲ୍ମକୁ ନେଇ ବି ହେଡ୍ଲାଇନ୍ରେ। ତାଙ୍କ ଆକ୍ସନ ପ୍ୟାକ୍ ଫିଲ୍ମ 'ଗଣପଥ'ର କାର୍ଯ୍ୟ ପାଇଁ ସେ ଲଣ୍ଡନ ଯାଇଛନ୍ତି। ଅଭିନେତ୍ରୀ ଏକ ବ୍ରାଉନ ଜମ୍ପଶୁଟ୍ ସହିତ ଏକ ଓଭର ସାଇଜ କୋଟରେ ନଜର ଆସିଛନ୍ତି। ଭିଡିଓରେ ଅଭିନେତ୍ରୀ ବହୁ ଗ୍ଲାମରସ ଷ୍ଟାଇଲରେ ପୋଜ୍ ଦେଇଥିବା ଦେଖିବାକୁ ମିଳିଛି। ସବୀର ଖାନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନେତା ଟାଇଗର ଶ୍ରଫଙ୍କ ସହ ସେ ପ୍ରମୁଖ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ୨୦୨୨ ଖ୍ରୀଷ୍ଟମାସ ଅବସରରେ ରିଲିଜ ହେବ ବୋଲି କୁହାଯାଉଛି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ଧ୍ରୁବ ଚରଣ ବେହେରା**
ଗଣ୍ଡରପୁର (ମଝିସାହି), ଭୁବନେଶ୍ୱର ଉତ୍ତର
ଆବିର୍ଭାବ: ୦୮.୦୬.୧୯୪୬
ତିରୋଧାନ: ୧୫.୧୦.୨୦୨୧
ଆପଣ ଗ୍ଲିଗଲେନି ତ ବରଂ ସବୁଦିନ ପାଇଁ ଆମ ହୃଦୟକୁ ଯନ୍ତ୍ରଣାରେ ଛଟପଟ ହେବାକୁ ଛାଡ଼ି ଦେଇଗଲ ବାପା। ତୁମ ଅବର୍ତ୍ତମାନରେ ଏ ସଂସାରର ବୋଝକୁ ମୁଣ୍ଡେଇ ଗ୍ଲିବା ଖୁବ୍ କଷ୍ଟ। ଆପଣଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଜୀବନର ଚଲାପଥକୁ ଆଲୋକିତ କରିବ।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ହତଭାଗ୍ୟ ପୁତ୍ର
ବ୍ରଜରାଜ, ଅଶୋକ(ପୁତୁରା), ଯୁବରାଜ, ଦେବରାଜ, କବିରାଜ, ମଙ୍ଗରାଜ ଏବଂ ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ
ଧ-୨୨୦୪୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ବସନ୍ତ କୁମାର ଦାସ**
ବାରିପଦା, ମୟୂରଭଞ୍ଜ
ଆବିର୍ଭାବ - ୦୧.୦୨.୧୯୪୬
ତିରୋଧାନ - ୦୫.୧୧.୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କୁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୨୦୪୫

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ୨୫ ଅକ୍ଟୋବର, ୨୦୨୧ Bhubaneswar, Monday, October 25/2021

# ପୂର୍ବାଞ୍ଚଳ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାରେ ଓଡ଼ିଶା ପ୍ରଥମ



ପାଟଣାସ୍ଥିତ ବାପୁ ସଭାଗାରଠାରେ ଆୟୋଜିତ ପୂର୍ବାଞ୍ଚଳ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ଓଡ଼ିଶାର କୃତୀ ପ୍ରତିଯୋଗୀମାନେ।

## ୨୩ ସ୍ୱର୍ଣ୍ଣ, ୨୦ ରୌପ୍ୟ ପଦକ

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**

ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ବିହାରର ପାଟଣାଠାରେ ଆୟୋଜିତ ପୂର୍ବାଞ୍ଚଳ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାରେ ସର୍ବାଧିକ ପଦକ ଜିତି ସ୍କିଲ୍ଡ-ଇନ୍-ଓଡ଼ିଶା ପ୍ରତିଯୋଗୀମାନେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ମୋଟ ୨୩ ସ୍ୱର୍ଣ୍ଣ ଓ ୨୦ ରୌପ୍ୟ ପଦକ ହାସଲ କରି ପୂର୍ବାଞ୍ଚଳ ଜୋନ୍‌ରେ ପ୍ରଥମ ହୋଇଛି।

କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ ଦ୍ୱାରା ଗତ ୨୦ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ପୂର୍ବାଞ୍ଚଳ ଜୋନ୍‌ରେ ଥିବା ଓଡ଼ିଶା ସମେତ ଆସାମ, ବିହାର, ଝାଡ଼ଖଣ୍ଡ, ମିଜୋରାମ, ତ୍ରିପୁରା ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ୍ ଓ ନିକୋବର କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୨୪୫ଜଣ ଯୁବ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶାରୁ ୮୫ଜଣ ପ୍ରତିଯୋଗୀ ୩୯ଟି ସ୍କିଲ୍‌ରେ ଅଂଶଗ୍ରହଣ କରିଥିଲେ। ମୋଟ୍ ୫୯ ଜଣ ପ୍ରତିଯୋଗୀ କୃତିତ୍ୱ ହାସଲ କରି ଜାତୀୟ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୩ଜଣ ଯୁବତୀ ରହିଥିବାବେଳେ ୱେଲ୍ଡିଂ, ଡେକୋରେଟିଙ୍ଗ୍ ଏବଂ ପେଣ୍ଟିଂ ଭଳି ପୁରୁଷ ପ୍ରାଧାନ୍ୟ ସ୍କିଲ୍ସରେ ନିଜର ପାରଦର୍ଶିତା ଦେଖାଇଛନ୍ତି। ସେହିଭଳି ୬ଟି ସ୍କିଲ୍‌ରେ ଓଡ଼ିଶାର ୧୬ଜଣ ପ୍ରତିଯୋଗୀ ୱାକ୍ ଓଭର ରୂପେ ଚୟନ ହୋଇଛନ୍ତି, ଅର୍ଥାତ୍ ଏସବୁ ସ୍କିଲ୍‌ରେ ଅନ୍ୟ କୌଣସି ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରି ନ ଥିଲେ। ପାଟଣାସ୍ଥିତ ବାପୁ ସଭାଗାରଠାରେ ୨୩ ତାରିଖରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିହାର ରାଜ୍ୟପାଳ ଫଗୁ ଚୌହାନ ରାଜ୍ୟର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀ ଡିସେମ୍ବରରେ କର୍ନାଟକର ବେଙ୍ଗାଲୁରୁଠାରେ ଇଣ୍ଡିଆ ସ୍କିଲ୍ସରେ ଭାଗ ନେବେ। ଜାତୀୟ ବିଜେତାମାନେ ୨୦୨୨ ଅକ୍ଟୋବରରେ ଚାଇନାର ସାଙ୍ଘାଇରେ ହେବାକୁ ଥିବା ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ଦେଶ ପାଇଁ ପ୍ରତିନିଧିତ୍ୱ କରିବେ। ତେବେ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତା ନିମନ୍ତେ ଓଡ଼ିଶାର ମିଶନ ୨-୩-୪ ଅର୍ଥାତ୍ ଦୁଇଟି ସ୍ୱର୍ଣ୍ଣ, ତିନୋଟି ରୌପ୍ୟ ଓ ଚାରୋଟି ତାମ୍ର ପଦକ ହାସଲ ଲକ୍ଷ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଖୁସିବ୍ୟକ୍ତ କରିବା ସହ ବିଜେତାମାନଙ୍କୁ ଜାତୀୟ ଓ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ସଫଳତା ହାସଲ କରିବା ପାଇଁ କଠିନ ପରିଶ୍ରମ ଜାରି ରଖିବାକୁ କାମନା କରିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗୀୟ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମଧ୍ୟ ବିଜେତାଙ୍କୁ ଅଭିନନ୍ଦନ ଜଣାଇ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।




# ୨୦୨୬ ସୁଦ୍ଧା ପୋଲିଓ ମୁକ୍ତ ବିଶ୍ୱ ଗଠନ ଲକ୍ଷ୍ୟ

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**

ପୋଲିଓ ଭଳି ମାରାତ୍ମକ ରୋଗକୁ ୨୦୨୬ ସୁଦ୍ଧା ବିଶ୍ୱରୁ ସମ୍ପୂର୍ଣ୍ଣ ହଟାଇବାକୁ ଲକ୍ଷ୍ୟ ରଖିଛି ଆନ୍ତର୍ଜାତିକ ରୋଟାରି ସଂସ୍ଥା। ବିଶ୍ୱ ପୋଲିଓ ଦିବସ ଅବସରରେ ଏଭଳି ମତ ରଖିଛନ୍ତି ରୋଟାରିଆନ ତଥା ଭୁବନେଶ୍ୱର ରୋଟାରି ଜିଲା ଗଭର୍ନର ଶାନ୍ତନୁ କୁମାର ପାଣି। ରବିବାର ରୋଟାରି ଜିଲା ପକ୍ଷରୁ ରୋଟାରି କ୍ଲବ୍ ଭୁବନେଶ୍ୱର ତତ୍ତ୍ୱାବଧାନରେ ରୋଟାରି ଭବନଠାରେ ଇଂ. ଏସ୍.ଏସ୍. ହରିଚନ୍ଦନଙ୍କ ସଭାପତିତ୍ୱରେ ସଭା ଓ ସଚେତନତା ପଦଯାତ୍ରା କରାଯାଇଥିଲା। ଏହାକୁ ରୋଟାରିୟାନ ପାଣି ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରି କହିଲେ, ପୋଲିଓମୁକ୍ତ ବିଶ୍ୱ ଗଠନ ପାଇଁ ଲକ୍ଷ ରଖିଛି ଆନ୍ତର୍ଜାତିକ ରୋଟାରି ସଂସ୍ଥା। ସଚେତନତା ସୃଷ୍ଟି କରିବା, ଜନସାଧାରଣଙ୍କ ବନ୍ଧୁ ଭାବରେ ସହଯୋଗର ହାତ ବଢ଼ାଇବା ଆଦି ବିଭିନ୍ନ କାର୍ଯ୍ୟ ସମଗ୍ର ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି। ରୋଟାରି ୨୦୨୩ରୁ ସଚେତନତା ସୃଷ୍ଟି କରିବା ସହ ପୂର୍ବବର୍ଷଗୁଡ଼ିକ ଭଳି ମାଗଣା ପୋଲିଓ ବୁନ୍ଦା ବଣ୍ଟନ କରାଯିବ ବୋଲି ଶାନ୍ତନୁ କହିଛନ୍ତି। ଏହି ଅବସରରେ ଏକ ସଚେତନତା ଯାତ୍ରା ରୋଟାରି ଭବନରୁ ବାହାରି ହାଉସିଂ ବୋର୍ଡ଼ ଛକଦେଇ ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ପୋଲିଓ ମୁକ୍ତ ଭାରତ ସ୍ଲୋଗାନ ଦିଆଯାଇଥିଲା।




ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଆନ୍ତର୍ଜାତିକ ରୋଟାରି ସଂସ୍ଥାର ସଦସ୍ୟମାନେ।

କାର୍ଯ୍ୟକ୍ରମକୁ ରୋଟାରିଆନ ସୁକାନ୍ତ ସାହୁ, ଅନିଲ୍ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଜିଲା ଅଧ୍ୟକ୍ଷ (ସଚେତନତା କମିଟି) ଯଜ୍ଞାଶିଶ ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଜ୍ଞାନ ରଞ୍ଜନ ରଥ ଧନ୍ୟବାଦ ଦେଇଥିଲେ। ଭୁବନେଶ୍ୱର ସେଣ୍ଟ୍ରାଲର ସଭାପତି ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବିକ୍ରମାଦିତ୍ୟ ନାୟକ, ଅଜୟ ପଟ୍ଟନାୟକ, ମମତା ବାଜପେୟୀ, ଡଃ ଗଗନ ବିହାରୀ ରାଉତ ପ୍ରମୁଖ ଯୋଗଦେଇଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୫/୨୦୨୧ (୮+୪=୧୨ ପୃଷ୍ଠା) | Bhubaneswar, Monday, October 25/2021 

## ନେତାଜୀଙ୍କ ସହ ଜଡ଼ିତ ସ୍ଥାନର ପ୍ରଚାର ଲାଗି କେନ୍ଦ୍ରର ଯୋଜନା

**ନୂଆଦିଲ୍ଲୀ, ୨୪।୧୦:** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସହ ଜଡ଼ିତ ଦେଶର ବିଭିନ୍ନ ସ୍ଥାନର ପ୍ରଚାର ପ୍ରସାର ଲାଗି କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଆଜାଦ ହିନ୍ଦ୍ ସରକାର ଗଠନ ବାର୍ଷିକୀରେ ସ୍ମୃତିଚାରଣ ପାଇଁ ଏହି ସ୍ଥାନଗୁଡ଼ିକୁ କ୍ୟୁରେଟେଡ୍ ଟୁର୍ ମାଧମରେ ପ୍ରଚାର କରାଯିବ ବୋଲି ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୧୯୪୩ ଅକ୍ଟୋବର ୨୧ରେ ସୁଭାଷ ସିଙ୍ଗାପୁରରେ ଅସ୍ଥାୟୀ ଆଜାଦ ହିନ୍ଦ୍ ସରକାର ଗଠନ ସମ୍ପର୍କରେ ଘୋଷଣା କରିଥିଲେ। ଏହି ସରକାର ନେତୃତ୍ୱରେ ସେ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ଲାଗି ସଂଗ୍ରାମ ଚଳାଇଥିଲେ। ନେତାଜୀଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନ ଓ ଏକାଧିକ ରୁଟ୍‌କୁ ଚିହ୍ନଟ କରାଯାଇ ଭ୍ରମଣ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟଯୋଜନାକୁ ଟୁର୍ ଅପରେଟରମାନଙ୍କୁ ଯୋଗାଇ ଦିଆଯିବ। ବିଭିନ୍ନ ସ୍ଥାନ ମଧ୍ୟରେ ନେତାଜୀଙ୍କ ଜନ୍ମସ୍ଥାନ ଓଡ଼ିଶାର କଟକ ସହର ରହିଛି। ମନ୍ତ୍ରଣାଳୟର ଭ୍ରମଣ ଯୋଜନାରେ କଟକ-କୋଲକାତା-ଆଣ୍ଡାମାନ ରୁଟ୍ ରହିଛି। କଟକରେ ନେତାଜୀଙ୍କ ବାସଭବନ ଓ ସେ ପାଠ ପଢ଼ିଥିବା ଷ୍ଟିୱାର୍ଟ ସ୍କୁଲ୍ ଏବଂ ରେଭେନ୍ସା କଲେଜିଏଟ୍ ସ୍କୁଲ୍ ରହିଛି। ସେହିପରି କୋଲକାତାର ପ୍ରେସିଡେନ୍ସି କଲେଜ, ନେତାଜୀ ଭବନ ଏବଂ ୧୯୪୩ରେ ଆଇଏନଏ ପତାକା ଉଡ଼ାଇଥିବା ଆଣ୍ଡାମାନର ପୋର୍ଟ ବ୍ଲେୟାର ଉକ୍ତ ଟୁର୍ ରୁଟ୍‌ରେ ସାମିଲ ହୋଇଛି।

# ଚାଇନା ଆଣିଲା ଭୂ ସୀମା ଆଇନ

**୧୪ ପଡ଼ୋଶୀ ଦେଶ ସହ ଚାଇନାର ସୀମା ଲାଗି ରହିଛି। ସେଥିରୁ ଆଫଗାନିସ୍ତାନ, କାଜାକସ୍ତାନ, କିର୍ଗିଜସ୍ତାନ, ଲାଓସ୍, ମ୍ୟାନ୍‌ମାର, ମଙ୍ଗୋଲିଆ, ନେପାଳ, ଉତ୍ତର କୋରିଆ, ପାକିସ୍ତାନ, ରୁଷିଆ, ତାଜିକିସ୍ତାନ ଓ ଭିଏତ୍‌ନାମ ସହ ସୀମା ବିବାଦର ଆପାତତଃ ସମାଧାନ ହୋଇଛି। କିନ୍ତୁ ଭାରତ ସହିତ ୩,୪୮୮ କି.ମି. ଏବଂ ଭୁଟାନ ସହ ସଂଲଗ୍ନ ୪୦୦ କି.ମି. ବିସ୍ତୃତ ସୀମାକୁ ନେଇ ଚାଇନାର ବିବାଦ ଅମୀମାଂସିତ ରହିଛି। ଏହାର ସମାଧାନ ପାଇଁ ଭାରତ ଓ ଭୁଟାନ ବେଜିଂ ସହ ଅନେକ ଥର ଆଲୋଚନା କରିଥିଲେ ହେଁ ସେଥିରୁ ବିଶେଷ ସୁଫଳ ମିଳିନାହିଁ। ଏଭଳି ସମୟରେ ଚାଇନା ଏକ ଭୂ ସୀମା ଆଇନ ଆଣିଛି, ଯାହା ବଳରେ ସୀମାନ୍ତରେ ପିଏଲ୍ଏ ସୈନ୍ୟ ସାମରିକ ପଦକ୍ଷେପ ନେଇପାରିବେ। ଭାରତ ଏଥିରୁ କ୍ଷତିଗ୍ରସ୍ତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।**

- ଏଲ୍ଏସିରେ ବଢ଼ିବ ପିଏଲ୍ଏ ଶକ୍ତି
- ଭାରତ କ୍ଷତିଗ୍ରସ୍ତ ହେବା ଆଶଙ୍କା



**ବେଜିଂ,୨୪।୧୦**

ଭାରତ-ଚାଇନା ସୀମା ବିବାଦ ଲାଗି ରହିଥିବାବେଳେ ବେଜିଂ ଲ୍ୟାଣ୍ଡ ବର୍ଡର ଲ ନାମରେ ଏକ ନୂଆ ଆଇନ ଆଣିଛି। ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି) ପକ୍ଷରୁ ଶନିବାର ମଞ୍ଜୁରୀ ଲାଭ କରିଥିବା ଏହି ଆଇନରେ ସୀମା ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ୨୦୨୨ ଜାନୁୟାରୀ ୧ରୁ ଲାଗୁ ହେବାକୁ ଥିବା ଏହି ଆଇନ ବଳରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତା ହେଉଛି ପବିତ୍ର, ଯାହାକୁ ଲଂଘାଯାଇପାରିବ ନାହିଁ। କ୍ଷେତ୍ରୀୟ ଅଖଣ୍ଡତା ଓ ଭୂ ପରିସୀମାକୁ ସୁରକ୍ଷା ଦେବା ପାଇଁ ଚାଇନା ଆବଶ୍ୟକ ପଦକ୍ଷେପ ନେଇପାରିବ। ସେହିପରି ଦେଶର ସାର୍ବଭୌମତ୍ୱକୁ ନ୍ୟୂନ କରୁଥିବା କୌଣସି କାର୍ଯ୍ୟ ବିରୋଧରେ ଚାଇନା ସରକାର ଓ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଲଢ଼େଇ କରିପାରିବ ବୋଲି ରବିବାର ସେଠାକାର ସରକାରୀ ଗଣମାଧ୍ୟମ ଶିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଭାରତ-ଚାଇନା ମଧ୍ୟରେ ୩,୪୮୮ କି.ମି. ବିସ୍ତୃତ ସୀମା ରହିଛି। ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ ଓ ଅରୁଣାଚଳ ପ୍ରଦେଶ ସହ ସଂଲଗ୍ନ ଏହି ସୀମାକୁ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) କୁହାଯାଏ। ଉପଯୁକ୍ତ ଭାବେ ଏହାର ପରିମାପ କରାଯାଇ ନ ଥିବାରୁ ଅନେକ ସମୟରେ ଦୁଇଦେଶ ମଧ୍ୟରେ ସୀମାକୁ ନେଇ ବିବାଦ ମୁଣ୍ଡ ଟେକିଛି। ବିଭିନ୍ନ ସମୟରେ ଚାଇନା ସୈନ୍ୟ ଭାରତୀୟ ଭୂଖଣ୍ଡକୁ ଅନୁପ୍ରବେଶ କରି ସୀମାନ୍ତ ରାଜ୍ୟଗୁଡ଼ିକର ବ୍ରିଜ୍ ଭଙ୍ଗାରୁଜା କରିବା ଭଳି କାଣ୍ଡ ଭିଆଇଥାଆନ୍ତି।

ଏପରି କି ଭାରତୀୟ ଯବାନ ଏବଂ ପିଏଲ୍ଏ ସୈନ୍ୟଙ୍କ ମଧ୍ୟରେ ଅନେକ ଥର ରକ୍ତାକ୍ତ ସଂଘର୍ଷ ମଧ୍ୟ ଘଟିଛି। ଏଥିରେ ଉଭୟ ପକ୍ଷର ସୈନ୍ୟ ମୃତାହତ ହୋଇଛନ୍ତି। ସୀମା ବିବାଦର ସମାଧାନ ପାଇଁ କମାଣ୍ଡରସ୍ତରୀୟ ଆଲୋଚନା ଚାଲିଥିଲେ ହେଁ ସେଥିରୁ କୌଣସି ସୁଫଳ ମିଳୁନାହିଁ। ସେହିପରି ପଡ଼ୋଶୀ ଭୁଟାନ ସହ ମଧ୍ୟ ଚାଇନାର ସୀମା ବିବାଦ ଲାଗିରହିଛି। ଏହି ପରିପେକ୍ଷୀରେ ଚାଇନା ପ୍ରଥମେ ଗତ ମାର୍ଚ୍ଚରେ ଭୂ ସୀମା ଆଇନ ସମ୍ପର୍କିତ ପ୍ରସ୍ତାବ ଆଣିଥିଲା। ନୂଆ ଆଇନ ଅନୁସାରେ ଚାଇନା ଏହି ଅମୀମାଂସିତ ବିବାଦକୁ ନେଇ ଏକତରଫା କାର୍ଯ୍ୟାନୁଷ୍ଠାନ ନେଇପାରିବ। ଶାସକ ଚାଇନା କମ୍ୟୁନିଷ୍ଟ ପାର୍ଟି ଦଖଲରେ ଥିବା ପାର୍ଲାମେଣ୍ଟ ଶନିବାର ଏହାକୁ ଅନୁମୋଦନ କରିଛି।। ଉକ୍ତ ଆଇନ ଅନୁସାରେ ଚାଇନା ପଡ଼ୋଶୀ ଦେଶଗୁଡ଼ିକ ସହ ସୀମା ବିବାଦ ଲାଗିରହିଥିବା ଅଞ୍ଚଳରେ ସାମରିକ ଶକ୍ତି ବୃଦ୍ଧି, ଆର୍ଥିକ ଓ ସାମାଜିକ ବିକାଶକୁ ସମର୍ଥନ, ସରକାରୀ ସେବା ପ୍ରଦାନ ଏବଂ ଭିତ୍ତିଭୂମି ନିର୍ମାଣ କରିପାରିବ।

ଭାରତ-ଚାଇନା ସୀମା ବିବାଦ ପରିପ୍ରେକ୍ଷୀରେ ସୀମାନ୍ତ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ୧୯୯୩ରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଭାରତୀୟ ଅଧିକାରୀଙ୍କ ମତରେ ଗତ ଗ୍ରୀଷ୍ମଋତୁରେ ଏଲ୍ଏସିରେ ପିଏଲ୍ଏ ଅତୀତର ୪ ସୀମା ଚୁକ୍ତିକୁ ଉଲ୍ଲଂଘନ କରିଥିଲା। ଅନେକ ସମୟରେ ଉଭୟ ପକ୍ଷ ଏଲ୍ଏସିକୁ ନେଇ ରହିଥିବା ଭିନ୍ନ ଧାରଣା ଯୋଗୁ ମୁହାଁମୁହିଁ ହୋଇଛନ୍ତି। ୨୦୨୦ ଜୁନ୍‌ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଘଟିଥିବା ରକ୍ତାକ୍ତ ସଂଘର୍ଷରେ ଭାରତର ୨୧ ଯବାନ ଶହୀଦ ହୋଇଥିଲେ। ସେହିପରି ୨୦୧୭ ଜୁନରେ ଡୋକ୍‌ଲାମ ମାଳଭୂମିକୁ ନେଇ ଚାଇନା ଓ ଭୁଟାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଭିତରେ ଭାରତ ଫସିଯାଇଥିଲା। ଚାଇନା ନିଜ ସୀମାରେ ୬୨୮ ଅତ୍ୟାଧୁନିକ ଗ୍ରାମ ପ୍ରତିଷ୍ଠା କରୁଥିବା ନେଇ ରିପୋର୍ଟ ଆସିଥିବାବେଳେ ଏହାର ନୂଆ ଆଇନ ପଡ଼ୋଶୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଘରୁ ଡାକିନେଇ ଯୁବତୀଙ୍କୁ ହତ୍ୟା

**କେନ୍ଦୁଝର,୨୪।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଜଣେ ଶିଶୁ କନ୍ୟାଙ୍କ ଗଳିତ ମୃତଦେହ ଜବତ ହେବାର ଦିନକ ପରେ ପୁଣି ଜଣେ ଯୁବତୀଙ୍କୁ ଘରୁ ଡାକିନେଇ ହତ୍ୟା କରାଯିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ରବିବାର ଅପରାହ୍ନରେ ନିକଟସ୍ଥ ଅମରିବୁଦା ଭର୍ତ୍ତି ଏକ ପରିତ୍ୟକ୍ତ ସ୍ଥାନରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ତାଙ୍କ ମୃତଦେହ ଜବତ ହୋଇଛି। ପଣ୍ଡାପଡ଼ା ଥାନା ଅଧୀନ ବସନ୍ତପୁର ବଡ଼ଖମଣ ସାହିରେ ଶନିବାର ରାତିରେ ଏହି ଅମାନବୀୟ ଘଟଣା ଘଟିଛି। ଶରୀରରେ କ୍ଷତଚିହ୍ନ ଥିବାରୁ ତାଙ୍କୁ କେହି ଡାକି ନେଇ ବଳାତ୍କାର ପରେ ହତ୍ୟା କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଯୁବତୀ ଜଣକ ତାଙ୍କ ମା'ଙ୍କ ସହ ଘରେ ଶୋଇଥିଲେ। ରାତି ପ୍ରାୟ ୧୧ଟା ବେଳେ ମା'ଙ୍କ ନିଦ ଭାଙ୍ଗି ଯିବାରୁ ଝିଅ ପାଖରେ ନ ଥିବା ଦେଖିଥିଲେ। ପରିବାର ଲୋକେ ରାତିସାରା ଖୋଜା ଖୋଜି କରିଥିଲେ ହେଁ ଝିଅଙ୍କୁ ପାଇ ନ ଥିଲେ। ତେବେ ଯୁବତୀ ଜଣକ ବ୍ୟବହାର କରୁଥିବା ଫୋନ ମିଳି ନ ଥିବାରୁ ନାନା ସନ୍ଦେହ ସୃଷ୍ଟି ହେଉଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କେନ୍ଦୁଝର ସଦର ଏସ୍‌ଡିପିଓ ପି.ଜେ. ଟପ୍ପୋ କହିଛନ୍ତି।




ବନ୍ଦେ ମାତରମ୍ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ରବିବାର ପଥପ୍ରାନ୍ତ ନାଟକ ପରିବେଷଣ ଅବସରରେ କୋଭିଡ୍-୧୯ ବେଶଧାରୀ ଜଣେ କଳାକାର ସଚେତନତାର ବାର୍ତ୍ତା ଦେଉଛନ୍ତି।

# ଚାକିରିରୁ ବିଦାହେଲେ କନ୍‌ଷ୍ଟେବଲ ପ୍ରସନ୍ନ

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ)**

- **ମନୀଷ ହତ୍ୟା ମାମଲାରେ ତଦନ୍ତଭୁକ୍ତ ହୋଇଥିଲେ**
- **ତାଙ୍କ ବିରୋଧରେ ୮ ପ୍ରୋସିଡିଂ, ୫ ମାମଲା ରହିଛି**

ନିଲମ୍ବିତ ଓ ଗିରଫ ହୋଇଥିବା ବିବାଦୀୟ କନ୍‌ଷ୍ଟେବଲ ତଥା ଭୁବନେଶ୍ୱର ହାବିଲ୍‌ଦାର ଓ କନ୍‌ଷ୍ଟେବଲ ସଂଘ ସମ୍ପାଦକ ପ୍ରସନ୍ନ ବେହେରାଙ୍କୁ ଶେଷରେ ବହିଷ୍କାର କରାଯାଇଛି। ସେ ରିଜର୍ଭ ପୋଲିସ୍‌ରେ କାର୍ଯ୍ୟରତ ଥିଲେ। ତାଙ୍କ ବିରୋଧରେ ୮ଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ୫ଟି ମାମଲା ରହିଛି। ଡିସିପି ଉମାଶଙ୍କର ଦାଶ ଏସବୁର ତର୍ଜମା କରିବା ପରେ ରବିବାର ପ୍ରସନ୍ନଙ୍କୁ ଚାକିରିରୁ ବିଦା କରିଛନ୍ତି। ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷଙ୍କୁ ହତ୍ୟା ମାମଲାରେ ଛନ୍ଦି ହୋଇ ସେ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ତମାଣ୍ଡୋ ଥାନାଞ୍ଚଳରେ ଥିବା ହୋଟେଲ ସାଉଥ୍‌ସିଟିର ବାର୍‌କୁ ଭାଇ ନିରଞ୍ଜନ ବେହେରାଙ୍କ ନାଁରେ ଲିଜ୍‌ରେ ନେଇ ସେଠାରେ ନାନା ବେଆଇନ କାରବାର ଚଳାଉଥିବା ଜଣାପଡିବା ପରେ ସେ ପୋଲିସ ସ୍କାନରକୁ ଆସିଥିଲେ। ବିନା ଲାଇସେନ୍ସରେ ଚାଲୁଥିବା ଉକ୍ତ ବାର୍‌ରେ ବିଳମ୍ବିତ ରାତି ଯାଏ ମଦ ଆସର ଜମୁଥିଲା ଓ ଏଥିସହ ବାର୍ ଗର୍ଲଙ୍କ ଉପରେ ଟଙ୍କା ଫିଙ୍ଗି ନାଚଗୀତ ଚାଲୁଥିଲା। ପ୍ରସନ୍ନଙ୍କ ଏସବୁ କଳାକାରନାମାର ପ୍ରମାଣ ମିଳିବା ପରେ ଡିସିପି ଉମାଶଙ୍କର ଦାଶ ତାଙ୍କୁ ଶୁକ୍ରବାର ନିଲମ୍ବିତ କରିଥିଲେ। ଶନିବାର ତମାଣ୍ଡୋ ଥାନା ପୋଲିସ ପ୍ରସନ୍ନଙ୍କ ସମେତ ହୋଟେଲ ମାଲିକ ପ୍ରଦ୍ୟୁମ୍ନ ଜେନା ଓ ବାର୍ ମ୍ୟାନେଜର ସୌଭିକ କୁମାର ଜେନାଙ୍କୁ ଗିରଫ କରିଥିଲା। ନାଇଟ୍ କର୍ଫ୍ୟୁ ଓ କୋଭିଡ୍ ନିୟମକୁ ଉଲ୍ଲଂଘନ କରିବା ସହ ବିନା ଲାଇସେନ୍ସରେ ବାର୍ ଚଳାଉଥିବାରୁ ସେମାନଙ୍କ ନାମରେ ଆଇପିସି ଦଫା ୨୬୯, ୨୭୦, ୧୬୮, ୧୨୦(ବି) ସମେତ ୫୨(ଏ) ଓଡ଼ିଶା ଏକ୍ସସାଇଜ୍ ଆକ୍ଟ, ୯୬ ଓୟୁପି ଆକ୍ଟ/୩ଇଡି ଆକ୍ଟରେ ମାମଲା (ନଂ. ୨୨୧/୨୧) ରୁଜୁ କରିଥିଲା।



ପ୍ରସନ୍ନ ବେହେରା

ସେହିପରି ପ୍ରସନ୍ନ ପୋଲିସ ବିଭାଗରେ କାର୍ଯ୍ୟ କରିବା ପରେ ଏକାଧିକ ଆପରାଧିକ ମାମଲାରେ ତାଙ୍କର ସମ୍ପୃକ୍ତି ପଦାକୁ ଆସିଥିଲା। ତାଙ୍କ ନାଁରେ କମିଶନରେଟ୍ ପୋଲିସର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ୨୦୦୧ରେ ବାଲିଅନ୍ତା ମଦମୃତ୍ୟୁ ମାମଲାରେ ଗୁପ୍ତତଥ୍ୟ ଲିକ୍ ଅଭିଯୋଗରେ ପୋଲିସ ପ୍ରସନ୍ନଙ୍କ ବିରୋଧରେ ମାମଲା (ନଂ.୨୨/୦୧) ରୁଜୁ କରିଥିଲା। ୨୦୦୫ରେ ଲକ୍ଷ୍ମୀସାଗର ଥାନାରେ ତାଙ୍କ ବିରୋଧରେ ଆଇପିସି ଦଫା ୨୫/୨୭ ଅସ୍ତ୍ରଶସ୍ତ୍ର ☞ ପୃଷ୍ଠା-୨

# ବଢ଼ୁନି ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ଅବସର ବୟସ

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**

ରାଜ୍ୟରେ ଏବେ ବିଭିନ୍ନ ବଶ୍ୱବିଦ୍ୟାଳୟରେ ବହୁ ପଦବୀ ଖାଲି ପଡ଼ିଛି। ଏପରିକି ଉତ୍କଳ ବିଶ୍ୱବିଦ୍ୟାଳୟରେ ମଧ୍ୟ ୫୦% ପଦବୀ ଖାଲି ପଡ଼ିଛି। ଗୋଟିଏ ପଟେ ପଦବୀ ଶୀଘ୍ର ପୂରଣ ହୋଇପାରୁ ନ ଥିବାବେଳେ ଅନ୍ୟପଟେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ୬୦ବର୍ଷରେ ଅବସର ହୋଇଯାଉଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଶେଷକରି ଗବେଷଣା କ୍ଷେତ୍ରରେ ଏହାର ପ୍ରଭାବ ଅଧିକ ପଡୁଛି। ବିଶ୍ୱବିଦ୍ୟାଳୟ ଶିକ୍ଷକଙ୍କ ଅବସର ସମୟ ୬୦ରୁ ୬୫ବର୍ଷ କରିବା ପାଇଁ ୨୦୦୭ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ହେଲେ ଏହି ନିର୍ଦ୍ଦେଶ ଓଡ଼ିଶାରେ କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ସମସ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଓ ପ୍ରାଧ୍ୟାପକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

ୟୁଜିସି ଗାଇଡ୍‌ଲାଇନ ଅନୁସାରେ ଦେଶରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ଅବସର ବୟସ ୬୫କୁ ବୃଦ୍ଧି କରିବା କଥା। ସବୁ ସେଣ୍ଟ୍ରାଲ ୟୁନିଭରସିଟି ଓ ଦେଶର ଅଧିକାଂଶ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏହା ଲାଗୁ କରାଯାଇଛି। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଭଳି ପଡ଼ୋଶୀ ରାଜ୍ୟ ସମେତ ଅନ୍ୟ କେତେକ ରାଜ୍ୟରେ ଏହାକୁ ଲାଗୁ କରାଗଲାଣି। କିଛି ରାଜ୍ୟରେ ୬୦ରୁ ୬୨ବର୍ଷକୁ ମଧ୍ୟ ବୃଦ୍ଧି କରାଯାଇଛି। କିନ୍ତୁ ଓଡ଼ିଶାର ଷ୍ଟେଟ୍ ୟୁନିଭରସିଟିଗୁଡ଼ିକରେ ଏହାକୁ ଲାଗୁ କରାଯାଇ ନାହିଁ। ଫଳରେ ସବୁ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।




ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ(ୟୁୟୁଟିଏ) ପକ୍ଷରୁ ବହୁବାର ରାଜ୍ୟ ସରକାରଙ୍କୁ ଏନେଇ ଅବଗତ କରାଗଲାଣି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଏଥିରେ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରାଯାଇଛି। ସଂଘର କହିବାନୁଯାୟୀ, ରାଜ୍ୟ ସରକାର ସରକାରୀ କଲେଜର ଶିକ୍ଷକଙ୍କ ସମେତ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କ ଅବସର ବୟସ ୫୮ରୁ ୬୦କୁ ବୃଦ୍ଧି କରିଛନ୍ତି। ସେହିପରି ଡାକ୍ତରଙ୍କୁ ସମ୍ମାନ ଜଣାଇ ସେମାନଙ୍କର ବି ଅବସର ବୟସ ୬୦ରୁ ୬୫କୁ ବୃଦ୍ଧି କରାଯାଇଛି। ତେଣୁ ୟୁଜିସିର ନିୟମାନୁସାରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ଅବସର ବୟସ ୬୫କୁ ବୃଦ୍ଧି କରାଯାଉ ବୋଲି ଦାବି ହେଉଛି।

ସଂଘର ସମ୍ପାଦକ ପ୍ରଫେସର କୁଞ୍ଜ ବିହାରୀ ପଣ୍ଡା କହିଛନ୍ତି, ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ର୍‍ୟାଙ୍କର ଶିକ୍ଷକ ଅବସର ନେଇ ସାରିଲେଣି। ଆଗକୁ କିଛି ମାସ ମଧ୍ୟରେ ବି ଅନେକ ଅବସର ନେବେ। ଫଳରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ଏକାଡେମିକ୍ କାର୍ଯ୍ୟକଳାପ ଉପରେ ପ୍ରଭାବ ପଡ଼ିବ। ଆସନ୍ତା ୫ବର୍ଷ ପାଇଁ ୟୁଜିସି ଅନୁଦାନ ପାଇଁ ଆଗକୁ ନାକ୍ ଟିମ୍ ସବୁ ବିଶ୍ୱବିଦ୍ୟାଳୟକୁ ଆସିବ। କିନ୍ତୁ ବିଶ୍ୱବିଦ୍ୟାଳୟରେ ବରିଷ୍ଠ ଅଧ୍ୟାପକଙ୍କ ଅନୁପସ୍ଥିତି ଯୋଗୁ ନାକ୍ ଟିମ୍ ନକାରାତ୍ମକ ମନ୍ତବ୍ୟ ଦେଇପାରେ। ଫଳରେ ଅନ୍ୟ ସବୁ ବିଶ୍ୱବିଦ୍ୟାଳୟ ଉପରେ ଏହାର ପ୍ରଭାବ ପଡ଼ିପାରେ। ସେହିପରି ବିଶ୍ୱବିଦ୍ୟାଳୟ ହେଉଛି ଗବେଷଣା କେନ୍ଦ୍ର। ଏଠାରେ ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ଅଧୀନରେ ୪ଜଣ ସ୍କଲାର, ଆସୋସିଏଟ୍ ପ୍ରଫେସର ଅଧୀନରେ ୬ଜଣ ଏବଂ ଜଣେ ପ୍ରଫେସରଙ୍କ ଅଧୀନରେ ୮ଜଣ ସ୍କଲାର ଗବେଷଣା କରିବା ପାଇଁ ନିୟମ ରହିଛି। କିନ୍ତୁ ପ୍ରଫେସରଙ୍କ ଅବସର ଯୋଗୁ ଗବେଷଣା କାର୍ଯ୍ୟକଳାପ ଧୀରେ ଧୀରେ କମିବାରେ ଲାଗୁଛି, ଯାହାକି ଏବେ ୫୫% ଗବେଷଣା କାର୍ଯ୍ୟକଳାପ ହେଉଥିବା ଜଣାପଡ଼ିଛି। ସେହିଭଳି ଅବସର ବୟସ କାରଣ ଯୋଗୁ ଆମ ରାଜ୍ୟର ବହୁ ଭଲ ଶିକ୍ଷକ ସେମାନଙ୍କ ବିଶ୍ୱବିଦ୍ୟାଳୟ ଛାଡ଼ି ବାହାରକୁ ଯାଉଛନ୍ତି। ସେହିଭଳି ଅନ୍ୟ ରାଜ୍ୟର କେହି ଓଡ଼ିଶାକୁ ତାଙ୍କର ଆକାଡେମିକ୍ ଡେଷ୍ଟିନେଶନ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ପ୍ରଫେସର ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ସମ୍ପାଦକ ପ୍ରଫେସର ଶ୍ରୁତି ଦାସ କହିଛନ୍ତି, ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟରେ ଏବେ ଯୁବ ଗବେଷକମାନେ ☞ ପୃଷ୍ଠା-୨

# ରାଇବଣିଆ ଦୁର୍ଗ ଏବେ ଧ୍ୱଂସସ୍ତୂପ

## ଅତୀତରେ ଥିଲା ବାହ୍ୟଶତ୍ରୁ ଆକ୍ରମଣର ସୁରକ୍ଷାକବଚ

**ରବିନାରାୟଣ ପାତ୍ର**
**ଜଳେଶ୍ୱର, ୨୪।୧୦**

ଅତୀତରେ ଆଫଗାନ, ହୁନ, ମୋଗଲ, ମରହଟ୍ଟା ଆଦି ବହିଃ ଆକ୍ରମଣ ବେଳେ ସୁରକ୍ଷା କବଚ ସାଜିଥିବା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଞ୍ଚଳର ରାଇବଣିଆ ଦୁର୍ଗ ଏବେ ଧ୍ୱଂସସ୍ତୂପ ପାଲଟିଛି। ଓଡ଼ିଶାର ଉତ୍ତର ଉପାନ୍ତ ତଥା ପଶ୍ଚିମବଙ୍ଗର ସୀମାରେ ଏହି ଦୁର୍ଗ ରହିଥିବାରୁ ଏହାର ପୁନରୁଦ୍ଧାର ଓ ଉନ୍ନୟନ ପ୍ରତି ସେତେଟା ତତ୍ପରତା ପ୍ରକାଶ ପାଉନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ଖନନ କରାଯାଇ ମିଳୁଥିବା ପ୍ରାଚୀନ ଦୁର୍ଗର ଧ୍ୱଂସାବଶେଷକୁ ସୁରକ୍ଷା ଯୋଗାଇବା ଲାଗି ବ୍ୟବସ୍ଥା ହେଉଥିବା ବେଳେ ରାଇବଣିଆ ଦୁର୍ଗ ପ୍ରତି ଉପେକ୍ଷା କରାଯାଉଛି। ଏହି ପର୍ଯ୍ୟଟନସ୍ଥଳୀର ଦୁର୍ଗ ଖନନ, ସୁରକ୍ଷା ବ୍ୟବସ୍ଥା ସହ ସଂଗ୍ରହାଳୟ ପ୍ରତିଷ୍ଠା କରାଗଲେ ଏହାର ବିକାଶ ହୋଇପାରନ୍ତା ବୋଲି ଗବେଷକମାନେ ମତପୋଷଣ କରୁଛନ୍ତି।

ସୁବର୍ଣ୍ଣରେଖା ନଦୀର ଅନତି ଦୂରରେ ଅବସ୍ଥିତ ଏହି ଦୁର୍ଗ ପାହାଡ, ଜଙ୍ଗଲରେ ପରିବେଷ୍ଟିତ। ରାଜା ମହାରାଜାମାନେ ଏହି ଦୁର୍ଗରେ ଅବସ୍ଥାନ କରି ନିଜ ସାମ୍ରାଜ୍ୟକୁ ସୁରକ୍ଷା ଦେଇଆସୁଥିଲେ। ଉକ୍ତ ଦୁର୍ଗ ପାଖରେ ୧୮ଟି ଅନ୍ୟ ଛୋଟ ଦୁର୍ଗ ଥିଲା। ବାହ୍ୟଶତ୍ରୁ ଆକ୍ରମଣ ସମୟରେ ସୁଡଙ୍ଗ ପଥରେ ଅନ୍ୟ ସ୍ଥାନକୁ ଯିବାର ଏଥିରେ ବ୍ୟବସ୍ଥା ଥିଲା। ଦୁର୍ଗ ଚାରିପଟେ ୭ଟି ଗଡ଼ଖାଇ ଓ ମାଟିନିର୍ମିତ ପ୍ରାଚୀର ରହିଥିଲା, ଯାହା ଏବେ ଭଗ୍ନସ୍ତୂପ ଭାବେ ଛିଡ଼ା ହୋଇଛି। ଏହା ଉତ୍ତର-ପୂର୍ବ ଭାରତରେ ସର୍ବବୃହତ୍ ଦୁର୍ଗ। ଦୁର୍ଗ ଓ ଏହାର ପାଚେରି ମାଟିରେ ନିର୍ମିତ ହୋଇଥିଲେ ହେଁ ଏହା ବିଭିନ୍ନ ସମୟରେ ଇଂରେଜଙ୍କ ଦ୍ୱାରା ଧ୍ୱଂସ ହୋଇଛି। ପୂର୍ବରୁ ଥିବା ୪ଦିଗକୁ ମାଟିରେ ନିର୍ମିତ ଫାଟକ ଏବେ ବି ଦୃଶ୍ୟମାନ ହୁଏ। ଅନ୍ୟ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ଏହି ଦୁର୍ଗ ଏକ ସମୟରେ ନିର୍ମିତ ହୋଇ ନ ଥିଲା। ରାଇବଣିଆ ଦୁର୍ଗକୁ କେନ୍ଦ୍ରକରି ୧୦ମାଇଲ ଲମ୍ବରେ ରାଇବଣିଆ କୀର୍ତ୍ତିରାଜି, ପଥରରେ ଖୋଦିତ ମୂର୍ତ୍ତି ବିକ୍ଷିପ୍ତ ଭାବେ ପଡିରହିଛି। ଦୁର୍ଗ ମଧ୍ୟରେ ଓ ଚାରିପଟେ ଏବେ ବି କେତେକ ଅସ୍ତ୍ରଶସ୍ତ୍ର, କମାଣ ଆଦି ବିଭିନ୍ନ ପୋଖରୀ ☞ ପୃଷ୍ଠା-୨



ରାଇବଣିଆ ଦୁର୍ଗର ମୁଖ୍ୟ ପ୍ରବେଶ ଦ୍ୱାର।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- 'ବଡ଼ ଖବର'ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ, ହୋଟେଲ ସ୍ୱସ୍ତି ପ୍ରିମିୟମ, ସକାଳ ୯ଟା ୩୦।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଖବରଦାତା ସମ୍ମିଳନୀ, ଅଲ ଉତ୍କଳ ପ୍ରାଇମେରି ଟିଚର୍ସ ଆସୋସିଏଶନ ଅଫିସ, ଖାରବେଳ ନଗର, ଅପରାହ୍ନ ୩ଟା ୩୦।

## ସଂକ୍ଷେପରେ

### 'ଓଡିଆ କଳାକାରଙ୍କ ସ୍ୱର'ର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର,୨୪।୧୦:** ଝାରପଡା ଦୁର୍ଗା ମଣ୍ଡପଠାରେ ରବିବାର 'ଓଡିଆ କଳାକାରଙ୍କ ସ୍ୱର' ପରିବାରର ନୂତନ କାର୍ଯ୍ୟକାରୀ କର୍ମକର୍ତ୍ତା ଚୟନ ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚିତ ଅଧିକାରୀ ଭାବେ ପ୍ରଣବ ଦାସ(ଚଳଚ୍ଚିତ୍ର ନିର୍ଦ୍ଦେଶକ), ବାପୁଜି ଓଝା(ନିର୍ଦ୍ଦେଶକ), କେଦାର ମିଶ୍ର(ଅଭିନେତା), ରବି ମିଶ୍ର(ଅଭିନେତା) ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ 'ଓଡିଆ କଳାକାରଙ୍କ ସ୍ୱର' ପରିବାରର ସମସ୍ତ ସଦସ୍ୟା ଓ ସଦସ୍ୟମାନେ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ବାଛିଥିଲେ। ସଭାପତି ଭାବେ ଶ୍ରୀଧର ମାର୍ଥା, ସମ୍ପାଦକ ଭାବେ ମୃତ୍ୟୁଞ୍ଜୟ ପଣ୍ଡା, ସହକାରୀ ସଭାପତି ଭାବେ ଲିପିକା ମହାନ୍ତି, ସହଯୋଗ ସମ୍ପାଦକ ଭାବେ ବିଦୁସ୍ମିତା ମଲ୍ଲିକ୍ଙ୍କୁ ଚୟନ କରିଥିଲେ। ଏହି ନିର୍ବାଚନରେ ପ୍ରତ୍ୟେକ ପଦବୀ ପୂରଣ ହେବା ସହ ଉପଦେଷ୍ଟା ଭାବେ ପ୍ରଣବ ଦାସ, ହରିଶ ମହାନ୍ତି(ନିର୍ଦ୍ଦେଶକ), ପ୍ରଦୋଷ ପଟ୍ଟନାୟକ(ବରିଷ୍ଠ ସାମ୍ବାଦିକ)ଙ୍କୁ ଚୟନ କରାଯାଇଥିଲା।

### ରାଜଧାନୀ-୯୧ ପକ୍ଷରୁ 'ସ୍ମରଣିକା ସ୍ମରଣେ'

**ଭୁବନେଶ୍ୱର, ୨୪।୧୦ (ବ୍ୟୁରୋ):** ରାଜଧାନୀ ମହାବିଦ୍ୟାଳୟ ୧୯୯୧ର ସ୍ନାତକ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଟ୍ରଷ୍ଟ 'ରାଜଧାନୀ-୯୧' ପକ୍ଷରୁ 'ସ୍ମରଣିକା ସ୍ମରଣେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନ ସଦସ୍ୟା ସ୍ମରଣିକା ଦାସଙ୍କ ଦୁଃଖଦ ବିୟୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନରେ ପୁରାତନ ବନ୍ଧୁମାନେ ବାନ୍ଧବୀ ସ୍ମରଣିକାଙ୍କ ସ୍ମୃତିରେ ଏକତ୍ରିତ ହୋଇ ଥିଲେ। ସ୍ମରଣିକାଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ଖାତା ଓ କଲମ ମଧ ବିତରଣ କରାଯାଇଥିଲା। ରାଜଧାନୀ-୯୧ର ସଭାପତି ଦେବ ପ୍ରସାଦ ପରିଜା, ଉପସଭାପତି ଅପୂର୍ବ କୁମାର ମହାନ୍ତି, ସମ୍ପାଦିକା ରଞ୍ଜିତା ପାଣିଗ୍ରାହୀଙ୍କ ସମେତ ବହୁ ସଭ୍ୟ ଓ ସଭ୍ୟା ଅଂଶ ଗ୍ରହଣ କରିଥିଲେ।

# ଜୈବବିବିଧତା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ

**ଭୁବନେଶ୍ୱର, ୨୪।୧୦ (ବ୍ୟୁରୋ)**

### ଡ. ଭରତ ପଣ୍ଡାଙ୍କୁ 'ଜୀବନବ୍ୟାପୀ କୃତି ପୁରସ୍କାର'

ସମ୍ପ୍ରତି ବିଶ୍ୱରେ ପରିବେଶ ସମସ୍ୟା ଗମ୍ଭୀର ହେବାରେ ଲାଗିଛି। ଓଡ଼ିଶାରେ ମଧ ସମାନ ସ୍ଥିତି ଉପୁଜିଛି। ତେଣୁ ରାଜ୍ୟରେ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା, ଜୈବବିବିଧତାର ସୁରକ୍ଷା ଓ ଜଳବାୟୁ ଅନିୟମିତତାର ନିୟନ୍ତ୍ରଣ ଉପରେ ଅଧିକ ଧ୍ୟାନ ପ୍ରଦାନର ଆବଶ୍ୟକତା ରହିଛି ବୋଲି ନାଇଜର ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା କହିଛନ୍ତି। ଓଡ଼ିଶା ପରିବେଶ ସମିତି (ଓଇଏସ୍)ର ୪୦ତମ ପ୍ରତିଷ୍ଠା ଦିବସ ଓ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ସୁଧାକର ପଣ୍ଡା 'ଓଡ଼ିଶା ପରିବେଶ: ଆଗକୁ ଯିବା ପଥ' ଉପରେ ମତ ରଖିବା ସହ ସରକାର ଓ ରାଜ୍ୟବାସୀଙ୍କୁ କେତେକ ପରାମର୍ଶ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବତନ ଉପଦେଷ୍ଟା ଡ. ବୀରେନ୍ଦ୍ର ପ୍ରତାପ ଉପାଧ୍ୟାୟ ଯୋଗଦେଇ କହିଲେ, ଓଡ଼ିଶାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନୋମୁଗ୍ଧକର। ମାତ୍ର ଶିଳ୍ପାୟନ, ଖଣି ଖନନ ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ଏହା କ୍ରମଶଃ ନକାରାତ୍ମକ ପ୍ରଭାବ ପକାଉଛି। ଏହି ଅବସରରେ ପରିବେଶବିତ୍ ଡ. ଭରତ ପଣ୍ଡାଙ୍କୁ 'ଜୀବନବ୍ୟାପୀ କୃତି ପୁରସ୍କାର' ଏବଂ ଶିକ୍ଷାବିତ୍ ଡ. ମୁରାରୀ ମୋହନ ଦାଶଙ୍କୁ ପରିବେଶ ଏବଂ ବିଜ୍ଞାନ ଜନପ୍ରିୟକରଣ ନିମନ୍ତେ 'ଡ. ବିସି ପଣ୍ଡା' ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଡ. ସୁଧାକର କର, ପ୍ରଫେସର ନିମାଇଁ ଚରଣ ମିଶ୍ର ଏବଂ ଡ. ପ୍ରଦୀପ କୁମାର ପାଟଯୋଶୀଙ୍କୁ ଓଇଏସ୍‌ର ଫେଲୋ ସମ୍ମାନ, ଡ. ବି.ଏମ୍. ଫାରୁକ, ପ୍ରଫେସର ନିର୍ମଳ ଚନ୍ଦ୍ର ଦାଶ, ଜିତାଶତ୍ରୁ ମହାନ୍ତି, ପ୍ରଫେସର ପି. ଶଶୀଭୂଷଣ ରାଓ ଏବଂ ସ୍ୱଦେଶ ସୁନ୍ଦର ପଟ୍ଟନାୟକଙ୍କୁ 'ବରିଷ୍ଠ ଆଜୀବନ ସଦସ୍ୟ' ରୂପେ ସମ୍ମାନିତ କରାଯାଇ ଥିଲା। ଓଇଏସ୍ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ, ଉପସଭାପତି ଡ. ଲାଲା ଏକେ ସିଂହ ଅତିଥି ପରିଚୟ ଏବଂ ପ୍ରଫେସର ବି. ସୀତାରାମ ପାତ୍ର ଧନ୍ୟବାଦ ଦେଇଥିଲେ।



ଚିତ୍ରଶିଳ୍ପୀ 'ପାବ୍‌ଲୋ ପିକାସୋ'ଙ୍କ ଜନ୍ମବାର୍ଷିକୀରେ ରବିବାର ଭୁବନେଶ୍ୱର କ୍ଲବ୍ ସଂସ୍କୃତି ବିଭାଗ 'ସୁକୃତ' ତରଫରୁ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀ।

# ପିକାସୋଙ୍କ ସ୍ମୃତିରେ କଳା ପ୍ରଦର୍ଶନୀ

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ)**

ସୁପ୍ରସିଦ୍ଧ ଚିତ୍ରଶିଳ୍ପୀ 'ପାବ୍‌ଲୋ ପିକାସୋ'ଙ୍କ ୧୪୦ତମ ଜନ୍ମବାର୍ଷିକୀ ଅବସରରେ ଭୁବନେଶ୍ୱର କ୍ଲବ୍‌ର ସଂସ୍କୃତି ବିଭାଗ 'ସୁକୃତ' ତରଫରୁ ରବିବାର ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏଥିରେ ପିକାସୋଙ୍କ ଅନେକ ପ୍ରସିଦ୍ଧ କଳାକୃତି ପ୍ରଦର୍ଶିତ କରାଯାଇଛି। ଏହି ପ୍ରଦର୍ଶନୀ ଅପରାହ୍ନ ୫ଟାରୁ ଆରମ୍ଭ ହୋଇ ୭ଟା ପର୍ଯ୍ୟନ୍ତ ଚାଲିଥିଲା। କ୍ଲବ୍ ସଭାପତି ଅସିତ୍ ତ୍ରିପାଠୀ ଯୋଗଦେଇ କହିଲେ, ଭୁବନେଶ୍ୱରବାସୀଙ୍କ ଭିତରେ କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ାଇବାକୁ ଏଭଳି ଉଦ୍ୟମ କରାଯାଉଛି। ଆଗକୁ ଏମିତି ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି 'ସୁକୃତ'ର ସଂଯୋଜକ ପ୍ରଦୋଷ ମହାନ୍ତି ପ୍ରକାଶ କରିଛନ୍ତି।



ଉଲ୍ଲେଖଯୋଗ୍ୟ, ସ୍ପେନ୍‌ରେ ଜନ୍ମଗ୍ରହଣ କରିଥିଲେ ସୁଦ୍ଧା ପିକୋସୋ ତାଙ୍କ ପରିଣତ ଜୀବନର ଅଧିକ ସମୟ ପ୍ୟାରିସ୍‌ଠାରେ ବିତାଇଥିଲେ। ବିଶ୍ୱର ଶ୍ରେଷ୍ଠ ପ୍ରଭାବଶାଳୀ କଳାକାର ଭାବେ ବିବେଚିତ ଏହି ସ୍ରଷ୍ଟା କ୍ୟୁବିଷ୍ଟ ଆନ୍ଦୋଳନର ଯୁଗ୍ମ ପୁରୋଧା ଥିଲେ। କିଉବିଜିମ୍ ଇଉରୋପୀୟ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳାରେ ବିପ୍ଳବ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସଙ୍ଗୀତ, ସାହିତ୍ୟ ଓ ସ୍ଥାପତ୍ୟ କଳାରେ ମଧ ଅନୁରୂପ ବିପ୍ଳବ ପାଇଁ ପ୍ରେରଣା ଯୋଗାଇଥିଲା। କ୍ୟୁବିଷ୍ଟ କଳାରେ ବସ୍ତୁଗୁଡ଼ିକୁ ବିଶ୍ଳେଷଣ କରିବା ସହିତ ସେଗୁଡ଼ିକୁ ଭାଙ୍ଗି ଓ ଯୋଡ଼ି ସେଗୁଡ଼ିକୁ ଏକ ବିମୂର୍ତ୍ତ ରୂପ ଦିଆଯାଇଥାଏ। ତେବେ ପରାବାସ୍ତୁବାଦ ଓ ଅନ୍ୟାନ୍ୟ ଅତ୍ୟାଧୁନିକ କଳାତ୍ମକ ଆନ୍ଦୋଳନରେ ପ୍ରବେଶ କରି ପିକାସୋ ଚିତ୍ରକଳାକୁ ନୂତନ ଦିଗଦର୍ଶନ ଦେଇଛନ୍ତି। ଜଣେ କାଳଜୟୀ କଳାକାର ଓ ରଙ୍ଗୀନ ମିଜାଜର ବ୍ୟକ୍ତିତ୍ୱ ଭାବେ ପିକାସୋଙ୍କ ଚରିତ୍ରକୁ ନେଇ ଅନେକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଚିତ୍ରକଳାଗୁଡ଼ିକର ନିଲାମରୁ ଉପାର୍ଜିତ ଅର୍ଥ ଅନୁସାରେ ୨୦୧୫ ସୁଦ୍ଧା ପିକାସୋ ବିଶ୍ୱର ସର୍ବଶ୍ରେଷ୍ଠ କଳାକାର ରୂପେ ପରିଗଣିତ ହୁଅନ୍ତି।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

### ଭୁଜାଲି, ଲୁହାରଡ୍, ବାଇକ ଜବତ

**ପୁରୀ ଅଫିସ, ୨୪।୧୦**

ଚନ୍ଦନପୁର ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିବା ସହ ଏହି ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମ ବଲ୍ଲଭ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓରଫ ପୁନିଆ, ଦଣ୍ଡାର ମିଥୁନ ପ୍ରଧାନ, ତଳଜଂଘ ଡିହସାହିର ଟୁଟୁ ସ୍ୱାଇଁ ଓରଫ ଟିଟୁ ଏବଂ ସମଜାଜପୁରର ଶଙ୍କର ମଲ୍ଲିକ। ଏମାନଙ୍କଠାରୁ ପୋଲିସ ଗୋଟିଏ ଭୁଜାଲି, ୨ଟି ଲୁହାରଡ୍ ଏବଂ ଏକ ନମ୍ବରବିହୀନ ବାଇକ ଜବତ କରିଛି। ଏ ନେଇ କେସ୍ ନଂ ୩୪୦/୨୧ ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ କେତେଜଣ ଅସାମାଜିକ ଯୁବକ ସମଯାଜପୁର ବ୍ରିଜ ନିକଟରେ ଏକାଠି ହୋଇ ମାରଣାସ୍ତ୍ର ଧରି ଉକ୍ତ ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଚନ୍ଦନପୁର ଥାନା ପୋଲିସ କୌଣସି ସୂତ୍ରରୁ ଏହି ଖବର ପାଇ ଉକ୍ତ ଅଞ୍ଚଳରେ ଚଢାଉ କରିଥିଲା। ଚଢାଉ ସମୟରେ ଘଟଣାସ୍ଥଳରୁ ୪ଜଣ ଅଭିଯୁକ୍ତଙ୍କୁ ମାରଣାସ୍ତ୍ର ସହ ଗିରଫ କରାଯାଇଥିଲା। ତେବେ ଅନ୍ୟ ଜଣେ ଅଭିଯୁକ୍ତ ବୀର ହରେକୃଷ୍ଣପୁର ବସ୍ତିଆ ସାହିର ବୁରୁଣ୍ଡି ବସ୍ତିଆ ଖସିଯାଇଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାବେଳେ ସେମାନେ ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ।

# ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

**ଡେଲାଙ୍ଗ,୨୪।୧୦(ଡି.ଏନ୍.ଏ.):** କଣାସ ରୋଡ ରେଳ ଷ୍ଟେଶନ ନିକଟ ଲୁଣାନଦୀ ବ୍ରିଜ ଉପର ରେଳଧାରଣାରୁ ପୁରୀ ଜିଆରପି ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରଛି। ତେବେ ମୃତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ପାଖାପାଖି ୩୭ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତାଙ୍କ ବାମ ହାତରେ ମିନା ଲେଖାଯାଇଥିବା ବେଳେ ତାଙ୍କ ଘର ବଳଙ୍ଗା ଅଞ୍ଚଳରେ ବୋଲି ଚର୍ଚ୍ଚା ହେଉଛି।

# ଏନ୍‌ଏଚ୍‌ଆର୍‌ସିରେ ମାମଲା

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ)**

### ମହିଳାଙ୍କ ହାତଗୋଡ଼ ବନ୍ଧା ମୃତଦେହ ଜବତ ଘଟଣା

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବୀର ରୋଡ୍ ଫାଣ୍ଡି ଅଧୀନ ୧୪୯ ନମ୍ବର ଜାତୀୟ ରାଜପଥର ଭେଜିଆ ଗ୍ରାମ ନିକଟ ରଗରଗିଆ ପୋଲ ତଳୁ ଗତ ସେପ୍ଟେମ୍ବର ୧୧ରେ ଜଣେ ଗର୍ଭବତୀଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ମୃତା ମହିଳାଙ୍କ ଗୋଡ଼ହାତ ବନ୍ଧାଯାଇଥିବାବେଳେ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ସେପ୍ଟେମ୍ବର ୨୬ରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ଏନ୍‌ଏଚ୍‌ଆର୍‌ସି ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏ ନେଇ ଅକ୍ଟୋବର ୨୧ତାରିଖରେ ଏନ୍‌ଏଚ୍‌ଆର୍‌ସିରେ କେସ୍ ନଂ. ୨୨୦୯/୧୮/୪/୨୦୨୧ ରୁଜୁ ହୋଇଛି। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ସହ ୨୦୧୮ ପୀଡ଼ିତା କ୍ଷତିପୂରଣ ଆକ୍ଟ ଅନୁସାରେ ପୀଡ଼ିତାଙ୍କ ପରିବାରଙ୍କୁ ୨୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ଲାଗି ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ମାନବାଧିକାର କର୍ମୀ ଦାଶ ନିବେଦନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ରଗରଗିଆ ପୋଲ ତଳେ ମହିଳାଙ୍କ ମୃତଦେହ ପଡ଼ିଥିଲେ ମଧ କେହି କିଛି ଜାଣିପାରିଲେ ନାହିଁ। ଦୁର୍ଗନ୍ଧ ହେବାରୁ କେତେଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଏହି ମୃତଦେହକୁ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ପୋଲିସର ପ୍ରାଥମିକ ଅନୁସନ୍ଧାନରୁ କେହି ତାଙ୍କୁ ହତ୍ୟା ପରେ ହାତଗୋଡ଼ ବାନ୍ଧି ପୋଲ ତଳକୁ ଫିଙ୍ଗିଦେଇଥିବା ଜଣାପଡ଼ିଛି। ତଳେ ପଡ଼ିବା ପରେ ମୃତ ଗର୍ଭସ୍ଥ ଶିଶୁ ଅଧା ବାହାରକୁ ବାହାରି ଆସିଥିଲା। ଅନ୍ୟପଟେ ମହିଳାଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ....

### ଚାକିରିରୁ ବିଦାହେଲେ...

ନିରୋଧ ଆଇନ୍‌ରେ ମାମଲା (ନଂ.୧୫୯/୦୫) ରହିଥିଲା। ୨୦୧୦ରେ ଖଣ୍ଡଗିରି ଥାନାରେ ଜମିଜମା ମାମଲା ହୋଇଥିବାବେଳେ ୨୦୧୨ରେ ଶହୀଦନଗର ଥାନାରେ ମାମଲା ନଂ.୨୩୮/୧୨ ଓ ୨୦୧୯ରେ ଏକ ଟ୍ରାକ୍ଟର ଚୋରି ନେଇ ଧଉଳି ଥାନାରେ ଆଉଏକ ମାମଲା ରହିଛି। ସେହିଭଳି ୨୦୧୮ରେ ପ୍ରସନ୍ନ କଟକରେ କାର୍ଯ୍ୟ କରୁଥିବାବେଳେ ଜଣେ ଆଇଜୀବୀଙ୍କୁ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ଓକିଲ ସଂଘ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏଥିପାଇଁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବା ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ମଧ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପ୍ରସନ୍ନଙ୍କ ଏପରି ଆପରାଧିକ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ବିବାଦମୁଣ୍ଡାଉଥିଲେ ମଧ ବିଭାଗ ପକ୍ଷରୁ କେବଳ ନିଲମ୍ବିତ କରାଯାଉଥିବାରୁ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ବି ଉଠିଥିଲା।

### ବଢ଼ନି ବିଶ୍ୱବିଦ୍ୟାଳୟ...

ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, କାରଣ ସେମାନଙ୍କୁ ଗାଇଡ୍ କରିବା ପାଇଁ ପ୍ରକୃତ ଲୋକ ନାହାନ୍ତି। ଫଳରେ ବିଶ୍ୱବିଦ୍ୟାଳଗୁଡ଼ିକରେ ଗବେଷଣା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ ଯଥାଶୀଘ୍ର ସରକାର ଅବସର ବୟସକୁ ୬୦ରୁ ୬୫କୁ ବୃଦ୍ଧି କରିଲେ କେବଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନୁହେଁ, ସ୍କଲାରମାନେ ମଧ ବେଶ୍ ଉପକୃତ ହେବେ। ଏଥିସହିତ ରାଜ୍ୟ ବିଆଗକୁ ଯିବ। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ମୁଁ ବି ୬୦ ବର୍ଷରେ ଅବସର ନେଇଛି। ଏ ଦିଗରେ କୌଣସି ପଦକ୍ଷେପ ନେବା ପାଇଁ ମୋ ପାଖରେ କ୍ଷମତା ନାହିଁ। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ନେଇ ପଦକ୍ଷେପ ନେଇପାରିବେ। ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କୁ ମୁଁ ଲିଖିତ ନୁହେଁ, ମୌଖିକ ଭାବେ ସହଯୋଗ କରିପାରିବି ବୋଲି ଆଚାର୍ଯ୍ୟ କହିଛନ୍ତି।

### ରାଇବଣିଆ ଦୁର୍ଗ...

ଖନନରୁ ମିଳୁଛି। ଦୁର୍ଗ ମଧରେ ଥିବା ଗଡଚଣ୍ଡୀ କେବଳ ଦୁର୍ଗାପୂଜା ଓ ପଣାସଂକ୍ରାନ୍ତିରେ ପୂଜା ହୁଅନ୍ତି। ଏହାର ମଧ୍ୟସ୍ଥଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ କୋଣାର୍କ ମନ୍ଦିରର କୀର୍ତ୍ତି ଓ କଳାକାରିଗରୀ ସହିତ ରାଇବଣିଆଗଡର ଜଗନ୍ନାଥ ମନ୍ଦିର ସମ୍ପର୍କ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱବିତ ଅଶୋକ ମିତ୍ର ଏସିଆଟିକ ସୋସାଇଟିରୁ କିଛି ଅର୍ଥ ଆଣି ସେ ଏହାର ଖନନ ଓ ସର୍ଭେ ଆରମ୍ଭ କରୁଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଖନନ କାର୍ଯ୍ୟ ସେତିକିରେ ଅଟକିଯାଇଛି। ଅନ୍ୟ ଜଣେ ଗବେଷକ ସେନଗୁପ୍ତ ଏଠାକୁ ବିଭିନ୍ନ ସମୟରେ ଆସି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ତେବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୬୪) ଏହି ଦୁର୍ଗ ନିର୍ମାଣ କରିଥିବା ପ୍ରମାଣ ରହିଛି।

ଦୁର୍ଗ ଅଞ୍ଚଳରେ ପ୍ରାୟ ୫୦ଟି ଛୋଟବଡ ପୋଖରୀ ରହିଛି। ବିଭିନ୍ନ ସ୍ଥାନରେ ଥିବା ଉଚ୍ଚସ୍ଥାନକୁ ଖନନକଲେ ଏବେ ମଧ ଦୁର୍ଗର ଧ୍ୱଂସାବଶେଷ ବାହାରୁଛି। କିନ୍ତୁ ସରକାରଙ୍କ ଦ୍ୱାରା ଏସବୁର ଉଦ୍ଧାର, ସଂଗ୍ରହ କରାଯାଉନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଦେବୀପ୍ରସନ୍ନ ଚନ୍ଦ, ଇଂ . ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ବିଧାନସଭା ଓ ସଂସଦରେ ଦାବି ଉପସ୍ଥାପନ କରିବା ପରେ ୨୦୧୪ ମସିହାରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ନେଇ ମନ୍ଦିର ପାଚେରି ନିର୍ମାଣ କରାଯାଇଥିଲେ ମଧ ଏବେ ତା'ର ସୁରକ୍ଷା ଜରୁରୀ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଇବଣିଆଗଡକୁ ଯିବା ଲାଗି ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଫାଟକ ନିର୍ମାଣ ଲାଗି ୫୦ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ୨୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ଦୁର୍ଗର ବହୁ ଅଂଶ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ଏହାର ବିକାଶ ଲାଗି ଗୁରୁତ୍ୱ ଦେଲେ ରାଇବଣିଆ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ହୋଇପାରନ୍ତା ବୋଲି ରାଇବଣିଆଗଡ ସୁରକ୍ଷା କମିଟି ସମ୍ପାଦକ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର ମତ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ରାଇବଣିଆ ଦୁର୍ଗର ବିକାଶ ଲାଗି ଏକ ମାଷ୍ଟରପ୍ଲାନର ଆବଶ୍ୟକ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ଆସିଲେ ରୁର୍‌ବାନ ଯୋଜନାରେ ମିଳିବାକୁ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁର୍ଗର ବିକାଶ କରାଯାଇପାରିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବାଶିଷ



@ ରେଖା



@ ଶ୍ରବଣ



@ ଇତିଶ୍ରୀ



@ ସୁଜୟ



@ ମୈତ୍ରୀ ରଞ୍ଜନ

# 'ପୃଥିବୀରେ ସ୍ତନ କର୍କଟ ରୋଗୀ ସଂଖ୍ୟା ବଢୁଛି'

**କଟକ ଅଫିସ, ୨୪।୧୦**

କଟକ କେଶରପୁରସ୍ଥିତ ପଣ୍ଡା ମେଡ଼ିକାଲ ସେଣ୍ଟରରେ ବିଶ୍ୱ ସ୍ତନକର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ବରିଷ୍ଠ ମହିଳା ସଂଘ ଓ ପଣ୍ଡା କ୍ୟାନସର ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ କ୍ଲବ ସଭାପତି ସଂଯୁକ୍ତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନ ପୃଥିବୀରେ ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଏଥିପାଇଁ ସବୁ ବର୍ଗର ମହିଳାଙ୍କୁ ସଚେତନ କରାଇବା ଆବଶ୍ୟକ। ନମିତା ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଦୀପ ଦାଶ, ଅନ୍ନପୂର୍ଣ୍ଣା ସାହୁ, ଶରତ ମିଶ୍ର, ସରୋଜ ନଳିନୀ ଲେଙ୍କା, ପ୍ରମିଳା ଦାସବର୍ମା, ଇନ୍ଦିରା ଅରୋରା, ଡା. ପ୍ରଭାବତୀ ପଣ୍ଡା, କମଳା କୁମାରୀ ଚୌଧୁରୀ, ମିନତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଦାବି ପୂରଣ ନ ହେଲେ କଳାବ୍ୟାଜ୍ ପିନ୍ଧିବେ କର୍ମଚାରୀ

### ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ, ୨୪।୧୦**




ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହ ଅନ୍ୟମାନେ।

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ କଟକ ମଙ୍ଗଳାବାଗସ୍ଥିତ ଏସ୍‌ସିବି ମେଡିକାଲ କର୍ମଚାରୀ ସଂଘ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଥିଲେ, କର୍ମଚାରୀମାନଙ୍କ ବୟସ ସୀମା ୬୦ରୁ ୬୫କୁ ବୃଦ୍ଧି, ଖାଲିଥିବା ଡି ଗ୍ରେଡ୍ ପଦବୀ ପୂରଣ, ଯୋଗ୍ୟତା ଭିତ୍ତିରେ ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ପଦୋନ୍ନତି ଦେବାକୁ ବର୍ଷକ ମଧ୍ୟରେ ରାଜ୍ୟ ସରକାରଙ୍କ ନିକଟରେ ୩ ଥର ୧୦ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ହେଲେ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଣୁ ଆସନ୍ତା ନଭେମ୍ବର ୨୧ ତାରିଖ ମଧ୍ୟରେ ରାଜ୍ୟ ସରକାର ଯଦି କୌଣସି ସମାଧାନ ନ କରନ୍ତି ତେବେ ନଭେମ୍ବର ୨୨ ତାରିଖଠାରୁ କର୍ମଚାରୀମାନେ ୭ ଦିନ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରିବେ। ଏହାପରେ ଭୁବନେଶ୍ୱରସ୍ଥିତ ସଚିବାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ପାତ୍ର କହିଥିଲେ। ଏହି ସଭାରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସଂଘର ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଯୁଗୋଳ କିଶୋର ନାୟକ, ସଂଘ ଉପସଭାପତି ସାକିର ଖାଁ, କାର୍ଯ୍ୟକାରୀ ସଭାପତି ବାବୁଲା ଦାସ, ଉପସମ୍ପାଦକ ଶିବ ପ୍ରସାଦ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ବିଜୟ ନାୟକ, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ଟୋପାକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଣିପୁର ହରିଣ ଶାବକ ଜନ୍ମ



**ବାରଙ୍ଗ,୨୪।୧୦(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନର ୩୬ବି ଏନ୍‌କ୍ଲୋଜରରେ ରହୁଥିବା ମଣିପୁର ହରିଣ ରବିବାର ସକାଳେ ଏକ ଶାବକକୁ ଜନ୍ମ ଦେଇଛି। ଉଭୟ ମା’ ଓ ଛୁଆ ସୁସ୍ଥ ଥିବା ଜଣାପଡ଼ିଛି। ଏହି ଶାବକ ଜନ୍ମ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୯ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ଅଣ୍ଡିରା, ୬ମାଈ, ୨ଟିର ଲିଙ୍ଗନିରୂପଣ ହେଇପାରି ନ ଥିବା ଜଣାପଡିଛି। ସୂଚନାଥାଉ କି, ଗତ ଅକ୍ଟୋବର ୧୯ରେ ମଣିପୁର ହରିଣ ଗୋଟିଏ ଶାବକ ଜନ୍ମ ଦେଇଥିଲା।

### ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

**ଭୁବନେଶ୍ୱର, ୨୪।୧୦ (ବ୍ୟୁରୋ):** ପ୍ରତିଶ୍ରୁତି ପତ୍ରିକା ପକ୍ଷରୁ ରବିବାର ଏକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ପତ୍ରିକାର ତୃତୀୟ ସଂସ୍କରଣ ଉନ୍ମୋଚନ ସହିତ ‘ଯୁଗେ ଯୁଗେ ଜଗନ୍ନାଥ’ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବରିଷ୍ଠ ପ୍ରବଚକ ତଥା ଅଧ୍ୟାତ୍ମିକ ଗୁରୁ ଡ. ଚନ୍ଦ୍ର ଶେଖର ଦାଶ, ଦୟାନିଧି ତ୍ରିପାଠୀ, କବି ଇପ୍‌ସିତା ଷଡଙ୍ଗୀ, ବରିଷ୍ଠ ଭାଷାବିତ୍ ଶଙ୍କର୍ଷଣ ପରିଡା, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପିନାକୀ ମିଶ୍ର ପ୍ରମୁଖ ଯୋଗଦେଇ ଜଗନ୍ନାଥ ଓ ସାହିତ୍ୟ ସମ୍ବନ୍ଧରେ ଚର୍ଚ୍ଚା କରିଥିଲେ। ସମ୍ବର୍ଦ୍ଧନା ପର୍ବ ପରେ ରାଜ୍ୟସ୍ତରୀୟ କବିତା ପାଠ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଓ ସମ୍ପାଦକ ସ୍ମୃତି ରଞ୍ଜନ ତ୍ରିପାଠୀ ପରିଚାଳନା କରିଥିଲେ।

### ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷା ପାଇଁ ସହାୟତା

ଭୁବନେଶ୍ୱର,୨୪।୧୦-ଶିକ୍ଷାରୁ ବଞ୍ଚିତ ଦିବ୍ୟାଙ୍ଗ ପିଲାଙ୍କୁ ଆଇନା ଓ ସେନ୍ସ ଇଣ୍ଟରନ୍ୟାଶନାଲ ଇଣ୍ଡିଆ ପକ୍ଷରୁ ପଟିଆସ୍ଥିତ ରାଜ୍ୟ ସମ୍ବଳକେନ୍ଦ୍ରଠାରେ ୮ ସ୍ମାର୍ଟ ଫୋନ୍ ବଣ୍ଟନ ହୋଇଛି। ଶିକ୍ଷା ଓ ଥେରାପି, ଶିବିରର ଆବଶ୍ୟକତା ପୂରଣ ପାଇଁ ଏହି ପ୍ରୟାସ କରାଯାଇଛି। ବସନ୍ତ କୁମାର ପଟ୍ଟନାୟକ, ବୁଲୁ ସାହା, ସ୍ମିତା ପତି, ଦୀଲିପ କୁମାର ବିଶ୍ୱାଳ ପ୍ରମୁଖ ପିଲାଙ୍କ ଅଭିଭାବକଙ୍କୁ ଫୋନ୍ ବଣ୍ଟନ ସହ ତାର ବ୍ୟବହାର ମଧ୍ୟ ଶିଖାଇଥିଲେ। କରୋନା ମହାମାରୀ କାଳରେ କିପରି ଶିକ୍ଷାରୁ ବଞ୍ଚିତ ନ ହୋଇ ଆଧୁନିକ ପ୍ରଣାଳୀରେ ତାର ଆବଶ୍ୟକତାକୁ ପୂରଣ କରିପାରିବା ସେ ବିଷୟରେ ଦିଲୀପ କୁମାର ବିଶ୍ୱାଳ ଆଲୋଚନା କରିଥିଲେ।

### ସମ୍ପର୍କ ଯୋଡୁଛି ‘ସ୍ୱଚ୍ଛ ବସ୍ତି ଓ ସ୍ୱଚ୍ଛ ଭୁବନେଶ୍ୱର’

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ):** କମିଶନରେଟ ପୋଲିସ ପକ୍ଷରୁ ଚାଲିଥିବା ବସ୍ତିକୁ ଚାଲ ଅଭିଯାନ ଜରିଆରେ ରବିବାର ୧୦ଟି ବସ୍ତି ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସ୍ୱଚ୍ଛ ବସ୍ତି ଓ ସ୍ୱଚ୍ଛ ଭୁବନେଶ୍ୱର କାର୍ଯ୍ୟକ୍ରମ ଜରିଆରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିରୁକୁଟି ବସ୍ତି, ଖାରବଳେନଗରର ଭଗବତୀ ବସ୍ତି, ଚନ୍ଦ୍ରଶେଖରପୁରର ଇଶନେଶ୍ୱର ବସ୍ତି , ଚନ୍ଦକା ଥାନାଞ୍ଚଳର ଚୁନାକୋଲି ବସ୍ତି, କ୍ୟାପିଟାଲ ଥାନାଞ୍ଚଳର କେଦାରପଲ୍ଲୀ ବସ୍ତି, ନୟାପଲ୍ଲୀ ନେହେରୁ ବସ୍ତି, ଏୟାରପୋର୍ଟ ଥାନାଞ୍ଚଳର ଖଣ୍ଡୁଆଳ ବସ୍ତି, ଲକ୍ଷ୍ମୀସାଗରର ତାରିଣୀ ବସ୍ତି ଓ ଶହୀଦନଗର ବିର୍ସା ମୁଣ୍ଡା ବସ୍ତି ଅଞ୍ଚଳରେ ସଫେଇ କାର୍ଯ୍ୟ କରାଯାଇଥିଲା। ପୋଲିସକୁ ସହଯୋଗ କରୁଥିବା ବସ୍ତି ମିତ୍ର, ସ୍ଥାନୀୟ ଯୁବ ଗୋଷ୍ଠି, ନୋଡାଲ ଅଫିସରଙ୍କ ସମେତ ପୋଲିସ ମିଶି ସଫେଇ କାର୍ଯ୍ୟକ୍ରମ କରିଥିଲେ। ବସ୍ତି ଅଞ୍ଚଳରେ ରହୁଥିବା ଲୋକଙ୍କ ସହ ପୋଲିସର ସମ୍ପର୍କକୁ ଅଧିକକୁ ମଜବୁତ କରିବା ନେଇ ବସ୍ତି ସଫେଇ କାର୍ଯ୍ୟକ୍ରମ ପୋଲିସ ପାଇଁ ଅନେକ ସହାୟକ ହେବ ବୋଲି ଡିସିପି ଉମାଶଙ୍କର ଦାସ କହିଛନ୍ତି। ଏହା ପୋଲିସ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ମଜବୁତ କରିବ। ବସ୍ତି ନିଶା କାରବାରଠାରୁ ଆରମ୍ଭ କରି ଅପରାଧୀଙ୍କ ଗତିବିଧି ଉପରେ ସମସ୍ତ ଖବର ପୋଲିସକୁ ମିଳିବାରେ ସହଜ ହୋଇପାରିବ ବୋଲି ଡିସିପି ଦାଶ କହିଛନ୍ତି।

# ଛାତ୍ରଙ୍କ ଜୀବନ ନେଲା ପାରିବାରିକ ଅଶାନ୍ତି

ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୪।୧୦ (ଡି.ଏନ୍.ଏ.)

## ବିନ୍ଦୁସାଗରରୁ ମିଳିଲା ମୃତଦେହ

- ଆତ୍ମହତ୍ୟା କରିଥିବା ସନ୍ଦେହ କରୁଛି ପୋଲିସ
- ମାଆଙ୍କୁ କଲ୍, ସାଙ୍ଗସାଥୀଙ୍କୁ ଇନ୍‌ଷ୍ଟାଗ୍ରାମରେ ଜଣାଇଥିଲେ





ମୃତ ସାଇଶ୍ରୀ ଜ୍ୟୋତି ପ୍ରକାଶ (ଉପର)। ଅଗ୍ନିଶମ କର୍ମଚାରୀମାନେ ମୃତଦେହ ଉଦ୍ଧାର କରୁଛନ୍ତି।

ପିଲାଟି ଦିନରୁ ମେଧାବୀ ଥିଲେ। ଭବିଷ୍ୟତକୁ ନେଇ ମଧ୍ୟ ବଡ଼ ସ୍ୱପ୍ନ ଦେଖୁଥିଲେ। ସେଥିପାଇଁ ସ୍କୁଲ୍ ପାଠପଢ଼ା ପରେ ଭୁବନେଶ୍ୱର ଚାଲିଆସି ବିଟେକ୍ ପଢୁଥିଲେ। ହେଲେ ପାରିବାରିକ ଅଶାନ୍ତି ସବୁ ସ୍ୱପ୍ନ ଓ ଭବିଷ୍ୟତକୁ ବିଗାଡିଦେଲା। କଅଁଳ ମନରେ ନିଷ୍ଠୁର ନିଷ୍ପତ୍ତି ବସାବାନ୍ଧିଲା। ଶେଷରେ ବିନ୍ଦୁସାଗରରୁ ସମ୍ପୃକ୍ତ ଛାତ୍ରଙ୍କ ମୃତଦେହ ମିଳିବା ପରେ ଏବେ ଏଭଳି ଲୋମଟାଙ୍କୁରା ଘଟଣା ପଦାକୁ ଆସିଛି। ଶନିବାର ଶ୍ରୀଲିଙ୍ଗରାଜ ଥାନା ପୋଲିସ ପୋଖରୀ କୂଳରୁ ତାଙ୍କ ସ୍କୁଟି, ଚପଲ ଓ ଅନ୍ୟକିଛି ସାମଗ୍ରୀ ପାଇଥିବାବେଳେ ରବିବାର ପାଣିରୁ ମୃତଦେହକୁ ଜବତ କରିଛି। ମୃତ ଛାତ୍ରଜଣକ ହେଲେ ପୁରୀ ଜିଲା ସାତଶଙ୍ଖ ଅଞ୍ଚଳର ସାଇଶ୍ରୀ ଜ୍ୟୋତି ପ୍ରକାଶ(୨୦)। ସେ ସାମନ୍ତରାପୁର ଦିବ୍ୟ ବିହାରରେ ମାଆଙ୍କ ସହ ରହି ଚନ୍ଦ୍ରଶେଖରପୁରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଦ୍ୱିତୀୟ ବର୍ଷରେ ପଢୁଥିଲେ। ତେବେ ପାରିବାରିକ ଓ ଆର୍ଥିକ ସମସ୍ୟା କାରଣରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସୂଚନା ଦେଇଛି। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ପାରିବାରିକ ଅଶାନ୍ତି ଏକ କଅଁଳ ମନକୁ କିପରି ଛାରଖାର କରିଦିଏ ତାହା ସାଇଶ୍ରୀଙ୍କ ମୃତ୍ୟୁରୁ ସ୍ପଷ୍ଟ ବାରି ହୋଇପଡୁଛି। କ୍ୟାପିଟାଲ ହସ୍ପିଟାଲରେ ସାଇଶ୍ରୀଙ୍କ ମୃତଦେହକୁ ଦେଖି ସାଙ୍ଗମାନେ ଦୁଃଖରେ ଭାଙ୍ଗିପଡିଥିବାବେଳେ ତାଙ୍କ ବାପା, ମାଆ ଓ ସମ୍ପର୍କୀୟଙ୍କ ମଧ୍ୟରେ ଆରୋପପ୍ରତ୍ୟାରୋପ ଭିନ୍ନ କଥା କହୁଥିଲା।

ପୋଲିସ ସୂଚନା ମୁତାବକ, ସାଇଶ୍ରୀଙ୍କ ବାପା ପିତବାସ ନନ୍ଦ ରେଲ୍‌ୱେରେ ଚାକିରି କରନ୍ତି। ପୁଅ ସାଇଶ୍ରୀ ପିଲାଟି ଦିନରୁ ଭଲ ପଢୁଥିବାରୁ ମାଆ ଝୁନୁବାଳା ନନ୍ଦ ବି ତାଙ୍କ ପାଇଁ ସବୁକିଛି କରିଛନ୍ତି। ହେଲେ ଗତ ଦେଢବର୍ଷ ତଳେ ଉଭୟ ମାତାପିତାଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ସ୍ୱାମୀଙ୍କ ବିରୋଧରେ ସ୍ତ୍ରୀ ଅଭିଯୋଗ ବି ଆଣିଥିଲେ। ସାଇଶ୍ରୀଙ୍କର ଭଲ ମାର୍କ ଥିବାରୁ ତାଙ୍କର ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜରେ ନାମଲେଖାକୁ ଚୟନ ହୋଇଥିଲା। ହେଲେ ଆର୍ଥିକ ସମସ୍ୟା ଯୋଗୁ ସେ ଅନ୍ୟଏକ ଘରୋଇ କଲେଜରେ ନାମ ଲେଖାଇବା ସହ ମାଆଙ୍କ ସହ ସାମନ୍ତରାପୁରରେ ରହୁଥିଲେ। ମାଆବାପାଙ୍କ ସମ୍ପର୍କ ଓ ଅର୍ଥ ସମସ୍ୟାକୁ ନେଇ ସେ ସବୁବେଳେ ଚିନ୍ତାରେ ଥିଲେ। ଶନିବାର ରାତିରେ ପ୍ରଥମେ ସାଇଶ୍ରୀ ତାଙ୍କ ମାଆଙ୍କୁ ଶେଷଥର ଫୋନ୍ କରି ବାଏ ବୋଲି କହିଥିଲେ। ଏହାର କିଛି ସମୟ ପରେ ଇନ୍‌ଷ୍ଟାଗ୍ରାମରେ ଏକ ସୁଇସାଇଡାଲ ମେସେଜ ପୋଷ୍ଟ କରିଥିଲେ। ଉକ୍ତ ମେସେଜ ଦେଖିବା ପରେ ସାଇଶ୍ରୀଙ୍କ ସାଙ୍ଗମାନେ ପରିବାର ଲୋକଙ୍କ ସମେତ ପୋଲିସକୁ ଜଣାଇବା ସହ ଖୋଜାଖୋଜି କରିଥିଲେ। ବିନ୍ଦୁ ସାଗର କୂଳରେ ସାଇଶ୍ରୀଙ୍କ ସ୍କୁଟି ଦେଖିବାକୁ ମିଳିଥିଲା। ଅଗ୍ନିଶମ ବିଭାଗ ଓ ପୋଲିସ କର୍ମଚାରୀ ରାତିରେ ସର୍ଚ୍ଚ ଅପରେଶନ କରିବା ପରେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ରବିବାର ସକାଳ ୮ଟାରେ ପୁଣି ଅଗ୍ନିଶମ କର୍ମଚାରୀ, ସ୍କୁଭା ଡ୍ରାଇଭର ଓ ପ୍ରଦୀପ ସେବା ଟ୍ରଷ୍ଟର କର୍ମକର୍ତ୍ତା ବିନ୍ଦୁ ସାଗରରେ ଖୋଜାଖୋଜି ଆରମ୍ଭ କରିଥିଲେ। ଚପଲ, ସ୍କୁଟି ଥିବା ସ୍ଥାନ ପାଖରେ ପାଣି ଭିତରୁ ସାଇଶ୍ରୀଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଏକ ଅପମୃତ୍ୟୁ ମାମଲା(ନଂ.୪୧/୨୧) ରୁଜୁ କରିଛି। ସାଇଶ୍ରୀ ଇନଷ୍ଟାଗ୍ରାମ ପୋଷ୍ଟରେ କାହାକୁ ଦାୟୀ କରି ନାହାନ୍ତି। ତେବେ ଏନେଇ ତାଙ୍କ ବାପା ଓ ମାଆଙ୍କ ବୟାନ ନିଆଯାଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

## ‘ଅମାନୁଷିକ ପୃଥିବୀରେ ବଞ୍ଚିବା କଷ୍ଟକର’




ନିଜର କଷ୍ଟ ଦାୟକ ଜୀବନ ବିଷୟରେ ସାଇଶ୍ରୀ ଶେଷ ଇନଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, ପୃଥିବୀ ମତେ ଅମାନୁଷିକ ଲାଗେ। ମୋର ଏହି ଜୀବନ ସବୁଠାରୁ ଅତି କଷ୍ଟକର। ମୁଁ ବଞ୍ଚିବାକୁ ଚାହୁଁନାହିଁ। ମୋର ଶରୀରକୁ ମାରିଦେବାକୁ ଚାହୁଁଛି। ମୁଁ ବହୁତ ଦିନହେଲା ମୋ ଜୀବନ ଶେଷ କରିଦେବାକୁ ଚାହୁଁଥିଲି। କିନ୍ତୁ କିଛି ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ଦ୍ୱାରା ମୋତେ ଆଶ୍ୱାସନା ମିଳିଯାଉଥିଲା। ହେଲେ ଆଉ ସେ ସମୟ ବେଶିଦିନ ରହିଲା ନାହିଁ, ଯାହାର ଶେଷ ମୁହୂର୍ତ୍ତ ଆସିଛି। ଆଉ ମୋର ମଧ୍ୟ ଶେଷ ସମୟ ଆସିଯାଇଛି। ଆଉଶେଷ ଦିନରେ ମୁଁ ସମସ୍ତଙ୍କୁ ଗୁଡ୍‌ବାଏ କହୁଛି। ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ମୁ ହସି ହସି ମରୁଛି। ମୋର ପ୍ରତି ମୁହୂର୍ତ୍ତରେ ଥିବାସ୍ମୃତିଗୁଡିକୁ ମୁଁ ଶେୟାର କରୁଛି।

## ଫି’ ଦେଇ ନ ପାରିବାରୁ ବିଦା କରିଥିଲା କଲେଜ

ବାପା ଆବଶ୍ୟକ ଟଙ୍କା ଦେଉ ନ ଥିବାରୁ ପୁଅର ପାଠପଢ଼ା, କଲେଜ ଫି’ ସହ ଘର ଭଡା ଦେବା କଷ୍ଟର ହୋଇପଡିଥିଲା। କଲେଜ ଫି’ ଦେଇ ନ ପାରିବାରୁ ଟିସି ନେବାକୁ ପଡିଥିଲା। ଏସବୁକୁ ନେଇ ସବୁବେଳେ ମାନସିକ ଦୁଶ୍ଚିନ୍ତା ଭିତରେ ରହୁଥିବା ସାଇଶ୍ରୀ ଶେଷରେ ଆତ୍ମହତ୍ୟାର ଚରମ ପଦକ୍ଷେପ ବାଛିବାକୁ ବାଧ୍ୟ ହୋଇଥିବା ମା ଓ ସମ୍ପର୍କୀୟ କହିଛନ୍ତି। ହେଲେ ବାପା ପିତବାସ ଏହାକୁ ଖଣ୍ଡନ କରି କହିଛନ୍ତି, ପୁଅକୁ କେବେ ହେଲେ ଅବହେଳା କରିନାହାନ୍ତି। ଗତ ଦେଢବର୍ଷ ତଳେ ପୁଅର ପାଠପଢା ପାଇଁ ସ୍ତ୍ରୀଙ୍କୁ ୮ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ସ୍ତ୍ରୀ ପୁଅକୁ ସାଙ୍ଗରେ ଧରି ଘର ଛାଡି ଅନ୍ୟତ୍ର ରହିଥିଲେ। ଅନେକଥର ଶ୍ୱଶୁର ଘରକୁ ଯାଇଥିଲେ ମଧ୍ୟ ତାଙ୍କୁ ସ୍ତ୍ରୀ ଓ ପୁଅଙ୍କୁ ଭେଟିବାକୁ ସୁଯୋଗ ମିଳି ନ ଥିଲା। ଶେଷରେ ତାଙ୍କୁ ବଦନାମ କରିବା ନେଇ ପରକୀୟା ପ୍ରୀତି ଅଭିଯୋଗ ଅଣାଯାଇଥିବା ସେ କହିଛନ୍ତି।

## ଜାତିସଂଘ ଦିବସରେ ଶାନ୍ତି ପଦଯାତ୍ରା

ଭୁବନେଶ୍ୱର,୨୪।୧୦

ରାଜ୍ୟ ଯୁବସାକ୍ଷ୍ୟ ସମିତି ଆନୁକୂଲ୍ୟରେ ୭୬ତମ ଜାତିସଂଘ ଦିବସ ଅବସରରେ ରବିବାର କଳିଙ୍ଗ ହସ୍ପିଟାଲ ଛକଠାରୁ ମହାତ୍ମାଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଏକ ଶାନ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଛି। ପାର୍କରେ ପହଞ୍ଚିବା ପରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜାପାନର ହୀରୋସୀମା ଓ ନାଗାସାକି ନଗରୀ ଉପରେ ୧୯୪୫ ଅଗଷ୍ଟ ୬ ଓ ୯ରେ ଆମେରିକା ଦୁଇଟି ପରମାଣୁ ବୋମା ନିକ୍ଷେପ କରିଥିଲା। ଏଥିରେ ୧ ଲକ୍ଷ ୪୦ ହଜାର ଲୋକ ପ୍ରାଣ ହରାଇଥିଲେ। ମୃତ୍ୟୁର ଏପରି ତାଣ୍ଡବ ବିଶ୍ୱବାସୀଙ୍କୁ ମର୍ମାହତ କରିଥିଲା। ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ସ୍ଥାପନ ନିମନ୍ତେ ଜାତିସଂଘ ଦିବସର ମହତ୍ତ୍ୱକୁ ଉପଲବ୍ଧି କରି ଆନ୍ତି ନିମନ୍ତେ ଏହି ପଦଯାତ୍ରା ହୋଇଥିଲା। ସମିତି ସମ୍ପାଦକ ଅଭୟ ବଡଜେନା, ସୁଧାଂଶୁ ମହାପାତ୍ର, ଗିରିଜା ଶଙ୍କ ମହାପାତ୍ର, ଆନନ୍ଦ ଚରଣ ପଟ୍ଟନାୟକ, ବ୍ରଜବନ୍ଧୁ ପରିଡା,ପ୍ରମୋଦ ପରିଡା, ଅଜୟ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ନଭେମ୍ବର ସୁଦ୍ଧା ସରିବ ବରୁଣେଇ ସ୍ମାର୍ଟ ପାର୍କ କାମ

ଖୋର୍ଦ୍ଧା ଅଫିସ,୨୪।୧୦

ପର୍ଯ୍ୟଟନସ୍ଥଳ ଖୋର୍ଦ୍ଧା ବରୁଣେଇକୁ ପର୍ଯ୍ୟଟକଙ୍କୁ ଆକର୍ଷଣ ଲାଗି ଏଠାରେ ୧କୋଟି ବ୍ୟୟ ଅଟକଳରେ ସ୍ମାର୍ଟ ପାର୍କ ନିର୍ମାଣ ଚାଲିଛି। ରବିବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ ଗୌରବ ଶିବାଜୀ ଏହାର ଭୂଭିଭୂମି ଅନୁଧ୍ୟାନ କରି ନଭେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କଲ୍ୟାଣମଣ୍ଡପ ସୌନ୍ଦର୍ଯ୍ୟକରଣ ପାଇଁ କହିଥିଲେ।



କୋଣାର୍କ ନାଟ୍ୟ ମଣ୍ଡପରେ ରବିବାର ଅନୁଷ୍ଠିତ କୁମାର ଉତ୍ସବରେ କଳାକାରମାନେ ଓଡ଼ିଶୀ ପରିବେଷଣ କରୁଛନ୍ତି।

## ‘ଶିଶୁ ସାହିତ୍ୟର ଅଭିବୃଦ୍ଧି ପାଇଁ କର୍ମଶାଳା ଆବଶ୍ୟକ’

ପୁରୁଣା ଭୁବନେଶ୍ୱର,୨୪।୧୦(ଡି.ଏନ୍.ଏ.)

ଧଉଳି ସାହିତ୍ୟ ସଂସଦର ‘ଶିଶିର ଆସର’ ରବିବାର କୌଶଲ୍ୟାଗଙ୍ଗ ସ୍ଥିତ ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ରର ପ୍ରେକ୍ଷାଳୟ ପରିସରରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ ଯୋଗଦେଇ କହିଥିଲେ, ସମ୍ପ୍ରତି ଶିଶୁ ସାହିତ୍ୟ ବିପଦରେ। ଶିଶୁ ସାହିତ୍ୟର ଅଭିବୃଦ୍ଧି ପାଇଁ କର୍ମଶାଳାର ଆବଶ୍ୟକ ରହିଛି। ମୁଖ୍ୟ ବକ୍ତାଭାବେ ବ୍ୟଙ୍ଗକବି ଶ୍ରୀସତ୍ୟାନାଶ, ଅଧ୍ୟାପକ ଡ. ସନ୍ତୋଷ ଦାଶ କବିତା ପଠନ କରିଥିଲେ। ଏହି ଅବସରରେ ୫୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ ପରିଥିଲେ। କବି ବାଦଲ ମହାନ୍ତିଙ୍କ କବିତା ସଙ୍କଳନ ‘ଛାଇ ଯେବେ ଲମ୍ବିଯାଏ’ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂସଦର ଅଧ୍ୟକ୍ଷ ତଥା କବି ଅକ୍ଷୟ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସବିତା ରଥ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ନିରଞ୍ଜନ ନାୟକ ସଂଯୋଜନା, ବିପିନ ବେହେରା, ଆଶୁତୋଷ ଦାସ, ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଆଁଳା ଭାଇଙ୍କ ସମେତ ୫ ଗିରଫ

### ୧୪ ଚୋରା ମୋବାଇଲ ଜବତ

ଭୁବନେଶ୍ୱର(ବ୍ୟୁରୋ) /ବାରଙ୍ଗ ୨୪।୧୦ (ଡି.ଏନ୍.ଏ.)

ଚନ୍ଦକା ଥାନା ପୋଲିସ ଏକ ମୋବାଇଲ ଚୋର ଗ୍ୟାଙ୍ଗକୁ ଧରିଛି। ଗ୍ୟାଙ୍ଗର ୩ ସଦସ୍ୟଙ୍କ ସମେତ ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୪ ଚୋରି ମୋବାଇଲ ଫୋନ ଜବତ ହୋଇଛି। ତେବେ ଅଭିଯୁକ୍ତଙ୍କ ମଧ୍ୟରେ ଗ୍ୟାଙ୍ଗର ମୁଖ୍ୟ ଗୋଠପାଟଣାରେ ରହୁଥିବା କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇର ଯାଆଁଳା ଭାଇ ମଳୟ ମଲ୍ଲିକ(୧୯) ଓ ସୁମନ ମଲ୍ଲିକ(୧୯), କଣ୍ଟାବାଡର ବାପି ଓରଫ୍ ରିଣ୍ଟୁ ବାଘାସିଂହ(୨୩), ଜଗା ଓରଫ ସୁଶାନ୍ତ ବାଘାସିଂହ(୨୬) ଏବଂ ଆଲୋକ ବଡଜେନା(୨୬)। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ମଧ୍ୟରେ ୩ଜଣ ଲୁଟେରା ଥିବାବେଳେ ୨ଜଣ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସୂଚନା ମୁତାବକ, ଭରତପୁର ଥାନା ପ୍ଲାମ୍ ହାଇଟ୍ ସମ୍ମୁଖରେ ରୁହନ୍ତି ମୟୂରଭଞ୍ଜର ଦୁଃଖିଶ୍ୟାମ ଗୁଡୁ(୨୪)। ଗତ ୨୩ ତାରିଖରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥମେଟିକ୍ସ ସମ୍ମୁଖରେ ୩ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ତାଙ୍କଠାରୁ ମୋବାଇଲ୍ ଝାମ୍ପି ନେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସି କ୍ୟାମେରା ଯାଞ୍ଚ କରି ପୋଲିସ ଉକ୍ତ ଗ୍ୟାଙ୍ଗ୍ ସମ୍ପର୍କରେ ସୂଚନା ପାଇଥିଲା।

## ଗଞ୍ଜେଇ ଜବତ: ମହିଳା ଗିରଫ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ଗଞ୍ଜେଇ ବିକ୍ରୀ କରୁଥିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ରବିବାର ଜଣେ ମହିଳା ବ୍ୟବସାୟୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ପୋଲିସ ୬ କେଜି ୨୭୦ଗ୍ରାମ ଗଞ୍ଜେଇ ଓ ୨୨୦ଟଙ୍କା ଜବତ କରିଛି। ସେ ହେଲେ ନୟାପଲ୍ଲୀ ଆଇଆରସି ଭିଲେଜରେ ରହୁଥିବା ରୁନି ନାୟକ(୩୩)। ଆଇଆରସି ଭିଲେଜ ବିଡିଏ ପାର୍କ ସମ୍ମୁଖ ଲେନ୍-୩ ପଛପାର୍ଶ୍ୱରେ ଗଞ୍ଜେଇ ବିକ୍ରି ନେଇ ଏକ କଲ୍ ଆସିଥିଲା। ପୋଲିସ ଟିମ୍ ସେଠାରେ ଚଢାଉ କରି ଉକ୍ତ ମହିଳାଙ୍କୁ କାବୁ କରିଥିଲା।

ଧରିତ୍ରୀ DHARITRI
*Wants aggressive and result oriented*
**MARKETING EXECUTIVES**
- Fluency in Odia and English essential minimum 2 years experience in sales/ marketing.

Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ DHARITRI
**ଆବଶ୍ୟକ କରୁଛି**
**WEB OFFSET COLOUR UNIT ASSISTANT**
- Web Offset Machine Operator with minimum 2 years experience.

Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

# ଲ୍ୟାମ୍ପସ, ପ୍ୟାକ୍ସ କର୍ମଚାରୀଙ୍କୁ ସରକାରୀ ଘୋଷଣା କରାଯାଉ

ଭୁବନେଶ୍ୱର, ୨୪।୧୦ (ବ୍ୟୁରୋ)




ବୈଠକରେ ଯୋଗଦେଇଥିବା ମହାସଂଘର ସର୍ବଭାରତୀୟ ଓ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା।

### ସର୍ବଭାରତୀୟ ସମବାୟ କର୍ମଚାରୀ ମହାସଂଘ ବୈଠକ

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରଠାରେ ସର୍ବଭାରତୀୟ ଲ୍ୟାମ୍ପସ୍ ଓ ପ୍ୟାକ୍ସ କର୍ମଚାରୀ ମହାସଂଘର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ପଶ୍ଚିମବଙ୍ଗର ସୁଶିଳ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ମହାସଂଘ ସାଧାରଣ ସମ୍ପାଦକ ଦିଗମ୍ବର ନାୟକ ପରିଚାଳନା କରିଥିଲେ। ଏଥିରେ ୧୪ ରାଜ୍ୟରୁ ୨ଶହ କର୍ମଚାରୀ ପ୍ରତିନିଧିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବରେ ସୁବାସ ଚନ୍ଦ୍ର ଯୋଗଦେଇ ୨୦ ଦଫା ଦାବି ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାର ସବୁ ପାକ୍ସ ଓ ଲ୍ୟାମ୍ପ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା, ଇପିଏଫ୍, ଗ୍ରାଚୁଇଟି ଓ ଲିଭ୍ ସାଲାରୀ ଦେବା ସହ କର୍ମଚାରୀ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ଦେବାର ବ୍ୟବସ୍ଥା କରିବା, କର୍ମଚାରୀମାନଙ୍କୁ ଆୟକର ଛାଡ଼ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନା କରାଯାଇ ଥିଲା। ଆସନ୍ତା ନଭେମ୍ବର ୧୪ରେ ନୂଆଦିଲ୍ଲୀଠାରେ ହେବାକୁ ଥିବା ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଏହତ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯିବ ବୋଲି ମହାସଂଘର ସାଧାରଣ ଦିଗମ୍ବର ନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶରୁ ନିଲମ ମଙ୍ଗେଶ୍ୱର ରାଓ, ପଶ୍ଚିମବଙ୍ଗାରୁ ହରିଦାସ ରେଡ୍ଡି, ତ୍ରିପୁରାରୁ କମଳ ଦୋରା, ହରିୟାଣା, ତେଲେଙ୍ଗାନା, ରାଜସ୍ଥାନ, ପଞ୍ଜାବ, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ଓଡ଼ିଶାରୁ ପ୍ରତିନିଧି ବହୁ ଯୋଗ ଦେଇଥିଲେ। ସେହିପରି ଓଡ଼ିଶା କର୍ମଚାରୀ ମହାସଂଘର ସୀତାରାମ ପ୍ରଧାନ, ନିରଞ୍ଜନ ବାଗ, ବିଶ୍ୱନାଥ ମହାରଣା, ଲିଟନ କୁମାର ଦାସ, ମିର୍ଜା ଅନୱାର ଅଲ୍ଲୀ, ପଦ୍ମନାଭ ଘଡ଼ାଇ, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**GOVERNMENT OF ODISHA**
**AGRICULTURE DEPARTMENT**
**OFFICE OF THE EXECUTIVE ENGINEER (AGRIL.)**
**DHENKANAL DIVISION, DHENKANAL**
No.1182 Date 04.10.2021
**INVITATION FOR BIDS (IFB)**
**e procurement notice**
**Bid Identification number / Tender Call Notice**
**No.E.E.(A) D/D-03 of 2021-22**

No.L-78:- The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 5.00 lakhs to 50.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 25.10.21 at 10.00 hours to 01.11.21 at 16.00 hours. The bid will be opened on 05.11.21 at 11.00 hours in the O/o Executive Engineer, (Agril.), Dhenkanal Division, Dhenkanal. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID- eeagri.dhenkanal@gmail.com

Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0001/2122

# ପାକିସ୍ତାନ ବିଜୟର ହକ୍‌ଦାର ଥିଲା: କୋହଲି

ଦୁବାଇ,୨୪।୧୦

ପାକିସ୍ତାନ ଆମ ତୁଳନାରେ ସମସ୍ତ ବିଭାଗରେ ଉତ୍ତମ ପ୍ରଦର୍ଶନ କରିଥିଲା। ତେଣୁ ଏହି ଦଳ ବିଜୟର ହକ୍‌ଦାର ଥିଲା ବୋଲି ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ପ୍ରକାଶ କରିଛି। ସେମାନଙ୍କ ଆରମ୍ଭ ଉତ୍ସାହଜନକ ଥିଲା। ସେମାନେ ଚମତ୍କାର ବୋଲିଂ କରିବାରୁ ମାତ୍ର ୩୧ ରନ ସ୍କୋରରେ ଆମେ ୩ ଉଇକେଟ ହରାଇଥିଲୁ। ସେମାନଙ୍କ ବ୍ୟାଟିଂ ବେଳେ ଆମେ ପ୍ରାରମ୍ଭିକ ଉଇକେଟ ପତନ କରାଇବା ଲାଗି ଚେଷ୍ଟା କରିଥିଲୁ। ମାତ୍ର ସେମାନଙ୍କ ବ୍ୟାଟରମାନେ ଚମତ୍କାର ପ୍ରଦର୍ଶନ କରି କୌଣସି ସୁଯୋଗ ଦେଇ ନ ଥିଲେ। କାକର ଯୋଗୁ ଆମ ମନ୍ଥର ବୋଲରମାନେ ପ୍ରଭାବହୀନ ପଡ଼ିଥିଲେ। ହେଲେ ଏହା ଶେଷ ନୁହେଁ ଟୁର୍ନାମେଣ୍ଟରେ ଆମର ପ୍ରଥମ ମ୍ୟାଚ ମାତ୍ର। ଆଗାମୀ ମ୍ୟାଚଗୁଡ଼ିକ ଲାଗି ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ।

## ପ୍ରଥମ ଥର ଭାରତକୁ ହରାଇଥିବାରୁ ଗର୍ବିତ: ଶାହିନ

**ଦୁବାଇ,୨୪।୧୦:** ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ଭାରତକୁ ହରାଇଥିବାରୁ ଗର୍ବ ଅନୁଭବ କରୁଛି ବୋଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ପାକିସ୍ତାନ ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦି କହିଛନ୍ତି। ଆରମ୍ଭରୁ ଭାରତ କେତୋଟି ଉଇକେଟ ହାସଲ କରିପାରିଲେ ଆମେ ସୁବିଧାଜନକ ସ୍ଥିତିରେ ରହିବୁ ବୋଲି ଜାଣିଥିଲି। ସୌଭାଗ୍ୟବଶତଃ ଏହା କାର୍ଯ୍ୟକାରୀ ହୋଇଥିଲା। ଯେତେ ସମ୍ଭବ ବଲକୁ ସୁଇଂ କରିବାକୁ ଚେଷ୍ଟା କରିଥିଲି ଓ ଭାରତକୁ ପ୍ରାରମ୍ଭିକ ଝଟ୍‌କା ଦେବାରେ ସଫଳ ହୋଇଥିଲି। ନୂଆ ବଲ୍‌କୁ ଖେଳିବା ପ୍ରଥମେ କଷ୍ଟକର ହୋଇଥାଏ। ତେଣୁ ବାବର ଓ ରିଜୱାନଙ୍କୁ ବିଜୟର ଶ୍ରେୟ ଦିଆଯିବ ଆବଶ୍ୟକ। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ସବୁ ଦଳ ନିଶ୍ଚିତ ଭାବେ ଶକ୍ତିଶାଳୀ। କୌଣସି ଦଳକୁ ହାଲକା ଭାବେ ନିଆଯିବା ଉଚିତ ନୁହଁ। ଆଗକୁ ଏହି ମୁମେଣ୍ଟମକୁ ବଜାୟ ରଖିବାକୁ ପ୍ରୟାସ କରିବୁ ବୋଲି ଆଫ୍ରିଦି କହିଛନ୍ତି।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶାହିନ ଶାହ ଆଫ୍ରିଦି

## ଆମ ରଣନୀତି ସଫଳ ହୋଇଛି: ବାବର

ରଣନୀତିକୁ ସଫଳ ଭାବେ କାର୍ଯ୍ୟକାରୀ କରିଥିଲୁ ବୋଲି ଭାରତକୁ ହରାଇବା ପରେ ପାକିସ୍ତାନ ଅଧିନାୟକ ବାବର ଆଜମ କହିଛନ୍ତି। ଆରମ୍ଭରୁ ଭାରତର ୩ଟି ଉଇକେଟ ହାସଲ କରିବା ଫଳରେ ଆମର କାର୍ଯ୍ୟ ସହଜ ହୋଇଥିଲା। ଶାହିନ ଉଚ୍ଚକୋଟୀର ବୋଲିଂ କରି ଦଳର ଆତ୍ମବିଶ୍ୱାସ ବଢାଇଥିଲେ ଓ ସ୍ପିନରମାନେ ମଧ୍ୟ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ରିଜ୍‌ୱାନଙ୍କ ସହ ଯୋଜନା ଅନୁଯାୟୀ ବ୍ୟାଟିଂ କରିଥିଲୁ ଓ ସଫଳତା ହାସଲ କରିଥିଲୁ। ୮ ଓଭର ପରେ କାକର ପଡିଥିଲା ଓ ବ୍ୟାଟିଂ ଆହୁରି ସହଜ ହୋଇଥିଲା। ଏହା ଆରମ୍ଭ ମାତ୍ର। ଟୁର୍ନାମେଣ୍ଟ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବୁ। ଆଗାମୀ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ପାଇଁ ଆମକୁ ଏହି ବିଜୟ ଆତ୍ମବିଶ୍ୱାସ ପ୍ରଦାନ କରିବ। ଆମ ଉପରେ ସେତେଟା ଚାପ ନ ଥିଲା। ଭାରତ ବିପକ୍ଷରେ ଥିବା ପୂର୍ବ ରେକର୍ଡ ବିଷୟରେ ଆଦୌ ଚିନ୍ତା କରି ନ ଥିଲୁ। ଆମେ ଖେଳାଳିମାନେ ଭଲ ପ୍ରସ୍ତୁତି କରିଥିଲେ ଓ ସେମାନଙ୍କୁ ସମର୍ଥନ କରିଥିଲି। ଟୁର୍ନାମେଣ୍ଟ ପୂର୍ବରୁ ଆମର ପ୍ରସ୍ତୁତି ଭଲ ଥିଲା ଓ ବିଭିନ୍ନ ଟୁର୍ନାମେଣ୍ଟ ଖେଳିଥିଲୁ। ଏହା ଆମର ଆତ୍ମବିଶ୍ୱାସ ବଢାଇଥିଲା ଓ ଏହି ବିଜୟ ଆମ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି ବୋଲି ବାବର ବିଜୟ ହାସଲ କରିବା ପରେ କହିଛନ୍ତି।

### ଟି୨୦ ବିଶ୍ୱକପ୍‌ରେ ୧୦ ଉଇକେଟ ବିଜୟ

| | | |
|---|---|---|
| ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା | କେପ୍ ଟାଉନ | ୨୦୦୭ |
| ଦକ୍ଷିଣ ଆଫ୍ରିକା ବନାମ ଜିମ୍ବାୱେ | ହାମ୍ବାନଟୋଟା | ୨୦୧୨ |
| ଓମାନ ବନାମ ପିଏନ୍‌ଜି | ଅଲ ଅମିରାଟ | ୨୦୨୧ |
| ପାକିସ୍ତାନ ବନାମ ଭାରତ | ଦୁବାଇ | ୨୦୨୧ |


ଟି୨୦ ବିଶ୍ୱକପ୍‌ରେ ରବିବାର ଭାରତର ପରାଜୟରେ ଉଲ୍ଲସିତ ଦୁଇ ପାକିସ୍ତାନ ପ୍ରଶଂସିକା।


ପାକିସ୍ତାରନ ବିଜୟ ପରେ ବାବର ଆଜମ ଓ ମହମ୍ମଦ ରିଜୱାନଙ୍କୁ ବଧେଇ ଜଣାଉଛନ୍ତି ବିରାଟ କୋହଲି।


ଦୁଃଖାଭିଭୂତ ଟିମ୍‌ଇଣ୍ଡିଆ କୋଚ୍ ରବି ଶାସ୍ତ୍ରୀ।

## ଇମ୍ରାନଙ୍କ ଅଭିନନ୍ଦନ

**ଇସ୍‌ଲାମବାଦ, ୨୪।୧୦ (ପି.ଟି.):** ଦୁବାଇଠାରେ ରବିବାର ଭାରତ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ପାକିସ୍ତାନର ବିପୁଳ ବିଜୟରେ ପାକିସ୍ତାନର ପୂର୍ବତନ ଅଧିନାୟକ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଓ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ରମିଜ ରାଜା ଆନନ୍ଦରେ ଉଲ୍ଲସିତ ହୋଇଛନ୍ତି। ବାବର ଆଜାମଙ୍କ ଅଧିନାୟକତ୍ୱରେ ଦଳର ବିଜୟକୁ ନେଇ ଉଭୟେ ଅଭିନନ୍ଦନ ଜଣାଇଛନ୍ତି। ରିଜୱାନ ଓ ଶାହିନ ଆଫ୍ରିଦୀଙ୍କ ପ୍ରଦର୍ଶନର ଦୁହେଁ ଉଚ୍ଚ ପ୍ରଶଂସା କରିଛନ୍ତି। ଦେଶ ତୁମ ପାଇଁ ଗର୍ବିତ ବୋଲି ଇମ୍ରାନ କହିଛନ୍ତି। ସୂଚନାଯୋଗ୍ୟ, ଇମ୍ରାନଙ୍କ ନେତୃତ୍ୱରେ ପାକିସ୍ତାନ ଏହାର ପ୍ରଥମ ବିଶ୍ୱକପ୍ (୫୦ ଓଭର) ୧୯୯୨ରେ ଜିତିଥିଲା। ରମିଜ ମଧ୍ୟ ହେଉଛନ୍ତି ପୂର୍ବତନ ପାକିସ୍ତାନ ଅଧିନାୟକ।

## ଭାରତ-ପାକିସ୍ତାନ ସ୍କୋର ବୋର୍ଡ

**ଭାରତ ଇନିଂସ**

ରାହୁଲ-ବୋ-ଶାହିନ-୩
ରୋହିତ-ଏଲବିଡବ୍ଲ୍ୟୁ-ଶାହିନ-୦
କୋହଲି-କ-ରିଜୱାନ-ବୋ-ଶାହିନ-୫୭
ସୂର୍ଯ୍ୟକୁମାର-କ-ରିଜୱାନ-ବୋ-ହସନ ଅଲି-୧୧
ପନ୍ତ-କଟ୍‌ଆଣ୍ଡ୍‌ବୋ-ସାଦାବ ଖାଁ-୩୯
ଜାଡେଜା-ନୱାଜ-ବୋ-ହସନ ଅଲି-୧୩
ହାର୍ଦ୍ଦିକ ପାଣ୍ଡ୍ୟା-କ-ବାବର-ବୋ-ହାରିସ-୧୧
ଭୁବନେଶ୍ୱର କୁମାର-ନଟଆଉଟ-୫
ମହମ୍ମଦ ଶାମି-ନଟଆଉଟ-୦
ଅତିରିକ୍ତ-୧୨
ମୋଟ (୨୦ ଓଭର, ୭ ଉଇକେଟ) ୧୫୧।

**ଉଇକେଟ ପତନ :** ୧/୧, ୨/୬, ୩/୩୧, ୪/୮୪, ୫/୧୨୫, ୬/୧୩୩, ୭/୧୪୬।

**ବୋଲିଂ (ପାକିସ୍ତାନ)**

ଶାହିନ ଆଫ୍ରିଦୀ ୪-୦-୩୧-୩
ଇମାଦ ୱାସିମ ୨-୦-୧୦-୦
ହସନ ଅଲି ୪-୦-୪୪-୨
ସାଦାବ ଖାଁ ୪-୦-୨୨-୧
ମହମ୍ମଦ ହାଫିଜ୍ ୨-୦-୧୨-୦
ହାରିସ ରଫ୍ ୪-୦-୨୫-୧।

**ପାକିସ୍ତାନ ଇନିଂସ**

ମହମ୍ମଦ ରିଜୱାନ-ନଟ ଆଉଟ-୭୯, ବାବର ଆଜାମ-ନଟ ଆଉଟ-୬୮, ଅତିରିକ୍ତ-୫ ମୋଟ: (୧୭.୫ ଓଭର/୦ ଉଇକେଟ) ୧୫୨।

**ବୋଲିଂ (ଭାରତ)**

ଭୁବନେଶ୍ୱର କୁମାର ୩-୦-୨୫-୦, ମହମ୍ମଦ ଶାମି ୩.୫-୦-୪୩-୦, ଯଶପ୍ରୀତ ବୁମ୍‌ରା ୩-୦-୨୨-୦, ବରୁଣ ଚକ୍ରବର୍ତ୍ତୀ ୪-୦-୩୩-୦, ରବୀନ୍ଦ୍ର ଜାଡେଜା ୪-୦-୨୮-୦

# ଶ୍ରୀଲଙ୍କାକୁ ଜିତାଇଲେ ଅସଲଙ୍କା

ଶାରଜା,୨୪।୧୦

ଟି୨୦ ବିଶ୍ୱକପ୍‌ରେ ରବିବାର ଖେଳାଯାଇଥିବା ସୁପର-୧୨ ମୁକାବିଲାରେ ଶ୍ରୀଲଙ୍କା ୫ ଉଇକେଟରେ ବାଂଲାଦେଶକୁ ପରାସ୍ତ କରି ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଯୁବ ବାମହାତୀ ବ୍ୟାଟର ଚାରିଥ ଅସଲଙ୍କା ୪୯ ବଲରୁ ୫ଟି ଲେଖାଏ ଚୌକା ଓ ଛକା ସହ ୮୦ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଛନ୍ତି। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ୨୪ ବର୍ଷୀୟ ଅସଲଙ୍କା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ଟସ ଜିତି ଶ୍ରୀଲଙ୍କା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୨୦ ଓଭରରେ ୪ ଉଇକେଟ ହରାଇ ୧୭୧ ରନ ହାସଲ କରିଥିଲା। ଜବାବରେ ଶ୍ରୀଲଙ୍କା ୧୮.୫ ଓଭରରେ ୫ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ସହ ଶ୍ରୀଲଙ୍କା ୨ ପଏଣ୍ଟ ହାସଲ କରିଛି।

୧୭୨ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଶ୍ରୀଲଙ୍କା ଓପନର କୁଶଲ ପେରେରାଙ୍କୁ ହରାଇ ଆରମ୍ଭରୁ ଝଟକା ଖାଇଥିଲା। ୧ ରନ କରିଥିବା ବେଳେ ପେରେରା ନାସୁମ ଅହମ୍ମଦଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ପାଥୁମ ନିଶାଙ୍କା ଓ ଅସଲଙ୍କା ୪୫ ବଲରୁ ୬୯ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ତେବେ ନିଶାଙ୍କା ଗୋଟିଏ ଲେଖାଏ ଚୌକା ଓ ଛକା ସହ ୨୧ ବଲରୁ ୨୪ ରନକରି ଶକିବ ଅଲ ହାସନଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୭୧/୪ (ମହମ୍ମଦ ନଇମ-୬୨, ମୁସ୍‌ଫିକର ରହିମ-୫୭*, ଲିଟନ ଦାସ-୧୬, ଶକିବ ଅଲ ହାସନ-୧୦, ଚାମିକା କରୁଣାରତ୍ନେ-୧/୧୨, ବିନୁରା ଫର୍ନାଣ୍ଡୋ-୧/୨୭, ଲାହିରୁ କୁମାରା-୧/୨୯)। ଶ୍ରୀଲଙ୍କା ୧୮.୫ ଓଭରରେ ୧୭୨/୫ (ଚରିଥ ଅସଲଙ୍କା-୮୦*, ଭାନୁକା ରାଜପାକ୍‌ସେ-୫୩, ପାଥୁମ ନିଶାଙ୍କା-୨୪, ନସୁମ ଅହମ୍ମଦ-୨/୨୯, ଶକିବ ଅଲ ହାସନ-୨/୧୭, ମହମ୍ମଦ ସୈଫୁଦ୍ଦିନ-୧/୩୮)।

## ଟି୨୦ ବିଶ୍ୱକପ୍‌ରେ ଶକିବଙ୍କ ରେକର୍ଡ

**ଶାରଜା, ୨୪।୧୦ (ପି.ଟି.):** ବାଂଲାଦେଶର ପ୍ରମୁଖ ଅଲରାଉଣ୍ଡର ଶକିବ ଅଲ୍ ହସନ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ଉଇକେଟ ଅକ୍ତିଆର କରିଥିବା ବୋଲର ବିବେଚିତ ହୋଇଛନ୍ତି। ରବିବାର ଚଳିତ ଟି୨୦ ବିଶ୍ୱକପ୍ ସୁପର ୧୨ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ସେ ଏହି ସଫଳତା ହାସଲ କରିଛନ୍ତି। ସେ ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀଙ୍କ ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ଏହି ମ୍ୟାଚ ଖେଳିବା ପୂର୍ବରୁ ଶକିବ ୨୮ ମ୍ୟାଚରେ ୩୯ ଉଇକେଟ ନେଇ ସାରିଥିଲେ। ଏଥିସହିତ ସେ ଆଫ୍ରିଦୀଙ୍କ ରେକର୍ଡ ସମକକ୍ଷ ହୋଇଥିଲେ।



ଆଫ୍ରିଦୀ ୩୪ ମ୍ୟାଚରେ ୩୯ ଉଇକେଟ ନେଇଛନ୍ତି। ଶକିବ ତାଙ୍କ ଅଭିଜ୍ଞତାକୁ ଖଟାଇ ଏକ ଫ୍ଲାଇଟେଡ୍ ଡେଲିଭରି ନିସାଙ୍କାଙ୍କୁ ଆଉଟ କରିଥିଲେ। ଏହାର ଦୁଇଟି ବଲ୍ ପରେ ସେ ଅଭିଷ୍କା ଫର୍ନାଣ୍ଡୋଙ୍କୁ ବୋଲ୍ଡ କରି ଟି୨୦ ବିଶ୍ୱକପ୍‌ରେ ତାଙ୍କ ମୋଟ ଉଇକେଟ ସଂଖ୍ୟା ୪୧କୁ ବୃଦ୍ଧି କରିଥିଲେ। ସୁପର ୧୨ରେ ବାଂଲାଦେଶ ଅତିକମ୍‌ରେ ୫ଟି ମ୍ୟାଚ ଖେଳିବ। ଏହି ବାମହାତୀ ସ୍ପିନର କେବଳ ଆଫ୍ରିଦୀଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି। ଶକିବ ଆହୁରି ମଧ୍ୟ ଅନ୍ତର୍ଜାତୀୟ ଟି୨୦ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହେଉଛନ୍ତି।

## ଇକ୍ୱେଡର ସ୍ପ୍ରିଣ୍ଟରଙ୍କୁ ଗୁଳିକରି ହତ୍ୟା

**କ୍ୱିଟୋ, ୨୪।୧୦ (ଏପି):** ଇକ୍ୱେଡର ସ୍ପ୍ରିଣ୍ଟର ଆଲେକ୍ସ କ୍ୱିନୋନେଜ୍‌ଙ୍କୁ କେହି ଜଣେ ଗୁଳି କରି ହତ୍ୟା କରିଛନ୍ତି। ବନ୍ଦର ସହର ଗୁଆୟାକ୍ୱିଲରେ ଏହି ଘଟଣା ଘଟିଛି। ୩୨ ବର୍ଷୀୟ କ୍ୱିନୋନେଜ ୨୦୧୨ ଲଣ୍ଡନ ଗେମ୍ସ ୨୦୦ ମିଟର ଫାଇନାଲରେ ପ୍ରବେଶ କରି ତାଙ୍କ ଦେଶର ଜଣେ ଜାତୀୟ ହିରୋ ପାଲଟି ଯାଇଥିଲେ। ଏହି ରେସ୍ ଉସେନ୍ ବୋଲ୍ଟ ଜିତିଥିବାବେଳେ କ୍ୱିନୋନେଜ ୭ମ ସ୍ଥାନ ଅଧିକାର କରିଥିଲେ। ପରେ ୨୦୧୯ରେ ଦୋହାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏକ ଟ୍ରାକ୍ ଇଭେଣ୍ଟରେ ଗ୍ଲୋବାଲ ପଦକ ହାସଲ କରିବାରେ ସେ ଇକ୍ୱେଡରର ପ୍ରଥମ ଆଥଲେଟ ଭାବେ ପରିଚିତି ଲାଭ କରିଥିଲେ। କ୍ୱିନୋନେଜ ଟୋକିଓ ଅଲିମ୍ପିକ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ମାତ୍ର ସେ ହୋୟାରଏବାଉଟ୍ ନିୟମ ଉଲ୍ଲଂଘନ କରିଥିବାରୁ ସସ୍‌ପେଣ୍ଡ ହୋଇଥିବାରୁ ଏଥିରେ ଅଂଶଗ୍ରହଣରୁ ସେ ବଞ୍ଚିତ ହୋଇଥିଲେ। ରିପୋର୍ଟ ଅନୁସାରେ ଶୁକ୍ରବାର ରାତି ୯ଟା ୨୦ରେ କ୍ୱିନୋନେଜ୍‌ଙ୍କୁ ଗୁଳି କରାଯାଇଛି।

## ଜାତୀୟ ସ୍ତରରେ କିଶୋରଙ୍କୁ ପ୍ରଥମ ଟାଇଟଲ

**ଭୁବନେଶ୍ୱର, ୨୪।୧୦(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ଜାଭେଲିନ୍ ଥ୍ରୋ ପ୍ରତିଭା କିଶୋର କୁମାର ଜେନା ଜାତୀୟ ସ୍ତରରେ ପ୍ରଥମ ଟାଇଟଲ ହାସଲ କରିଛନ୍ତି। ରବିବାର ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଓପନ ଜାଭେଲିନ୍ ଥ୍ରୋ ଚାମ୍ପିୟନଶିପ୍‌ରେ ସେ ଏହି ସଫଳତା ପାଇଛନ୍ତି। ୨୬ ବର୍ଷୀୟ କିଶୋର ନିଜ ଦ୍ୱିତୀୟ ଉଦ୍ୟମରେ ୭୪.୨୬ ମିଟରକୁ ଜାଭେଲିନ ଥ୍ରୋ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ରାଜସ୍ଥାନର ହାରିସ କୁମାର ଓ ଦିଲ୍ଲୀର ବିପିନ କସନା ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ହାରିସ ୫ମ ଉଦ୍ୟମରେ ୭୨.୬୧ ଓ ବିପିନ ୬ଷ୍ଠ ତଥା ଶେଷ ଉଦ୍ୟମରେ ୭୧.୮୯ ମିଟର ଥ୍ରୋ କରି ପୋଡିୟମ ଫିନିଶ୍ କରିଥିଲେ। କିଶୋରଙ୍କୁ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇଛନ୍ତି।


ଜାଭେଲିନ ଥ୍ରୋ କରୁଛନ୍ତି କିଶୋର କୁମାର ଜେନା।

# ଭିକ୍ଟର, ହେକ୍ଟର, ଭିନିତ ଓଡ଼ିଶା ଏଫ୍‌ସି ଅଧିନାୟକ

**ଇଣ୍ଡିଆନ ସୁପରଲିଗ୍**

**ଭୁବନେଶ୍ୱର, ୨୪।୧୦(କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ହିରୋ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ରେ ୩ ଜଣ ଖେଳାଳି ଓଡ଼ିଶା ଏଫ୍‌ସିର ନେତୃତ୍ୱ ନେବେ। ସେମାନେ ହେଲେ ଭିନିତ ରାୟ, ଭିକ୍ଟର ମୋନଗିଲ ଓ ହେକ୍ଟର ରୋଡାସ। ଖେଳାଳିମାନେ ଭୋଟ ଦେଇ ଉକ୍ତ ୩ ଖେଳାଳିଙ୍କୁ ବାଛିଛନ୍ତି। ଏ ସମ୍ପର୍କରେ ମତରଖି ମୁଖ୍ୟ କୋଚ୍ କିକୋ ରାମିରେଜ କହିଛନ୍ତି ଯେ, ‘‘ଭିନିତଙ୍କର ଆଇଏସ୍‌ଏଲରେ ଅନେକ ଅଭିଜ୍ଞତା ଅଛି। ସବୁ ଖେଳାଳି ତାଙ୍କୁ ସମ୍ମାନ ଦେଉଛନ୍ତି। ତେଣୁ ସେ ସବୁ ଖେଳାଳିଙ୍କୁ ଏକାଠି କରି ଆମକୁ ଭଲ ଫଳାଫଳ ଦେଇପାରିବେ। ଅନ୍ୟପକ୍ଷରେ କଠିନ ପରିଶ୍ରମ, ଦୃଢ଼ମନୋବୃତ୍ତି ସହ ପୂର୍ବରୁ ଆଇଏସଏଲ ଟାଇଟଲ ଜିତିଥିବାରୁ ଭିକ୍ଟର ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ହେକ୍ଟର ହେଉଛନ୍ତି ନେତୃତ୍ୱ ନେବାର ଦକ୍ଷତା ରଖିଥିବା ଜଣେ ଖେଳାଳି। ୟୁରୋପରେ ଶୀର୍ଷ ଲିଗ୍‌ଗୁଡ଼ିକରେ ଖେଳିଥିବାରୁ ଅଭିଜ୍ଞତା ଭରପୂର। ତେଣୁ ସେ ଦଳ ଏବଂ ଦଳୀୟ ସାଥିଙ୍କୁ ସହାୟକ ହୋଇପାରିବେ’’।

ଭୋଟିଂ ପ୍ରକ୍ରିୟା ସମ୍ପର୍କରେ ସହକାରୀ କୋଚ୍ କିନୋ ଗାର୍ସିଆ କହିଛନ୍ତି ଯେ, ପ୍ରତି ଖେଳାଳିଙ୍କୁ ଏକ କାଗଜରେ ୩ ଜଣ ଖେଳାଳିଙ୍କ ନାମ ଲେଖି ଏକ ବକ୍ସରେ ଡ୍ରପ୍ କରିବାକୁ କୁହାଯାଇଥିଲା। ନିୟମ ଅନୁସାରେ ପ୍ରତି ଖେଳାଳିଙ୍କୁ ବିଦେଶୀଙ୍କ ସହିତ ଅତିକମ୍‌ରେ ଜଣେ ଭାରତୀୟଙ୍କ ନାମ ଲେଖିବା ପାଇଁ ନିର୍ଦ୍ଦେଶ ଥିଲା। କୋଚିଂ ଷ୍ଟାଫ୍ ମଧ୍ୟ ଭୋଟିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଅଧିନାୟକ ମନୋନୀତ ହୋଇଥିବା ୩ ଜଣ ଯାକ ଖେଳାଳି ସେମାନଙ୍କ ମତ ରଖିଥିଲେ। ‘‘ଏହା ମୋ ପାଇଁ ଗର୍ବ ଏବଂ ଏକ ଗୁରୁଦାୟିତ୍ୱ। ମୁଁ ଦକ୍ଷତା ଅନୁସାରେ ଦଳକୁ ସହାୟକ ହୋଇପାରିବି ବୋଲି ଟିମ୍‌ମେଟ୍‌ମାନେ ମୋତେ ବିଶ୍ୱାସକୁ ନେଇଛନ୍ତି। ସେମାନେ ଆଗାମୀ ଦିନରେ ଜଣେ ଖେଳାଳିଭାବେ ଉନ୍ନତି କରିବା ପାଇଁ ମୁଁ ମୋ ଅଭିଜ୍ଞତା ବାଣ୍ଟିବି। ମୋର ଉପସ୍ଥିତି, ପ୍ରତିଶ୍ରୁତିବଦ୍ଧତା ଏବଂ ଚାହିଦା ଅନେକ। ତେବେ ଆମେ ଏକ ପରିବାର ଭାବେ ମିଶି ନିଶ୍ଚିତ ଭଲ ଫଳାଫଳ ଆଣିପାରିବୁ’’ ବୋଲି ହେକ୍ଟର ପ୍ରକାଶ କରିଛନ୍ତି।



ଭିକ୍ଟର ମୋନଗିଲ, ହେକ୍ଟର ରୋଡାସ ଓ ଭିନିତ ରାୟ।

ଭିକ୍ଟର କହିଛନ୍ତି ଯେ, ‘‘ମୋତେ ଅନ୍ୟତମ ଅଧିନାୟକ ମନୋନୀତ କରାଯାଇଥିବାରୁ ବହୁତ ଖୁସି। ମୋତେ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ମୁଁ ପଡ଼ିଆ ଭିତରେ ଓ ବାହାରେ ପାଳନ କରି କ୍ଲବର ନାଁ ଉଚ୍ଚା ରଖିବା ସହ ଉଦାହରଣ ସୃଷ୍ଟି କରିବାକୁ ଚେଷ୍ଟା କରିବି। ଆଗାମୀ ସଂସ୍କରଣରେ ଆମେ ଅନେକ କିଛି ପାଇବାକୁ ଲକ୍ଷ୍ୟ ରଖିଛୁ ଏବଂ ସେଥିପାଇଁ ସବୁମତେ ଚେଷ୍ଟା କରିବୁ’’। ଭିନିତ ମଧ୍ୟ ସମାନ ମତବ୍ୟକ୍ତ କରିଛନ୍ତି। ‘‘ମୋ ଉପରେ ଭରସା ରଖି ଭୋଟ ଦେଇଥିବାରୁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ୩ ଅଧିନାୟକଙ୍କ ମଧ୍ୟରୁ ମୁଁ ଅନ୍ୟତମ ହୋଇଥିବାରୁ କୃତଜ୍ଞ। ଆଗାମୀ ସିଜନକୁ ନେଇ ମୁଁ ଖୁବ୍ ଉତ୍ସାହିତ ଅଛି। ଏହା ଏକ ନୂଆ ସିଜନ, ନୂଆ କୋଚ୍ ଏବଂ ଅନେକ ନୂଆ ଖେଳାଳି ମଧ୍ୟ ଅଛନ୍ତି। କଠିନ ପରିଶ୍ରମ କରି ଶ୍ରେଷ୍ଠ ପ୍ରଦର୍ଶନ ଦେବା ଆମର ମୁଖ୍ୟ ଲକ୍ଷ୍ୟ ହେବ। ଯଦି ଆମେ ପ୍ରତି ଟ୍ରେନିଂ ସେସନ ଓ ପ୍ରତି ଆଇଏସ୍‌ଏଲ ଗେମ୍‌ରେ ଶତ ପ୍ରତିଶତ ପ୍ରଦର୍ଶନ ଦେଇ ପାରିବୁ ତେବେ ନିଶ୍ଚିତ ଭଲ ଫଳାଫଳ ପାଇବୁ। କଠିନ ପରିଶ୍ରମ ସଫଳତାର ଚାବିକାଠି। ଆଗାମୀ ସିଜନରେ ଆମେ କିଛି ସ୍ୱତନ୍ତ୍ର ପ୍ରଦର୍ଶନ କରି ଟାଇଟଲ ପାଇଁ ଲଢ଼ିବୁ। କଠିନ ପରିଶ୍ରମ କଲେ ଏବଂ ଈଶ୍ୱରଙ୍କ ଆଶୀର୍ବାଦ ରହିଲେ କିଛି ଅସମ୍ଭବ ନୁହେଁ’’ ବୋଲି ଭିନିତ କହିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମହର୍ଷି ବାଲ୍ମୀକି ଜୟନ୍ତୀ ପାଳିତ

କଟକ ଅଫିସ, ୨୪।୧୦- ବିଶ୍ୱ ହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ପକ୍ଷରୁ କଟକ ଶିଖରପୁରସ୍ଥିତ କାଳୀମନ୍ଦିର ପରିସରରେ ମହର୍ଷି ବାଲ୍ମୀକି ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏଥିରେ ପୂର୍ବପ୍ରାନ୍ତ ପ୍ରଭାରୀ ଗୌତମ ସରକାର ଯୋଗଦେଇ କହିଥିଲେ, ଦସ୍ୟୁ ରତ୍ନାକର ଶ୍ରୀନାରଦଙ୍କ ମାର୍ଗଦର୍ଶନ ପାଇ ରାମନାମ ଜପ କରି ମହର୍ଷି ବାଲ୍ମୀକି ଭାବେ ଆତ୍ମପ୍ରକାଶ କରିଥିଲେ। ଏଥିରେ ବିଶ୍ୱହିନ୍ଦୁ ପରିଷଦ ସାମାଜିକ ସମରସତା ବିଭାଗ ମୁଖ୍ୟ ମୁରଲୀଧର ପଣ୍ଡା ଯୋଗଦେଇଥିଲେ। ଚାରଣ ଗୋଷ୍ଠୀର ଶୁଭେନ୍ଦୁ ସ୍ୱାଇଁ, ଲିଙ୍ଗରାଜ ପତି, ପରିକ୍ଷିତ ମହାରଣା, ଗୌତମ ପରିଡ଼ା, ମାନସ ପଣ୍ଡା, ପ୍ରଶାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାଗବତ ସାହୁ ଧନ୍ୟବାଦ ଦେଇଥିଲେ।

### ଚଷାପଡ଼ା ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ଚୌଦ୍ୱାର,୨୪।୧୦(ଡି.ଏନ୍.ଏ.)- ଚୌଦ୍ୱାର ଥାନା ଅନ୍ତର୍ଗତ ଚଷାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ୬୭ତମ ପ୍ରତିଷ୍ଠା ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଦେବୀନଗର କ୍ଲଷ୍ଟରର ସିଆର୍‌ସିସି ଅଶୋକ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସରୋଜ କୁମାର ପ୍ରଧାନ, ସାହିତ୍ୟିକ ପ୍ରସନ୍ନ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚଳନା କମିଟି ଅଧକ୍ଷ ଜଗନ୍ନାଥ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୋ ସ୍କୁଲ କମିଟି ଉପଦେଷ୍ଟା ହୃଷୀକେଶ ଭୂୟାଁ, ଗଙ୍ଗାଧର ଶୁକ୍ଳ ଓ ରବୀନ୍ଦ୍ରନାଥ ତରାଇଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ପିଲାମାନଙ୍କୁ ପୋଷାକ ବିତରଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କିଶୋର ଗିରି ଧନ୍ୟବାଦ ଦେଇଥିଲେ।

### ବିଜେଡି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

କଟକ ଅଫିସ,୨୪।୧୦- କଟକ ମହାନଗର ନିଗମ(ସିଏମ୍‌ସି) ୩୫ନଂ. ୱାର୍ଡର ବିଜେଡି ପକ୍ଷରୁ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର ଦୀପାଳିବାଳା ଭୂୟାଁଙ୍କ ନେତୃତ୍ୱରେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ପରିସର ସଫା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ କର୍ପୋରେଟର ପବିତ୍ର ଭୂୟାଁ, ପ୍ରଫୁଲ୍ଲ ବେହେରା, ରଞ୍ଜିତା କାହାଳୀ, ତାପସ ମହାନ୍ତି, ୱାର୍ଡ ସଭାପତି ସଞ୍ଜୟ ବେଉରା, ସୁବ୍ରତ ସାହୁ, ପ୍ରମୋଦ ଦାସ, ପ୍ରମୋଦ ସାହୁ, ମମତା ବେହେରା, ଉତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### 'ଆଜାଦୀ କା ଅମୃତ' ମହୋତ୍ସବ

ବାଙ୍କୀ,୨୪।୧୦(ସ୍ୱ.ପ୍ର.)-ବାଙ୍କୀ ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟର ବାଳିକା କନିଷ୍ଠ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ରବିବାର ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଥାର୍ଡ ଅଫିସର ଜୟନ୍ତୀ ଗୋଚ୍ଛି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୨ ଜଣ କ୍ୟାଡେଟ ଭାଗ ନେଇ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟରେ ସଫେଇ କରି ସେଠାରେ ଥିବା ମହାତ୍ମା ଗାନ୍ଧୀ, ଗୋପବନ୍ଧୁ, ପଣ୍ଡିତ ଗୋବିନ୍ଦ ରଥ, ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିକୁ ପରିଷ୍କାର କରିଥିଲେ।

### ମାରପିଟ୍: ୩ ଆହତ

ଖୁଣ୍ଟୁଣୀ, ୨୪।୧୦(ଡି.ଏନ.ଏ.)- ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଗୋବରା ଗ୍ରାମରେ ମାରପିଟ୍ ଘଟିଛି। ଏଥିରେ ଅଞ୍ଜନା ଜେନା, ତୁଷାରକାନ୍ତ ଜେନା ଓ କୀର୍ତ୍ତନ ହେମ୍ବ୍ରମ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ସୁରେନ୍ଦ୍ର ଜେନା ଓ ବଡଭାଇ କେଦାର ଜେନାଙ୍କ ମଧ୍ୟରୁ ଜମିବାଡିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। କେଦାର ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ତାଙ୍କୁ ମେଡିକାଲ ନେବାକୁ ସ୍ତ୍ରୀ ଚୌଦ୍ୱାରରେ ଥିବା ତାଙ୍କ ପୁଅ ତୁଷାରଙ୍କୁ ଫୋନ୍ କରି ଡାକିଥିଲେ। ତୁଷାର ତାଙ୍କ ସହଯୋଗୀ କୀର୍ତ୍ତନଙ୍କୁ ନେଇ ଗୋବରା ଗ୍ରାମକୁ ଆସିଥିଲେ। ପରେ କେଦାରଙ୍କୁ ମେଡିକାଲ ନେବା ପାଇଁ ତୁଷାର ତାଙ୍କ ଘରେ ତାଲା ପକାଉଥିଲେ। ଏହି ସମୟରେ ସୁରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଅଞ୍ଜନା ପହଞ୍ଚି ତାଲା କାହିଁକି ପକାଇଲୁ ବୋଲି କହି ଠେଙ୍ଗାରେ ତୁଷାର ଓ କୀର୍ତ୍ତନଙ୍କୁ ପିଟିଥିଲେ। ତୁଷାର ମଧ ସୁରେନ୍ଦ୍ରଙ୍କ ଉପରେ ପାଲଟା ଆକ୍ରମଣ କରିଥିଲେ। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା(ନଂ.୧୨୧/୧୨୨।୨୧) ରୁଜୁ କରିଛି।

# ସମସ୍ୟା ଘେରରେ ସିଏମ୍‌ସି ୪୫ନଂ. ୱାର୍ଡ



ଡ୍ରେନ ପାର୍ଶ୍ୱରେ ଗଦା ହୋଇଥିବା ଆବର୍ଜନା।

କଟକ ଅଫିସ,୨୪।୧୦

■ସଫା ହେଉନି ମୁଖ୍ୟ ଡ୍ରେନ୍
■ବଢ଼ୁଛି ମଶା ଉପଦ୍ରବ
■ନଦୀରେ ମିଶୁଛି ପ୍ରଦୂଷିତ ଜଳ

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୪୫ ନଂ. ୱାର୍ଡରେ ଅନେକ ସମସ୍ୟା ରହିଛି। ବିଶେଷକରି ଡ୍ରେନେଜ, ରାସ୍ତା, ପାନୀୟଜଳ ସହ ଅସ୍ୱାସ୍ଥ୍ୟକର ପରିବେଶ ମୁଖ୍ୟ ସମସ୍ୟା ପାଲଟିଛି। ଖାନ୍‌ନଗର ମଝିସାହି, ଗୁରୁ ସାହି, ବ୍ରାହ୍ମଣ ସାହିର ଅନେକ ସ୍ଥାନରେ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଯାତାୟାତ ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବ୍ରାହ୍ମଣସାହି, ଅରୁଣୋଦୟ ନଗର, ଗୋପାଳସାହିରେ ଅନେକ ଡ୍ରେନ୍ ମୁକୁଳା ପଡିଛି। ଏହି ୱାର୍ଡ ଦେଇ ଯାଇଥିବା ମୁଖ୍ୟ ଡ୍ରେନ୍‌ରେ ଆବର୍ଜନା ଜମି ରହିଛି। ଦୀର୍ଘଦିନ ଧରି ଏହା ସଫା ନ ହେବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ମଶା ଉପଦ୍ରବ ବୃଦ୍ଧି ପାଇଛି। ସେହିପରି ଉକ୍ତ ମୁଖ୍ୟ ନାଳରୁ ଅପରିଷ୍କାର ପାଣି ସିଧାସଳଖ ଯାଇ ନିକଟସ୍ଥ ନଦୀରେ ମିଶୁଛି। ଏଥିଯୋଗୁ ନଦୀଜଳ ପ୍ରଦୂଷିତ ହେବାରେ ଲାଗିଛି। ଏହି ୱାର୍ଡର ପାନୀୟ ଜଳରେ ଲୌହର ମାତ୍ରା ଅଧିକ ରହୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



"ନିୟମିତ ସଫା କରାଯାଉ ନ ଥିବାରୁ ମଶା ଉପଦ୍ରବ ବୃଦ୍ଧି ପାଉଛି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ ଏପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ମଶା ଉପଦ୍ରବ କମାଇବାରେ ସିଏମ୍‌ସି ସମ୍ପୂର୍ଣ୍ଣ ବିଫଳ।

-ଦୀପକ କୁମାର ସାହୁ, ସ୍ଥାନୀୟ ବାସିନ୍ଦା



"ଲିଙ୍କ୍‌ରୋଡରୁ ଖାନ୍‌ନଗର ଯିବା ରାସ୍ତାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ଯୋଗୁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ହେଲେ ଏହାର ସ୍ଥାୟୀ ସମାଧାନ କରାଯାଇପାରୁନାହିଁ।

-ଉମାକାନ୍ତ ସାହୁ, ସ୍ଥାନୀୟ ବାସିନ୍ଦା



"ପାନୀୟ ଜଳ, ମଶା ଉପଦ୍ରବ, ପରିମଳ ଅବ୍ୟବସ୍ଥା ପରେ ରାସ୍ତା ସମସ୍ୟା ବୋଝ ଉପରେ ନଳିତାବିଡା ସଦୃଶ। ଗୋଟିଏ ରାସ୍ତାରେ କାମ ଆରମ୍ଭ ହେଲେ ୨ ମାସ ପୂର୍ବରୁ ସରୁନି। କେତେକ ସ୍ଥାନରେ ଖୋଳାଯାଇଥିବା ରାସ୍ତା ଭଲଭାବେ ପୋତାଯାଉନାହିଁ।

-ରାଜେନ୍ଦ୍ର ଗୁରୁ, ସ୍ଥାନୀୟ ବାସିନ୍ଦା



"ଏହି ୱାର୍ଡରେ ମଶା ଉପଦ୍ରବ କମାଇବା ପାଇଁ ୪ ଜଣ କୁଲି ଓ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ପ୍ରତି ସପ୍ତାହରେ ନାଳ ସଫା କରି ମଶାତେଲ ପକାଇଥାନ୍ତି। ଏହାଦ୍ୱାରା ମଶାବଂଶ ବୃଦ୍ଧିକୁ ରୋକାଯାଇପାରିବ। ଏଥିସହ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଦିଆଯିବ ।

-ସତ୍ୟବ୍ରତ ମହାପାତ୍ର, ସ୍ୱାସ୍ଥ୍ୟ ଅଧିକାରୀ, ସିଏମ୍‌ସି




ବିଶ୍ୱ ପୋଲିଓ ଦିବସ ପାଳନ ଅବସରରେ ରବିବାର କଟକ ବକ୍ସିବଜାର ଗୋପବନ୍ଧୁ ପାର୍କ ସମ୍ମୁଖରୁ ରୋଟ୍ରାକ୍ଟ କ୍ଲବ ଅଫ ବାରବାଟୀ ଓ ରୋଟାରି କ୍ଲବ ଅଫ କଟକ ମିଡ୍ ଟାଉନ ମିଳିତ ଆନୁକୂଲ୍ୟରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ଫୁଟବଲ ମ୍ୟାଚ୍: ବିଡ଼ାନାସୀ କ୍ଲବ ବିଜୟୀ

ଟାଙ୍ଗୀ,(କଟକ), ୨୪।୧୦(ଡି.ଏନ.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ହରିଅନ୍ତା ଗ୍ରାମସ୍ଥିତ ବାପୁଜୀ ଉ.ପ୍ରା. ବିଦ୍ୟାଳୟ ଖେଳପଡିଆରେ ଶନିବାର ଏକ ଦିବସୀୟ ମହିଳା ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋପାଳଜୀଉ କ୍ରୀଡା ଓ ସାଂସ୍କୃତିକ କ୍ଲବର ଆନୁକୂଲ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ ବିଡାନାସୀ ମହିଳା ଫୁଟବଲ କ୍ଲବ୍ ଓ ୟୁନାସ ଫୁଟବଲ କ୍ଲବ ଭାଗ ନେଇଥିଲା। ଏଥିରେ ବିଡାନାସୀ ଫୁଟବଲ କ୍ଲବ ୨-୦ ଗୋଲରେ ୟୁନାସ ଫୁଟବଲ କ୍ଲବକୁ ପରାସ୍ତ କରିଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବାପୁଜୀ ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୂତିଭୂଷଣ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ଉପସଭାପତି ସ୍ୱାଧୀନ କିଶୋର ମହାନ୍ତି, ନରେନ୍ଦ୍ର ରାଉତରାୟ, ଅମରନାଥ ଲେଙ୍କା, ସୁରେନ୍ଦ୍ର ଭୂୟାଁ, ପ୍ରଶାନ୍ତ ସାହୁ, ଗିରିଜା ଶଙ୍କର ପ୍ରତାପ ଓ ଅନନ୍ତ ନାୟକ ଯୋଗଦେଇଥିଲେ। ଗୋପାଳଜୀଉ କ୍ରୀଡା ଓ ସାଂସ୍କୃତିକ କ୍ଲବ ସଭାପତି ଉମେଶ ଚନ୍ଦ୍ର ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସମ୍ପାଦକ ସୁନୀଲ କୁମାର ସ୍ୱାଇଁ, ସତ୍ୟ ସାଗର ନାୟକ, ଭକ୍ତି ସାଗର ନାୟକ, ସୁଜିତ୍ ସାମଲ, ଫାଲ୍‌ଗୁନୀ ରାଉତରାୟ ଉପସ୍ଥିତ ଥିଲେ। ରବି ଦାସ କ୍ରୀଡା ପରିଚାଳନାରେ ସହାୟତା କରିଥିଲେ। ଦେବାଶିଷ ସ୍ୱାଇଁ ଅତିଥି ପରିଚୟ ଓ ଜନ୍ମେଜୟ ସାହୁ ଧନ୍ୟବାଦ ଦେଇଥିଲେ।

## ବଡ଼ମ୍ବା, ନରସିଂହପୁର ବନ୍ଦ ପାଇଁ ପ୍ରସ୍ତୁତି

ନରସିଂହପୁର,୨୪।୧୦(ସ୍ୱ.ପ୍ର.)

**ନରସିଂହପୁର ଥାନା ପରିସରରେ ଖଣ୍ଡଯୁଦ୍ଧ ଘଟଣା**

ନରସିଂହପୁର ଥାନା ପରିସରରେ ଶୁକ୍ରବାର ପୋଲିସ ଓ ଭାଜପା କର୍ମୀଙ୍କ ମଧ୍ୟରେ ହୋଇଥିବା ଖଣ୍ଡଯୁଦ୍ଧ ଘଟଣାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଦଳବେହେରାଙ୍କ ସମେତ ୨ ସହକର୍ମୀଙ୍କୁ ପୋଲିସ ଗିରଫ କରି ଜେଲକୁ ପଠାଇ ଦିଆଯାଇଛି। ଏହାର ପ୍ରତିବାଦରେ ଅକ୍ଟୋବର ୨୭ରେ ବଡମ୍ବାଓ ନରସିଂହପୁର ବନ୍ଦ କରିବାକୁ ଭାଜପା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଆୟୋଜିତ ପ୍ରସ୍ତୁତି ବୈଠକରେ ବଡ଼ମ୍ବା ନରସିଂହପୁର ବ୍ଲକର ୭ ଜିଲାପରିଷଦ ଜୋନ ସଭାପତିଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ବୈଠକରେ ନାରୀନେତ୍ରୀ ଯାଜ୍ଞସେନୀ ଜେନା ରତାପାଟ ସରପଞ୍ଚ ଦୁର୍ଗାପ୍ରିୟା ଦଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## 'ପୃଥିବୀରେ ସ୍ତନ କର୍କଟ ରୋଗୀ ସଂଖ୍ୟା ବଢୁଛି'

କଟକ ଅଫିସ, ୨୪।୧୦

କଟକ କେଶରପୁରସ୍ଥିତ ପଣ୍ଡା ମେଡ଼ିକାଲ ସେଣ୍ଟରରେ ବିଶ୍ୱ ସ୍ତନକର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ବରିଷ୍ଠ ମହିଳା ସଂଘ ଓ ପଣ୍ଡା କ୍ୟାନସର ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ କ୍ଲବ ସଭାପତି ସଂଯୁକ୍ତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନ ପୃଥିବୀରେ ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଏଥିପାଇଁ ସବୁ ବର୍ଗର ମହିଳାଙ୍କୁ ସଚେତନ କରାଇବା ଆବଶ୍ୟକ। ନମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଦୀପ ଦାଶ, ଅନ୍ନପୂର୍ଣ୍ଣା ସାହୁ, ଶରତ ମିଶ୍ର, ସରୋଜ ନଳିନୀ ଲେଙ୍କା, ପ୍ରମିଳା ଦାସବର୍ମା, ଇନ୍ଦିରା ଅରୋରା, ଡା. ପ୍ରଭାବତୀ ପଣ୍ଡା, କମଳା କୁମାରୀ ଚୌଧୁରୀ, ମିନତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । କଟକ ବରିଷ୍ଠ ନାଗରିକ ମହାସଭାର ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ଧନ୍ୟବାଦ ଦେଇଥିଲେ।

## ଏଥର ନିରାଡ଼ମ୍ବର କାଳୀପୂଜା




ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସହ ଅନ୍ୟମାନେ।

କଟକ ଅଫିସ,୨୪।୧୦

**କାଳୀପୂଜା ପ୍ରସ୍ତୁତି ବୈଠକ**
■ଖୋଲିବନି ବାଣ ଦୋକାନ
■ଭସାଣିରେ ସାମିଲ ହୋଇପାରିବେ ସର୍ବାଧିକ ୧୦ଜଣ

କଟକସ୍ଥିତ ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ) କନ୍‌ଫରେନ୍ସ ହଲ୍‌ରେ କମିଶନରେଟ୍ ପୋଲିସ ପକ୍ଷରୁ କାଳୀପୂଜା ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କାଳୀପୂଜା କୋଭିଡ୍ ଗାଇଡଲାଇନ ଅନୁଯାୟୀ ନିରାଡମ୍ବରଭାବେ ପାଳନ କରାଯିବ। କଟକ ମହାନଗର ନିଗମ ଅଞ୍ଚଳର ସବୁ ମଣ୍ଡପରେ ୪ ଫୁଟ ଉଚ୍ଚତା ମଧ୍ୟରେ ମୂର୍ତ୍ତି ନିର୍ମାଣ, ଆସନ୍ତା ନଭେମ୍ବର ୪ ତାରିଖ ମଧ୍ୟରାତ୍ରିରେ ମା'ଙ୍କ ପୂଜା କରାଯିବ, ପୂଜାବେଳେ ମଣ୍ଡପରେ ସର୍ବାଧିକ ୭ ଜଣଙ୍କୁ ରହିବାକୁ ଅନୁମତି ଦିଆଯିବ, ୬ ତାରିଖରେ ଗୋଟିଏ ଘଣ୍ଟ ଓ ସର୍ବାଧିକ ୧୦ଜଣ ଲୋକଙ୍କୁ ନେଇ ଦେବୀଗଡାରେ ଭସାଣି କରାଯିବ। ଏହାଛଡା ସହରରେ ବାଣ ଦୋକାନ ଖୋଲିବା ଲାଗି ବାରଣ କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ଆଗତ ଏହି ପ୍ରସ୍ତାବଗୁଡ଼ିକୁ ଉଭୟ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟି ଗ୍ରହଣ କରିଥିଲା। ଏହି ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ୍ ସିଂ, ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ, ଡେପୁଟି କମିଶନର ଅବିନାଶ ରାଉତଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଦେବାଶିଷ



@ ରେଖା



@ ଶ୍ରବଣ



@ ଇତିଶ୍ରୀ



@ ସୁଜୟ



@ ମୈତ୍ରୀ ରଞ୍ଜନ

## ପ୍ରଥମ ପୃଷ୍ଠାରୁ...

### ଚାକିରିରୁ ବିଦାହେଲେ...

ନିରୋଧ ଆଇନ୍‌ରେ ମାମଲା (ନଂ.୧୫୯/୦୫) ରହିଥିଲା। ୨୦୧୦ରେ ଖଣ୍ଡଗିରି ଥାନାରେ ଜମିଜମା ମାମଲା ହୋଇଥିବାବେଳେ ୨୦୧୨ରେ ଶହୀଦନଗର ଥାନାରେ ମାମଲା ନଂ.୨୩୮/୧୨ ଓ ୨୦୧୯ରେ ଏକ ଟ୍ରାକ୍ଟର ଚୋରି ନେଇ ଧଉଳି ଥାନାରେ ଆଉଏକ ମାମଲା ରହିଛି। ସେହିଭଳି ୨୦୧୮ରେ ପ୍ରସନ୍ନ କଟକରେ କାର୍ଯ୍ୟ କରୁଥିବାବେଳେ ଜଣେ ଆଇନଜୀବୀଙ୍କୁ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ଓକିଲ ସଂଘ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏଥିପାଇଁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବା ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ମଧ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପ୍ରସନ୍ନଙ୍କ ଏପରି ଆପରାଧିକ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ବିବାଦମୁଣ୍ଡାଉଥିଲେ ମଧ ବିଭାଗ ପକ୍ଷରୁ କେବଳ ନିଲମ୍ବିତ କରାଯାଉଥିବାରୁ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ବି ଉଠିଥିଲା।

### ବଢୁନି ବିଶ୍ୱବିଦ୍ୟାଳୟ...

ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, କାରଣ ସେମାନଙ୍କୁ ଗାଇଡ୍ କରିବା ପାଇଁ ପ୍ରକୃତ ଲୋକ ନାହାନ୍ତି। ଫଳରେ ବିଶ୍ୱବିଦ୍ୟାଳଗୁଡ଼ିକରେ ଗବେଷଣା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ ଯଥାଶୀଘ୍ର ସରକାର ଅବସର ବୟସକୁ ୬୦ରୁ ୬୫କୁ ବୃଦ୍ଧି କରିଲେ କେବଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନୁହେଁ, ସ୍କଲାରମାନେ ମଧ ବେଶ୍ ଉପକୃତ ହେବେ। ଏଥି ସହିତ ରାଜ୍ୟ ବି ଆଗକୁ ଯିବ। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ମୁଁ ବି ୬୦ ବର୍ଷରେ ଅବସର ନେଇଛି। ଏ ଦିଗରେ କୌଣସି ପଦକ୍ଷେପ ନେବା ପାଇଁ ମୋ ପାଖରେ କ୍ଷମତା ନାହିଁ। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ନେଇ ପଦକ୍ଷେପ ନେଇପାରିବେ। ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କୁ ମୁଁ ଲିଖିତ ନୁହେଁ, ମୌଖିକ ଭାବେ ସହଯୋଗ କରିପାରିବି ବୋଲି ଆଚାର୍ଯ୍ୟ କହିଛନ୍ତି।

### ରାଇବଣିଆ ଦୁର୍ଗ...

ଖନନରୁ ମିଳୁଛି। ଦୁର୍ଗ ମଧ୍ୟରେ ଥିବା ଗଡଚଣ୍ଡୀ କେବଳ ଦୁର୍ଗାପୂଜା ଓ ପଣାସଂକ୍ରାନ୍ତିରେ ପୂଜା ହୁଅନ୍ତି। ଏହାର ମଧ୍ୟସ୍ଥଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ କୋଣାର୍କ ମନ୍ଦିରର କୀର୍ତ୍ତି ଓ କଳାକାରିଗରୀ ସହିତ ରାଇବଣିଆଗଡର ଜଗନ୍ନାଥ ମନ୍ଦିର ସମ୍ପର୍କ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱବିତ ଅଶୋକ ମିତ୍ର ଏସିଆଟିକ ସୋସାଇଟିରୁ କିଛି ଅର୍ଥ ଆଣି ସେ ଏହାର ଖନନ ଓ ସର୍ଭେ ଆରମ୍ଭ କରୁଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଖନନ କାର୍ଯ୍ୟ ସେତିକିରେ ଅଟକିଯାଇଛି। ଅନ୍ୟ ଜଣେ ଗବେଷକ ସେନଗୁପ୍ତ ଏଠାକୁ ବିଭିନ୍ନ ସମୟରେ ଆସି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ତେବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୬୪) ଏହି ଦୁର୍ଗ ନିର୍ମାଣ କରିଥିବା ପ୍ରମାଣ ରହିଛି।

ଦୁର୍ଗ ଅଞ୍ଚଳରେ ପ୍ରାୟ ୫୦ଟି ଛୋଟବଡ ପୋଖରୀ ରହିଛି। ବିଭିନ୍ନ ସ୍ଥାନରେ ଥିବା ଉଚ୍ଚସ୍ଥାନକୁ ଖନନକଲେ ଏବେ ମଧ ଦୁର୍ଗର ଧ୍ୱଂସାବଶେଷ ବାହାରୁଛି। କିନ୍ତୁ ସରକାରଙ୍କ ଦ୍ୱାରା ଏସବୁର ଉଦ୍ଧାର, ସଂଗ୍ରହ କରାଯାଉନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଦେବୀପ୍ରସନ୍ନ ଚନ୍ଦ, ଇଂ . ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ବିଧାନସଭା ଓ ସଂସଦରେ ଦାବି ଉପସ୍ଥାପନ କରିବା ପରେ ୨୦୧୪ ମସିହାରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ନେଇ ମନ୍ଦିର ପାଚେରି ନିର୍ମାଣ କରାଯାଇଥିଲେ ମଧ ଏବେ ତା'ର ସୁରକ୍ଷା ଜରୁରୀ ହୋଇପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଇବଣିଆଗଡକୁ ଯିବା ଲାଗି ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଫାଟକ ନିର୍ମାଣ ଲାଗି ୫୦ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ୨୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ଦୁର୍ଗର ବହୁ ଅଂଶ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ଏହାର ବିକାଶ ଲାଗି ଗୁରୁତ୍ୱ ଦେଲେ ରାଇବଣିଆ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ହୋଇପାରନ୍ତା ବୋଲି ରାଇବଣିଆଗଡ ସୁରକ୍ଷା କମିଟି ସମ୍ପାଦକ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର ମତ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ରାଇବଣିଆ ଦୁର୍ଗର ବିକାଶ ଲାଗି ଏକ ମାଷ୍ଟରପ୍ଲାନର ଆବଶ୍ୟକ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ଆସିଲେ ରୁର୍‌ବାନ ଯୋଜନାରେ ମିଳିବାକୁ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁର୍ଗର ବିକାଶ କରାଯାଇପାରିବ।

## ସଂକ୍ଷେପରେ

### ଶିକ୍ଷା ବିକାଶ ସମିତିର ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ

କଟକ ଅଫିସ,୨୪।୧୦- ସ୍ଥାନୀୟ ଗଡିରାଉତପାଟଣାସ୍ଥିତ କେଶବଧାମଠାରେ ଚାଲିଥିବା ୨ ଦିନିଆ ଶିକ୍ଷା ବିକାଶ ସମିତିର ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବୈଠକରେ ଶକ୍ତି ଓ ଜଳ ସଂରକ୍ଷଣ, ସଂସ୍କୃତିବୋଧ, ସାମାଜିକ ସମରସତା ଆଦି ବିଷୟରେ ଆଲୋକପାତ କରାଯାଇଥିଲା। ଡ. କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡ. ଲକ୍ଷ୍ମୀକାନ୍ତ ମହାରଣା, ଡ. ସରୋଜ କୁମାର ହାତୀ, ଦିବାକର ଜୀ ଘୋଷ, ଲିଙ୍ଗରାଜ ଗୌଡ଼, ଗାୟତ୍ରୀ ବାହିନୀପତି, କମଳାକାନ୍ତ ମିଶ୍ର, ଉମେଶ ଚନ୍ଦ୍ର ଦାଶ, ଡା. ତରୁଲତା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

ଫୁଲନଖରା,୨୪।୧୦(ଡି.ଏନ୍.ଏ.)- ବାରଙ୍ଗ ବ୍ଲକ ୩୩ ନଂ. ଜିଲାପରିଷଦ ଜୋନ୍ ପକ୍ଷରୁ ରବିବାର ମହାଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ୬୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାରଙ୍ଗ ବ୍ଲକ ଅଧକ୍ଷ ସରୋଜ ସାହୁ, ବ୍ଲକ ବିଜେଡି ସଭାପତି ଗୋଲେଖ ଚନ୍ଦ୍ର ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ଶଶିଭୂଷଣ ଦାଶ, ଲଳିତ ଦାଶ, ବିଶ୍ୱରଞ୍ଜନ ସାହୁ, ନଳିନୀକାନ୍ତ ପଟ୍ଟନାୟକ, ଗଗନ ବିହାରୀ ଜେନା, ଲକ୍ଷ୍ମୀଧର ପ୍ରଧାନଙ୍କ ସମେତ ୮ଟି ପଞ୍ଚାୟତର ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ବିଶ୍ୱ ପୋଲିଓ ଦିବସ

ବାଙ୍କୀ,୨୪।୧୦(ସ୍ୱ.ପ୍ର.)- ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ରବିବାର ବିଶ୍ୱ ପୋଲିଓ ଦିବସ ପାଳିତ ହୋଇଯାଇଛି। ବାଳିକା ଏନସିସି, ରୋଭସ ରେଞ୍ଜର ଓ ଚର୍ଚ୍ଚିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କନିଷ୍ଠ ବାଳିକା ସମର ଶିକ୍ଷାର୍ଥୀ ବାହିନୀର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ଡ. ଅରୁଣ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଉପାଧକ୍ଷ ପ୍ରାଧାପକ ମନୋଜ ମହାପାତ୍ର ପୋଲିଓ ରୋଗର ଚିହ୍ନଟ ଓ ଏହାର ନିରାକରଣ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟ ର ଏନସିସି କ୍ୟାପଟେନ ଡ. ସନ୍ଧ୍ୟାରାଣୀ ମହାନ୍ତି ଏଥିରେ ଯୋଗଦେଇ କ୍ୟାଡେଟମାନଙ୍କୁ ଶୃଙ୍ଖଳା ଓ ଅନୁଶାସନ ସମ୍ପର୍କରେ ବୁଝେଇଥିଲେ। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଳିକା ଏନସିସିର ୩୧, ରୋଭସରେଞ୍ଜର ୧୫ଓ ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟର ବାଳିକା କନିଷ୍ଠ ସମର ଶିକ୍ଷାର୍ଥୀ ବାହିନୀର ୪୧ଜଣ କ୍ୟାଡେଟ୍ ଏଥିରେ ଯୋଗଦେଇଥିଲେ।

### ବିଜେଡିର ସାଙ୍ଗଠନିକ ବୈଠକ

ନିଶ୍ଚିନ୍ତକୋଇଲି,୨୪।୧୦(ସ୍ୱ.ପ୍ର.)- ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଶିର୍ଲୋ ପଞ୍ଚାୟତରେ ବିଜେଡିର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ବିଜେଡି ସଭାପତି କୈଶ୍ୱର ଅଲ୍ଲୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଯୋଗଦେଇ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ, ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, କଟକ ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, କଟକ ସଦର ବ୍ଲକ ଉପାଧକ୍ଷ ବିଭୂତି ପରିଡା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଜେଡି ନେତା ବିଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

### ଆଇନ ସଚେତନତା ଶିବିର

ତିଗିରିଆ,୨୪।୧୦(ଡି.ଏନ.ଏ)- ତିଗିରିଆ ତାଲୁକ ଆଇନ ସେବା କମିଟି ପକ୍ଷରୁ ରବିବାର ବ୍ଲକର ବିଭିନ୍ନ ଗ୍ରାମରେ ଆଇନ ସଚେତନତା ଶିବିର କରାଯାଇଥିଲା। ତାଲୁକ ଆଇନ ସେବା କମିଟି ଅଧକ୍ଷା ସୁମିତ୍ରା କୁମାରୀ ଦାଶ ଏଥିରେ ଅଧକ୍ଷତା କରିଥିଲେ। ବ୍ଲକର ଗଦାଧରପୁର ପଞ୍ଚାୟତର କୋଇଲିକନ୍ୟା, ହାଟମାଳ ପଞ୍ଚାୟତର ଶୁଣ୍ଡିପାଳ, ବଡନାଉପୁଟ ପଞ୍ଚାୟତର ବଡନାଉପୁଟ ଓ ବାଉଲାଙ୍ଗ ଗ୍ରାମରେ ଏହି ଶିବିର କରାଯାଇଥିଲା। ପ୍ରାଧିକୃତ ଆଇନଜୀବୀ ଶାନ୍ତନୁ କୁମାର ଦାଶ ଓ ସୂର୍ଯ୍ୟକାନ୍ତ ବେହେରା ଏଥିରେ ସହଯୋଗ କରିଥିଲେ। ଗରିବ ଲୋକେ ବିନା ମୂଲ୍ୟରେ କିପରି ଆଇନ ସହାୟତା ପାଇପାରିବେ ସେ ବିଷୟରେ ଶିବିରରେ ଆଲୋକପାତ କରାଯାଇଥିଲା। ଓକିଲ ସଙ୍ଘ ସଭାପତି ମଙ୍ଗଳ କୃଷ୍ଣ ଦାସ, ଚନ୍ଦ୍ରମଣି ପଣ୍ଡା ଓ ରଘୁନାଥ ଦାଶ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ଛାତ୍ରଙ୍କ ଜୀବନ ନେଲା ପାରିବାରିକ ଅଶାନ୍ତି

ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୪।୧୦ (ଡି.ଏନ୍.ଏ.)

**ବିନ୍ଦୁସାଗରରୁ ମିଳିଲା ମୃତଦେହ**

- ଆତ୍ମହତ୍ୟା କରିଥିବା ସନ୍ଦେହ କରୁଛି ପୋଲିସ
- ମାଆଙ୍କୁ କଲ୍, ସାଙ୍ଗସାଥୀଙ୍କୁ ଇନ୍‌ଷ୍ଟାଗ୍ରାମରେ ଜଣାଇଥିଲେ





ମୃତ ସାଇଶ୍ରୀ ଜ୍ୟୋତି ପ୍ରକାଶ (ଉପର)। ଅଗ୍ନିଶମ କର୍ମଚାରୀମାନେ ମୃତଦେହ ଉଦ୍ଧାର କରୁଛନ୍ତି।

ପିଲାଟି ଦିନରୁ ମେଧାବୀ ଥିଲେ। ଭବିଷ୍ୟତକୁ ନେଇ ମଧ୍ୟ ବଡ଼ ସ୍ୱପ୍ନ ଦେଖୁଥିଲେ। ସେଥିପାଇଁ ସ୍କୁଲ୍ ପାଠପଢ଼ା ପରେ ଭୁବନେଶ୍ୱର ଚାଲିଆସି ବିଟେକ୍ ପଢୁଥିଲେ। ହେଲେ ପାରିବାରିକ ଅଶାନ୍ତି ସବୁ ସ୍ୱପ୍ନ ଓ ଭବିଷ୍ୟତକୁ ବିଗାଡିଦେଲା। କଅଁଳ ମନରେ ନିଷ୍ଠୁର ନିଷ୍ପତ୍ତି ବସାବାନ୍ଧିଲା। ଶେଷରେ ବିନ୍ଦୁସାଗରରୁ ସମ୍ପୃକ୍ତ ଛାତ୍ରଙ୍କ ମୃତଦେହ ମିଳିବା ପରେ ଏବେ ଏଭଳି ଲୋମଟାଙ୍କୁରା ଘଟଣା ପଦାକୁ ଆସିଛି। ଶନିବାର ଶ୍ରୀଲିଙ୍ଗରାଜ ଥାନା ପୋଲିସ ପୋଖରୀ କୂଳରୁ ତାଙ୍କ ସ୍କୁଟି, ଚପଲ ଓ ଅନ୍ୟକିଛି ସାମଗ୍ରୀ ପାଇଥିବାବେଳେ ରବିବାର ପାଣିରୁ ମୃତଦେହକୁ ଜବତ କରିଛି। ମୃତ ଛାତ୍ରଜଣକ ହେଲେ ପୁରୀ ଜିଲା ସାତଶଙ୍ଖ ଅଞ୍ଚଳର ସାଇଶ୍ରୀ ଜ୍ୟୋତି ପ୍ରକାଶ(୨୦)। ସେ ସାମନ୍ତରାପୁର ଦିବ୍ୟ ବିହାରରେ ମାଆଙ୍କ ସହ ରହି ଚନ୍ଦ୍ରଶେଖରପୁରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଦ୍ୱିତୀୟ ବର୍ଷରେ ପଢୁଥିଲେ। ତେବେ ପାରିବାରିକ ଓ ଆର୍ଥିକ ସମସ୍ୟା କାରଣରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସୂଚନା ଦେଇଛି। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ପାରିବାରିକ ଅଶାନ୍ତି ଏକ କଅଁଳ ମନକୁ କିପରି ଛାରଖାର କରିଦିଏ ତାହା ସାଇଶ୍ରୀଙ୍କ ମୃତ୍ୟୁରୁ ସ୍ପଷ୍ଟ ବାରି ହୋଇପଡୁଛି। କ୍ୟାପିଟାଲ ହସ୍ପିଟାଲରେ ସାଇଶ୍ରୀଙ୍କ ମୃତଦେହକୁ ଦେଖି ସାଙ୍ଗମାନେ ଦୁଃଖରେ ଭାଙ୍ଗିପଡିଥିବାବେଳେ ତାଙ୍କ ବାପା, ମାଆ ଓ ସମ୍ପର୍କୀୟଙ୍କ ମଧ୍ୟରେ ଆରୋପପ୍ରତ୍ୟାରୋପ ଭିନ୍ନ କଥା କହୁଥିଲା।

ପୋଲିସ ସୂଚନା ମୁତାବକ, ସାଇଶ୍ରୀଙ୍କ ବାପା ପିତବାସ ନନ୍ଦ ରେଲ୍‌ୱେରେ ଚାକିରି କରନ୍ତି। ପୁଅ ସାଇଶ୍ରୀ ପିଲାଟି ଦିନରୁ ଭଲ ପଢୁଥିବାରୁ ମାଆ ଝୁନୁବାଳା ନନ୍ଦ ବି ତାଙ୍କ ପାଇଁ ସବୁକିଛି କରିଛନ୍ତି। ହେଲେ ଗତ ଦେଢବର୍ଷ ତଳେ ଉଭୟ ମାତାପିତାଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ସ୍ୱାମୀଙ୍କ ବିରୋଧରେ ସ୍ତ୍ରୀ ଅଭିଯୋଗ ବି ଆଣିଥିଲେ। ସାଇଶ୍ରୀଙ୍କର ଭଲ ମାର୍କ ଥିବାରୁ ତାଙ୍କର ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜରେ ନାମଲେଖାକୁ ଚୟନ ହୋଇଥିଲା। ହେଲେ ଆର୍ଥିକ ସମସ୍ୟା ଯୋଗୁ ସେ ଅନ୍ୟଏକ ଘରୋଇ କଲେଜରେ ନାମ ଲେଖାଇବା ସହ ମାଆଙ୍କ ସହ ସାମନ୍ତରାପୁରରେ ରହୁଥିଲେ। ମାଆବାପାଙ୍କ ସମ୍ପର୍କ ଓ ଅର୍ଥ ସମସ୍ୟାକୁ ନେଇ ସେ ସବୁବେଳେ ଚିନ୍ତାରେ ଥିଲେ। ଶନିବାର ରାତିରେ ପ୍ରଥମେ ସାଇଶ୍ରୀ ତାଙ୍କ ମାଆଙ୍କୁ ଶେଷଥର ଫୋନ୍ କରି ବାଏ ବୋଲି କହିଥିଲେ। ଏହାର କିଛି ସମୟ ପରେ ଇନ୍‌ଷ୍ଟାଗ୍ରାମରେ ଏକ ସୁଇସାଇଡାଲ ମେସେଜ ପୋଷ୍ଟ କରିଥିଲେ। ଉକ୍ତ ମେସେଜ ଦେଖିବା ପରେ ସାଇଶ୍ରୀଙ୍କ ସାଙ୍ଗମାନେ ପରିବାର ଲୋକଙ୍କ ସମେତ ପୋଲିସକୁ ଜଣାଇବା ସହ ଖୋଜାଖୋଜି କରିଥିଲେ। ବିନ୍ଦୁ ସାଗର କୂଳରେ ସାଇଶ୍ରୀଙ୍କ ସ୍କୁଟି ଦେଖିବାକୁ ମିଳିଥିଲା। ଅଗ୍ନିଶମ ବିଭାଗ ଓ ପୋଲିସ କର୍ମଚାରୀ ରାତିରେ ସର୍ଚ୍ଚ ଅପରେଶନ କରିବା ପରେ ମଧ ତାଙ୍କର ପତ୍ତା ମିଳିନଥିଲା। ରବିବାର ସକାଳ ୮ଟାରେ ପୁଣି ଅଗ୍ନିଶମ କର୍ମଚାରୀ, ସ୍କୁଭା ଡ୍ରାଇଭର ଓ ପ୍ରଦୀପ ସେବା ଟ୍ରଷ୍ଟର କର୍ମକର୍ତ୍ତା ବିନ୍ଦୁ ସାଗରରେ ଖୋଜାଖୋଜି ଆରମ୍ଭ କରିଥିଲେ। ଚପଲ, ସ୍କୁଟି ଥିବା ସ୍ଥାନ ପାଖରେ ପାଣି ଭିତରୁ ସାଇଶ୍ରୀଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଏକ ଅପମୃତ୍ୟୁ ମାମଲା(ନଂ.୪୧/୨୧) ରୁଜୁ କରିଛି। ସାଇଶ୍ରୀ ଇନଷ୍ଟାଗ୍ରାମ ପୋଷ୍ଟରେ କାହାକୁ ଦାୟୀ କରି ନାହାନ୍ତି। ତେବେ ଏନେଇ ତାଙ୍କ ବାପା ଓ ମାଆଙ୍କ ବୟାନ ନିଆଯାଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

## ‘ଅମାନୁଷିକ ପୃଥିବୀରେ ବଞ୍ଚିବା କଷ୍ଟକର’




ନିଜର କଷ୍ଟ ଦାୟକ ଜୀବନ ବିଷୟରେ ସାଇଶ୍ରୀ ଶେଷ ଇନଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, ପୃଥିବୀ ମତେ ଅମାନୁଷିକ ଲାଗେ। ମୋର ଏହି ଜୀବନ ସବୁଠାରୁ ଅତି କଷ୍ଟକର। ମୁଁ ବଞ୍ଚିବାକୁ ଚାହୁଁନାହିଁ। ମୋର ଶରୀରକୁ ମାରିଦେବାକୁ ଚାହୁଁଛି। ମୁଁ ବହୁତ ଦିନହେଲା ମୋ ଜୀବନ ଶେଷ କରିଦେବାକୁ ଚାହୁଁଥିଲି। କିନ୍ତୁ କିଛି ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ଦ୍ୱାରା ମୋତେ ଆଶ୍ୱାସନା ମିଳିଯାଉଥିଲା। ହେଲେ ଆଉ ସେ ସମୟ ବେଶିଦିନ ରହିଲା ନାହିଁ, ଯାହାର ଶେଷ ମୁହୂର୍ତ୍ତ ଆସିଛି। ଆଉ ମୋର ମଧ ଶେଷ ସମୟ ଆସିଯାଇଛି। ଆଉଶେଷ ଦିନରେ ମୁଁ ସମସ୍ତଙ୍କୁ ଗୁଡ୍‌ବାଏ କହୁଛି। ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ମୁ ହସି ହସି ମରୁଛି। ମୋର ପ୍ରତି ମୁହୂର୍ତ୍ତରେ ଥିବାସ୍ମୃତିଗୁଡିକୁ ମୁଁ ଶେୟାର କରୁଛି।

## ଫି’ ଦେଇ ନ ପାରିବାରୁ ବିଦା କରିଥିଲା କଲେଜ

ବାପା ଆବଶ୍ୟକ ଟଙ୍କା ଦେଉ ନ ଥିବାରୁ ପୁଅର ପାଠପଢ଼ା, କଲେଜ ଫି’ ସହ ଘର ଭଡା ଦେବା କଷ୍ଟର ହୋଇପଡିଥିଲା। କଲେଜ ଫି’ ଦେଇ ନ ପାରିବାରୁ ଟିସି ନେବାକୁ ପଡିଥିଲା। ଏସବୁକୁ ନେଇ ସବୁବେଳେ ମାନସିକ ଦୁଶ୍ଚିନ୍ତା ଭିତରେ ରହୁଥିବା ସାଇଶ୍ରୀ ଶେଷରେ ଆତ୍ମହତ୍ୟାର ଚରମ ପଦକ୍ଷେପ ବାଛିବାକୁ ବାଧ୍ୟ ହୋଇଥିବା ମା ଓ ସମ୍ପର୍କୀୟ କହିଛନ୍ତି। ହେଲେ ବାପା ପିତବାସ ଏହାକୁ ଖଣ୍ଡନ କରି କହିଛନ୍ତି, ପୁଅକୁ କେବେ ହେଲେ ଅବହେଳା କରିନାହାନ୍ତି। ଗତ ଦେଢବର୍ଷ ତଳେ ପୁଅର ପାଠପଢା ପାଇଁ ସ୍ତ୍ରୀଙ୍କୁ ୮ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ସ୍ତ୍ରୀ ପୁଅକୁ ସାଙ୍ଗରେ ଧରି ଘର ଛାଡି ଅନ୍ୟତ୍ର ରହିଥିଲେ। ଅନେକଥର ଶ୍ୱଶୁର ଘରକୁ ଯାଇଥିଲେ ମଧ୍ୟ ତାଙ୍କୁ ସ୍ତ୍ରୀ ଓ ପୁଅଙ୍କୁ ଭେଟିବାକୁ ସୁଯୋଗ ମିଳି ନ ଥିଲା। ଶେଷରେ ତାଙ୍କୁ ବଦନାମ କରିବା ନେଇ ପରକୀୟା ପ୍ରୀତି ଅଭିଯୋଗ ଅଣାଯାଇଥିବା ସେ କହିଛନ୍ତି।

## ଶିବିରରେ ୨୭୭ ଜଣଙ୍କ ଚକ୍ଷୁ ପରୀକ୍ଷା

ଚୌଦ୍ୱାର/ ଖୁଣ୍ଟୁଣୀ,୨୪।୧୦(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଧୀନ ଶଙ୍କରପୁର ଗ୍ରାମରେ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟଦୁର୍ଗା କ୍ଲବ୍ ଓ ଉଦ୍ଧାର ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ୧୫୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୫୦ଜଣଙ୍କର ମାଗଣାରେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା ହୋଇଥିଲା। ସେହିପରି କଟକ ଜିଲା ମହାଲକ୍ଷ୍ମୀପୁରଠାରେ ଜୀବନ ଚକ୍ର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଟକ ରୋଟାରୀ କ୍ଲବର ପୂର୍ବତନ ଗଭର୍ନର ଅଶୋକ ବିହାରୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ୧୨୭ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କର ମୋତିଆବିନ୍ଦୁ ଅପରେସନ ପାଇଁ ସିଡିଏସ୍ଥିତ ଜେପିଏମ୍ ରୋଟାରୀ କ୍ଲବକୁ ନିଆଯାଇଛି। ଯୁବନେତା ସୁଦାମ ଚରଣ ବେଉରାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

## କଲ୍ୟାଣମଣ୍ଡପ ଉଦ୍‌ଘାଟିତ

ତିଗିରିଆ,୨୪।୧୦(ଡି.ଏନ.ଏ)

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡସ୍ଥିତ ଗୋହିରମୁଣ୍ଡ ଛକରେ ରବିବାର ନୂତନ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତିଗିରିଆ ବ୍ଲକ ଅଧକ୍ଷା ରୁପା ଦଳେଇ ଯୋଗଦେଇଥିଲେ। ଏହା ନିକଟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୨୦୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ସାବରମତି ଆଶ୍ରମରେ ସରକାରୀ ହସ୍ତକ୍ଷେପକୁ ବିରୋଧ




ଗାନ୍ଧୀ ପୀଠଠାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

କଟକ ଅଫିସ, ୨୪।୧୦

ଗୁଜରାଟ ଅହମଦାବାଦସ୍ଥିତ ମହାତ୍ମା ଗାନ୍ଧୀଙ୍କ ସାବରମତି ଆଶ୍ରମରେ ସରକାରୀ ହସ୍ତକ୍ଷେପକୁ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହ ଏହାକୁ ବିରୋଧ କରି ସଙ୍ଗଠନଗୁଡ଼ିକ ପକ୍ଷରୁ ପୁରୀଘାଟସ୍ଥିତ ଗାନ୍ଧୀ ପୀଠଠାରେ ପ୍ରତିବାଦ ସଭା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ ଯୋଗଦେଇ କହିଥିଲେ, ମହାତ୍ମା ଗାନ୍ଧୀଙ୍କ ସାବରମତି ଆଶ୍ରମକୁ ଗୁଜରାଟ ଓ କେନ୍ଦ୍ର ସରକାର ଆଧୁନିକୀକରଣ ନାମରେ ଏକ ପର୍ଯ୍ୟଟନସ୍ଥଳୀରେ ପରିବର୍ତ୍ତନ କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ୧୨୪୬ କୋଟି ଟଙ୍କାର ଏକ ଯୋଜନା କରାଯାଇଛି। ଏହି ଆଶ୍ରମର ସୁପରିଚାଳନା ନିମନ୍ତେ ୫ଟି ଟ୍ରଷ୍ଟ ଥିବା ସତ୍ତ୍ୱେ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ନୂଆ ଟ୍ରଷ୍ଟ ଗଠନ ହୋଇଛି। ଅନ୍ୟପକ୍ଷରେ କୁଟିରକୁ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରି ସେଥିରୁ ଅର୍ଥ ଆଦାୟ ପାଇଁ ଯୋଜନା ନିନ୍ଦନୀୟ। ସରକାର ଦେଶର ପରିସ୍ଥିତିକୁ ସୁଧାରିବା ପରିବର୍ତ୍ତେ ଗାନ୍ଧୀ ଆଶ୍ରମ, ସ୍ୱାଧୀନତା ଆନ୍ଦୋଳନର ଇତିହାସ, ଭାରତର ଧର୍ମ ନିରପେକ୍ଷତା ଆଦିକୁ ନଷ୍ଟ କରିଦେବା ଲାଗି ଯୋଜନା ଚଳାଇଛନ୍ତି। ଏହାକୁ ବିରୋଧ କରି ବିଭିନ୍ନ ଗାନ୍ଧୀ ବିଚାରର ସଙ୍ଗଠନ ପକ୍ଷରୁ ମହାରାଷ୍ଟ୍ରର ୱାର୍ଦ୍ଧାସ୍ଥିତ ସେବାଗ୍ରାମ ଆଶ୍ରମରୁ ବାହାରି ସେବାଗ୍ରାମ ସାବରମତି ସନ୍ଦେଶ ଯାତ୍ରା ଗତ ୧୭ ତାରିଖରେ ଗୁଜରାଟର ସାବରମତି ଆଶ୍ରମରେ ରବିବାର ପହଞ୍ଚିଛି ବୋଲି ଦାସ କହିଥିଲେ। ପ୍ରଫେସର ପାବକ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧକ୍ଷ ମନୋରଞ୍ଜନ ମହାନ୍ତି, ଡ. ସତ୍ୟ ରାୟ, ସଂଗ୍ରାମୀ ଫୋରମର ପ୍ରଶାନ୍ତ ଦାସ, କବି ରବୀନ୍ଦ୍ର ନାଥ ସାହୁ, ଖଗେଶ୍ୱର ସେଠୀ, ଚିତ୍ତରଞ୍ଜନ ମହାନ୍ତି, ସେକ ଅବ୍‌ଦୁଲ୍ଲା, ନୀତିନ କୁମାର ସିଂହ, କେଦାର ନାୟକ, କାଶୀନାଥ ସ୍ୱାଇଁ, ବିଜୟ କୁମାର ରଗଡ ପ୍ରମୁଖ ଯୋଗ ଦେଇଥିଲେ।

## ‘ଟିକେଟ ଆଦାୟ ବନ୍ଦ କର’

ନରସିଂହପୁର,୨୪।୧୦ (ସ୍ୱ.ପ୍ର.)

ମହାତ୍ମା ଗାନ୍ଧୀଙ୍କ କର୍ମଭୂମି ଗୁଜରାଟର ସାବରମତି ଆଶ୍ରମକୁ କେନ୍ଦ୍ର ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଏଠାକୁ ଆସୁଥିବା ପ୍ରତ୍ୟେକ ନାଗରିକଙ୍କ ପାଇଁ ଟିକେଟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ବନ୍ଦ କରିବାକୁ ନରସିଂହପୁର ବ୍ଲକ ଗାନ୍ଧିବାଦୀ କର୍ମୀ ଜ୍ଞାନ ରଞ୍ଜନ ନାୟକ ରବିବାର ଦାବି କରିଛନ୍ତି। ଏନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ସାବରମତି ଆଶ୍ରମ ଜାତୀୟ ସ୍ମାରକୀ ହେଉଥିବା ବେଳେ ସେଠାକୁ ଭାରତୀୟମାନେ ଦର୍ଶନ କରିବାକୁ ଆସିଥାନ୍ତି। ଏଠାରେ ପୂର୍ବରୁ ଟିକେଟ୍ ଲାଗୁ ନଥିବା ବେଳେ ପର୍ଯ୍ୟଟନସ୍ଥଳୀ ଘୋଷଣାପରେ ବ୍ୟବସାୟୀକରଣ ପାଇଁ କେନ୍ଦ୍ର ସରକାର ଏହି ସ୍ଥାନକୁ କମ୍ପାନୀ ହାତକୁ ଟେକିଦେବାର ଆଶଙ୍କା ରହିଛି ବୋଲି ସାବରମତି ସୁରକ୍ଷା ସମିତି ନରସିଂହପୁର ଶାଖାର ସଭାପତି ସୁଶାନ୍ତ କୁମାର ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ନରସିଂହପୁର ବ୍ଲକ କଂଗ୍ରେସ ସଭାପତି ଶିଶିର କୁମାର ମିଶ୍ର ଓ ରବୀନ୍ଦ୍ରନାଥ ସାହୁ ଓ ପ୍ରସାଦ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ମେଗା ସ୍ୱାସ୍ଥ୍ୟ ଶିବିର

**ବାଙ୍କୀ,୨୪।୧୦(ସ୍ୱ.ପ୍ର.):** ଡମପଡା ବ୍ଲକ ଯୁବ ବିଜେଡି ପକ୍ଷରୁ ପାଥପୁର ପଞ୍ଚାୟତ କଇଁମୁଣ୍ଡି ଚାରିଘେରିଆ ଇନ୍ଦିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଡମପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ସଭାପତି ଭାଗୀରଥୀ ପାଣି ପରିଚାଳନା କରିଥିଲେ। ଡମପଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଚାରା ରୋପଣ କରାଯାଇଥିଲା। ପରେ ବିଦ୍ୟାଳୟରେ ଆୟୋଜିତ ମେଗା ସ୍ୱାସ୍ଥ୍ୟ ଶିବିରରେ ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

ଧରିତ୍ରୀ DHARITRI
Wants aggressive and result oriented
MARKETING EXECUTIVES
● Fluency in Odia and English essential minimum 2 years experience in sales/ marketing.
Apply within 10 days to :
recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
WEB OFFSET COLOUR UNIT ASSISTANT
● Web Offset Machine Operator with minimum 2 years experience.
Apply within 10 days to :
recruitment@dharitri.com
Pay & Perks will be best in the industry for deserving candidates.

# ଦାବି ପୂରଣ ନ ହେଲେ କଳାବ୍ୟାଜ୍ ପିନ୍ଧିବେ କର୍ମଚାରୀ

## ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

କଟକ ଅଫିସ, ୨୪।୧୦




ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହ ଅନ୍ୟମାନେ।

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ କଟକ ମଙ୍ଗଳାବାଗସ୍ଥିତ ଏସ୍‌ସିବି ମେଡିକାଲ କର୍ମଚାରୀ ସଂଘ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଥିଲେ, କର୍ମଚାରୀମାନଙ୍କ ବୟସ ସୀମା ୬୦ରୁ ୬୫କୁ ବୃଦ୍ଧି, ଖାଲିଥିବା ଡି ଗ୍ରେଡ୍ ପଦବୀ ପୂରଣ, ଯୋଗ୍ୟତା ଭିତ୍ତିରେ ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ପଦୋନ୍ନତି ଦେବାକୁ ବର୍ଷକ ମଧ୍ୟରେ ରାଜ୍ୟ ସରକାରଙ୍କ ନିକଟରେ ୩ ଥର ୧୦ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ହେଲେ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଣୁ ଆସନ୍ତା ନଭେମ୍ବର ୨୧ ତାରିଖ ମଧ୍ୟରେ ରାଜ୍ୟ ସରକାର ଯଦି କୌଣସି ସମାଧାନ ନ କରନ୍ତି ତେବେ ନଭେମ୍ବର ୨୨ ତାରିଖଠାରୁ କର୍ମଚାରୀମାନେ ୭ ଦିନ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରିବେ। ଏହାପରେ ଭୁବନେଶ୍ୱରସ୍ଥିତ ସଚିବାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ପାତ୍ର କହିଥିଲେ। ଏହି ସଭାରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସଂଘର ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଯୁଗୋଳ କିଶୋର ନାୟକ, ସଂଘ ଉପସଭାପତି ସାକିର ଖାଁ, କାର୍ଯ୍ୟକାରୀ ସଭାପତି ବାବୁଲା ଦାସ, ଉପସମ୍ପାଦକ ଶିବ ପ୍ରସାଦ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ବିଜୟ ନାୟକ, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ଟୋପାକ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.)
DHENKANAL DIVISION, DHENKANAL
No.1182 Date 04.10.2021
INVITATION FOR BIDS (IFB)
e procurement notice
Bid Identification number / Tender Call Notice
No.E.E.(A) D/D-03 of 2021-22

No.L-78:- The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 5.00 lakhs to 50.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 25.10.21 at 10.00 hours to 01.11.21 at 16.00 hours. The bid will be opened on 05.11.21 at 11.00 hours in the O/o Executive Engineer, (Agril.), Dhenkanal Division, Dhenkanal. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID- eeagri.dhenkanal@gmail.com

Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0001/2122

# ଚଳଚଞ୍ଚଳ ହେଲାଣି ପକ୍ଷୀଙ୍କ ଭୂସ୍ୱର୍ଗ

ଖୋର୍ଦ୍ଧା ଅଫିସ,୨୪।୧୦

ଏସିଆ ମହାଦେଶର ସର୍ବବୃହତ ଲୁଣା ହ୍ରଦ ମରାଳ ମାଳିନୀ ନୀଳାମ୍ବୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହେଲାଣି। ଚଳିତ ବର୍ଷ ଅକ୍ଟୋବର ୨ୟ ସପ୍ତାହରୁ ଧୀରେ ଧୀରେ ପକ୍ଷୀ ଆସିବାରେ ଲାଗିଛନ୍ତି। କିଚିରି ମିଚିରି କଳରବରେ ଫାଟିପଡୁଛି ଚିଲିକା। କରୋନା ଯୋଗୁ ପ୍ରାୟ ଦୁଇବର୍ଷ ଧରି ନୀରବି ଯାଇଥିବା ଚିଲିକା ଏବେ ବିଦେଶାଗତ ପକ୍ଷୀଙ୍କ ସମେତ ପର୍ଯ୍ୟଟକଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଲାଣି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ମଙ୍ଗଳାଯୋଡ଼ିକୁ ପକ୍ଷୀଙ୍କ ଭୂସ୍ୱର୍ଗ ବୋଲି କୁହାଯାଏ। ଏହି ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଟାଙ୍ଗୀ ପହଞ୍ଚିବା ପରେ ସେଠାରୁ ୫କିମି ଗଲେ ମଙ୍ଗଳାଯୋଡ଼ି ପଡ଼େ। ଚିଲିକା ଭିତରକୁ ପର୍ଯ୍ୟଟକଙ୍କୁ ନେବା ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଡଙ୍ଗାର ବ୍ୟବସ୍ଥା ରହିଛି। ପକ୍ଷୀଙ୍କ ଯାତାୟାତରେ ବାଧା ଉପୁଜିବା ଆଶଙ୍କାରେ ଏଠାରେ ମୋଟର ଚାଳିତ ଡଙ୍ଗା ଚଳାଚଳ



■ ୨୨ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କ ସମାଗମ

■ ଶିକାରୀଙ୍କ ଉପରେ ବନ ବିଭାଗ ରଖିଛି ତୀକ୍ଷ୍ଣ ନଜର

ଉପରେ କଟକଣା ରହିଛି। ମଙ୍ଗଳାଯୋଡ଼ିରୁ ଚିଲିକାର ନୀଳ ଜଳରାଶି, ପ୍ରାକୃତିକ ନୈସର୍ଗିକ ଦୃଶ୍ୟପଟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରେ। ଏଥିସହ ପକ୍ଷୀଙ୍କ ସମାହାର ମନ ମୋହିଥାଏ। କ୍ୟାମେରା ଲେନ୍ସରେ ପକ୍ଷୀଙ୍କ ଉଡ଼ନ୍ତା ଦୃଶ୍ୟ ହେଉ କି ନଳବଣ, ରାଜଦଳରେ ଖାଦ୍ୟ ଅନ୍ୱେଷଣ କରୁଥିବା ପକ୍ଷୀଙ୍କ ଫଟୋ ଉଠାଇଥାନ୍ତି ପର୍ଯ୍ୟଟକ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ଚିଲିକାରେ ୬୨ପ୍ରଜାତିର ୨୨ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଦାୟିତ୍ୱରେ ଥିବା ଏସିଏଫ୍ ଶରତ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ୫୫ ପ୍ରଜାତିର କେବଳ ନଳବଣକୁ ଆସିଥିବା ବେଳେ ବଳକା ଦେଶୀ ଦେଶୀ ପ୍ରଜାତିର ପକ୍ଷୀ ରହିଛନ୍ତି। ଚିଲିକା ପକ୍ଷୀଙ୍କ ଅଭୟାରଣ୍ୟ ଭାବେ ପରିଚିତ ନଳବଣ ଓ ମଙ୍ଗଳାଯୋଡ଼ିକୁ ବିଦେଶାଗତ ପକ୍ଷୀଙ୍କ ଅଧିକ ଆଗମନ ହୋଇଥାଏ। ଏସିଏଫ ମିଶ୍ରଙ୍କ ସୂଚନା ଅନୁଯାୟୀ, ଚଳିତବର୍ଷ ପ୍ରାରମ୍ଭିକ ପର୍ଯ୍ୟାୟରେ ସାଇବେରିଆ, ଋଷିଆ, କାଜାଖସ୍ଥାନ, ଲଦାଖ, ମଙ୍ଗୋଲିଆ, ଆମେରିକା, କାନାଡ଼ା ଆଦି ଦେଶରୁ ପକ୍ଷୀଗୁଡ଼ିକ ଅସହ୍ୟ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହଜାର ହଜାର ମାଇଲ ଅତିକ୍ରମ କରି ଚିଲିକାକୁ ଆସିଛନ୍ତି। ଏମାନଙ୍କ ମଧ୍ୟରେ ଉଡ୍‌ସ୍ୟାଣ୍ଡ, ପାଇପର, ଇରାସିଆନ, ଇୟୁଜିଆନ, ପ୍ଲୋଭର, ପିଣ୍ଟେଲ, ସୋଭଲର, କମନକୁଟ, କମନ୍ ରେଡଷ୍ଟ୍ରକ, ଗୋଲଡେନ, ପ୍ଲୋଭରଙ୍କ ସମେତ ଚିଲିକାର ଶୋଭାବର୍ଦ୍ଧନ କରୁଥିବା ଗ୍ରେଟର ଫ୍ଲେମିଙ୍ଗୋ (ଏରାପକ୍ଷୀ) ରହିଛନ୍ତି। ପକ୍ଷୀଙ୍କ ସୁରକ୍ଷା ନିମନ୍ତେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୨୧ଟି କ୍ୟାମ୍ପ, ସ୍ଥଳପଥରେ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ୍ ଗଠନ କରାଯାଇଛି। ଗତବର୍ଷ ୧୯୦ଟି ପ୍ରଜାତିର ମୋଟ ୧୨ଲକ୍ଷ ୪୨ହଜାର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିଲା। ଚଳିତ ବର୍ଷ ବିଳମ୍ବରେ ପକ୍ଷୀଙ୍କ ଆଗମନ ହୋଇଥିଲେ ମଧ୍ୟ ଶେଷ ଆଡକୁ ବଢିବା ସମ୍ଭାବନା ରହିଛି। ଶିକାରୀଙ୍କ ଉପରେ ତୀକ୍ଷଣ ନଜର ରଖାଯାଇଛି ବୋଲି ଏସିଏଫ୍ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ମଣିପୁର ହରିଣ ଶାବକ ଜନ୍ମ

ବାରଙ୍ଗ,୨୪।୧୦(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନର ୩୬ବି ଏନ୍‌କ୍ଲୋଜରରେ ରହୁଥିବା ମଣିପୁର ହରିଣ ରବିବାର ସକାଳେ ଏକ ଶାବକକୁ ଜନ୍ମ ଦେଇଛି। ଉଭୟ ମା’ ଓ ଛୁଆ ସୁସ୍ଥ ଥିବା ଜଣାପଡ଼ିଛି। ଏହି ଶାବକ ଜନ୍ମ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୯ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ଅଣ୍ଡିରା, ୬ମାଈ, ୨ଟିର ଲିଙ୍ଗନିରୂପଣ ହେଇପାରି ନ ଥିବା ଜଣାପଡିଛି। ସୂଚନାଥାଉ କି, ଗତ ଅକ୍ଟୋବର ୧୯ରେ ମଣିପୁର ହରିଣ ଗୋଟିଏ ଶାବକ ଜନ୍ମ ଦେଇଥିଲା।

### ‘ଶିଶୁ ସାହିତ୍ୟର ଅଭିବୃଦ୍ଧି ପାଇଁ କର୍ମଶାଳା ଆବଶ୍ୟକ’

ପୁରୁଣା ଭୁବନେଶ୍ୱର,୨୪।୧୦(ଡି.ଏନ୍.ଏ.): ଧଉଳି ସାହିତ୍ୟ ସଂସଦର ‘ଶିଶିର ଆସର’ ରବିବାର କୌଶଲ୍ୟାଗଙ୍ଗ ସ୍ଥିତ ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ରର ପ୍ରେକ୍ଷାଳୟ ପରିସରରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ ଯୋଗଦେଇ କହିଥିଲେ, ସମ୍ପ୍ରତି ଶିଶୁ ସାହିତ୍ୟ ବିପଦରେ। ଶିଶୁ ସାହିତ୍ୟର ଅଭିବୃଦ୍ଧି ପାଇଁ କର୍ମଶାଳାର ଆବଶ୍ୟକ ରହିଛି। ମୁଖ୍ୟ ବକ୍ତାଭାବେ ବ୍ୟଙ୍ଗକବି ଶ୍ରୀସତ୍ୟାନାଶ, ଅଧ୍ୟାପକ ଡ. ସନ୍ତୋଷ ଦାଶ କବିତା ପଠନ କରିଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ ପରିଥିଲେ। କବି ବାଦଲ ମହାନ୍ତିଙ୍କ କବିତା ସଙ୍କଳନ ‘ଛାଇ ଯେବେ ଲମ୍ବିଯାଏ’ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂସଦର ଅଧକ୍ଷ ତଥା କବି ଅକ୍ଷୟ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସବିତା ରଥ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।

### ବୁଦ୍ଧଙ୍କ ନୀତି ଅନୁପାଳନ ଦ୍ୱାରା ଶାନ୍ତି ମିଳେ

ପୁରୀ ଅଫିସ,୨୪।୧୦: ବୋଧିଚକ୍ରର ମାସିକ ଅଧିବେଶନ ବେଳାଭୂମି ତଟସ୍ଥ ପ୍ରଭୁକୃପା ବାଟିକା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଗିରିଜା ଶଙ୍କର ପାଢ଼ୀ ଅଧକ୍ଷତା କରିଥିଲେ। ସେ କହିଲେ ଯେ, ତଥାଗତ ବୁଦ୍ଧଙ୍କ ପ୍ରଦର୍ଶିତ ପଞ୍ଚଶୀଳ ନୀତି ଅନୁପାଳନ କଲେ ସାଧାରଣ ଗୃହୀ ମନୁଷ୍ୟ ଜୀବନରେ ଶାନ୍ତି ଲାଭ କରିଥାଏ। ପ୍ରାରମ୍ଭରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ଦୀପଧୂପ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ସମ୍ପାଦକ ରମାବଲ୍ଲଭ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚକ୍ରଧର ମହାପାତ୍ର ଯୋଗ ଦେଇ ବୌଦ୍ଧ ଦର୍ଶନରେ ସଂଘର ଭୂମିକା ସମ୍ପର୍କରେ ମତ ରଖି କହିଥିଲେ ଉତ୍ତମ ସମ୍ପର୍କ କରିବା କଳା ଓ କୌଶଳକୁ ଆପଣାଇ ପାରିଲେ ମନୁଷ୍ୟ ଖୁସିରେ ଜୀବନଯାପନ କରି ପାରିବ। ସମ୍ମାନିତ ଅତିଥି ଭାବେ ନାରୀ ସଙ୍ଗଠିକା ପ୍ରାନ୍ତସିନୀ ଯୋଗଦେଇ ଶୃଙ୍ଖଳିତ ଓ ସୁସଂହତ ଜୀବନଚର୍ଯ୍ୟା ମାଧମରେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଡ. ବଳରାମ ଦାଶ ଧର୍ମପଦ ଗ୍ରନ୍ଥରୁ କେତୋଟି ଗାଥା ପାଠ କରି ତାହାର ବିଶଦ ବାଖ୍ୟା କରିଥିଲେ। ଏହି ଅବସରରେ ଜଗନ୍ନୃସିଂହ ମନ୍ଦିରର ସଂସ୍ଥାପକ ସାମାଜିକ କର୍ମୀ ଅମର ନାରାୟଣ ଗୁରୁ ରାମାୟଣ ପ୍ରଣେତା ବାଲ୍ମୀକିଙ୍କ ଜୀବନ ବୃତ୍ତାନ୍ତ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସତ୍ୟ ନାରାୟଣ ମିଶ୍ର, ପ୍ରମୋଦ ପଣ୍ଡା, ଦୟାନିଧି ପଣ୍ଡା, ରତିକାନ୍ତ ପ୍ରତିହାରୀ, ବାସୁଦେବ ସାହୁ, ଦୀପ୍ତି ମିଶ୍ର, ରଞ୍ଜିତା ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଗର୍ଭବତୀଙ୍କୁ ହତ୍ୟା ଘଟଣା: ଏନ୍‌ଏଚ୍‌ଆର୍‌ସିରେ ମାମଲା

ଖୋର୍ଦ୍ଧା ଅଫିସ,୨୪।୧୦

■ ନ୍ୟାୟ ପାଇଁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ

■ ପୀଡ଼ିତାଙ୍କ ପରିବାରକୁ ୨୦ଲକ୍ଷ କ୍ଷତିପୂରଣ ଦିଆଯାଉ

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବୀର ରୋଡ୍ ଫାଣ୍ଡି ଅଧୀନ ୧୪୯ ନମ୍ବର ଜାତୀୟ ରାଜପଥର ଭେଜିଆ ଗ୍ରାମ ନିକଟ ରଗରଗିଆ ପୋଲ ତଳୁ ଗତ ସେପ୍ଟେମ୍ବର ୧୧ ତାରିଖରେ ଜଣେ ଗର୍ଭବତୀଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ମୃତା ମହିଳାଙ୍କ ଗୋଡ଼ହାତ ବନ୍ଧାଯାଇଥିବାବେଳେ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ସେପ୍ଟେମ୍ବର ୨୬ରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ଏନ୍‌ଏଚ୍‌ଆର୍‌ସି ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏ ନେଇ ଅକ୍ଟୋବର ୨୧ତାରିଖରେ ଏନ୍‌ଏଚ୍‌ଆର୍‌ସିରେ କେସ୍ ନଂ. ୨୨୦୯/୧୮/୪/୨୦୨୧ ରୁଜୁ ହୋଇଛି। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ସହ ୨୦୧୮ ପୀଡ଼ିତା କ୍ଷତିପୂରଣ ଆକ୍ଟ ଅନୁସାରେ ପୀଡ଼ିତାଙ୍କ ପରିବାରଙ୍କୁ ୨୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ଲାଗି ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ମାନବାଧିକାର କର୍ମୀ ଦାଶ ନିବେଦନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ରଗରଗିଆ ପୋଲ ତଳେ ମହିଳାଙ୍କ ମୃତଦେହ ପଡ଼ିଥିଲେ ମଧ୍ୟ କେହି କିଛି ଜାଣିପାରିଲେ ନାହିଁ। ଦୁର୍ଗନ୍ଧ ହେବାରୁ କେତେଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଏହି ମୃତଦେହକୁ ଜବତ କରିଥିଲା। ତେବେ ଗୋଡ଼ହାତ ବନ୍ଧାହୋଇଥିବା ମୃତଦେହ କିପରି ପୋଲ ତଳକୁ ଆସିଲା ତାହାର କାରଣ ଅସ୍ପଷ୍ଟ ରହିଛି। ପାରିପାର୍ଶ୍ୱିକ ସ୍ଥିତି ଓ ପୋଲିସର ପ୍ରାଥମିକ ଅନୁସନ୍ଧାନରୁ କେହି ତାଙ୍କୁ ହତ୍ୟା ପରେ ହାତଗୋଡ଼ ବାନ୍ଧି ପୋଲ ତଳକୁ ଫିଙ୍ଗିଦେଇଥିବା ଜଣାପଡ଼ିଛି। ତଳେ ପଡ଼ିବା ପରେ ମୃତ ଗର୍ଭସ୍ଥ ଶିଶୁ ଅଧା ବାହାରକୁ ବାହାରି ଆସିଥିଲା। ଅନ୍ୟପଟେ ମହିଳାଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି।



କୋଣାର୍କ ନାଟ୍ୟ ମଣ୍ଡପରେ ରବିବାର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

## କ୍ଲଷ୍ଟରସ୍ତରୀୟ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର

କୃଷ୍ଣପ୍ରସାଦ,୨୪।୧୦(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ ମହାବିଦ୍ୟାଳୟ ଯୁବ ରେଡକ୍ରସ ଦ୍ୱାରା କ୍ଲଷ୍ଟର ସ୍ତରୀୟ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଶିବିରରେ ଭାରତୀୟ ରେଡକ୍ରସ ସୋସାଇଟିର ୟୁଥ ରେଡକ୍ରସ ଅଫିସର ଡ.ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ କଲେଜ ଅଧକ୍ଷ ନୃସିଂହାନନ୍ଦ ପଣ୍ଡା ସଭା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ସ୍ୱେଚ୍ଛାସେବୀଙ୍କୁ ଶପଥ ପାଠ କରାଇଥିଲେ। ପୁରୀ ଜିଲା ୟୁଥ ରେଡକ୍ରସର ସଂଯୋଜକ ରବୀନ୍ଦ୍ର ସାହୁ, କମଳ ଦାଶ ଅତିଥିଭାବେ ଯୋଗଦେଇ ୟୁଥ ରେଡକ୍ରସ କ୍ଲଷ୍ଟର କ୍ୟାମ୍ପର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ସହ ସଡ଼କ ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ଦିଗରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି ଶିବିର ପରିଚାଳନା କରିଥିଲେ। ୩ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଚିଲିକା ନୂଆପଡା ରୁକ୍ମିଣୀ ଦେବୀ କଲେଜର ଉପଦେଷ୍ଟା ଅଧ୍ୟାପକ ଗୋପାଳକୃଷ୍ଣ ଜେନା, ଉମାକାନ୍ତ ଜେନା, ରାମଚଣ୍ଡୀ ମହିଳା କଲେଜର ଅଧ୍ୟାପିକା ଦୋପର୍ଣ୍ଣା ସାମନ୍ତରାୟଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଦାଖାଇ କଲେଜର ଅଧ୍ୟାପକ ଗୋପାଳ ଚନ୍ଦ୍ର ଚଟ୍ଟୋପାଧ୍ୟାୟ, ଦିନେଶ ରଥ, ରାଜ କିଶୋର ସାମନ୍ତରାୟ, ଡା.ପ୍ରଭାତ ଆଚାର୍ଯ୍ୟ, ମଧୁସୂଦନ ସାହୁ, ସ୍ମିତା ମହାରଣା, ଚନ୍ଦନା ନାୟକ, ଦିଲୀପ ଦଳେଇ, ସୁକାନ୍ତ ଜେନା, ବିଶ୍ୱନାଥ ବାରିକ, ଜୟକୃଷ୍ଣ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ୬ କେଜି ଗଞ୍ଜେଇ ଜବତ: ମହିଳା ଗିରଫ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ):ବେଆଇନ୍ ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ରବିବାର ଜଣେ ମହିଳା ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ୬ କେଜି ୨୭୦ଗ୍ରାମ ଗଞ୍ଜେଇ ଓ ୨୨୦ଟଙ୍କା ଜବତ ହୋଇଛି। ଗିରଫ ମହିଳା ହେଲେ ନୟାପଲ୍ଲୀ ଥାନା ଆଇଆରସି ଭିଲେଜରେ ରହୁଥିବା ରୁନି ନାୟକ। ସୂଚନା ମୁତାବକ, ଗତ ୨୩ ତାରିଖ ସକାଳ ସମୟରେ ବେଆଇନ୍ ଗଞ୍ଜେଇ ବିକ୍ରୀ ନେଇ ଥାନାଧିକାରୀଙ୍କ ନିକଟରୁ ଏକ କଲ୍ ଆସିଥିଲା। ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ଚଢାଉ କରି ଉକ୍ତ ମହିଳାଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୬ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା।

## ଛତୁଆ ମିଶ୍ରଣ ଦିବସ

କୃଷ୍ଣପ୍ରସାଦ,୨୪।୧୦(ଡି.ଏନ୍.ଏ.)

ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଛତୁଆ ମିଶ୍ରଣ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ମା’ ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ,ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ୫ଟି ପର୍ଯ୍ୟାୟରେ ହାତ ଧୋଇବା ସହ ସାମାଜିକ ଦୂରତ୍ୱ ରକ୍ଷା କରି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇ, ବିଦ୍ୟୁଲତା ଦଳବେହେରା, ଉମାରାଣୀ ପଲାଇ, ଝୁନୁଲତା ପଲାଇ, ସଞ୍ଜୁଲତା ପଲାଇ, ରମା ତରେଇ, ଶଶିରେଖା ବାରିକ, ସ୍ୱାଗତୀ ତରାଇ, ସତ୍ୟଭାମା ସେଠୀ, ସୂର୍ଯ୍ୟ ତରାଇ, ମଞ୍ଜୁଲତା ପଲାଇ ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ଭଜା ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡା ସ୍ଥିତ ମା’ ପାଦୁକାଇ ସ୍ୱୟଂ ସହାୟକ ସଙ୍ଗଠନ ପକ୍ଷରୁ ସଂଘ ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ,ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ସାମଗ୍ରୀ ମିଶ୍ରଣ କରିଥିଲେ। ଦୀପ୍ତିରାଣୀ ଦଣ୍ଡପାଟ, ରମାମଣି ନାୟକ, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳ, ମାଗୁଣି ପ୍ରଧାନଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ....

### ଚାକିରିରୁ ବିଦାହେଲେ...

ନିରୋଧ ଆଇନ୍‌ରେ ମାମଲା (ନଂ.୧୫୯/୦୫) ରହିଥିଲା। ୨୦୧୦ରେ ଖଣ୍ଡଗିରି ଥାନାରେ ଜମିଜମା ମାମଲା ହୋଇଥିବାବେଳେ ୨୦୧୨ରେ ଶହୀଦନଗର ଥାନାରେ ମାମଲା ନଂ.୨୩୮/୧୨ ଓ ୨୦୧୯ରେ ଏକ ଟ୍ରାକ୍ଟର ଚୋରି ନେଇ ଧଉଳି ଥାନାରେ ଆଉଏକ ମାମଲା ରହିଛି। ସେହିଭଳି ୨୦୧୮ରେ ପ୍ରସନ୍ନ କଟକରେ କାର୍ଯ୍ୟ କରୁଥିବାବେଳେ ଜଣେ ଆଇଜୀବୀଙ୍କୁ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ଓକିଲ ସଂଘ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏଥିପାଇଁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବା ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ମଧ୍ୟ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପ୍ରସନ୍ନଙ୍କ ଏପରି ଆପରାଧିକ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ବିବାଦମୁଣ୍ଡାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କେବଳ ନିଲମ୍ବିତ କରାଯାଉଥିବାରୁ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ବି ଉଠିଥିଲା।

### ବଢୁନି ବିଶ୍ୱବିଦ୍ୟାଳୟ...

ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, କାରଣ ସେମାନଙ୍କୁ ଗାଇଡ୍ କରିବା ପାଇଁ ପ୍ରକୃତ ଲୋକ ନାହାନ୍ତି। ଫଳରେ ବିଶ୍ୱବିଦ୍ୟାଳଗୁଡ଼ିକରେ ଗବେଷଣା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ ଯଥାଶୀଘ୍ର ସରକାର ଅବସର ବୟସକୁ ୬୦ରୁ ୬୫କୁ ବୃଦ୍ଧି କରିଲେ କେବଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନୁହେଁ, ସ୍କଲାରମାନେ ମଧ୍ୟ ବେଶ୍ ଉପକୃତ ହେବେ। ଏଥି ସହିତ ରାଜ୍ୟ ବି ଆଗକୁ ଯିବ। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ମୁଁ ବି ୬୦ ବର୍ଷରେ ଅବସର ନେଇଛି। ଏ ଦିଗରେ କୌଣସି ପଦକ୍ଷେପ ନେବା ପାଇଁ ମୋ ପାଖରେ କ୍ଷମତା ନାହିଁ। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ନେଇ ପଦକ୍ଷେପ ନେଇପାରିବେ। ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କୁ ମୁଁ ଲିଖିତ ନୁହେଁ, ମୌଖିକ ଭାବେ ସହଯୋଗ କରିପାରିବି ବୋଲି ଆଚାର୍ଯ୍ୟ କହିଛନ୍ତି।

### ରାଇବଣିଆ ଦୁର୍ଗ...

ଖନନରୁ ମିଳୁଛି। ଦୁର୍ଗ ମଧ୍ୟରେ ଥିବା ଗଡଚଣ୍ଡୀ କେବଳ ଦୁର୍ଗାପୂଜା ଓ ପଣାସଂକ୍ରାନ୍ତିରେ ପୂଜା ହୁଅନ୍ତି। ଏହାର ମଧ୍ୟସ୍ଥଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ କୋଣାର୍କ ମନ୍ଦିରର କୀର୍ତ୍ତି ଓ କଳାକାରିଗରୀ ସହିତ ରାଇବଣିଆଗଡର ଜଗନ୍ନାଥ ମନ୍ଦିର ସମ୍ପର୍କ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱବିତ ଅଶୋକ ମିତ୍ର ଏସିଆଟିକ ସୋସାଇଟିରୁ କିଛି ଅର୍ଥ ଆଣି ସେ ଏହାର ଖନନ ଓ ସର୍ଭେ ଆରମ୍ଭ କରୁଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଖନନ କାର୍ଯ୍ୟ ସେତିକିରେ ଅଟକିଯାଇଛି। ଅନ୍ୟ ଜଣେ ଗବେଷକ ସେନଗୁପ୍ତ ଏଠାକୁ ବିଭିନ୍ନ ସମୟରେ ଆସି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ତେବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୬୪) ଏହି ଦୁର୍ଗ ନିର୍ମାଣ କରିଥିବା ପ୍ରମାଣ ରହିଛି।

ଦୁର୍ଗ ଅଞ୍ଚଳରେ ପ୍ରାୟ ୫୦ଟି ଛୋଟବଡ ପୋଖରୀ ରହିଛି। ବିଭିନ୍ନ ସ୍ଥାନରେ ଥିବା ଉଚ୍ଚସ୍ଥାନକୁ ଖନନକଲେ ଏବେ ମଧ୍ୟ ଦୁର୍ଗର ଧ୍ୱଂସାବଶେଷ ବାହାରୁଛି। କିନ୍ତୁ ସରକାରଙ୍କ ଦ୍ୱାରା ଏସବୁର ଉଦ୍ଧାର, ସଂଗ୍ରହ କରାଯାଉନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଦେବୀପ୍ରସନ୍ନ ଚନ୍ଦ, ଇଂ . ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ବିଧାନସଭା ଓ ସଂସଦରେ ଦାବି ଉପସ୍ଥାପନ କରିବା ପରେ ୨୦୧୪ ମସିହାରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ନେଇ ମନ୍ଦିର ପାଚେରି ନିର୍ମାଣ କରାଯାଇଥିଲେ ମଧ୍ୟ ଏବେ ତା’ର ସୁରକ୍ଷା ଜରୁରୀ ହୋଇପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଇବଣିଆଗଡକୁ ଯିବା ଲାଗି ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଫାଟକ ନିର୍ମାଣ ଲାଗି ୫୦ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ୨୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ଦୁର୍ଗର ବହୁ ଅଂଶ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ଏହାର ବିକାଶ ଲାଗି ଗୁରୁତ୍ୱ ଦେଲେ ରାଇବଣିଆ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ହୋଇପାରନ୍ତା ବୋଲି ରାଇବଣିଆଗଡ ସୁରକ୍ଷା କମିଟି ସମ୍ପାଦକ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର ମତ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ରାଇବଣିଆ ଦୁର୍ଗର ବିକାଶ ଲାଗି ଏକ ମାଷ୍ଟରପ୍ଲାନର ଆବଶ୍ୟକ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ଆସିଲେ ରୁର୍‌ବାନ ଯୋଜନାରେ ମିଳିବାକୁ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁର୍ଗର ବିକାଶ କରାଯାଇପାରିବ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବାଶିଷ



@ ରେଖା



@ ଶ୍ରବଣ



@ ଇତିଶ୍ରୀ



@ ସୁଜୟ



@ ମୈତ୍ରୀ ରଞ୍ଜନ

## ବ୍ଲକସ୍ତରୀୟ ଜାତୀୟ ଶିକ୍ଷା ଫଳାଫଳ ସର୍ବେକ୍ଷଣ କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

ବୋଲଗଡ଼,୨୪।୧୦(ଡି.ଏନ୍.ଏ.)

ବୋଲଗଡ଼ ସ୍ଥିତ ବାମନ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ବ୍ଲକସ୍ତରୀୟ ଜାତୀୟ ଶିକ୍ଷା ଫଳାଫଳ ସର୍ବେକ୍ଷଣ ଓ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ନିରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। କର୍ମଶାଳାରେ ପ୍ରଶିକ୍ଷକଭାବେ ଖୋର୍ଦ୍ଧା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଡ.ପ୍ରସନ୍ନ ସାହୁ, ଶିକ୍ଷାବିତ୍ ଅଜୟ ସ୍ୱାଇଁ, ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ମୁଖ୍ୟ ଅତିଥିଭାବେ ବାମନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଗୁଣି ପ୍ରଧାନ, ବୋଲଗଡ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା ଯୋଗଦେଇ ଶିକ୍ଷଣ ଦକ୍ଷତା ବୃଦ୍ଧି ସମ୍ପର୍କରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ୭ଟି କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱ ରଞ୍ଜନ ସେଠୀ, କାର୍ତ୍ତିକ ଚନ୍ଦ୍ର ଦାସ, ଗଙ୍ଗାଧର ବେହେରା, ସନ୍ତୋଷ ବେହେରା, ଅଶୋକ ସାହୁ, ଧୀରେନ ପାତ୍ର, କୈଳାସ ମହାରଣା ତଥା ୮୩ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ୩ୟ, ୫ମ, ୮ମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବୋଲଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉକ୍ତ କର୍ମଶାଳାରେ ପବିତ୍ର କୁମାର ପାଣି ସହଯୋଗ କରିଥିଲେ। ପୀତବାସ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନନା, ବିଶ୍ୱରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୪ ଗିରଫ

**ପୁରୀ ଅଫିସ, ୨୪।୧୦:** ଚନ୍ଦନପୁର ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିବା ସହ ଏହି ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମ ବଲ୍ଲଭ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓରଫ ପୁନିଆ, ଦଣ୍ଡାର ମିଥୁନ ପ୍ରଧାନ, ତଳଜଂଘ ଡିହସାହିର ଟୁଟୁ ସ୍ୱାଇଁ ଓରଫ ଟିଟୁ ଏବଂ ସମଜାଜପୁରର ଶଙ୍କର ମଲ୍ଲିକ। ଏମାନଙ୍କଠାରୁ ପୋଲିସ ଗୋଟିଏ ଭୂଜାଲି, ୨ଟି ଲୁହାରଡ୍ ଏବଂ ଏକ ନମ୍ବରବିହୀନ ବାଇକ ଜବତ କରିଛି। ଏ ନେଇ କେସ୍ ନଂ ୩୪୦/୨୧ ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ କେତେଜଣ ଅସାମାଜିକ ଯୁବକ ସମଯାଜପୁର ବ୍ରିଜ ନିକଟରେ ଏକାଠି ହୋଇ ମାରଣାସ୍ତ୍ର ଧରି ଉକ୍ତ ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଚନ୍ଦନପୁର ଥାନା ପୋଲିସ କୌଣସି ସୂତ୍ରରୁ ଏହି ଖବର ପାଇ ଉକ୍ତ ଅଞ୍ଚଳରେ ଚଢାଉ କରିଥିଲା। ଚଢାଉ ସମୟରେ ଘଟଣାସ୍ଥଳରୁ ୪ଜଣ ଅଭିଯୁକ୍ତଙ୍କୁ ମାରଣାସ୍ତ୍ର ସହ ଗିରଫ କରାଯାଇଥିଲା। ତେବେ ଅନ୍ୟ ଜଣେ ଅଭିଯୁକ୍ତ ବୀର ହରେକୃଷ୍ଣପୁର ବସ୍ତିଆ ସାହିର ବୁରୁଣ୍ଡି ବସ୍ତିଆ ଖସିଯାଇଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାବେଳେ ସେମାନେ ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ।

### ରାଜ୍ୟସ୍ତରୀୟ ଫୁଟ୍‌ଭଲି: ଯାଜପୁର ଚାମ୍ପିୟନ

**ପୁରୀ ଅଫିସ, ୨୪।୧୦:** ରାଜ୍ୟ ଫୁଟ୍‌ଭଲି ଆସୋସିଏଶନ ଏବଂ ପୁରୀ ଜିଲା ଫୁଟ୍‌ଭଲି ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବେଳାଭୂମିରେ ରାଜ୍ୟସ୍ତରୀୟ ଫୁଟ୍‌ଭଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଏବଂ ସାମାଜିକ କର୍ମୀ ରାଜେଶ କୁମାର ପ୍ରଧାନ ଯୋଗଦେଇଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ପୁରୁଷ ବିଭାଗରେ ୧୦ଟି ଏବଂ ମହିଳା ବିଭାଗରେ ୪ଟି ଦଳ ଭାଗ ନେଇଥିଲେ। ଉଭୟ ପୁରୁଷ ଓ ମହିଳା ବିଭାଗରେ ଯାଜପୁର ଜିଲା ଚାମ୍ପିୟନ ହୋଇଥିଲା। ପୁରୁଷ ବିଭାଗରେ କନ୍ଧମାଳ ଜିଲା ଏବଂ ମହିଳା ବିଭାଗରେ ପୁରୀ ଜିଲା ଉପବିଜେତା ହୋଇଥିଲା। ସଂଘ ସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ରାଉତ, କ୍ରୀଡ଼ା ସଙ୍ଗଠକ ପ୍ରଦୀପ କୁମାର ରାଉତରାଏ, ଜାତୀୟ ସଂସଦର ଉପସଭାପତି ସହଦେବ ରାଉତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସବ୍ୟସଚୀ ରଥ ମଞ୍ଚ ପରିଚାଳନା କରିଥିଲେ। ଅକ୍ଷୟ କୁମାର ବ୍ରହ୍ମା, ସନ୍ତୋଷ କୁମାର ପାତ୍ର, ଉପସଭାପତି ବିକାଶ ସେଠୀ ଓ ଉମାକାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଞ୍ଚାନନ ବଳ, ସୁଦାମ ଚରଣ ମିଶ୍ର ଓ ରଶ୍ମିତା ମହାନ୍ତି ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ୯୩ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୪।୧୦:** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ହୀରାପୁର ପଞ୍ଚାୟତର କପିଳେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ, ଠାରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଅଛି। ଭଞ୍ଜନଗର ବ୍ଲଡ ବ୍ୟାଙ୍କ୍ ଦ୍ୱାରା ୯୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ସ୍ଥାନୀୟ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସଂଯୋଜନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ମହାପାତ୍ର, ସ୍କୁଲ ପ୍ରଧାନଶିକ୍ଷକ ଶିବ ନାରାୟଣ ଦାସ, ସିଆରସିସି ଗୋପୀନାଥ ସାହଙ୍କ ସମେତ ସମସ୍ତ ଶିକ୍ଷକମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ରଞ୍ଜନ ସାହୁ ,ହୀରାପୁର ସରପଞ୍ଚ ସଂଯୁକ୍ତା ଜଗଦେବ, ବ୍ଲକ୍ ଉପାଧକ୍ଷା ତନୁଜା ପାଟଶାଣୀ, ସମାଜସେବୀ ରଞ୍ଜନ ଜଗଦେବ, ଲଲାଟ ପାଟଶାଣୀ, ଭଗବାନ ପ୍ରଧାନ, କୈଳାସ ବଡ଼ଜେନା, କାର୍ତ୍ତିକ ବିଶ୍ୱାଳ, ପ୍ରଦୀପ ପ୍ରଧାନ, ସର୍ବେଶ୍ୱର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଶୁଭକାନ୍ତ ମହାପାତ୍ର, ସତ୍ୟ ପ୍ରକାଶ ସାହୁ, ଜ୍ୟୋତି ରଞ୍ଜନ ଖାଡଙ୍ଗା , ଅକ୍ଷୟ ପରିଡ଼ା, ବୀରଞ୍ଚି ନାରାୟଣ ମଙ୍ଗରାଜ, ପ୍ରମୋଦ ଦଳେଇ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିସର ସଫେଇ ଓ ଚାରାରୋପଣ କରାଯାଇଥିଲା।

# ଛାତ୍ରଙ୍କ ଜୀବନ ନେଲା ପାରିବାରିକ ଅଶାନ୍ତି

ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୪।୧୦ (ଡି.ଏନ୍.ଏ.)

**ବିନ୍ଦୁସାଗରରୁ ମିଳିଲା ମୃତଦେହ**
- ଆତ୍ମହତ୍ୟା କରିଥିବା ସନ୍ଦେହ କରୁଛି ପୋଲିସ
- ମାଆଙ୍କୁ କଲ୍, ସାଙ୍ଗସାଥୀଙ୍କୁ ଇନ୍‌ଷ୍ଟାଗ୍ରାମରେ ଜଣାଇଥିଲେ





ମୃତ ସାଇଶ୍ରୀ ଜ୍ୟୋତି ପ୍ରକାଶ (ଉପର)। ଅଗ୍ନିଶମ କର୍ମଚାରୀମାନେ ମୃତଦେହ ଉଦ୍ଧାର କରୁଛନ୍ତି।

ପିଲାଟି ଦିନରୁ ମେଧାବୀ ଥିଲେ। ଭବିଷ୍ୟତକୁ ନେଇ ମଧ ବଡ଼ ସ୍ୱପ୍ନ ଦେଖୁଥିଲେ। ସେଥିପାଇଁ ସ୍କୁଲ୍ ପାଠପଢ଼ା ପରେ ଭୁବନେଶ୍ୱର ଚାଲିଆସି ବିଟେକ୍ ପଢୁଥିଲେ। ହେଲେ ପାରିବାରିକ ଅଶାନ୍ତି ସବୁ ସ୍ୱପ୍ନ ଓ ଭବିଷ୍ୟତକୁ ବିଗାଡିଦେଲା। କଅଁଳ ମନରେ ନିଷ୍ଠୁର ନିଷ୍ପତ୍ତି ବସାବାନ୍ଧିଲା। ଶେଷରେ ବିନ୍ଦୁସାଗରରୁ ସମ୍ପୃକ୍ତ ଛାତ୍ରଙ୍କ ମୃତଦେହ ମିଳିବା ପରେ ଏବେ ଏଭଳି ଲୋମଟାଙ୍କୁରା ଘଟଣା ପଦାକୁ ଆସିଛି। ଶନିବାର ଶ୍ରୀଲିଙ୍ଗରାଜ ଥାନା ପୋଲିସ ପୋଖରୀ କୂଳରୁ ତାଙ୍କ ସ୍କୁଟି, ଚପଲ ଓ ଅନ୍ୟକିଛି ସାମଗ୍ରୀ ପାଇଥିବାବେଳେ ରବିବାର ପାଣିରୁ ମୃତଦେହକୁ ଜବତ କରିଛି। ମୃତ ଛାତ୍ରଜଣକ ହେଲେ ପୁରୀ ଜିଲା ସାତଶଙ୍ଖ ଅଞ୍ଚଳର ସାଇଶ୍ରୀ ଜ୍ୟୋତି ପ୍ରକାଶ(୨୦)। ସେ ସାମନ୍ତରାପୁର ଦିବ୍ୟ ବିହାରରେ ମାଆଙ୍କ ସହ ରହି ଚନ୍ଦ୍ରଶେଖରପୁରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଦ୍ୱିତୀୟ ବର୍ଷରେ ପଢୁଥିଲେ। ତେବେ ପାରିବାରିକ ଓ ଆର୍ଥିକ ସମସ୍ୟା କାରଣରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସୂଚନା ଦେଇଛି। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ପାରିବାରିକ ଅଶାନ୍ତି ଏକ କଅଁଳ ମନକୁ କିପରି ଛାରଖାର କରିଦିଏ ତାହା ସାଇଶ୍ରୀଙ୍କ ମୃତ୍ୟୁରୁ ସ୍ପଷ୍ଟ ବାରି ହୋଇପଡୁଛି। କ୍ୟାପିଟାଲ ହସ୍ପିଟାଲରେ ସାଇଶ୍ରୀଙ୍କ ମୃତଦେହକୁ ଦେଖି ସାଙ୍ଗମାନେ ଦୁଃଖରେ ଭାଙ୍ଗିପଡିଥିବାବେଳେ ତାଙ୍କ ବାପା, ମାଆ ଓ ସମ୍ପର୍କୀୟଙ୍କ ମଧ୍ୟରେ ଆରୋପପ୍ରତ୍ୟାରୋପ ଭିନ୍ନ କଥା କହୁଥିଲା।

ପୋଲିସ ସୂଚନା ମୁତାବକ, ସାଇଶ୍ରୀଙ୍କ ବାପା ପିତବାସ ନନ୍ଦ ରେଲ୍‌ୱେରେ ଚାକିରି କରନ୍ତି। ପୁଅ ସାଇଶ୍ରୀ ପିଲାଟି ଦିନରୁ ଭଲ ପଢୁଥିବାରୁ ମାଆ ଝୁନୁବାଳା ନନ୍ଦ ବି ତାଙ୍କ ପାଇଁ ସବୁକିଛି କରିଛନ୍ତି। ହେଲେ ଗତ ଦେଢବର୍ଷ ତଳେ ଉଭୟ ମାତାପିତାଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ସ୍ୱାମୀଙ୍କ ବିରୋଧରେ ସ୍ତ୍ରୀ ଅଭିଯୋଗ ବି ଆଣିଥିଲେ। ସାଇଶ୍ରୀଙ୍କର ଭଲ ମାର୍କ ଥିବାରୁ ତାଙ୍କର ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜରେ ନାମଲେଖାକୁ ଚୟନ ହୋଇଥିଲା। ହେଲେ ଆର୍ଥିକ ସମସ୍ୟା ଯୋଗୁ ସେ ଅନ୍ୟଏକ ଘରୋଇ କଲେଜରେ ନାମ ଲେଖାଇବା ସହ ମାଆଙ୍କ ସହ ସାମନ୍ତରାପୁରରେ ରହୁଥିଲେ। ମାଆବାପାଙ୍କ ସମ୍ପର୍କ ଓ ଅର୍ଥ ସମସ୍ୟାକୁ ନେଇ ସେ ସବୁବେଳେ ଚିନ୍ତାରେ ଥିଲେ। ଶନିବାର ରାତିରେ ପ୍ରଥମେ ସାଇଶ୍ରୀ ତାଙ୍କ ମାଆଙ୍କୁ ଶେଷଥର ଫୋନ୍ କରି ବାଏ ବୋଲି କହିଥିଲେ। ଏହାର କିଛି ସମୟ ପରେ ଇନ୍‌ଷ୍ଟାଗ୍ରାମରେ ଏକ ସୁଇସାଇଡାଲ ମେସେଜ ପୋଷ୍ଟ କରିଥିଲେ। ଉକ୍ତ ମେସେଜ ଦେଖିବା ପରେ ସାଇଶ୍ରୀଙ୍କ ସାଙ୍ଗମାନେ ପରିବାର ଲୋକଙ୍କ ସମେତ ପୋଲିସକୁ ଜଣାଇବା ସହ ଖୋଜାଖୋଜି କରିଥିଲେ। ବିନ୍ଦୁ ସାଗର କୂଳରେ ସାଇଶ୍ରୀଙ୍କ ସ୍କୁଟି ଦେଖିବାକୁ ମିଳିଥିଲା। ଅଗ୍ନିଶମ ବିଭାଗ ଓ ପୋଲିସ କର୍ମଚାରୀ ରାତିରେ ସର୍ଚ୍ଚ ଅପରେଶନ କରିବା ପରେ ମଧ ତାଙ୍କର ପତ୍ତା ମିଳିନଥିଲା। ରବିବାର ସକାଳ ୮ଟାରେ ପୁଣି ଅଗ୍ନିଶମ କର୍ମଚାରୀ, ସ୍କୁଭା ଡ୍ରାଇଭର ଓ ପ୍ରଦୀପ ସେବା ଟ୍ରଷ୍ଟର କର୍ମକର୍ତ୍ତା ବିନ୍ଦୁ ସାଗରରେ ଖୋଜାଖୋଜି ଆରମ୍ଭ କରିଥିଲେ। ଚପଲ, ସ୍କୁଟି ଥିବା ସ୍ଥାନ ପାଖରେ ପାଣି ଭିତରୁ ସାଇଶ୍ରୀଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଏକ ଅପମୃତ୍ୟୁ ମାମଲା(ନଂ.୪୧/୨୧) ରୁଜୁ କରିଛି। ସାଇଶ୍ରୀ ଇନଷ୍ଟାଗ୍ରାମ ପୋଷ୍ଟରେ କାହାକୁ ଦାୟୀ କରି ନାହାନ୍ତି। ତେବେ ଏନେଇ ତାଙ୍କ ବାପା ଓ ମାଆଙ୍କ ବୟାନ ନିଆଯାଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

### ‘ଅମାନୁଷିକ ପୃଥିବୀରେ ବଞ୍ଚିବା କଷ୍ଟକର’




ନିଜର କଷ୍ଟ ଦାୟକ ଜୀବନ ବିଷୟରେ ସାଇଶ୍ରୀ ଶେଷ ଇନଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, ପୃଥିବୀ ମତେ ଅମାନୁଷିକ ଲାଗେ। ମୋର ଏହି ଜୀବନ ସବୁଠାରୁ ଅତି କଷ୍ଟକର। ମୁଁ ବଞ୍ଚିବାକୁ ଚାହୁଁନାହିଁ। ମୋର ଶରୀରକୁ ମାରିଦେବାକୁ ଚାହୁଁଛି। ମୁଁ ବହୁତ ଦିନହେଲା ମୋ ଜୀବନ ଶେଷ କରିଦେବାକୁ ଚାହୁଁଥିଲି। କିନ୍ତୁ କିଛି ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ଦ୍ୱାରା ମୋତେ ଆଶ୍ୱାସନା ମିଳିଯାଉଥିଲା। ହେଲେ ଆଉ ସେ ସମୟ ବେଶିଦିନ ରହିଲା ନାହିଁ, ଯାହାର ଶେଷ ମୁହୂର୍ତ୍ତ ଆସିଛି। ଆଉ ମୋର ମଧ ଶେଷ ସମୟ ଆସିଯାଇଛି। ଆଉଶେଷ ଦିନରେ ମୁଁ ସମସ୍ତଙ୍କୁ ଗୁଡ୍‌ବାଏ କହୁଛି। ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ମୁ ହସି ହସି ମରୁଛି। ମୋର ପ୍ରତି ମୁହୂର୍ତ୍ତରେ ଥିବାସ୍ମୃତିଗୁଡିକୁ ମୁଁ ଶେୟାର କରୁଛି।

### ଫି’ ଦେଇ ନ ପାରିବାରୁ ବିଦା କରିଥିଲା କଲେଜ

ବାପା ଆବଶ୍ୟକ ଟଙ୍କା ଦେଉ ନ ଥିବାରୁ ପୁଅର ପାଠପଢ଼ା, କଲେଜ ଫି’ ସହ ଘର ଭଡା ଦେବା କଷ୍ଟର ହୋଇପଡିଥିଲା। କଲେଜ ଫି’ ଦେଇ ନ ପାରିବାରୁ ଟିସି ନେବାକୁ ପଡିଥିଲା। ଏସବୁକୁ ନେଇ ସବୁବେଳେ ମାନସିକ ଦୁଶ୍ଚିନ୍ତା ଭିତରେ ରହୁଥିବା ସାଇଶ୍ରୀ ଶେଷରେ ଆତ୍ମହତ୍ୟାର ଚରମ ପଦକ୍ଷେପ ବାଛିବାକୁ ବାଧ ହୋଇଥିବା ମା ଓ ସମ୍ପର୍କୀୟ କହିଛନ୍ତି। ହେଲେ ବାପା ପିତବାସ ଏହାକୁ ଖଣ୍ଡନ କରି କହିଛନ୍ତି, ପୁଅକୁ କେବେ ହେଲେ ଅବହେଳା କରିନାହାନ୍ତି। ଗତ ଦେଢବର୍ଷ ତଳେ ପୁଅର ପାଠପଢା ପାଇଁ ସ୍ତ୍ରୀଙ୍କୁ ୮ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ସ୍ତ୍ରୀ ପୁଅକୁ ସାଙ୍ଗରେ ଧରି ଘର ଛାଡି ଅନ୍ୟତ୍ର ରହିଥିଲେ। ଅନେକଥର ଶ୍ୱଶୁର ଘରକୁ ଯାଇଥିଲେ ମଧ ତାଙ୍କୁ ସ୍ତ୍ରୀ ଓ ପୁଅଙ୍କୁ ଭେଟିବାକୁ ସୁଯୋଗ ମିଳି ନ ଥିଲା। ଶେଷରେ ତାଙ୍କୁ ବଦନାମ କରିବା ନେଇ ପରକୀୟା ପ୍ରୀତି ଅଭିଯୋଗ ଅଣାଯାଇଥିବା ସେ କହିଛନ୍ତି।

### ଯାଆଁଳା ଭାଇଙ୍କ ସମେତ ୫ ଗିରଫ

**୧୪ ଚୋରା ମୋବାଇଲ୍ ଜବତ**

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ଚନ୍ଦକା ଥାନା ଅଞ୍ଚଳରୁ ଏକ ମୋବାଇଲ୍ ଚୋର ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ପୋଲିସ। ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଚନ୍ଦକା ଥାନା ଗୋଠପାଟଣାରେ ରହୁଥିବା କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇର ମଳୟ ମଲ୍ଲିକ ଓ ଯାଆଁଳା ଭାଇ ସୁମନ ମଲ୍ଲିକ୍, ଚନ୍ଦକା ଥାନା କଣ୍ଟାବାଡର ବାପି ଓରଫ୍ ରିଣ୍ଟୁ ବାଘାସିଂହ, ଜଗା ଓରଫ୍ ସୁଶାନ୍ତ ବାଘାସିଂହ ଏବଂ ଆଲୋକ ବଡଜେନା। ଏମାନଙ୍କଠାରୁ ପୋଲିସ ୧୪ ମୋବାଇଲ୍ ଜବତ ହୋଇଛି। ଏହି ଗ୍ୟାଙ୍ଗର ମୁଖ୍ୟ ଥିଲେ ୨ ଯାଆଁଳା ଭାଇ। ତେବେ ଏହି ଗ୍ୟାଙ୍ଗର ଆଉ କିଛି ସଦସ୍ୟ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କ ମଧ୍ୟରୁ ୩ ଲୁଟେରା ଥିବାବେଳେ, ୨ ଜଣ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସୂଚନା ମୁତାବକ ଭରତପୁର ଥାନା ପ୍ଲାମ୍ ହାଇଟ୍ ସମ୍ମୁଖ ପ୍ଲଟ ନମ୍ବର୮୩୧(ପି)ରେ ମୟୂରଭଞ୍ଜ ଜିଲାର ଦୁଃଖିଶ୍ୟାମ ଟୁଡୁ ରୁହନ୍ତି । ଗତ ୨୩ ତାରିଖରେ ଅନ୍ଧାରୁଆ ଇନଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମେଟିକ୍ସ ସମ୍ମୁଖରୁ ୩ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ମୋବାଇଲ୍ ଝାମ୍ପି ନେଇଥିବା ନେଇ ସେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସି କ୍ୟାମେରା ଯାଞ୍ଚ କରିବା ପରେ ପୋଲିସ ଉକ୍ତ ଗ୍ୟାଙ୍ଗ ସମ୍ପର୍କରେ ସୂଚନା ପାଇ ରବିବାର ଗ୍ୟାଙ୍ଗର ତିନି ଲୁଟେରାଙ୍କ ସମେତ ଦୁଇ ରିସିଭରଙ୍କୁ ଗିରଫ କରିଥିଲା।

## ନଭେମ୍ବର ସୁଦ୍ଧା ସରିବ ବରୁଣେଇ ସ୍ମାର୍ଟ ପାର୍କ କାମ



ଜିଲାପାଳ ସଂଗ୍ରାମକେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ପାର୍କ ବୁଲି ଦେଖୁଛନ୍ତି।

ଖୋର୍ଦ୍ଧା ଅଫିସ,୨୪।୧୦

**କଲ୍ୟାଣ ମଣ୍ଡପର ବଦଳିବ ରୂପ**

ଖୋର୍ଦ୍ଧା ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ପୀଠ ବରୁଣେଇ। ବର୍ଷାସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ବିଶେଷବରି ଶୀତ ଋତୁରେ ବଣଭୋଜି ଲାଗି ପ୍ରବଳ ଜନସମାଗମ ହୋଇଥାଏ। ପର୍ଯ୍ୟଟକଙ୍କୁ ଆକର୍ଷଣ ଲାଗି ଏଠାରେ ୧କୋଟି ବ୍ୟୟ ଅଟକଳରେ ନିର୍ମାଣ ଚାଲିଛି ବରୁଣେଇ ସ୍ମାର୍ଟ ପାର୍କ। ରବିବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ ଗୌରବ ଶିବାଜୀ ବରୁଣେଇ ପୀଠ ପରିଦର୍ଶନରେ ଆସି ଏହାର ଭିତ୍ତିଭୂମି ସ୍ଥିତି ଅନୁଧାନ କରିବା ସହ ନିର୍ମାଣଧୀନ ବରୁଣେଇ ପାର୍କ ବୁଲିଥିଲେ।ଏହାର ନିର୍ମାଣ କାର୍ଯ୍ୟ ନଭେମ୍ବର ମାସ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ନିକଟରେ ରହିଥିବା ବରୁଣେଇ କଲ୍ୟାଣମଣ୍ଡପର ସୌନ୍ଦର୍ଯ୍ୟକରଣ ପାଇଁ କହିଥିଲେ। ଏହି କଲ୍ୟାଣ ମଣ୍ଡପରେ ବିଭିନ୍ନ ସଭାସମିତି, ମାଙ୍ଗଳିକ କାର୍ଯ୍ୟ ହୋଇଥାଏ। ପୌର ପ୍ରଶାସନ ଅଧୀନରେ ରହିଛି ଏହି କଲ୍ୟାଣ ମଣ୍ଡପ।

### ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

ଡେଲାଙ୍ଗ,୨୪।୧୦(ଡି.ଏନ୍.ଏ.)

କଣାସ ରୋଡ ରେଳ ଷ୍ଟେଶନ ନିକଟ ଲୁଣାନଦୀ ବ୍ରିଜ ଉପର ରେଳଧାରଣାରୁ ପୁରୀ ଜିଆରପି ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରଛି। ତେବେ ମୃତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ପାଖାପାଖି ୩୭ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନା ମୁତାବକ, ସ୍ଥାନୀୟଲୋକେ ଯାତାୟାତ କରୁଥିବା ବେଳେ ରେଳଧାରଣାରେ ମୃତଦେହ ପଡିଥିବା ଦେଖି ପୁରୀ ରେଲଓ୍ୱେ ପୋଲିସକୁ ଜଣାଇଥିଲେ। ଖବରପାଇ ସାକ୍ଷୀଗୋପାଳ ଜିଆରପି ଫାଣ୍ଡିର କର୍ମଚାରୀମାନେ ପହଞ୍ଚିବା ସହ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିଲା। ମୃତାଙ୍କ ବାମ ହାତରେ ମିନା ଲେଖାଯାଇଥିବା ବେଳେ ତାଙ୍କ ଘର ବଳଙ୍ଗା ଅଞ୍ଚଳରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ମଦ, ବାଇକ୍ ଜବତ: ୨ ଗିରଫ

ନିମାପଡ଼ା,୨୪।୧୦ (ଡି.ଏନ୍.ଏ.)

ନିମାପଡ଼ା ଥାନା ପୋଲିସ ନୁଆରକିରି ଛକରେ ଚଢ଼ାଉ କରି ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ହାଟସାହି ଗ୍ରାମର ଯତୀନ୍ ଜେନା ଓ ପାଟପୁରର ଖେଖ୍ ରିହାନ। ଏମାନଙ୍କ ନିକଟରୁ ୭୫ବୋତଲ ଦେଶୀ ମଦ ଓ ବାଇକ୍ ଜବତ କରାଯାଇଛି। ଜବତ୍ ମଦର ଆନୁମାନିକ ମୂଲ୍ୟ ୭ହଜାର ୫ଶହ ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ.୩୭୪/୨୧) ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟ ବାଇକ୍‌ରେ ମଦ ନେଇ ଆସୁଥିବା ବେଳେ ପୋଲିସ ଏମାନଙ୍କୁ ଧରିଥିଲା।

ଧରିତ୍ରୀ DHARITRI
Wants aggressive and result oriented
MARKETING EXECUTIVES
- Fluency in Odia and English essential minimum 2 years experience in sales/ marketing.

Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
WEB OFFSET COLOUR UNIT ASSISTANT
- Web Offset Machine Operator with minimum 2 years experience.

Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

# ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

**ବରୁଣେଇ ପୀଠ ଅବହେଳିତ**
- ରାସ୍ତା, ପାନୀୟଜଳ ସମସ୍ୟା ସୁଧୁରିନି
- ଫଳକରେ ସୀମିତ ପର୍ଯ୍ୟଟନ ମାନ୍ୟତା

ଖୋର୍ଦ୍ଧା ଅଫିସ,୨୪।୧୦



ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳଗୁଡ଼ିକ ମଧ୍ୟରୁ ବରୁଣେଇ ପୀଠ ଅନ୍ୟତମ। ଏବେ ଏହି ପୀଠ ଅବହେଳିତ ହୋଇପଡ଼ିଛି। ବରୁଣେଇ ଜଙ୍ଗଲ କ୍ଷୟ ହେଉଥିବାବେଳେ ରାସ୍ତା, ପାନୀୟଜଳ ପ୍ରଭୃତି ବିଭିନ୍ନ ସମସ୍ୟା ଲାଗିରହିଛି। ଏଠାକାର ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଫଳରେ ପର୍ଯ୍ୟଟକ ଏଠାରୁ ମୁହଁ ଫେରାଇ ନେବାକୁ ବସିଲେଣି।

ଶୀତଋତୁରେ ଏହି ପୀଠରେ ପ୍ରବଳ ଭିଡ଼ ଜମେ। ପର୍ଯ୍ୟଟକମାନେ ମା’ ବରୁଣେଇ ଓ କରୁଣେଇଙ୍କ ଦର୍ଶନ କରିବା ସହ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ସେହିପରି ଏଠାରେ ବଣଭୋଜିର ସୁବିଧା ରହିଛି। ତେବେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପାନୀୟଜଳ ଷ୍ଟାଣ୍ଡପୋଷ୍ଟ ଅଚଳ ହୋଇପଡ଼ିଥିବାବେଳେ ମନ୍ଦିର ପାହାଚ ଫାଟି ଆଁ କରିଛି। ଅନେକ ଗଛ ଭାଙ୍ଗି ପାହାଚରେ କାଠଗଣ୍ଡି ପଡ଼ିଛି। ଫଳରେ ପର୍ଯ୍ୟଟକ ଯାତାୟାତ ଲାଗି ହଇରାଣ ହେଉଛନ୍ତି। ବରୁଣେଇରୁ ବୋହି ଆସୁଥିବା ଜଳସ୍ରୋତ ଯୋଗୁ ରାସ୍ତାରେ ଶିଉଳି ଜମିଛି। ପୀଠକୁ ଯାଉଥିବା ପିଲା, ବୃଦ୍ଧାବୃଦ୍ଧଙ୍କ ଗୋଡ଼ ଖସି ଆହତ ହେଉଛନ୍ତି। ଅନେକ ସ୍ଥାନରେ ପ୍ଲାଷ୍ଟିକ, ପଲିଥିନ, ବୋତଲ ପଡ଼ିରହିଛି। ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ସ୍ୱଚ୍ଛତା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ନୟାଗଡ଼ରୁ ଆସିଥିବା ପର୍ଯ୍ୟଟକ ପ୍ରଫୁଲ୍ଲ ଦାସ ଅଭିଯୋଗ କରିଛନ୍ତି। ଶିଳ୍ପାଞ୍ଚଳରୁ ସଂଯୋଗ କରୁଥିବା ଏହି ରାସ୍ତାର ଉଭୟ ପଟେ ଯାନବାହନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ବରୁଣେଇ ଜଙ୍ଗଲରୁ କାଠ ଚୋରାଚାଲାଣ ହେଉଛି। ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ମିଳୁ ନ ଥିବା ବେଳେ ମନୋରମ ପ୍ରାକୃତିକ ପରିବେଶ ନଷ୍ଟ ହେବାରେ ଲାଗିଛି। ପର୍ଯ୍ୟଟନ ବିଭାଗ କେବଳ ନାମଫଳକ ଟାଙ୍ଗିଦେଇ ଚୁପ୍ ବସିଛି। କରୋନା କଟକଣା ଯୋଗୁ ଏହି ପୀଠ ପ୍ରାୟ ୧୦ ମାସ ବନ୍ଦ ରହିଥିଲା। ଏବେ ଖୋଲିଥିଲେ ମଧ ପର୍ଯ୍ୟଟକଙ୍କ ବିଶେଷ ଆଗମନ ନାହିଁ। ପୀଠର ବିଭିନ୍ନ ସମସ୍ୟା ଯୋଗୁ ପର୍ଯ୍ୟଟକ ଏଠାକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ସ୍ଥାନୀୟ ବ୍ୟବସାୟୀଙ୍କ ସମେତ କେତେଜଣ ପର୍ଯ୍ୟଟକ କହିଛନ୍ତି। ବର୍ତ୍ତମାନ କରୋନା କଟକଣା କୋହଳ ହୋଇଥିବାବେଳେ ପର୍ଯ୍ୟଟନ ଋତୁ ଆସିଲାଣି। ତେଣୁ ଏହି ପର୍ଯ୍ୟଟନସ୍ଥଳର ବିକାଶ ଓ ସ୍ୱଚ୍ଛତା ଲାଗି ପଦକ୍ଷେପ ନିଆଯିବାକୁ ଦାବି ହେଉଛି। ଏ ନେଇ ନୂତନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ବରୁଣେଇ ପୀଠ ସମେତ ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳଗୁଡ଼ିକର ବିକାଶ ଉପରେ ଗୁରୁତ୍ୱ ଦିଆଯିବ।

GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.)
DHENKANAL DIVISION, DHENKANAL
No.1182 Date 04.10.2021
INVITATION FOR BIDS (IFB)
e procurement notice
Bid Identification number / Tender Call Notice
No.E.E.(A) D/D-03 of 2021-22

No.L-78:- The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 5.00 lakhs to 50.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 25.10.21 at 10.00 hours to 01.11.21 at 16.00 hours. The bid will be opened on 05.11.21 at 11.00 hours in the O/o Executive Engineer, (Agril.), Dhenkanal Division, Dhenkanal. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID- eeagri.dhenkanal@gmail.com

Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0001/2122

## ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

ଡେଲାଙ୍ଗ,(ଡି.ଏନ୍.ଏ.): କଣାସ ରୋଡ ରେଳ ଷ୍ଟେସନ ନିକଟ ଲୁଣାନଦୀ ବ୍ରିଜ ଉପର ରେଳଧାରଣାରୁ ପୁରୀ ଜିଆରପି ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ତେବେ ମୃତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ପାଖାପାଖି ୩୭ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନା ମୁତାବକ, ସ୍ଥାନୀୟଲୋକେ ଯାତାୟାତ କରୁଥିବା ବେଳେ ରେଳଧାରଣାରେ ମୃତଦେହ ପଡିଥିବା ଦେଖି ପୁରୀ ରେଲଓ୍ୱେ ପୋଲିସକୁ ଜଣାଇଥିଲେ। ଖବରପାଇ ସାକ୍ଷୀଗୋପାଳ ଜିଆରପି ଫାଣ୍ଡିର କର୍ମଚାରୀମାନେ ପହଞ୍ଚିବା ସହ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିଲା। ମୃତାଙ୍କ ବାମ ହାତରେ ମିନା ଲେଖାଯାଇଥିବା ବେଳେ ତାଙ୍କ ଘର ବଳଙ୍ଗା ଅଞ୍ଚଳରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୧୦।୨୦୨୧

| ୧,୪୭,୯୨୬ ଟଙ୍କା | |
|---|---|
| ସୁନା | ୭.୧୮୦ ଗ୍ରାମ |
| ରୁପା | ମିଳିନାହିଁ |

# ଭାଙ୍ଗିରୁଜି ଗଲାଣି ସରକାରୀ କ୍ୱାର୍ଟର୍ସ

- ବାହାରେ ରହୁଛନ୍ତି ସରକାରୀ କର୍ମଚାରୀ
- ଘରଭଡ଼ା ବାବଦରେ ତହବିଲରୁ ଯାଉଛି ଟଙ୍କା



ଗୋପ,୨୪।୧୦(ଡି.ଏନ୍.ଏ.)

ଗୋପ ବ୍ଲକରେ ସରକାର ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ରହିଥିବା କ୍ୱାର୍ଟର୍ସଗୁଡ଼ିକରେ ଅଧିକାଂଶ ସମୟ କେହି ରହୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ଦୀର୍ଘଦିନ ଧରି କ୍ୱାର୍ଟର୍ସ ସବୁ ଖାଲିପଡ଼ିଥିବାରୁ ଧୀରେ ଧୀରେ କୋଠାଗୁଡ଼ିକ ଭାଙ୍ଗିରୁଜି ଯିବା ସହ ଗଛ ଲତା ମାଡ଼ିଯାଇ ଖତ ଖାଇଗଲାଣି। ବ୍ଲକରେ ଥିବା ପ୍ରାୟ ୧୩ଟି ସରକାରୀ କ୍ୱାର୍ଟର୍ସ ଏବେ ଅନୁପଯୋଗୀ ହୋଇପଡ଼ିଛି। କିଛି ବର୍ଷ ଧରି ଏହି ବ୍ଲକ କଲୋନୀରେ ବିଡିଓଙ୍କ ଠାରୁ ଆରମ୍ଭ କରି ଯନ୍ତ୍ରୀ, କର୍ମଚାରୀ ରହୁଥିବା ବେଳେ ଏବେ ଏହି ସବୁ ସରକାରୀ କ୍ୱାର୍ଟର୍ସ ଭୂତ କୋଠିରେ ପରିଣତ ହୋଇଛି। ବିଡିଓ, ଯନ୍ତ୍ରୀ ଓ ବ୍ଲକ କର୍ମଚାରୀମାନେ ଏବେ ବାହାର ଅଞ୍ଚଳରେ ରହୁଥିବା ଭଳି ଅଭିଯୋଗ ରହିଛି। ଫଳରେ ଲକ୍ଷାଧିକ ଟଙ୍କାରେ ନିର୍ମାଣାଧୀନ ଏହି ଗୃହ ସବୁ ଏବେ ପଶୁପକ୍ଷୀଙ୍କ ଆଡ୍ଡାସ୍ଥଳୀ ପାଲଟି ଥିବାବେଳେ ନିଶାଗ୍ରସ୍ତ ଯୁବକମାନେ ଆଡା ଜମାଇବା ମଧ୍ୟ ଦେଖିବାକୁ ମିଳୁଛି। ଏପରିକି ବ୍ଲକ କର୍ମଚାରୀମାନେ ବାହାରେ ରହୁଥିବା ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିକଟରେ ଅଭିଯୋଗ ହେବା ପରେ ମନ୍ତ୍ରୀ ସମସ୍ତ ବ୍ଲକ କର୍ମଚାରୀ ହେଡ଼ କ୍ୱାର୍ଟର୍ସରେ ରହିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ କିଛିଦିନ ମାନିବା ପରେ ଏବେ ପୁଣି ସମାନାବସ୍ଥା ହୋଇଯାଇଛି। ଅପରପକ୍ଷେ ଗୋପ ବ୍ଲକର ସମସ୍ତ କର୍ମଚାରୀ ସରକାରୀ ତହବିଲରୁ ମାସିକ ଭଡ଼ା ବାବଦରେ ହଜାର ହଜାର ଟଙ୍କା ନେଉଥିବା ଭଳି ଅଭିଯୋଗ ରହିଛି। ଏଥିସହ ବ୍ଲକ କର୍ମଚାରୀମାନେ ବାହାରେ ରହୁଥିବାରୁ ଠିକ ସମୟରେ କାର୍ଯ୍ୟାଳୟକୁ ନ ଆସିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବ୍ଲକର ବିଭିନ୍ନ ବିଭାଗ ଅଧିକାରୀମାନେ ଅଧିକାଂଶ ସମୟ ଅନୁପସ୍ଥିତ ରହିବା ଯୋଗୁ ପ୍ରାୟ ସମୟ ବିଭାଗରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଓ ଜିଲାପାଳ ସମର୍ଥ ବର୍ମା ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି। ଏ ଅଭିଯୋଗ ନେଇ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ସମସ୍ତ କର୍ମଚାରୀ କ୍ୱାର୍ଟର୍ସରେ ରହିଥିବା, କିନ୍ତୁ ଅଧିକାଂଶ ଗୃହ ରହିବା ଅବସ୍ଥାରେ ନାହିଁ। ଗୃହଗୁଡ଼ିକ ଭାଙ୍ଗିରୁଜି ଯିବା ସହ ଚାରିଆଡ଼େ ଗଛଲତା ମାଡ଼ିଗଲାଣି। ତେଣୁ ଏଠି ରହିବାକୁ କର୍ମଚାରୀମାନେ ପସନ୍ଦ କରୁନାହାନ୍ତି, ମରାମତି କରାଯିବା ପରେ କର୍ମଚାରୀଙ୍କୁ ରହିବା ପାଇଁ କୁହାଯିବ ବୋଲି କହିଥିଲେ।

## ମଦ, ବାଇକ୍ ଜବତ: ୨ କୋର୍ଟ ଚାଲାଣ

ନିମାପଡ଼ା,୨୪।୧୦(ଡି.ଏନ୍.ଏ.): ନିମାପଡ଼ା ଥାନା ପୋଲିସ ନୁଆରକିରି ଛକରେ ଚଢ଼ାଉ କରି ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ହାଟସାହି ଗ୍ରାମର ଯତୀନ୍ ଜେନା ଓ ପାଟପୁରର ଖେଖ୍ ରିହାନ। ଏମାନଙ୍କ ନିକଟରୁ ୭୫ବୋତଲ ଦେଶୀ ମଦ ଓ ବାଇକ୍ ଜବତ କରାଯାଇଛି। ଜବତ୍ ମଦର ଆନୁମାନିକ ମୂଲ୍ୟ ୭ହଜାର ୫ଶହ ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ.୩୭୪/୨୧) ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟ ବାଇକ୍‌ରେ ୩ପେଟି ମଦ ବଳଙ୍ଗା ଅଞ୍ଚଳରୁ ଆଣି ନିମାପଡ଼ା ଅଭିମୁଖେ ଆସୁଥିଲେ। ବିଶେଷସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରି ଏମାନଙ୍କୁ ଧରିଥିଲା। ଏଏସ୍‌ଆଇ ସବିତା ରାଣୀ ମାର୍ଥା ଏହି ମାମଲାର ତଦନ୍ତ ଚଳାଇଛନ୍ତି।

## ରାଜ୍ୟସ୍ତରୀୟ ଫୁଟ୍‌ଭଲି: ଯାଜପୁର ଚାମ୍ପିୟନ

ପୁରୀ ଅଫିସ, ୨୪।୧୦: ରାଜ୍ୟ ଫୁଟ୍‌ଭଲି ଆସୋସିଏଶନ ଏବଂ ପୁରୀ ଜିଲା ଫୁଟ୍‌ଭଲି ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବେଳାଭୂମିରେ ରାଜ୍ୟସ୍ତରୀୟ ଫୁଟ୍‌ଭଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଏବଂ ସାମାଜିକ କର୍ମୀ ରାଜେଶ କୁମାର ପ୍ରଧାନ ଯୋଗଦେଇଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ପୁରୁଷ ବିଭାଗରେ ୧୦ଟି ଏବଂ ମହିଳା ବିଭାଗରେ ୪ଟି ଦଳ ଭାଗ ନେଇଥିଲେ। ଉଭୟ ପୁରୁଷ ଓ ମହିଳା ବିଭାଗରେ ଯାଜପୁର ଜିଲା ଚାମ୍ପିୟନ ହୋଇଥିଲା। ପୁରୁଷ ବିଭାଗରେ କନ୍ଧମାଳ ଜିଲା ଏବଂ ମହିଳା ବିଭାଗରେ ପୁରୀ ଜିଲା ଉପବିଜେତା ହୋଇଥିଲା। ସଂଘ ସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ରାଉତ, କ୍ରୀଡ଼ା ସଙ୍ଗଠକ ପ୍ରଦୀପ କୁମାର ରାଉତରାଏ, ଜାତୀୟ ସଂସଦର ଉପସଭାପତି ସହଦେବ ରାଉତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସବ୍ୟସାଚୀ ରଥ ମଞ୍ଚ ପରିଚାଳନା କରିଥିଲେ। ଅକ୍ଷୟ ବ୍ରହ୍ମା, ସନ୍ତୋଷ ପାତ୍ର, ଉପସଭାପତି ବିକାଶ ସେଠୀ ଓ ଉମାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚାନନ ବଳ, ସୁଦାମ ଚରଣ ମିଶ୍ର ଓ ରଶ୍ମିତା ମହାନ୍ତି ଖେଳ ପରିଚାଳନା କରିଥିଲେ।

# ସମସ୍ୟା ସମାଧାନ ପାଇଁ ଲୋକେ ଅଣ୍ଟା ଭିଡ଼ିବା ଦରକାର

ପୁରୀ ଅଫିସ, ୨୪।୧୦

ପୁରୀ ଜିଲାରେ ପାଣି ସମସ୍ୟା ଲାଗି ରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଲୋକେ ଏକାଠି ହୋଇ ଆଗେଇ ଆସିବା ସହ ସରକାରଙ୍କୁ ସହଯୋଗ କରି ପଦକ୍ଷେପ ନେବା ଆବଶ୍ୟକ ବୋଲି ପୁରୀ ଜିଲାସ୍ତରୀୟ କର୍ମଶାଳାରେ ମତ ପ୍ରକାଶ ପାଇଛି। ସାତପଡ଼ାରେ ପାଣି ସଙ୍ଗଠନର ବାର୍ଷିକ ଅଧିବେଶନ ଆୟୋଜିତ ହୋଇଯାଇଛି। ଏଥିରେ ଜିଲା ପାଣି ଲୋକ ମଞ୍ଚର ସଭାପତି ପ୍ରଦୀପ ବେହେରା ଅଧକ୍ଷତା କରିଥିଲେ। ଭୁବନେଶ୍ୱରସ୍ଥିତ ଆର୍‌ସିଜିସିର ଅଧିକାରୀ ତପନ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆବାହକ ଉମାକାନ୍ତ ମହାନ୍ତି, ସଂଯୋଜକ ରାଜ କିଶୋର ସ୍ୱାଇଁ ଏବଂ ସମ୍ପାଦକ ଅଶୋକ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ କହିଥିଲେ ଯେ, କଣାସ, କାକଟପୁର, କୃଷ୍ଣପ୍ରସାଦ, ଡେଲାଙ୍ଗ ଆଦି ବ୍ଲକ୍‌ରେ ପାଣି ସମସ୍ୟା ଉତ୍କଟ ହୋଇପଡୁଛି। ଏବେ ବି କଣାସ ବ୍ଲକ୍‌ର କେତେକ ଗାଁରେ ଲୋକେ ସ୍ୱଚ୍ଛ ପାନୀୟଜଳ ପାଉନାହାନ୍ତି। ଲୋକେ ନିଜ ସମସ୍ୟା ସମାଧାନ ପାଇଁ ନିଜେ ଅଣ୍ଟା ଭିଡ଼ିବା ଦରକାର। ଅନୁଷ୍ଠାନର ସମ୍ପାଦକ ଅଶୋକ ବେହେରା ଆଗାମୀ ଦିନରେ ଲୋକମଞ୍ଚ ମାଧ୍ୟମରେ ଲୋକେ ସରକାରଙ୍କ ସାମ୍ନାରେ ସମସ୍ୟା ଉପସ୍ଥାପନ କରିବେ ବୋଲି କହିଥିଲେ। ସଂଯୋଜକ ରାଜକିଶୋର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ବୈଠକରେ ସମସ୍ତ ବ୍ଲକ୍‌ର ପାଣି ସାଥି, ସଙ୍ଗଠକ ଓ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଶ୍ୱିନୀ ନାୟକ, ହୃଦାନନ୍ଦ ପ୍ରଧାନ ଏବଂ ପ୍ରଦୀପ କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

## ବୁଦ୍ଧଙ୍କ ନୀତି ଅନୁପାଳନ ଦ୍ୱାରା ଶାନ୍ତି ମିଳେ

ପୁରୀ ଅଫିସ, ୨୪।୧୦

ବୋଧିଚକ୍ରର ମାସିକ ଅଧିବେଶନ ବେଳାଭୂମି ତଟସ୍ଥ ପ୍ରଭୁକୃପା ବାଟିକା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଗିରିଜା ଶଙ୍କର ପାଢ଼ୀ ଅଧକ୍ଷତା କରିଥିଲେ। ସେ କହିଲେ ଯେ, ତଥାଗତ ବୁଦ୍ଧଙ୍କ ପ୍ରଦର୍ଶିତ ପଞ୍ଚଶୀଳ ନୀତି ଅନୁପାଳନ କଲେ ସାଧାରଣ ଗୃହୀ ମନୁଷ୍ୟ ଜୀବନରେ ଶାନ୍ତି ଲାଭ କରିଥାଏ। ପ୍ରାରମ୍ଭରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ଦୀପଧୂପ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ସମ୍ପାଦକ ରମାବଲ୍ଲଭ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚକ୍ରଧର ମହାପାତ୍ର ଯୋଗ ଦେଇ ବୌଦ୍ଧ ଦର୍ଶନରେ ସଂଘର ଭୂମିକା ସମ୍ପର୍କରେ ମତ ରଖି କହିଥିଲେ ଉତ୍ତମ ସମ୍ପର୍କ କରିବା କଳା ଓ କୌଶଳକୁ ଆପଣାଇ ପାରିଲେ ମନୁଷ୍ୟ ଖୁସିରେ ଜୀବନଯାପନ କରି ପାରିବ। ସମ୍ମାନିତ ଅତିଥି ଭାବେ ନାରୀ ସଙ୍ଗଠିକା ପ୍ରାନ୍ତସିନୀ ଯୋଗଦେଇ ଶୃଙ୍ଖଳିତ ଓ ସୁସଂହତ ଜୀବନଚର୍ଯ୍ୟା ମାଧ୍ୟମରେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଡ. ବଳରାମ ଦାଶ ଧର୍ମପଦ ଗ୍ରନ୍ଥରୁ କେତୋଟି ଗାଥା ପାଠ କରି ତାହାର ବିଶଦ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଜଗନ୍ନୃସିଂହ ମନ୍ଦିରର ସଂସ୍ଥାପକ ସାମାଜିକ କର୍ମୀ ଅମର ନାରାୟଣ ଗୁରୁ ରାମାୟଣ ପ୍ରଣେତା ବାଲ୍ମୀକିଙ୍କ ଜୀବନ ବୃତ୍ତାନ୍ତ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ର, ଅଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଦୟାନିଧି ପଣ୍ଡା, ଆଇନଜୀବୀ ରତିକାନ୍ତ ପ୍ରତିହାରୀ, ବାସୁଦେବ ସାହୁ, ଦୀପ୍ତି ମିଶ୍ର, ରଞ୍ଜିତା ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଯୁଗଳ କିଶୋର ମହାପାତ୍ର, ଅଧ୍ୟାପକ ଦେବରାଜ ପ୍ରଧାନ, ଡ. ସୁରେନ୍ଦ୍ର ନାରାୟଣ ପତି ଏବଂ ଦିବାକର ଦଳାଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ କୋଷାଧକ୍ଷ ସୁକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ବୁଲିଲେ ଐତିହ୍ୟସ୍ଥଳୀ



ବରିଷ୍ଠ ନାଗରିକମାନେ ପୁରୀର ଏକ ଐତିହ୍ୟସ୍ଥଳୀ ପରିଦର୍ଶନ କରୁଛନ୍ତି।

ପୁରୀ ଅଫିସ, ୨୪।୧୦

ପୁରୀ ସହରର ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକ ରବିବାର ବିଭିନ୍ନ ଐତିହ୍ୟସ୍ଥଳୀ ବୁଲି ଦେଖିଛନ୍ତି। ସକାଳେ ନୀଳାଦ୍ରି ବେଳାଭୂମିରୁ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ୨୦ଜଣ ଛାତ୍ରୀଛାତ୍ର ଐତିହାସିକ ଶଙ୍କରାଚାର୍ଯ୍ୟ ମଠ, ତୋଟା ଗୋପୀନାଥ, ବାଉଳି ମଠ, ବିଦୂର ମଠ ଆଦି ବୁଲି ଦେଖିବା ସହ ଏସବୁ ବିଷୟରେ ତଥ୍ୟ ଜାଣିବାକୁ ପାଇଥିଲେ। ସିଦ୍ଧାର୍ଥ ଆଚାର୍ଯ୍ୟ ଉକ୍ତ ସ୍ଥାନଗୁଡ଼ିକର ମାହାତ୍ମ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସେହିପରି ଜିଲା ପ୍ରଶାସନ, ଇନର ହୁଇଲ କ୍ଲବ ଏବଂ ଇକୋ ଟୁରିଜମ୍ ଫାଉଣ୍ଡେଶନ ପକ୍ଷରୁ ଆଭା ବରିଷ୍ଠ ନାଗରିକ ଆବାସର ୨୫ଜଣ ଅନ୍ତେବାସୀଙ୍କୁ ବଡ଼ ଓଡ଼ିଆ ମଠ, ଗଙ୍ଗାମାତା ମଠ, ଶଙ୍କରେଶ୍ୱର ଏବଂ ଓଁକାରେଶ୍ୱର ମନ୍ଦିର ପରିଦର୍ଶନରେ ନିଆଯାଇଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ୪ଟି ଗଲ୍ଫ କାର୍ଟର ବ୍ୟବସ୍ଥା କରାଯାଇଥିଲା। ପୁରୀର ଉନ୍ନତ ଓ ଐତିହ୍ୟପୂର୍ଣ୍ଣ ତଥା ସୁପ୍ତ ପ୍ରାୟ ପ୍ରାଚୀନ ପରମ୍ପରାର ଅନାଲୋଚିତ ଦିଗ ସମ୍ପର୍କରେ ଜିଜ୍ଞାସା ସୃଷ୍ଟି କରିବାକୁ ଜିଲାପାଳ ସମର୍ଥ ବର୍ମାଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଉକ୍ତ ହେରିଟେଜ ରାଇଡରେ ବିଭିନ୍ନ ବର୍ଗଙ୍କୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ସାମିଲ କରାଯାଉଛି। ଏହି ଅବସରରେ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ବଳଗଣ୍ଡି ହାଇସ୍କୁଲ ଶିକ୍ଷକ ମିନାକ୍ଷୀ ମିଶ୍ର, ଇକୋ ଟୁରିଜମ କ୍ଲବର ପ୍ରତିଷ୍ଠାତା ଯୁଗବ୍ରତ କର, ଶାନ୍ତି ରଞ୍ଜନ ମିଶ୍ର, ସୁଶାନ୍ତ ପାତ୍ର, ସତ୍ୟବ୍ରତ ସାହୁ, ଇନର ହୁଇଲ କ୍ଲବ କର୍ମକର୍ତ୍ତା ସୁଖଜିତ ସିଦ୍ଧୁ, ସରିତା ମିଶ୍ର, ଜ୍ୟୋତିର୍ମୟୀ ଦାଶ, ସୁଜାତା ପାତ୍ର, ମିନାକ୍ଷୀ ବାହିନୀପତି, ଗୀତା ଚୌଧୁରୀ ଏବଂ ଅଳକାନନ୍ଦ ପୁନମ୍ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଦେବାଶିଷ



@ ରେଖା



@ ଶ୍ରବଣ



@ ଇତିଶ୍ରୀ



@ ସୁଜୟ



@ ମୈତ୍ରୀ ରଞ୍ଜନ

# ସାହିତ୍ୟ ହିଁ ସମାଜର ହୃତ୍ପିଣ୍ଡ



କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

କଣାସ,୨୪।୧୦(ସ୍ୱ.ପ୍ର.)

ଦୟା ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଓ କବିତା ପାଠଉତ୍ସବ ରବିବାର କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି ଅଧକ୍ଷତା କରିଥିଲେ। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ମୁଖ୍ୟବକ୍ତା, ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ ପାଟ୍ଟଶାଣୀ, ଡ.ଅସିତ୍ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ମାତୃଭୂମି ଓ ମାତୃଭାଷା ଉପରେ ଆଲୋଚନା କରାଯାଇଥିଲା। ସାହିତ୍ୟ ବିଜ୍ଞାପନର ବସ୍ତୁ ନୁହେଁ, ସମାଜର ହୃତ୍ପିଣ୍ଡ ବୋଲି ମତପ୍ରକାଶ ପାଇଥିଲା। ସରୋଜିନୀ ଜେନା କବିତା ପାଠଉତ୍ସବରେ ସଂଯୋଜନା କରିଥିଲେ। ଅଧ୍ୟାପିକା ଆରତୀ ସେନ୍, ଅଧ୍ୟାପକ ଶରତ ରାଉତ, ଡ.ରଜନୀ ରଣସିଂହଙ୍କ ସମେତ ୧୦୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧ୍ୟାପକ ସୁନିଲ ମିଶ୍ର(ମୌତ୍ରୟ), ସରୋଜିନୀ ଜେନା, କାଶୀନାଥ ପାଣିଗ୍ରାହୀ, ସୁମନ୍ତ ମହାରଣା, ଅଧିକାରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସାରସ ପ୍ରାଣକୃଷ୍ଣ ସାହିତ୍ୟ ସମ୍ମାନ-୨୦୨୧ ସ୍ୱତନ୍ତ୍ର ଭାବେ ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳଙ୍କୁ ୫ହଜାର ଟଙ୍କା ସହିତ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନୀଳାଚଳ ସେବା ପ୍ରତିଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ଗଜେନ୍ଦ୍ରଙ୍କୁ ଭବ୍ୟ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୟା ସାହିତ୍ୟ ସଂସଦର ସମ୍ପାଦକ ଜିତେନ୍ଦ୍ର କୁମାର ପେଣ୍ଠୋ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଲାଲାଟ ନିଶଙ୍କ ଓ ତୁଷାର ସମ୍ପତ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାରୁ....

### ଚାକିରିରୁ ବିଦାହେଲେ...

ପ୍ରଥମ ପୃଷ୍ଠାରୁ....

ନିରୋଧ ଆଇନ୍‌ରେ ମାମଲା (ନଂ.୧୫୯/୦୫) ରହିଥିଲା। ୨୦୧୦ରେ ଖଣ୍ଡଗିରି ଥାନାରେ ଜମିଜମା ମାମଲା ହୋଇଥିବାବେଳେ ୨୦୧୨ରେ ଶହୀଦନଗର ଥାନାରେ ମାମଲା ନଂ.୨୩୮/୧୨ ଓ ୨୦୧୯ରେ ଏକ ଟ୍ରାକ୍ଟର ଚୋରି ନେଇ ଧଉଳି ଥାନାରେ ଆଉଏକ ମାମଲା ରହିଛି। ସେହିଭଳି ୨୦୧୮ରେ ପ୍ରସନ୍ନ କଟକରେ କାର୍ଯ୍ୟ କରୁଥିବାବେଳେ ଜଣେ ଆଇଜୀବୀଙ୍କୁ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ଓକିଲ ସଂଘ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏଥିପାଇଁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବା ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ମଧ୍ୟ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପ୍ରସନ୍ନଙ୍କ ଏପରି ଆପରାଧିକ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ବିବାଦମୁଣ୍ଡାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କେବଳ ନିଲମ୍ବିତ କରାଯାଉଥିବାରୁ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ବି ଉଠିଥିଲା।

### ବଢୁନି ବିଶ୍ୱବିଦ୍ୟାଳୟ...

ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, କାରଣ ସେମାନଙ୍କୁ ଗାଇଡ୍ କରିବା ପାଇଁ ପ୍ରକୃତ ଲୋକ ନାହାନ୍ତି। ଫଳରେ ବିଶ୍ୱବିଦ୍ୟାଳଗୁଡ଼ିକରେ ଗବେଷଣା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ ଯଥାଶୀଘ୍ର ସରକାର ଅବସର ବୟସକୁ ୬୦ରୁ ୬୫କୁ ବୃଦ୍ଧି କରିଲେ କେବଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନୁହେଁ, ସ୍କଲାରମାନେ ମଧ୍ୟ ବେଶ୍ ଉପକୃତ ହେବେ। ଏଥି ସହିତ ରାଜ୍ୟ ବି ଆଗକୁ ଯିବ। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ମୁଁ ବି ୬୦ ବର୍ଷରେ ଅବସର ନେଇଛି। ଏ ଦିଗରେ କୌଣସି ପଦକ୍ଷେପ ନେବା ପାଇଁ ମୋ ପାଖରେ କ୍ଷମତା ନାହିଁ। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ନେଇ ପଦକ୍ଷେପ ନେଇପାରିବେ। ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କୁ ମୁଁ ଲିଖିତ ନୁହେଁ, ମୌଖିକ ଭାବେ ସହଯୋଗ କରିପାରିବି ବୋଲି ଆଚାର୍ଯ୍ୟ କହିଛନ୍ତି।

### ରାଇବଣିଆ ଦୁର୍ଗ...

ଖନନରୁ ମିଳୁଛି। ଦୁର୍ଗ ମଧ୍ୟରେ ଥିବା ଗଡଚଣ୍ଡୀ କେବଳ ଦୁର୍ଗାପୂଜା ଓ ପଣାସଂକ୍ରାନ୍ତିରେ ପୂଜା ହୁଅନ୍ତି। ଏହାର ମଧ୍ୟସ୍ଥଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ କୋଣାର୍କ ମନ୍ଦିରର କୀର୍ତ୍ତି ଓ କଳାକାରିଗରୀ ସହିତ ରାଇବଣିଆଗଡର ଜଗନ୍ନାଥ ମନ୍ଦିର ସମ୍ପର୍କ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱବିତ ଅଶୋକ ମିତ୍ର ଏସିଆଟିକ ସୋସାଇଟିରୁ କିଛି ଅର୍ଥ ଆଣି ସେ ଏହାର ଖନନ ଓ ସର୍ଭେ ଆରମ୍ଭ କରୁଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଖନନ କାର୍ଯ୍ୟ ସେତିକିରେ ଅଟକିଯାଇଛି। ଅନ୍ୟ ଜଣେ ଗବେଷକ ସେନଗୁପ୍ତ ଏଠାକୁ ବିଭିନ୍ନ ସମୟରେ ଆସି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ତେବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୬୪) ଏହି ଦୁର୍ଗ ନିର୍ମାଣ କରିଥିବା ପ୍ରମାଣ ରହିଛି।

ଦୁର୍ଗ ଅଞ୍ଚଳରେ ପ୍ରାୟ ୫୦ଟି ଛୋଟବଡ ପୋଖରୀ ରହିଛି। ବିଭିନ୍ନ ସ୍ଥାନରେ ଥିବା ଉଚ୍ଚସ୍ଥାନକୁ ଖନନକଲେ ଏବେ ମଧ୍ୟ ଦୁର୍ଗର ଧ୍ୱଂସାବଶେଷ ବାହାରୁଛି। କିନ୍ତୁ ସରକାରଙ୍କ ଦ୍ୱାରା ଏସବୁର ଉଦ୍ଧାର, ସଂଗ୍ରହ କରାଯାଉନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଦେବୀପ୍ରସନ୍ନ ଚନ୍ଦ, ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ବିଧାନସଭା ଓ ସଂସଦରେ ଦାବି ଉପସ୍ଥାପନ କରିବା ପରେ ୨୦୧୪ ମସିହାରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ନେଇ ମନ୍ଦିର ପାଚେରି ନିର୍ମାଣ କରାଯାଇଥିଲେ ମଧ୍ୟ ଏବେ ତା'ର ସୁରକ୍ଷା ଜରୁରୀ ହୋଇପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଇବଣିଆଗଡକୁ ଯିବା ଲାଗି ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଫାଟକ ନିର୍ମାଣ ଲାଗି ୫୦ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ୨୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ଦୁର୍ଗର ବହୁ ଅଂଶ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ଏହାର ବିକାଶ ଲାଗି ଗୁରୁତ୍ୱ ଦେଲେ ରାଇବଣିଆ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ହୋଇପାରନ୍ତା ବୋଲି ରାଇବଣିଆଗଡ ସୁରକ୍ଷା କମିଟି ସମ୍ପାଦକ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର କହିଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ରାଇବଣିଆ ଦୁର୍ଗର ବିକାଶ ଲାଗି ଏକ ମାଷ୍ଟରପ୍ଲାନ ଆବଶ୍ୟକ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ଆସିଲେ ରୁର୍‌ବାନ ଯୋଜନାରେ ମିଳିବାକୁ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁର୍ଗର ବିକାଶ କରାଯାଇପାରିବ।

## ତାଲିମ, ସଚେତନତା କାର୍ଯ୍ୟକ୍ରମ

କାକଟପୁର,(ଡି.ଏନ୍.ଏ.): କାକଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଡିଓ ତୁଷାର ଜ୍ୟୋତି ରଞ୍ଜନଙ୍କ ଅଧ୍ୟକ୍ଷତାରେ ଏକ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଥକା ସରପଞ୍ଚ ଯୁଗଳ କିଶୋର ରାଉତ, କାକଟପୁର ସରପଞ୍ଚ ସୌଦାମିନୀ ବରାଳ, କାଦୁଆ ନୂଆଗାଁ ସରପଞ୍ଚଙ୍କ ପ୍ରତିନିଧି କୈଳାସ ଲେଙ୍କାଙ୍କ ସମେତ ୧୬ ପଞ୍ଚାୟତର ସରପଞ୍ଚ, ନୋମିନି, ୱାର୍ଡମେମ୍ବର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ନିହାଡିର ସମ୍ପାଦକ ଭକ୍ତବିହାରୀ ମିଶ୍ର ୨୦୨୪ ସୁଦ୍ଧା ପ୍ରତି ପରିବାରକୁ ବିଶୁଦ୍ଧ ଜଳଯୋଗାଣ ଉପରେ ଆଲୋକପାତ କରିଥିଲେ। ସିଇଡିର ଜିଲା ସଂଯୋଜକ ନିଶ୍ଚିତ ସାହୁ, ବ୍ଲକ ଜଳ ଜୀବିକା ମିଶନର ସଂଯୋଜକ ଦିବାକର ନାୟକ, ଶଶି ଶେଖର ଦାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଛାତ୍ରଙ୍କ ଜୀବନ ନେଲା ପାରିବାରିକ ଅଶାନ୍ତି

ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୪।୧୦ (ଡି.ଏନ୍.ଏ.)

**ବିନ୍ଦୁସାଗରରୁ ମିଳିଲା ମୃତଦେହ**

- ଆତ୍ମହତ୍ୟା କରିଥିବା ସନ୍ଦେହ କରୁଛି ପୋଲିସ
- ମାଆଙ୍କୁ କଲ୍, ସାଙ୍ଗସାଥୀଙ୍କୁ ଇନ୍‌ଷ୍ଟାଗ୍ରାମରେ ଜଣାଇଥିଲେ





ମୃତ ସାଇଶ୍ରୀ ଜ୍ୟୋତି ପ୍ରକାଶ (ଉପର)। ଅଗ୍ନିଶମ କର୍ମଚାରୀମାନେ ମୃତଦେହ ଉଦ୍ଧାର କରୁଛନ୍ତି।

ପିଲାଟି ଦିନରୁ ମେଧାବୀ ଥିଲେ। ଭବିଷ୍ୟତକୁ ନେଇ ମଧ୍ୟ ବଡ଼ ସ୍ୱପ୍ନ ଦେଖୁଥିଲେ। ସେଥିପାଇଁ ସ୍କୁଲ୍ ପାଠପଢ଼ା ପରେ ଭୁବନେଶ୍ୱର ଚାଲିଆସି ବିଟେକ୍ ପଢୁଥିଲେ। ହେଲେ ପାରିବାରିକ ଅଶାନ୍ତି ସବୁ ସ୍ୱପ୍ନ ଓ ଭବିଷ୍ୟତକୁ ବିଗାଡିଦେଲା। କଅଁଳ ମନରେ ନିଷ୍ଠୁର ନିଷ୍ପତ୍ତି ବସାବାନ୍ଧିଲା। ଶେଷରେ ବିନ୍ଦୁସାଗରରୁ ସମ୍ପୃକ୍ତ ଛାତ୍ରଙ୍କ ମୃତଦେହ ମିଳିବା ପରେ ଏବେ ଏଭଳି ଲୋମଟାଙ୍କୁରା ଘଟଣା ପଦାକୁ ଆସିଛି। ଶନିବାର ଶ୍ରୀଲିଙ୍ଗରାଜ ଥାନା ପୋଲିସ ପୋଖରୀ କୂଳରୁ ତାଙ୍କ ସ୍କୁଟି, ଚପଲ ଓ ଅନ୍ୟକିଛି ସାମଗ୍ରୀ ପାଇଥିବାବେଳେ ରବିବାର ପାଣିରୁ ମୃତଦେହକୁ ଜବତ କରିଛି। ମୃତ ଛାତ୍ରଜଣକ ହେଲେ ପୁରୀ ଜିଲା ସାତଶଙ୍ଖ ଅଞ୍ଚଳର ସାଇଶ୍ରୀ ଜ୍ୟୋତି ପ୍ରକାଶ(୨୦)। ସେ ସାମନ୍ତରାପୁର ଦିବ୍ୟ ବିହାରରେ ମାଆଙ୍କ ସହ ରହି ଚନ୍ଦ୍ରଶେଖରପୁରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଦ୍ୱିତୀୟ ବର୍ଷରେ ପଢୁଥିଲେ। ତେବେ ପାରିବାରିକ ଓ ଆର୍ଥିକ ସମସ୍ୟା କାରଣରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସୂଚନା ଦେଇଛି। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ପାରିବାରିକ ଅଶାନ୍ତି ଏକ କଅଁଳ ମନକୁ କିପରି ଛାରଖାର କରିଦିଏ ତାହା ସାଇଶ୍ରୀଙ୍କ ମୃତ୍ୟୁରୁ ସ୍ପଷ୍ଟ ବାରି ହୋଇପଡୁଛି। କ୍ୟାପିଟାଲ ହସ୍ପିଟାଲରେ ସାଇଶ୍ରୀଙ୍କ ମୃତଦେହକୁ ଦେଖି ସାଙ୍ଗମାନେ ଦୁଃଖରେ ଭାଙ୍ଗିପଡିଥିବାବେଳେ ତାଙ୍କ ବାପା, ମାଆ ଓ ସମ୍ପର୍କୀୟଙ୍କ ମଧ୍ୟରେ ଆରୋପପ୍ରତ୍ୟାରୋପ ଭିନ୍ନ କଥା କହୁଥିଲା।

ପୋଲିସ ସୂଚନା ମୁତାବକ, ସାଇଶ୍ରୀଙ୍କ ବାପା ପିତବାସ ନନ୍ଦ ରେଲ୍‌ୱେରେ ଚାକିରି କରନ୍ତି। ପୁଅ ସାଇଶ୍ରୀ ପିଲାଟି ଦିନରୁ ଭଲ ପଢୁଥିବାରୁ ମାଆ ଝୁନୁବାଳା ନନ୍ଦ ବି ତାଙ୍କ ପାଇଁ ସବୁକିଛି କରିଛନ୍ତି। ହେଲେ ଗତ ଦେଢବର୍ଷ ତଳେ ଉଭୟ ମାତାପିତାଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ସ୍ୱାମୀଙ୍କ ବିରୋଧରେ ସ୍ତ୍ରୀ ଅଭିଯୋଗ ବି ଆଣିଥିଲେ। ସାଇଶ୍ରୀଙ୍କର ଭଲ ମାର୍କ ଥିବାରୁ ତାଙ୍କର ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜରେ ନାମଲେଖାକୁ ଚୟନ ହୋଇଥିଲା। ହେଲେ ଆର୍ଥିକ ସମସ୍ୟା ଯୋଗୁ ସେ ଅନ୍ୟଏକ ଘରୋଇ କଲେଜରେ ନାମ ଲେଖାଇବା ସହ ମାଆଙ୍କ ସହ ସାମନ୍ତରାପୁରରେ ରହୁଥିଲେ। ମାଆବାପାଙ୍କ ସମ୍ପର୍କ ଓ ଅର୍ଥ ସମସ୍ୟାକୁ ନେଇ ସେ ସବୁବେଳେ ଚିନ୍ତାରେ ଥିଲେ। ଶନିବାର ରାତିରେ ପ୍ରଥମେ ସାଇଶ୍ରୀ ତାଙ୍କ ମାଆଙ୍କୁ ଶେଷଥର ଫୋନ୍ କରି ବାଏ ବୋଲି କହିଥିଲେ। ଏହାର କିଛି ସମୟ ପରେ ଇନ୍‌ଷ୍ଟାଗ୍ରାମରେ ଏକ ସୁଇସାଇଡାଲ ମେସେଜ ପୋଷ୍ଟ କରିଥିଲେ। ଉକ୍ତ ମେସେଜ ଦେଖିବା ପରେ ସାଇଶ୍ରୀଙ୍କ ସାଙ୍ଗମାନେ ପରିବାର ଲୋକଙ୍କ ସମେତ ପୋଲିସକୁ ଜଣାଇବା ସହ ଖୋଜାଖୋଜି କରିଥିଲେ। ବିନ୍ଦୁ ସାଗର କୂଳରେ ସାଇଶ୍ରୀଙ୍କ ସ୍କୁଟି ଦେଖିବାକୁ ମିଳିଥିଲା। ଅଗ୍ନିଶମ ବିଭାଗ ଓ ପୋଲିସ କର୍ମଚାରୀ ରାତିରେ ସର୍ଚ୍ଚ ଅପରେଶନ କରିବା ପରେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ରବିବାର ସକାଳ ୮ଟାରେ ପୁଣି ଅଗ୍ନିଶମ କର୍ମଚାରୀ, ସ୍କୁଭା ଡ୍ରାଇଭର ଓ ପ୍ରଦୀପ ସେବା ଟ୍ରଷ୍ଟର କର୍ମକର୍ତ୍ତା ବିନ୍ଦୁ ସାଗରରେ ଖୋଜାଖୋଜି ଆରମ୍ଭ କରିଥିଲେ। ଚପଲ, ସ୍କୁଟି ଥିବା ସ୍ଥାନ ପାଖରେ ପାଣି ଭିତରୁ ସାଇଶ୍ରୀଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଏକ ଅପମୃତ୍ୟୁ ମାମଲା(ନଂ.୪୧/୨୧) ରୁଜୁ କରିଛି। ସାଇଶ୍ରୀ ଇନଷ୍ଟାଗ୍ରାମ ପୋଷ୍ଟରେ କାହାକୁ ଦାୟୀ କରି ନାହାନ୍ତି। ତେବେ ଏନେଇ ତାଙ୍କ ବାପା ଓ ମାଆଙ୍କ ବୟାନ ନିଆଯାଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

## 'ଅମାନୁଷିକ ପୃଥିବୀରେ ବଞ୍ଚିବା କଷ୍ଟକର'




ନିଜର କଷ୍ଟ ଦାୟକ ଜୀବନ ବିଷୟରେ ସାଇଶ୍ରୀ ଶେଷ ଇନଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, ପୃଥିବୀ ମତେ ଅମାନୁଷିକ ଲାଗେ। ମୋର ଏହି ଜୀବନ ସବୁଠାରୁ ଅତି କଷ୍ଟକର। ମୁଁ ବଞ୍ଚିବାକୁ ଚାହୁଁନାହିଁ। ମୋର ଶରୀରକୁ ମାରିଦେବାକୁ ଚାହୁଁଛି। ମୁଁ ବହୁତ ଦିନହେଲା ମୋ ଜୀବନ ଶେଷ କରିଦେବାକୁ ଚାହୁଁଥିଲି। କିନ୍ତୁ କିଛି ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ଦ୍ୱାରା ମୋତେ ଆଶ୍ୱାସନା ମିଳିଯାଉଥିଲା। ହେଲେ ଆଉ ସେ ସମୟ ବେଶିଦିନ ରହିଲା ନାହିଁ, ଯାହାର ଶେଷ ମୁହୂର୍ତ୍ତ ଆସିଛି। ଆଉ ମୋର ମଧ୍ୟ ଶେଷ ସମୟ ଆସିଯାଇଛି। ଆଉଶେଷ ଦିନରେ ମୁଁ ସମସ୍ତଙ୍କୁ ଗୁଡ୍‌ବାଏ କହୁଛି। ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ମୁ ହସି ହସି ମରୁଛି। ମୋର ପ୍ରତି ମୁହୂର୍ତ୍ତରେ ଥିବାସ୍ମୃତିଗୁଡିକୁ ମୁଁ ଶେୟାର କରୁଛି।

## ଫି' ଦେଇ ନ ପାରିବାରୁ ବିଦା କରିଥିଲା କଲେଜ

ବାପା ଆବଶ୍ୟକ ଟଙ୍କା ଦେଉ ନ ଥିବାରୁ ପୁଅର ପାଠପଢ଼ା, କଲେଜ ଫି' ସହ ଘର ଭଡା ଦେବା କଷ୍ଟର ହୋଇପଡିଥିଲା। କଲେଜ ଫି' ଦେଇ ନ ପାରିବାରୁ ଟିସି ନେବାକୁ ପଡିଥିଲା। ଏସବୁକୁ ନେଇ ସବୁବେଳେ ମାନସିକ ଦୁଶ୍ଚିନ୍ତା ଭିତରେ ରହୁଥିବା ସାଇଶ୍ରୀ ଶେଷରେ ଆତ୍ମହତ୍ୟାର ଚରମ ପଦକ୍ଷେପ ବାଛିବାକୁ ବାଧ୍ୟ ହୋଇଥିବା ମା ଓ ସମ୍ପର୍କୀୟ କହିଛନ୍ତି। ହେଲେ ବାପା ପିତବାସ ଏହାକୁ ଖଣ୍ଡନ କରି କହିଛନ୍ତି, ପୁଅକୁ କେବେ ହେଲେ ଅବହେଳା କରିନାହାନ୍ତି। ଗତ ଦେଢବର୍ଷ ତଳେ ପୁଅର ପାଠପଢା ପାଇଁ ସ୍ତ୍ରୀଙ୍କୁ ୮ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ସ୍ତ୍ରୀ ପୁଅକୁ ସାଙ୍ଗରେ ଧରି ଘର ଛାଡି ଅନ୍ୟତ୍ର ରହିଥିଲେ। ଅନେକଥର ଶ୍ୱଶୁର ଘରକୁ ଯାଇଥିଲେ ମଧ୍ୟ ତାଙ୍କୁ ସ୍ତ୍ରୀ ଓ ପୁଅଙ୍କୁ ଭେଟିବାକୁ ସୁଯୋଗ ମିଳି ନ ଥିଲା। ଶେଷରେ ତାଙ୍କୁ ବଦନାମ କରିବା ନେଇ ପରକୀୟା ପ୍ରୀତି ଅଭିଯୋଗ ଅଣାଯାଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଶିଶୁଙ୍କ ସୁରକ୍ଷା, ଅଧିକାର ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୪।୧୦:** ପୁରୀ ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ରବିବାର ସାକ୍ଷୀଗୋପାଳସ୍ଥିତ ବଳପୁର ଗ୍ରାମ ଓ ଉତ୍କଳ ବାଳାଶ୍ରମରେ ଜାତିସଂଘ ଦିବସ ପାଳିତ ହୋଇଯାଇଛି। ବଳପୁର ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ପାନେଲ୍ ଲୟର ଶୁଭ୍ରାନ୍ତ କୁମାର ମିଶ୍ର, ଆଇନ୍‌ଜୀବୀ ଉପେନ୍ଦ୍ର ବିଶ୍ୱାଳ, ସରପଞ୍ଚ ତ୍ରିନାଥ ମହାପାତ୍ର ଏବଂ ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ଦାଶ ଯୋଗଦେଇଥିଲେ। ସେହିପରି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କ ମଧ୍ୟରେ ବିଶ୍ୱ ଶାନ୍ତି ଶୀର୍ଷକ ଚିତ୍ରାଙ୍କନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଜିଲା ଓ ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସନ୍ତୋଷ କୁମାର ଜେନା ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ୧୯୪୫ ମସିହା ଅକ୍ଟୋବର ୨୪ରେ ଜାତିସଂଘର ଜନ୍ମ ହୋଇଥିଲା। ହିଂସା, ଦ୍ୱେଷ, ଅରାଜକତା, ଆତଙ୍କବାଦ ଦୂର କରିବା ଏହାର ମୂଳ ଲକ୍ଷ୍ୟ। ଜାତିସଂଘରେ ୧୯୩ ଦେଶ ସଦସ୍ୟ ଅଛନ୍ତି। ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ଯୋଗଦେଇ ଶିଶୁଙ୍କ ଅଧିକାର ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶକ୍ତିପଦ ମିଶ୍ର ଏବଂ ଲିଗାଲ୍ ପ୍ରୋବେସନ୍ ଅଫିସର ସନ୍ତୋଷ କୁମାର ସାହୁ ଶିଶୁ ଅଧିକାର ବିଷୟରେ ବୁଝାଇଥିଲେ। ୭୫ବର୍ଷ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରାଧିକରଣ ପକ୍ଷରୁ ଆଇନ୍ ସଚେତନତା କରାଯାଉଛି।

### 'ଗରିବର ସାଥୀ' ସଙ୍ଗଠନ ବାର୍ଷିକୋତ୍ସବ

**ସାକ୍ଷୀଗୋପାଳ,୨୪।୧୦(ଡି.ଏନ୍.ଏ.):** ଗରିବର ସାଥୀ ସ୍ୱେଚ୍ଛାସେବୀ ସଙ୍ଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ବକୁଳବନ ମୁକ୍ତ ପ୍ରେକ୍ଷାଳୟରେ ରବିବାର ପାଳିତ ହୋଇଯାଇଛି। ପ୍ରାକୃତିକ ବିପତ୍ତି ଠାରୁ ରୋଗଶଯ୍ୟାରେ ପଡ଼ିଥିବା ଗରିବ ଲୋକଙ୍କ ଆବଶ୍ୟକତା ସମୟରେ ସାହା ହୋଇଛନ୍ତି ଗରିବର ସାଥୀ ସଙ୍ଗଠନର କର୍ମକର୍ତ୍ତା। ସ୍ୱଚ୍ଛ ଶ୍ରମଦାନ ସେମାନଙ୍କୁ ସାର୍ଥକତା ଆଣିଦେବ ବୋଲି ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ.ସିଦ୍ଧାର୍ଥ ସାହୁ ଯୋଗଦେଇ ଏହା କହିଛନ୍ତି। ଅତିଥିଭାବେ ଡ. ସୁନିଲ ତରାଇ, ପୁରୀ ସାହିଭାଇ ଅନୁଷ୍ଠାନର ଜଗବନ୍ଧୁ ମହାରଣା, ଏସ୍‌ଆଇ ବିଧାନ ଚନ୍ଦ୍ର ସାହୁ, ଡ.ପ୍ରୀତମ ବାଗ, ସଙ୍ଗୀତଜ୍ଞ ଜୟଶ୍ରୀ ଧଳ, ସୁନିଲ ପଣ୍ଡା, ବିଜୟ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନୟନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱଜିତ୍ ପରିଡା ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନ ସଭାପତି ସନ୍ଦୀପ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଆଜିଠାରୁ ରାଜ୍ୟସ୍ତରୀୟ ବିଚ୍ କୁସ୍ତି

**ପୁରୀ ଅଫିସ,୨୪।୧୦:** ପୁରୀ ନୀଳାଦ୍ରି ବେଳାଭୂମିରେ ୨୫ ଓ ୨୬ତାରିଖ (ସୋମବାର ଓ ମଙ୍ଗଳବାର) ଦୁଇଦିନ ଧରି ରାଜ୍ୟସ୍ତରୀୟ ବିଚ୍ କୁସ୍ତି ଚାମ୍ପିୟନଶିପ୍ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପୁରୀ ଜିଲା ପ୍ରଶାସନ, ଜିଲା କ୍ରୀଡ଼ା ସଂସଦ, ଓଡ଼ିଶା କୁସ୍ତି ସଂଘ ଏବଂ ଜାଗା ଆଖଡ଼ାର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେବ ବୋଲି ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଇଁ କହିଛନ୍ତି ଯେ, ଉଭୟ ବାଳକ ଓ ବାଳିକାମାନେ ତିନୋଟି ବର୍ଗରେ ଭାଗ ନେବେ। ୧୨ରୁ ୧୫ ବୟସ ସୀମା ମଧ୍ୟରେ ଥିବା ଖେଳାଳିମାନଙ୍କୁ ୩୫ରୁ ୪୦, ୪୦ରୁ ୪୫ ଏବଂ ୪୫ରୁ ୫୦ ବର୍ଗ କେଜି ଓଜନ ଶ୍ରେଣୀରେ ଭାଗ ନେବାକୁ ସୁଯୋଗ ମିଳିବ। ସେହିଭଳି ୧୬ରୁ ୧୮ ବର୍ଷ ବୟସ ସୀମା ମଧ୍ୟରେ କ୍ରୀଡ଼ାବିତ୍ ୫୦ରୁ ୫୫, ୫୫ରୁ ୬୦ ଏବଂ ୬୦ରୁ ୬୫ କେଜି ବର୍ଗରେ ଖେଳିପାରିବେ। ୧୯ ବର୍ଷ ଓ ତା'ଠାରୁ ଉର୍ଦ୍ଧ୍ୱ ବୟସର ଖେଳାଳିଙ୍କ ମଧ୍ୟରେ ପୁରୁଷମାନେ ୫୫ରୁ ୬୦, ୬୦ରୁ ୬୫, ୬୫ରୁ ୭୫ ଏବଂ ୭୫ରୁ ୮୫ ବର୍ଗରେ କୁସ୍ତି ଲଢ଼ିବେ। ସେହିପରି ମହିଳାମାନେ ୫୦ରୁ ୫୫, ୫୫ରୁ ୬୦, ୬୦ରୁ ୬୫ ଏବଂ ୬୫ରୁ ୭୦ କେଜି ବର୍ଗରେ ଭାଗ ନେବେ। ପ୍ରତ୍ୟେକ ବିଭାଗର ବିଜେତାଙ୍କୁ ୫ ହଜାର ଓ ରନର୍ସ ଅପ୍‌ଙ୍କୁ ୩ ହଜାର ଟଙ୍କା ପୁରସ୍କାର ରାଶି ସହ ସ୍ପୋର୍ଟ୍ସ କିଟ୍ ପ୍ରଦାନ କରାଯିବ। ମ୍ୟାଚ ପରିଚାଳନା ପାଇଁ ୩୦ ଜଣ ଅଫିସିଆଲ୍ ଏବଂ ୨୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ସହ ପୁରୀ ପାରମ୍ପରିକ କ୍ରୀଡ଼ାର ସାମୂହିକ ବିକାଶ କରିବା ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ବୋଲି ସ୍ୱାଇଁ କହିଛନ୍ତି।

## ଆଇନସେବା ସଚେତନତା ଶିବିର

ସାକ୍ଷୀଗୋପାଳ,୨୪।୧୦(ଡି.ଏନ୍.ଏ.)

ପଶ୍ଚିମ ସତ୍ୟବାଦୀ ବ୍ଲକ ବଳପୁର ପଞ୍ଚାୟତରେ ରବିବାର ମାଗଣା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ମହିଳାମାନେ ସଚେତନ ହେଲେ ସରକାରଙ୍କ ଏହି କାର୍ଯ୍ୟକ୍ରମ ସଫଳ ହେବ ବୋଲି ସଚିବ ମହାପାତ୍ର କହିଥିଲେ। ସେହିପରି ବରିଷ୍ଠ ନାଗରିକ, ଶିଶୁ, ଅସହାୟ, ଦଙ୍ଗା ପ୍ରପୀଡ଼ିତ, ମାନସିକ ଅନଗ୍ରସର ମାଗଣାରେ ଆଇନ ସେବା ସହାୟତା ପାଇଁ ହକଦାର ବୋଲି କହିଥିଲେ। ସତ୍ୟବାଦୀ ବ୍ଲକରେ ଖୋଲିଥିବା ଗ୍ରାମୀଣ ଆଇନ ସହାୟତା କେନ୍ଦ୍ର ଜରିଆରେ ଗ୍ରାମାଞ୍ଚଳର ସମସ୍ତ ଆଇନ ସହାୟତାର ପ୍ରାରମ୍ଭିକ ସୁବିଧା ରହିଛି ବୋଲି ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ କହିଥିଲେ। ପ୍ରତ୍ୟେକ ବୁଧବାର ଆଇନ ସହାୟତା କେନ୍ଦ୍ର ବ୍ଲକ ପରିସରରେ ଖୋଲା ରହୁଥିବା କହିଥିଲେ। ଅତିଥିଭାବେ ଲକ୍ଷ୍ମୀପ୍ରିୟା ଦାଶ, ସରପଞ୍ଚ ତ୍ରିନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସୁଭ୍ରାନ୍ତ ମିଶ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ମଣିପୁର ହରିଣ ଶାବକ ଜନ୍ମ

ବାରଙ୍ଗ,୨୪।୧୦(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନର ୩୬ବି ଏନ୍‌କ୍ଲୋଜରରେ ରହୁଥିବା ମଣିପୁର ହରିଣ ରବିବାର ସକାଳେ ଏକ ଶାବକକୁ ଜନ୍ମ ଦେଇଛି। ଉଭୟ ମା' ଓ ଛୁଆ ସୁସ୍ଥ ଥିବା ଜଣାପଡ଼ିଛି। ଏହି ଶାବକ ଜନ୍ମ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୯ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ଅଣ୍ଡିରା, ୬ମାଈ, ୨ଟିର ଲିଙ୍ଗ ନିରୂପଣ ହେଇପାରି ନ ଥିବା ଜଣାପଡିଛି।

## କୁମାର ଉତ୍ସବରେ ମନମୋହିଲା ନାଚ, ଗୀତ



କୋଣାର୍କ ନାଟ୍ୟ ମଣ୍ଡପରେ କୁମାର ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

କୋଣାର୍କ,୨୪।୧୦(ଡି.ଏନ୍.ଏ.)

କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ କୋଭିଡ୍ କଟକଣା ମଧ୍ୟରେ କୁମାର ଉତ୍ସବ-୨୦୨୧ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟମଣ୍ଡପର କାର୍ଯ୍ୟକାରୀ ସଭାପତି ଡ.ରମଣୀ ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ସ୍ୱର୍ଗତା ରୁକ୍ମିଣୀ ଦେବୀ ଓ ପଦ୍ମବିଭୂଷଣ ସ୍ୱର୍ଗତ ଗୁରୁ ରଘୁନାଥ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚଉରା ବନ୍ଦନା, ଜହ୍ନରାତି ଓ ସୁନ୍ଦର ମୋ ଜନ୍ମଭୂମି ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ପରେ ପରିବେଷିତ ଓଡ଼ିଶୀ ମଙ୍ଗଳାଚରଣ, ବସନ୍ତ ପଲ୍ଲବୀ ଓ ନବଦୁର୍ଗା ନାଟ୍ୟମଣ୍ଡପ ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଶେଷରେ ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ଲିଙ୍ଗରାଜ ସ୍ୱାଇଁ, ନୟନୀ ନାୟକ ଓ କୁମାର ଟୁବୁଲାଙ୍କ ନିର୍ଦ୍ଦେଶନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶୀ ନୃତ୍ୟ ତଥା ଉଦ୍‌ଘୋଷିକା ସିନ୍ଧୁ ବ୍ରାଉନଙ୍କ ଦ୍ୱାରା ରଚିତ ପିଲାମାନଙ୍କ ଶିକ୍ଷା ଉପାଦେୟତା ସମ୍ବନ୍ଧୀୟ ପୁସ୍ତକର ଉନ୍ମୋଚନ ହୋଇଥିଲା। ନାଟ୍ୟ ମଣ୍ଡପର ଯୁଗ୍ମସମ୍ପାଦକ ଗୁରୁପଦ ବଳିୟାର ସିଂ, ସମ୍ପାଦକ ଶିବାଶିଷ ପ୍ରଧାନ, ଉପସଭାପତି ପ୍ରସନ୍ନ ବେଉରିଆ, ବରିଷ୍ଠ ଗୁରୁ ଜୟକୃଷ୍ଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଶ୍ୱଜିତ୍ ବଳିୟାର ସିଂ ସଂଯୋଜନା କରିଥିଲେ।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ

**ଭୁଜାଲି, ଲୁହାରଡ୍ ବାଇକ ଜବତ**

ପୁରୀ ଅଫିସ, ୨୪।୧୦

ଚନ୍ଦନପୁର ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିବା ସହ ଏହି ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମ ବଲ୍ଲଭ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓରଫ ପୁନିଆ, ଦଣ୍ଡାର ମିଥୁନ ପ୍ରଧାନ, ତଳଜଂଘ ଡିହସାହିର ଟୁଟୁ ସ୍ୱାଇଁ ଓରଫ ଟିଟୁ ଏବଂ ସମଜାଜପୁରର ଶଙ୍କର ମଲ୍ଲିକ। ଏମାନଙ୍କଠାରୁ ପୋଲିସ ଗୋଟିଏ ଭୁଜାଲି, ୨ଟି ଲୁହାରଡ୍ ଏବଂ ଏକ ନମ୍ବରବିହୀନ ବାଇକ ଜବତ କରିଛି। ଏ ନେଇ କେସ୍ ନଂ ୩୪୦/୨୧ ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ କେତେଜଣ ଅସାମାଜିକ ଯୁବକ ସମଯାଜପୁର ବ୍ରିଜ ନିକଟରେ ଏକାଠି ହୋଇ ମାରଣାସ୍ତ୍ର ଧରି ଉକ୍ତ ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଚନ୍ଦନପୁର ଥାନା ପୋଲିସ କୌଣସି ସୂତ୍ରରୁ ଏହି ଖବର ପାଇ ଉକ୍ତ ଅଞ୍ଚଳରେ ଚଢାଉ କରିଥିଲା। ଚଢାଉ ସମୟରେ ଘଟଣାସ୍ଥଳରୁ ୪ଜଣ ଅଭିଯୁକ୍ତଙ୍କୁ ମାରଣାସ୍ତ୍ର ସହ ଗିରଫ କରାଯାଇଥିଲା। ତେବେ ଅନ୍ୟ ଜଣେ ଅଭିଯୁକ୍ତ ବୀର ହରେକୃଷ୍ଣପୁର ବସ୍ତିଆ ସାହିର ବୁରୁଣ୍ଡି ବସ୍ତିଆ ଖସିଯାଇଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାବେଳେ ସେମାନେ ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ।

## କ୍ଲଷ୍ଟରସ୍ତରୀୟ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର

କୃଷ୍ଣପ୍ରସାଦ,୨୪।୧୦(ଡି.ଏନ୍.ଏ.)

କନ୍ଦାଖାଇ ମହାବିଦ୍ୟାଳୟ ଯୁବ ରେଡକ୍ରସ ଦ୍ୱାରା କ୍ଲଷ୍ଟର ସ୍ତରୀୟ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରେଡକ୍ରସ ସୋସାଇଟିର ୟୁଥ ରେଡକ୍ରସ ଅଫିସର ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ କଲେଜ ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପୁରୀ ଜିଲା ୟୁଥ ରେଡକ୍ରସ ସଂଯୋଜକ ରବୀନ୍ଦ୍ର ସାହୁ, କମଳ ଦାଶ ଅତିଥିଭାବେ ଯୋଗଦେଇ ସଡ଼କ ସୁରକ୍ଷା ଓ ପ୍ରାଥମିକ ଚିକିତ୍ସା ଦିଗରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି ଶିବିର ପରିଚାଳନା କରିଥିଲେ।

# 'ଆମ ଲଢ଼େଇ କ୍ଷମତା ପାଇଁ ନୁହେଁ'

ପୁରୀ ଅଫିସ, ୨୪।୧୦



ସମାବେଶରେ କର୍ମକର୍ତ୍ତାମାନେ ଦଳୀୟ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

**ଓଡ଼ିଶା ପ୍ରଗତି ଦଳର ଜିଲାସ୍ତରୀୟ ସମାବେଶ**

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଗତି ଦଳ ପକ୍ଷରୁ ରବିବାର ଅନ୍ନପୂର୍ଣ୍ଣ ରଙ୍ଗମଞ୍ଚ ପରିସରରେ ପୁରୀ ଜିଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିକୁ ସମାଲୋଚନା କରାଯାଇଛି। ଜିଲା ସଭାପତି ମୋହନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି ସମାବେଶରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଦଳ ପକ୍ଷରୁ ଇସ୍ତାହାର ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଗତି ଦଳର ରାଜ୍ୟ ସଭାପତି ଜନ୍ମେଜୟ ରୋହିଦାସ ଯୋଗଦେଇ କହିଥିଲେ, ଆମ ଲଢ଼େଇ କ୍ଷମତା ପାଇଁ ନୁହେଁ। ଓଡ଼ିଶାରେ ପ୍ରକୃତ ଗଣତନ୍ତ୍ର ପ୍ରତିଷ୍ଠା କରିବା ଆମର ଲକ୍ଷ୍ୟ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ଏହି ଆଞ୍ଚଳିକ ଦଳ ଗଠନ ହୋଇଛି। ସାଧାରଣ ଜନତାଙ୍କୁ ସବୁ କ୍ଷେତ୍ରରେ ନ୍ୟାୟ ଦେବା ସହ ଓଡିଶାକୁ ସମୃଦ୍ଧ କରିବା ଲାଗି ଦଳ କାର୍ଯ୍ୟ କରିବ। ଏହି ଅବସରରେ ପୁରୀ ପୌରସଂସ୍ଥାର ସ୍ୱଚ୍ଛସାଥୀମାନଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦଳର କାର୍ଯ୍ୟକାରୀ ସଭାପତି ଗିରିଜା ମହାନ୍ତି, ରାଜ୍ୟ ମୁଖ୍ୟ ପର୍ଯ୍ୟବେକ୍ଷକ ଦିବ୍ୟରଞ୍ଜନ ସ୍ୱାଇଁ, ରମେଶ ସାହୁ, ସୋମନାଥ ମହାନ୍ତି, ଫରିଦ ଖାନ୍, ଉମାରାଣୀ ପଣ୍ଡା, ଲାଲା ଅନନ୍ତ ସିଂହ, ସୁବ୍ରତ ବେଉରା, ତରୁଣ ପତି, ସେକ୍ ନିଜାମ, ବଟକୃଷ୍ଣ ଭୋଇ, ଜନକ ଜେନା, ଗିରିଜା ଶଙ୍କର ମହାନ୍ତି, ଶୁଭକାନ୍ତ ସ୍ୱାଇଁ, ସୁମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଦଳର ଜିଲା ସଭାପତି ମୋହନ ପରିଡ଼ାଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମମିତା ମେହେରଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଦୀପ ପ୍ରଜ୍ୱଳନ ସହ ଦୋଷୀଙ୍କ ବିରୋଧରେ ଦଣ୍ଡ ବିଧାନ କରାଯିବାକୁ ଦାବି କରାଯାଇଥିଲା।

ଧରିତ୍ରୀ DHARITRI
Wants aggressive and result oriented
MARKETING EXECUTIVES
- Fluency in Odia and English essential minimum 2 years experience in sales/ marketing.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
WEB OFFSET COLOUR UNIT ASSISTANT
- Web Offset Machine Operator with minimum 2 years experience.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.)
DHENKANAL DIVISION, DHENKANAL
No.1182 Date 04.10.2021
INVITATION FOR BIDS (IFB)
e procurement notice
Bid Identification number / Tender Call Notice
No.E.E.(A) D/D-03 of 2021-22
No.L-78:- The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 5.00 lakhs to 50.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 25.10.21 at 10.00 hours to 01.11.21 at 16.00 hours. The bid will be opened on 05.11.21 at 11.00 hours in the O/o Executive Engineer, (Agril.), Dhenkanal Division, Dhenkanal. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID- eeagri.dhenkanal@gmail.com
Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0001/2122